ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର ୨୦୨୦ ସଂସ୍କରଣ

 କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା


ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

‘ଆହ୍ୱାନ’ ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ବଡ଼ଦିନ ପର୍ବ ଏବଂ ଇଂରାଜୀ ନବବର୍ଷ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଆଶା କରୁଛି ଏହି ନବବର୍ଷ ଆମ ସମସ୍ତଙ୍କ ଜୀବନରେ ନୂତନ ସୁଖ ଓ ସମୃଦ୍ଧିର ଆଲୋକ ନେଇ ଆସିବ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| **କାହାଣୀ ବିଭାଗ** | | **୧୬** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୪ | ଅଶୋକ ବିଶ୍ୱାଳ | ୧୭ |
| ସେଇ ଅନ୍ଧାର ରାତିରେ - ୨ | ବିଜୟ କୁମାର ପଣ୍ଡା | ୨୬ |
| ମନର କଥା | ଝରଣା ବାରିକ | ୩୦ |
| ପ୍ରଥମ ପ୍ରେମ | ସତ୍ୟ ପ୍ରକାଶ ସେଠୀ | ୩୩ |
| ମାଟିର ଶବ୍ଦ | ଗଦାଧର ବଳ | ୩୮ |
| ଯାମିନୀ | ସରୋଜ କୁମାର ସାହୁ | ୪୫ |
| ବାପା | ରୋଶନ କୁମାର ସାହୁ | ୪୮ |
| ଚା ଏବଂ ସେ | ଦୁଷ୍ମନ୍ତ ବେହେରା | ୫୦ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୫୪ |
| ମା | ହାସ୍ୟମୟୀ ରାଜ | ୫୮ |
| ଅଧୁରା ରହିଲା ସାବିତ୍ରୀ ବ୍ରତ | ସରୋଜ କୁମାର ଜେନା | ୬୧ |
| ଜହ୍ନ ଡାକୁଛି ଆ | ବାସନ୍ତୀଲତା ଜେନା | ୬୬ |
| ଧୁଡୁକି ବାଲା | ଆଲୋକ କୁମାର ସାହୁ | ୭୦ |
| ଜୀବନର ଦୋଛକିରେ ପ୍ରଶାନ୍ତ | ଡମ୍ବରୁଧର ଦାଶ | ୭୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କିଏ ଭାସେ କିଏ ବୁଡ଼େ ? | ଗାରିମା ମିଶ୍ର | ୭୭ |
| ଗର୍ଭ ଯନ୍ତ୍ରଣା | ଦୀପକ ଷଡ଼ଙ୍ଗୀ | ୯୩ |
| ଆତ୍ମାର ସାନ୍ନିଧ୍ୟ | ପ୍ରିୟଦର୍ଶୀ | ୯୫ |
| ବୟସର ଅପରାହ୍ନ | ମାନସ ରଞ୍ଜନ ନାୟକ | ୯୭ |
| ବନାନୀ | ଅଭିମନ୍ୟୁ ବେହେରା | ୧୦୬ |
| ନୂଆ ଓ ସଶକ୍ତ ଭାରତ ପ୍ରତିଜ୍ଞା | ଇଂ ବିଦ୍ୟାଧର ପଣ୍ଡା | ୧୧୨ |
| ଅଳିଆ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୦ |


## କବିତା ବିଭାଗ ୧୨୭


| | | |
|---|---|---|
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୨୮ |
| ଈଶ୍ୱର ଜଣାଣ | ଯାଜ୍ଞସେନୀ ପ୍ରଧାନ | ୧୩୦ |
| ବୋଉ | ଡଃ ଆଭାଞ୍ଜଳୀ ଶତପଥୀ | ୧୩୨ |
| ଆଲୋକର ପର୍ବ | ଶାନ୍ତନୁ କୁମାର ରାଉତ | ୧୩୮ |
| ନେତା | ଦିନବନ୍ଧୁ ବେଜ | ୧୩୯ |
| ସାନ ଶାଳୀଟାର ଅଳପ ବୁଦ୍ଧି | ଶିଶିର କୁମାର ପଣ୍ଡା | ୧୪୧ |
| ମୁଁ ଏକ ଅନାଥଟିଏ | ରାଧାରାଣୀ ରାଉଳ | ୧୪୨ |
| କ୍ଲାନ୍ତ ପଥିକ | ନୂତନ କୁମାର ବେହେରା | ୧୪୩ |
| ପ୍ରକୃତି ଜନନୀ ବ୍ୟଥା | ଅଲେଖ ମେହେର | ୧୪୫ |
| ପ୍ରେମ ଓ ପ୍ରତାରଣା | ରାମଚନ୍ଦ୍ର ପ୍ରଧାନ | ୧୪୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସମାଜ ବୁଝେନା | ଗୁପ୍ତେଶ୍ୱର ଚାନ୍ଦ | ୧୪୮ |
| ଜୀବନ ସାଥୀ | ସୌଭାଗ୍ୟ ଗିରି | ୧୫୦ |
| କାର୍ତ୍ତିକ ମାହାତ୍ମ୍ୟ | ଅମରନାଥ ବାରିକ | ୧୫୨ |
| ମାଳିର ବ୍ୟଥା | ଅଶୋକ କୁମାର ପଧାନ | ୧୫୪ |
| ଅତିରୁ ଇତି | ଝରଣା ବାରିକ | ୧୫୬ |
| ସଂଘର୍ଷ | ସୁନିତା ପରିଡ଼ା | ୧୫୭ |
| ଦୁଃଖ, କବିଜୀବନର ଅଙ୍ଗୀକାର | ଆଶୁତୋଷ ମେହେର | ୧୫୮ |
| ରାବଣ | ସୌମ୍ୟରଞ୍ଜନ ପାଲ | ୧୫୯ |
| ଦୁଃଖ କଣ ମୁଁ ସେଦିନ ବୁଝିଲି | କମଳ ଲୋଚନ ମଲ୍ଲିକ | ୧୬୦ |
| ଲୀଳାକରି ଅବସାନ | ହିମାଂଶୁ ଶେଖର ମିଶ୍ର | ୧୬୧ |
| ଅନେକ ଦିନ ପରେ | ସୁବ୍ରତ କୁମାର ଜେନା | ୧୬୨ |
| ଶୀତ | ସମ୍ୟଜିତ ପାତ୍ର | ୧୬୩ |
| ଯେବେ ଚାହେଁ | ପ୍ରତିମା ମେହେର | ୧୬୪ |
| ଖୋଲିଦିଅ ସିଂହଦ୍ୱାର | ନରେନ୍ଦ୍ର ପ୍ରସାଦ ବେହେରା | ୧୬୫ |
| ମରୀଚିକା | ସନାତନ ମହାକୁଡ଼ | ୧୬୭ |
| କରୋନା - ୨୦୨୦ | ମଞ୍ଜୁରାଣୀ ମିଶ୍ର | ୧୬୮ |
| ପ୍ରେମ ବନ୍ୟା | ତପନ କୁମାର ସାହୁ | ୧୭୦ |
| ସଂସାର ପଥିକ ଖୋଜେ ପାନ୍ଥଶାଳା | ମନୋରଞ୍ଜନ ସୁରୁଜାଳ | ୧୭୨ |
| ଭାରି ଭଲ ଲାଗେ | ପ୍ରକାଶ କୁମାର ଚାନ୍ଦ | ୧୭୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପରବାସେ ଥିଲେ ବନ୍ଧୁ | ରାହାସ କୁମାର ବେହେରା | ୧୭୪ |
| ଆଣେ ସୁଖ ପସରା | ବି. ନିରୁପମା | ୧୭୫ |
| ଏଥର ଆସିଲେ | ତନୟା ଦାସ | ୧୭୬ |
| ଦାଦନ ମୁକୁଟ | ବାଲାଜୀ ସେଠୀ | ୧୭୭ |
| ବନ ମହୋତ୍ସବ | ଯତିନ୍ଦ୍ର ସ୍ୱାଇଁ | ୧୭୯ |
| ପିଲାଦିନ ସ୍ମୃତି | ସରୋଜ କୁମାର ସାହୁ | ୧୮୦ |
| ତୁମ ଅପେକ୍ଷାରେ | ଆକାଶ ସାହୁ | ୧୮୧ |
| ସଂସାର | ରୋହିତ ପଟ୍ଟନାୟକ | ୧୮୨ |
| ସତ୍ୟବ୍ରତ | ସତ୍ୟବ୍ରତ ସାହୁ | ୧୮୩ |
| ତିନୋଟି କବିତା | ପୁଷ୍ପାଞ୍ଜଳୀ ପଣ୍ଡା | ୧୮୬ |
| ଶୀତ ମୋହିନୀ | ଆୟୁଷ୍ମାନ ତ୍ରିପାଠୀ | ୧୮୭ |
| ଶୀତ | ମହମ୍ମଦ ହନିଫ ଶାହ | ୧୮୯ |
| ଶୀତ ତୁମେ | ଦୁଷ୍ମନ୍ତ ବେହେରା | ୧୯୦ |
| ପ୍ରତିବାଦ | ରୋହିତ ସେଠୀ | ୧୯୨ |
| ଭକ୍ତିର ମୂଲ୍ୟ | ରାକେଶ କୁମାର ସାହୁ | ୧୯୩ |
| ମନଝୁରେ ତୁମ ପାଇଁ | ଛବିରାଣୀ ପତି | ୧୯୪ |
| ମା | ହରେରାମ ପଣ୍ଡା | ୧୯୬ |
| ଆତ୍ମକଥା | ନେମାଳ କୁମାର ବେହେରା | ୧୯୭ |
| ଅଜ୍ଞାତ | ସୁଶାନ୍ତ କୁମାର ଧଳ | ୧୯୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପରୀକ୍ଷା ଆଉ ସମ୍ପର୍କ | ପ୍ରବୀର କୁମାର ସାହୁ | ୨୦୦ |
| ପ୍ରକୃତିର ରାଣୀ ଚିଖାଲି | କ୍ଷୀରସିନ୍ଧୁ ନାଏକ | ୨୦୩ |
| ତୁମେ ଆଉ ମୁଁ | ଅମୂଲ୍ୟ କୁମାର ପଣ୍ଡା | ୨୦୫ |
| ସୀମାନ୍ତ ପ୍ରହରୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୦୭ |
| ନାରୀ | ନିରଞ୍ଜନ ସାହୁ | ୨୦୮ |
| ଡିସେମ୍ବର | ରିଭୁ ଆଭୂଷଣ ପଣ୍ଡା | ୨୦୯ |
| ଭାବ ସ୍ରୋତସ୍ୱିନୀ | ସରୋଜିନୀ ମିଶ୍ର | ୨୧୦ |
| କାରଣ ଆମେ ନୁହେଁ ତ | ସରୋଜିନୀ ଦାସ | ୨୧୨ |
| ମୁଁ ମାପିଛି ପ୍ରେମକୁ | କୃଷ୍ଣ ଚନ୍ଦ୍ର ବାରିକ | ୨୧୪ |
| ପାହାଚ | ସୁବାସ ଚନ୍ଦ୍ର ମୁଦୁଲି | ୨୧୬ |
| ଢେଙ୍କି ଆଜି କାନ୍ଦୁଛି | ରାଧାମୋହନ ପୁଜାହାରୀ | ୨୧୭ |
| କ’ଣ କହିବି ? | ଡଃ ମନୋରଞ୍ଜନ ବିଷୋୟୀ | ୨୧୯ |
| ଜନ୍ମାଷ୍ଟମୀ | ଡମ୍ବରୁଧର ଦାଶ | ୨୨୦ |
| ମୁଁ ତୁମକୁ ଭଲପାଏ | ଭାଗିରଥୀ ଯାନୀ | ୨୨୨ |
| ବିଚରା ହୃଦୟ | ଏସ୍. ଶ୍ରୀମନ୍ ନାରାୟଣ ପାତ୍ର | ୨୨୪ |
| ଛାତ୍ର ଜୀବନ | ଜୟନ୍ତ କୁମାର ସାହୁ | ୨୨୫ |
| ପୂର୍ବୀ | ଲିଟୁ ନାୟକ | ୨୨୭ |
| ଆଧୁନିକ ସମାଜ | ରାଜେନ୍ଦ୍ର ବୋଡ଼କିଆ | ୨୨୮ |
| ତେଲିଆ ମୁଣ୍ଡରେ ତେଲ | ଦୁଷ୍ମନ୍ତ କୁମାର ନାଏକ | ୨୩୦ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ବୟସ | ଅନସୂୟା ପଣ୍ଡା | ୨୩୨ |
| ମାଆ | କୈଳାଶ ଚନ୍ଦ୍ର ସାହୁ | ୨୩୩ |
| ସନ୍ଧ୍ୟା ଉପବନେ କୁନ୍ତଳା | ପ୍ରହ୍ଲାଦ ସାହୁ | ୨୩୫ |
| ସର୍ବଂସହା ନାରୀ | ପ୍ରଭାତ ମିଶ୍ର | ୨୩୭ |
| ବିଶ୍ୱାସ | ପ୍ରିୟଙ୍କା ନାୟକ | ୨୩୮ |
| ସ୍ୱାର୍ଥ ହିଁ ନିଜର | ମହେଶ୍ୱର ସାହୁ | ୨୪୦ |
| ଆମ ବିଦ୍ୟାଳୟ | ଲୋପାମୁଦ୍ରା ତ୍ରିପାଠୀ | ୨୪୧ |
| ହଜିଲା ଶୈଶବ | ବାସନ୍ତୀଲତା ଜେନା | ୨୪୨ |
| ଶୁଣ ବାଳକେ ମନ ଦେଇ | ସେବକ ବସନ୍ତ କୁମାର ମହାପାତ୍ର | ୨୪୪ |
| କୋଇଲି ରାଣୀ | ଭାଗିରଥୀ ଯାନୀ | ୨୪୬ |
| ମରୁଦ୍ୟାନ | ପ୍ରଶାନ୍ତ କୁମାର ନାଥ | ୨୪୭ |
| **ସମ୍ବଲପୁରୀ ବିଭାଗ** | | **୨୪୮** |
| ଆମର୍ ହିରା, ହୀରା ଖଣେକ୍ ଆଏ | ଡିସମ୍ବର ମେହେର | ୨୪୯ |
| ମାଁର ଅସ୍ମିତା କାବ୍ୟ | ଏମ୍. ବିଜୟ କୁମାର | ୨୫୨ |
| ସପନ୍ | ବିଶ୍ୱନାଥ ଭୁଏ | ୨୫୫ |
| କାଲ୍ ବିଜେ | ସୁନିଲ କୁମାର ଅଗସ୍ତି | ୨୫୬ |
| ସପନେ ରାମ୍ ନିହିତ ରାମା | ସହଦେବ ଧରୁଆ | ୨୫୭ |
| ବାର ଦିନେ ମଶାନ୍ | କୌଶିକ ସାହୁ | ୨୫୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଶୀକାରୀ | ଦେବଦତ୍ତ ସନ୍ସ | ୨୬୧ |
| **ପ୍ରବନ୍ଧ ବିଭାଗ** | | **୨୬୩** |
| ଜନସଂଖ୍ୟା ବିଷ୍ଫୋରଣ : ଅଭିଶାପ | ନିଗମ କୁମାର ବେହେରା | ୨୬୪ |
| ପ୍ରକୃତ ପରିଚୟ | ପଙ୍କଜ କୁମାର ପାଣିଗ୍ରାହୀ | ୨୭୨ |
| ଆମେ ସେହି ଶେଷ ପୀଢ଼ି | ପ୍ରହ୍ଲାଦ ସାହୁ | ୨୭୭ |
| ଇଣ୍ଟରନେଟ୍ : ଶ୍ରେଷ୍ଠ ଉଦ୍ଭାବନ | ଇଂ ବିଦ୍ୟାଧର ପଣ୍ଡା | ୨୮୪ |
| ସରକାରୀତା ବନାମ ମାନବିକତା | ସଭ୍ୟ ସମ୍ପଦ ସ୍ୱାଇଁ | ୨୯୦ |
| ବିଶେଷ ସୂଚନା | | ୨୯୨ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଚଳିତ ବର୍ଷର ବର୍ଷଶେଷାଙ୍କ ଆପଣଙ୍କୁ ଭେଟି ଦେଉଛି । ଆଶା କରୁଛି ଚଳିତ ବର୍ଷ ଯେଉଁଭଳି ଅବସ୍ଥା ଆମେ ସମସ୍ତେ ଭୋଗିଲେ ସେହିଭଳି ଅବସ୍ଥା ଆଗାମୀ ବର୍ଷମାନଙ୍କରେ ନ ହେଉ । ସମସ୍ତେ ନିରୋଗ ଏବଂ ସୁସ୍ଥ ରହନ୍ତୁ ।

କରୋନା ଜନିତ ଲକ୍ ଡାଉନ୍ ଅନେକ ବ୍ୟକ୍ତିଙ୍କ ପାଇଁ ଏବଂ ବିଶେଷତଃ ସାହିତ୍ୟିକ ମାନଙ୍କ ପାଇଁ ଏକ ଫଳପ୍ରଦ ସମୟ ରହିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ବୈଷୟିକ ଜ୍ଞାନକୌଶଳର ପୂର୍ଣ୍ଣ ବ୍ୟବହାର କରି କବିକୁଳ ଏବଂ ସାହିତ୍ୟିକ ଗୋଷ୍ଠୀମାନେ ଅନେକ ସଂଗୋଷ୍ଠୀର ଆୟୋଜନ କରିବା ସହ ଆମ ଭାଷା ଓ ସାହିତ୍ୟର ଉନ୍ନତି କଳ୍ପେ ଅନେକ କିଛି ଆଲୋଚନା କରିଥିଲେ । ସୁଦୂର ବିଦେଶରୁ ଆମ ରାଜ୍ୟର ଅଭ୍ୟନ୍ତରରେ ରହୁଥିବା କବି କବୟିତ୍ରୀମାନେ ଏହାର ସୁଫଳ ନିଶ୍ଚୟ ଭାବରେ ଉପଲବ୍ଧି କରିଥିଲେ ଏଥିରେ ଦ୍ୱିମତ ନାହିଁ ।

ପ୍ରତ୍ୟେକ ବର୍ଷ ବିଶେଷତଃ ଏହି ଶୀତ ଦିନମାନଙ୍କରେ ଅନେକ ସାହିତ୍ୟ ଗୋଷ୍ଠୀ ଆଲୋଚନାଚକ୍ର ଏବଂ ସଭାମାନ ଆୟୋଜନ କରନ୍ତି । ଏହି ସମୟର ବାତାବରଣରେ ଥିବା ଘନ ଉଷ୍ମତାର ଅଭାବ ଏବଂ କାକରର ଅନୁଭୂତି ଏହିଭଳି ଆୟୋଜନ ପାଇଁ ସର୍ବୋତ୍ତମ ହୋଇଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୂର୍ଭାଗ୍ୟବଶତଃ ଚଳିତ ବର୍ଷ ଏହିଭଳି ସମୟର ସଦୁପଯୋଗ ହୋଇ ପାରିନାହିଁ, କିନ୍ତୁ ଆମେ ଆଶା କରୁଛୁ ସମସ୍ତେ ଅନଲାଇନ୍ ମାଧ୍ୟମରେ ଫେସବୁକ୍ / ହ୍ୱାଟସ୍ଆପ୍ ଇତ୍ୟାଦିର ବ୍ୟବହାର କରି ନିଶ୍ଚୟ ସଭାମାନ ଆୟୋଜନ କରିଥିବେ । ଆହ୍ୱାନ ଇ-ପତ୍ରିକା ଆନୁକୂଲ୍ୟରେ ସମାନାନ୍ତର ଭାବରେ ଏଭଳି ଅନଲାଇନ୍ ଆୟୋଜନ କରିବା ପାଇଁ ଯୋଜନା ରହିଛି, ଏଥିପାଇଁ ଆବଶ୍ୟକୀୟ ବୈଷୟିକ ସମ୍ବଳ ଏବଂ ଆର୍ଥିକ ସହାୟତା ପାଇବା ପରେ ଆମେ ମଧ୍ୟ ଏହିଭଳି ଏକ ଆୟୋଜନ କରିବୁ ।

ଭାରତୀୟ ଗଣତନ୍ତ୍ର ବର୍ତ୍ତମାନ ଏକ ଏଭଳି ସମୟ ଦେଇ ଗତିକରୁଛି, ଯାହାକୁ ଦେଖିଲେ ଆଶ୍ଚର୍ଯ୍ୟ ହେବା ସୁନିଶ୍ଚିତ । ଜନତାଙ୍କ ଅନେକ ଦିନର ଧାର୍ଯ୍ୟ ଦାବୀ ଯାହା ଆଜିପର୍ଯ୍ୟନ୍ତ ପୂରଣ ହୋଇ ପାରୁନଥିଲା ଏବେ ସେ ସବୁ ସାମ୍ପ୍ରତିକ ସରକାର ପୂରଣ କରୁଥିବା ବେଳେ ତାହାର ବିରୋଧ ହେଉଛି । କହିବାର ଅର୍ଥ ବର୍ତ୍ତମାନ ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ଆୟୋଜିତ ହେଉଥିବା କୃଷକ ଆନ୍ଦୋଳନକୁ ବୁଝାଉଛି । ଅନେକ ବର୍ଷରୁ କୃଷକମାନେ ଯେଉଁ ପରିବର୍ତ୍ତନ ପାଇଁ ଆନ୍ଦୋଳନ କରି ଆସୁଥିଲେ ଏବଂ ବସ୍ତୁତଃ ସମସ୍ତ ରାଜନୈତିକ ଦଳ ନିଜ ନିଜର ନିର୍ବାଚନୀ ଘୋଷଣାପତ୍ରରେ ଯାହାକୁ ପୂରଣ କରିବାର ପ୍ରତିଶୃତି ଦେଇ ଆସୁଥିଲେ ତାହା ବର୍ତ୍ତମାନର ସରକାର ପରିପୂରଣ କରିବାପରେ ଏହାକୁ ବିରୋଧ କରାଯାଉଛି । ଯଦିଓ ଏହାକୁ ବିଶାଳ ଏବଂ ସର୍ବଭାରତୀୟ ବିରୋଧ ବୋଲି କୁହାଯାଉଛି, ତଥାପି ଦେଖିବାକୁ ମିଳୁଛି ଯେ କେବଳ ପଞ୍ଜାବ ଏବଂ ଅନ୍ୟ କିଛି ଅଞ୍ଚଳର କତିପୟ କୃଷକ ସଂଗଠନ ହିଁ ଏହାର ବିରୋଧ କରୁଛନ୍ତି । କୃଷକ ମାନଙ୍କ ଦ୍ୱାରା ଆହ୍ୱାନ ଦିଆଯାଇଥିବା ଭାରତ ବନ୍ଦର ବିଫଳତା ଏହି ଆନ୍ଦୋଳନର ସତ୍ୟତା ଜାହିର କରୁଛି । ଶୁଣିବାକୁ ମିଳୁଛି ଏହି କୃଷକ ଆନ୍ଦୋଳନ ପରୋକ୍ଷରେ ଦେଶକୁ ବିଭାଜନ ଆଡ଼କୁ ଆଗେଇ ନେଉଥିବା କିଛି ଗୋଷ୍ଠୀଙ୍କ ପ୍ରରୋଚନାରେ ସଂକ୍ରମିତ ହୋଇ ଅନେକ ଏଭଳି ଦାବୀ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବସୁଛନ୍ତି ଯାହାର ଏହି ଆନ୍ଦୋଳନ ସହ କୌଣସି ସମ୍ପର୍କ ହିଁ ନାହିଁ । ବିଗତ ଦିନରେ ଏଭଳି କିଛି ଭିଡ଼ିଓ ପ୍ରସାରଣ ହୋଇଥିଲା ଯେଉଁଥିରେ ଆନ୍ଦୋଳନ କରୁଥିବା ବ୍ୟକ୍ତିମାନେ ଆଗରୁ ଦେଶଦ୍ରୋହ ମାମଲାରେ ଜେଲ ଦଣ୍ଡ ଭୋଗୁଥିବା କିଛି ବ୍ୟକ୍ତି ଯଥା ବରବରା ରାଓ, ସୁଧା ମଲହୋତ୍ରା, ସର୍ଜିଲ୍ ଇମାମ୍, ଓମର୍ ଖାଲିଦ୍, ମହମ୍ମଦ୍ ଇଲ୍ୟାସ୍ ଇତ୍ୟାଦି ଅନେକ ବ୍ୟକ୍ତିଙ୍କ ଛବି ଧରି ଧାରଣା ଦେବା ସହ ସେମାନଙ୍କୁ ମୁକ୍ତ କରିବାର ଦାବୀ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ରାଷ୍ଟ୍ରୀୟ ରାଜମାର୍ଗରେ ଥିବା ଟୋଲ୍ ଆଦାୟ କେନ୍ଦ୍ର ସବୁକୁ ବନ୍ଦ କରାଇ ଦେଇଛନ୍ତି । ଦେଖିବାକୁ ଗଲେ ଏହି ଆନ୍ଦୋଳନ ଦ୍ୱିତୀୟ ଶାହୀନବାଗ୍ ଆନ୍ଦୋଳନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷକ ମାନଙ୍କ ଦାବୀକୁ ପୂରଣ କରାଯାଇଥିବା ସତ୍ତ୍ୱେ କିଛି କୃଷକ ସଂଗଠନ କାହିଁକି ଏହାର ବିରୋଧ କରୁଛନ୍ତି ସେ ବିଷୟରେ ଭିନ୍ନଭିନ୍ନ ତଥ୍ୟଭିତ୍ତିକ ଆଲୋଚନା ଚକ୍ର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଉଛି । ଆଶ୍ଚର୍ଯ୍ୟର କଥା ଏହି ନୂତନ ନିୟମର ସୁଫଳ ମହାରାଷ୍ଟ୍ର ଏବଂ ହରିୟାନାର କୃଷକ ଗୋଷ୍ଠୀ ଉଠାଇବା ପରେ ସେମାନେ ସରକାରଙ୍କ ସମର୍ଥନରେ ଆଗେଇ ଆସିଛନ୍ତି ।

ଯାହା ଆମେ ବୁଝୁଛୁ ବା ଦେଖୁଛୁ, ସେଥିରୁ ଏହା ସହଜରେ ଅନୁମେୟ ଯେ ଏହା ଏକ ପ୍ରଯୋଜିତ ଆନ୍ଦୋଳନ । ଯାହା ଭାରତର ଇତିହାସରେ କେବେ ଦେଖିବାକୁ ମିଳିନଥିଲା, ଏହି ଆନ୍ଦୋଳନରେ ଆନ୍ଦୋଳନରତ କୃଷକ ମାନଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସବୁ କରାଯାଇଛି, ଜିମ୍, ମସାଜ୍ ମେସିନ୍, ପିଜ୍ଜା ଏବଂ ସୁସ୍ୱାଦୁକର ଖାଦ୍ୟର ବ୍ୟବସ୍ଥା, ଉନ୍ନତ ଟେଣ୍ଟ ଆଦି ଯୋଗାଇ ଦିଆଯାଉଛି । ଏହା ସବୁ ବିନା କୌଣସି ବାହ୍ୟ ସହାୟତାରେ କରିବା ସମ୍ଭବ ନୁହେଁ । ଗରିବ କୃଷକ ମାନଙ୍କୁ ଏହିଭଳି ଉଚ୍ଚକୋଟିର ସେବା କେଉଁମାନେ ଯୋଗାଇ ଦେଇ ସେମାନଙ୍କୁ ସରକାରଙ୍କ ବିରୋଧରେ ଉସୁକାଉଛନ୍ତି ତାହା ଊଣା ଅଧିକେ ସମସ୍ତେ ଜାଣିବାକୁ ଲାଗିଲେଣି । ଦୁର୍ଭାଗ୍ୟର ବିଷୟ ଏହି ଯେ ଯେତେବେଳେ ସମଗ୍ର ଦେଶ କରୋନା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଳି ଏକ ମହାମାରୀର ସଂସ୍ପର୍ଶରେ ଆସି ଏକ ଅସୁବିଧାଜନକ ପରିସ୍ଥିତିରେ ଅନାଗତ ଭବିଷ୍ୟତକୁ ନେଇ ଚିନ୍ତାମଗ୍ନ ହୋଇଛି ସେହି ସମୟରେ ଏହିଭଳି ଆନ୍ଦୋଳନ ଦେଶକୁ ଅଧିକ ଅସ୍ଥିର କରିବାକୁ ଉଦ୍ୟମ ହେଉନାହିଁ ବୋଲି କିଏ କହିବ ?

କରୋନାର ପ୍ରଭାବ ଦିନକୁ ଦିନ କମ ହେବାକୁ ଲାଗିଛି । ଧିରେ ଧିରେ ଏହା ସମ୍ପୂର୍ଣ୍ଣ ଭାବରେ ନିରସ୍ତ୍ର ହୋଇଯିବ ଏଥିରେ ସନ୍ଦେହ ନାହିଁ, କିନ୍ତୁ ଭେଷଜ ବିଜ୍ଞାନର ଗବେଷଣାକୁ ଦେଖିଲେ ଜଣାଯାଏ ଯେ ଏହି ବିଶ୍ୱରେ ଦେଖାଦେଇଥିବା ସମସ୍ତ ମହାମାରୀ କେବେ ବି ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ ହୋଇନାହିଁ, ଅବଶ୍ୟ ଏହାର ସଂକ୍ରାମକତା କମ ହୋଇପାରେ । ତେଣୁ କରୋନା ଯେ ସମ୍ପୁର୍ଣ୍ଣ ଭାବେ ବିଲୋପ୍ ହୋଇଯିବ ତାହା ଭାବିବା ଭୂଲ । ତେଣୁ ଯେତେ ଦିନ ଯାଏଁ ଏଥିପାଇଁ ଟୀକା ଉପଲବ୍ଧ ହୋଇନାହିଁ, ସେତେଦିନ ପର୍ଯ୍ୟନ୍ତ କୌଣସି ପ୍ରକାର ଅସାବଧାନତା ଆପଣଙ୍କ ପାଇଁ ଘାତକ ସିଦ୍ଧ ହୋଇପାରେ । ତେଣୁ ଦେଖିରେଖି ଚଳନ୍ତୁ । ମୁହଁରେ ମାସ୍କ, ସାମାଜିକ ଦୂରତା ଏବଂ ହାତକୁ ବାରମ୍ବାର ଧୋଇବାକୁ ଭୁଲନ୍ତୁ ନାହିଁ ।

ବର୍ଷ ୨୦୨୦ ଆମ ସମସ୍ତଙ୍କ ପାଇଁ ଏକ ଶାପିତ ବର୍ଷ ଥିଲା । କି ଧନୀ କି ଗରିବ ସମସ୍ତେ ଏହାର ପ୍ରଭାବରେ ତ୍ରସ୍ତ ହୋଇଥିଲେ । ଯା ହେଉ ଆଉ ଅଳ୍ପଦିନରେ ଏହି ବର୍ଷ ଧରାପୃଷ୍ଠରୁ ବିଦାୟ ନେବ । ଆମେ ସମସ୍ତେ ପରମପିତା ପରମାତ୍ମା ଏବଂ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଏହି ପ୍ରାର୍ଥନା କରିବା ସମସ୍ତେ କିଭଳି ସୁସ୍ଥ ରହନ୍ତୁ ଏବଂ ନିରୋଗ ରହନ୍ତୁ ।

ଆହ୍ୱାନ ଇ-ପତ୍ରିକା ତରଫରୁ ପବିତ୍ର ବଡ଼ଦିନ ଏବଂ ଇଂରାଜୀ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୪



ଅଶୋକ ବିଶ୍ୱାଳ

ଏକ ଆଗନ୍ତୁକ ସହ ଇଏ କି ପ୍ରକାରର କଥାବାର୍ତ୍ତା ! ସପନବାବୁଙ୍କ ଛାତି ଜୋରରେ ଧକ୍ ଧକ୍ କରି ଉଠିଲା । ପାଓଲି ତ ଡରିଯାଇଥିଲେ । ଟୋକାଟା ସତରେ କିଛି ଦେଖି ଚିଲ୍ଲଉଛି ନା ଖାଲି ମିଛରେ ସେମାନଙ୍କୁ ଡରାଇବାକୁ ଚାହୁଁଛି ? ଜାଣି ହେଉ ନଥିଲା । ଏମିତିଆ ଖାଲୁଆ ଅଞ୍ଚଳର ବୁଦ୍ବୁଦ୍ ଭରା ପାଣିରେ ଭୂତକଥା ସବୁ କଙ୍କି ଭଳି ଉଡୁଥିବ । ଗୋଟିଏ ଯାଗାରେ ଘୁରିଘୁରି ପୁଣି ବସି ଯାଉଥିବ ।

ପାଓଲି ଟୋକାଟାକୁ ଭଲଭାବେ ଅନାଇଲେ । ଟୋକାଟାର ଆଖି ଫୁଲି ଫାଟିଗଲା ଭଳି ଲାଗୁଥିଲା । ନୁଖୁରା ବାଳସବୁ ଠିଆ ହୋଇ ଯାଇଥିଲା ।

ପାଓଲି ଆଉ ସପନବାବୁ ଜଣେ ଜଣଙ୍କୁ ଚାହିଁଲେ । ଦୁଇଜଣଙ୍କ ଆଖି ସେ ଟୋକାଟାର ଆଖି ଭଳି ଗୋଲ ଆଉ ବଡ଼ ହୋଇ ଯାଇଥିଲା । ସେମାନଙ୍କ କାନ ପାଖରେ କିଏ ଭୂ ଉ ଉ ତ ହେଉଥିଲା । ପବନ ସାଇଁ ସାଇଁ କରି ବୋହୁଥିଲା ।

ସପନବାବୁ ଆଗକୁ ଚାହିଁଲେ । ବଡ଼ ନାଲି କଙ୍କିଟିଏ ଦଳ ଉପରେ ବସିଥିଲା । ତା ଲମ୍ବା ଲାଞ୍ଜ ହଲୁଥିଲା । ଗୋଲ ବଡ଼ ଆଖିରେ କଙ୍କିଟି ଅନାଇ ଥିଲା । ପାଣିରୁ ବୁଦ୍ବୁଦ୍ ହୋଇ ଗ୍ୟାସ ବାହାରୁଥିଲା । ଦୂରରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଳା ପକ୍ଷୀଟିଏ ବସିଥିଲା । ଆକାଶ କଳା ହୋଇଆସିଲା ।

"ଭୂ ଉ ଉ ଉ ଉ ଉ ଉ ତ ।"- ଟୋକାଟା ଆଉଥରେ ଚିରିଚିରେଇ ଉଠିଲା । ପାଓଲିଙ୍କୁ ଲାଗିଲା ସନ୍ତସନ୍ତିଆ ଜମିର ଏକ ଭୂତ ଯେମିତି ପାଖରେ ଠିଆ ହୋଇଛି । ଦଳ ଭିତରୁ ଏକ ଭୂତ ବାହାରି ଆସି ତାଳଗଛଠାରୁ ବଡ଼ ହୋଇଯାଉଛି । ତା'ର କଣ୍ଠ ବରଡା ପତ୍ର ଭଳି ଥରୁଛି । ବିନା କାରଣରେ ପତ୍ର ଭୂତ ଆସିଲେ ଥରିଯାଏ । ପବନ ତ ନାହିଁ । ଟୋକାଟିର ଡାକରେ ତଳୁଆ ଜମିରେ ପାଣିରେ ବୁଦ୍ବୁଦ୍ ଯେମିତି ଜୋରରେ ବାହାରୁଥିଲା ।

ଟୋକାଟାର ମୁହଁ ଶୁଖି ଯାଉଥିଲା । ଦେହଟା ଶାଙ୍କୁଡି କାଉଁରିଆ କାଠି ଭଳିଆ ହୋଇଯାଉଥିଲା । ଦେଖିଲେ ଲାଗୁଥିଲା ଟୋକାଟାକୁ ଏଇ ଅଠର କି ଉଣେଇଶ ବର୍ଷ ହୋଇଥିବ । ତା ମୁହଁରୁ ଖାଲି ଭୂଉଉତ ଭୂଉଉତ ଶବ୍ଦ ବାହାରୁ ଥିଲା । ରେଳ ଲାଇନରେ କାମ କଲାବେଳେ କୁଲିମାନେ ହେଇସା ହେଇସା ହୋଇ ରେଳସ୍ଲାବ ଟାଣୁଥାନ୍ତି । ସେମିତି ସେ ଟୋକାଟା ବେଙ୍ଗଲର ସନ୍ତସନ୍ତିଆ ଅଞ୍ଚଳରେ ଭୂଉଉତ ଭୂଉଉତ ହୋଇ ମାଛ ଧରୁଥିଲା । ଏଇଟା କି ପ୍ରକାର ଡାକିବାରେ ବାବା । ମାଛ ଧରିବାପାଇଁ କଣ ଏ ଡାକ ଡକାଯାଏ ?

"ତାଳ ଗଛରେ ଭୂତ ବସିଛି । ବାବଲା ଗଛରେ ଭୂତ ବସିଛି ।"– ଟୋକାଟା କାହାକୁ ନଅନାଇ କହିଲା ।

ପାଓଲି ଚମକି ପଡିଲେ । ତାଙ୍କର ଆଖି ପାଖରେ ଥିବା ଲମ୍ବା ତାଳଗଛ ଆଡକୁ ଚାଲିଗଲା । ଗଛର ପତ୍ର ସବୁ ନଟୁ ଭଳି ବୁଲୁଥିଲା । ତଳୁଆ ବାଦଲ ତଳେ ଥଣ୍ଡା ପବନ ବୋହିଗଲା । ହାଡ କମ୍ପି ଯାଉଥିଲା । ହାବୁକାଏ ପବନ ବୋହି ଆସିଲା । ଗରମ ପବନ । ତାଙ୍କ ଲୋମ ଠିଆ ହୋଇଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳା ଆକାଶର ତଳେ ମେଞ୍ଚାଏ ମେଞ୍ଚାଏ ଧଳା ଜଳୀୟବାଷ୍ପ ଘୁରୁଥିଲା । ଖାଲି ଯାଗାରେ ଧୂଆଁଳିଆ ଆକୃତି ସବୁ ଫୁଟି ଉଠୁଥିଲା । ସେଗୁଡାକ ଭିଡିମୋଡି ହେଲାଭଳି ଲାଗୁଥିଲା । ଆକାଶର ଏ କଣରୁ ସେ କଣଯାଏ ଟାଣି ହୋଇ ଯାଉଥିଲା । ଧିରେ ଏକ ଅସାଧାରଣ ରୂପ ନେଇ ମିଳେଇଯାଉଥିଲା । ଏତେ ଜଲଦି ମେଘର ଆକାର ବଦଳୁଥିବାରୁ ତାଙ୍କୁ କେମିତି କେମିତି ମାଡିପଡୁଥିଲା । ଏ ଯାଗା କି ଭୟାନକ ।

"ପେତିନୀ ବସିଛି । ପେତିନୀ ମାଡି ଆସୁଛି । ହେଇ ଆଇଲାରେ ଏ ଏ ଏ ।"- ଟୋକାଟା ପୁଣି ଚିତ୍କାର କଲା ।

ସପନବାବୁ ବି ଡରିଗଲେ । ସେ ପାଓଲିଙ୍କ ହାତ ଧରିନେଲେ । ଏମିତିଆ ନିଛାଟିଆ ଯାଗାରେ କିଛି ଭୟଙ୍କରୀ ଘଟଣା ନିଶ୍ଚିତ ଭାବେ ଘଟିପାରେ । ନହେଲେ ଜଣେ ଏମିତି ବେକାରରେ ଭୂ ଉ ଉ ତ, ପେତିନୀ ହୁଅନ୍ତାନି ।

"ବାବଲା ଗଛରେ ଭୂତ ବସିଛି । ଖଜୁରୀ ଗଛରେ ପେତିନୀ ବସିଛି । ବାବଲା ଗଛରୁ ଭୂତ ଓହ୍ଲଉଛି । ପେଦିନି ଖଜୁରୀ ଗଛରୁ ଉହୁଙ୍କୁଛି । ଏଇ ଖାଇବ । ଏଇ ଉଡେଇ ନେବ । ହେଇ ଖାଇଲାରେ ଏ ଏ ଏ ।" ସେ ଟୋକାଟା ପୁଣି ବୋବେଇଲା । ଗଭୀର ରାତିରେ ପେଚା ବୋବାଇବାରେ ରକ୍ତ କେମିତି ଶୀତଳ ହୋଇଯାଏ । ସେମିତିଆ ବୋବେଇବା ଶବ୍ଦରେ ଏ ଦୁଇଜଣଙ୍କର ଗରମ ରକ୍ତ କେମିତି ଥଣ୍ଡା ହୋଇଯାଉଥିଲା ।

"ଭୂ ଉ ଉ ଉ ଉ ଉ ଉ ତ ।"- ସେ ଟୋକାଟା ଆଉ ଥରେ ନାକୁଆ କଣ୍ଠରେ କହିଲା । ସେ ସ୍ୱରଟା ଫଟା କାହାଳୀର ସ୍ୱର ଭଳି ଥରୁଥିଲା । ପାଓଲି କିମ୍ବା ସପନବାବୁ କିଛି ବୁଝି ପାରିଲେ ନାହିଁ । ସେମାନଙ୍କ ଲୋମ ଟାଙ୍କୁରି ଯାଉଥିଲା । ଟୋକାଟାର ସ୍ୱରରେ ଭୟ ଆଉ ଆଶଙ୍କା ଭରିଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

"କି ଭୟଙ୍କର ଘଟଣା । କିଛି ନାହିଁ ଖାଲି ଭୂତ, ପେତିନୀ ।"- ପାଓଲି କହିଲେ । ତାଙ୍କ ହାତ ଥରୁଥିଲା । ସେ ଥରିବା ସପନବାବୁ ଅନୁଭବ କରୁଥିଲେ ।

"ଏ ଟୋକାଟା ଆମକୁ ଦେଖି ଏମିତି କଣ ପାଇଁ ବିଳିବିଳଉଛି ।"- ପାଓଲିଙ୍କ କଣ୍ଠ ଥରୁଥିଲା । ତାଙ୍କ ଶରୀର ଥଣ୍ଡା ହୋଇ ଯାଉଥିଲା । ଲୋମମୂଳ ଠିଆ ହୋଇଯାଉଥିଲା ।

ସପନବାବୁ ପାଓଲିଙ୍କ ହାତକୁ ଜୋରରେ ମୁଠେଇ ଧରିଲେ । ତାଙ୍କୁ ବି ଡର ଲାଗୁଥିଲା । ସେ ନିଜକୁ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ ।

"ବାବଲା ଗଛରେ ଭୂତ ବସା କରିଛି । ଖଜୁରୀ ଗଛରୁ ପେତିନୀ ଡାକୁଛି । ଏଇ ଉଡେଇନେବ । ଏଇ ଖାଇବ । ଏଇ ଖାଇବ । ଏଇ ଉଡେଇନେବ । ହେଇ ଆଇଲାରେ ଏ ଏ ଏ । ହେଇ ଖାଇଲାରେ ଏ ଏ ଏ ।"- ସେ ଟୋକାଟା ପୁଣି ଚଲ୍ଲାଉଥିଲା ।

"ହେ ଟୋକା ତୁ କଣ କହୁଛୁ ?"- ସପନବାବୁ ଏଥର ସେ ଟୋକାକୁ ସିଧା ପଚାରିଲେ । ଏ ଟୋକାଟା ତାଙ୍କୁ ବହୁତ ଡରାଇଲାଣି ।

ଟୋକାଟି ସେମାନଙ୍କୁ ମୋଟେ ଅନାଇଲାନି । ହାତରେ ତା'ର ବଳିଶୀ ହଲୁଥିଲା । ତା'ର ମୁହଁରୁ ଇଂଜିନ ଗାଡିରୁ ଭକ ଭକ ହୋଇ ଧୂଆଁ ବାହାରିଲା ଭଳି ଡରୁଆ ଶବ୍ଦ ସବୁ ପବନରେ ବୋହି ଆସୁଥିଲା ।

"ଭୂତ କଳିକଲା । ପେତିନୀ ଘରକୁ ମାଡି ବସିଲା । ପେଦିନୀ ଘରକୁ ମାଡି ବସିଲା । ପେତିନୀ ଡରାଇଲା । ସମସ୍ତଙ୍କୁ ଖାଇଗଲା । ଭୂତ ଉଡାଇନେଲା । ପେତିନୀ ମାଡି ଆସିଲା ।"- ସେ ସେମିତି ବିଳିବିଳାଇଲା ।

ପାଓଲି ସପନବାବୁଙ୍କୁ ହାତକୁ ଜୋରରେ ଜାବୁଡି ଧରିଲେ । ତାଙ୍କ ପାଖରେ ଜାକିଜୁକି ହୋଇ ଠିଆ ହୋଇଗଲେ । ପବନ ମଝିରେ ମଝିରେ ଜୋରରେ ବୋହୁଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠି କି ଘଟଣା ହେଉଛିରେ ବାବା ? ପାଓଲି କିଛି ବୁଝି ପାରିଲେ ନାହିଁ । ଟୋକାଟା କିଛି ଜବାବ ଦେଉନି । ସେମିତି ଭୂ ଉ ଉ ତ, ପେତିନୀ ବୋଲି ଘୋଷି ହେଉଛି ।

"ହେ ଟୋକା କଣ କହୁଛୁ ରେ ?"- ସପନବାବୁ ତାଙ୍କ କଣ୍ଠକୁ ଟିକିଏ ଜୋର କରିଦେଲେ ।

ଏଥର ଟୋକାଟା ତାଙ୍କୁ ସିଧା ଅନାଇଲା । ତା'ର ଲାଲ ହଳଦିଆ ଆଖି ତରାଟି ଯାଇଥିଲା, ଖୁବ ଗୋଲ ହୋଇ ଯାଇଥିଲା । ଚକ ଭଳି ଘୁରୁଥିଲା । ପତା ମୋଟେ ପଡୁନଥିଲା । ଟୋକାଟା କିଛି ଜବାବ ଦେଲାନି । ସେମିତି ଏଡେ ବଡ଼ ଆଖିରେ ଅନେକ ସମୟ ଅନାଇଲା । ଆଖିଟା ଯେମିତି ମୁହଁରୁ ବାହାରି ଆସିଛି । କଳା ଡୋଳାଟା ନଟୁପରି ବୁଲୁଛି । ସପନବାବୁଙ୍କ ଛାତିରୁ ଆଉ କିଛି ପବନ ବାହାରୁ ନଥିଲା । ଟୋକାଟାର ଶରୀର କଙ୍କାଳସାର । ସତେ କି ନିଜେ ଭୂତ ।

ଟୋକାଟା ମୁଣ୍ଡ ବୁଲାଇଦେଇ ଲମ୍ବା ତାଳ ଗଛକୁ ଅନାଇଲା । ତା ହାତଟା ତାଳଗଛ ଆଡକୁ ଲମ୍ବାଇଦେଲା । ସତେ ଯେମିତି ଟାଣିହୋଇ ଅଗକୁ ଛୁଉଁଥିଲା ।

"ବାଟରେ ଯିଏ ଗଲା ତା'କୁ ଖାଇଲା । ରାଜକୁମାରର ମାଇପକୁ ଖାଇଲା । ସୈନ୍ୟ ସାମନ୍ତଙ୍କ ମୁହଁ ରାମ୍ପୁଡିଲା । ପେତିନୀ ମାଡି ଆସୁଛି । ଏଇ ପେତିନି ମାଡି ଆସୁଛି । ଖାଇଲା ଖାଇଲା ରେ ଏ ଏ ଏ ।"- ଟୋକାଟି ପୁଣି କାଉ ରାବିଲା ଭଳି କା କା କଲା । ସେମାନଙ୍କୁ ନଜର ନଦେଇ ଆଉ ଏକ ପାଣି ଖାଲକୁ ଲମ୍ବା କାଉଁରିଆଭଳି ଗୋଡ ପକାଇ ଡେଇଁଗଲା । ସେପଟେ ପାଣି ବହୁତ । ଆଗକୁ ଆଖି ନପାଉଥିବା ପଙ୍କୁଆ ଜଳଭୂମି ।

ପାଓଲି ଆଉ ସପନବାବୁ ରାସ୍ତା ଉପରେ ବିବଶ ଠିଆ ହୋଇଥିଲେ । ଅଥଚ ସେ ଟୋକା ପାଖକୁ ଯିବାକୁ ସେମାନଙ୍କ ସାହାସ ହେଉନଥିଲା । ଟୋକାଟା କଣ କହି ଚାଲୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମାନେ ପଚାରୁଛନ୍ତି । ଆଉ ସେ କଣ କହୁଛି ? ପାଓଲି ଡରୁଆ ଆଖିରେ ସପନବାବୁଙ୍କୁ ଚାହିଁଲେ ।

ସେ ଟୋକାଟା ସେଇଠୁ ବିଳି ବିଳଉଥିଲା ।

"ରାଜକୁମାର ଟୁଇଁ ଆଲୁଅ ଲାଗାଇଲେ । ମଶାଲ ଲଗାଇଲେ । ଯାଗାକୁ ହାଲ୍ଲୋଳ କଲେ । ପେତିନୀ ଅନାଇଲା ।" – ଟୋକାଟା ଜୋରରେ କହିଲା । ତା' ହାତଟା ଜୋରରେ କହୁଣୀ ଉପରକୁ ଉଠିଗଲା । କଣ୍ଟାରେ ଏକ ବଡ଼ ଚେଙ୍ଗ ଲାଗିଥିଲା । ମାଛଟା ଜୋରରେ ଛଟ ପଟ କରୁଥିଲା । ଟୋକାଟା କୌଶଳରେ ମାଛକୁ ଗାଲିସି ପାଖରେ ଧରି ମାଛ ମୁହଁରୁ କଣ୍ଟା ବାହର କଲା ଆଉ ତା'କୁ ଖାଳେଇରେ ପୁରାଇ ଦେଲା ।

ତାପରେ ଜୋରରେ ପାଟିକଲା

"ଭୂ ଉ ଉ ଉ ତ । ଭୂ ଉ ଉ ତ ।"– ତା'ର ସ୍ୱର ଯେମିତି ପଞ୍ଚମକୁ ଛୁଉଁ ଥିଲା । ଆକାଶଟା ଏକଦମ କଳା ହୋଇ ଆସିଲା ।

"ଭୂତ ଉଡେଇବ । ପେତିନି ମାଡି ଆସୁଛି । ଏଇ ଖାଇଲାରେ, ଏଇ ଖାଇଲାରେ । ଏଇ ଖାଇଲାରେ । ପଳାଅ, ପଳାଅ ।"- ଟୋକାଟାର ସ୍ୱର ସନ୍ତସନ୍ତିଆ ଜଳୁଆ ଜମିର ଦେଖାଯାଉନଥିବା କୋଣରୁ ଭାସି ଆସୁଥିଲା ।

ପାଓଲି ଆଉ ସେ ସ୍ଥାନରେ ରହିବାକୁ ଚାହୁଁ ନଥିଲେ । ସେ ସପନବାବୁଙ୍କ ହାତ ଟାଣିଲେ ।

ଏମିତିଆ ଡରୁଆ ପରିବେଶ, ଡରୁଆ କଥାରେ ତାଙ୍କ ହୃଦୟ ଜୋରରେ ଧକ୍ ଧକ୍ ହୋଇ ବନ୍ଦ ହେଲା ପରି ଲାଗୁଥିଲା ।

ସପନବାବୁ ସେ ଟୋକାଟିକୁ ପୁଣି ବୁଲି ଅନାଇଲେ । ସେତେବେଳକୁ ସେ ଏକ ଖଜୁରୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଛ ମୂଳରେ ଥିବା ପାଣି ମନ୍ଦା ପାଖରେ ଠିଆ ହୋଇଛି । ତା'ର ଏକ ହାତ ଗଛରେ ଆଉ ଏକ ଗୋଡ ଗଛକୁ ଲାଗିଥିଲା ।

ସପନବାବୁଙ୍କୁ ଲାଗିଲା ଏଇ ଟୋକାଟା ନିଜେ ଏକ ଭୂତ । ଗଛରୁ ଏଇ ଓହ୍ଲଉଛି । ତା ମୁଣ୍ଡର ଠିକ ଉପରେ ଖଜୁରୀ ପତ୍ର ଲାଗୁଥିଲା । ସେଗୁଡାକ ନୁଖୁରା ବାଳ ଭଳି ଗୋଜିଆ ହୋଇ ଯାଇଥିଲା । ଭୂତଟା ତ ଏମିତି ।

ଖାଲି ପେତିନୀ ଦେଖିବାକୁ ବାକି ରହିଗଲା । ପେତିନୀ ତ ପୋଖରୀ ବା ପାଣି ଯାଗାରେ ରହେ । ସ୍ତ୍ରୀ ଭୂତ । ମନରେ ଅପୂର୍ଣ ଇଚ୍ଛା ଥିଲା । ମୁକ୍ତି ମିଳିନି । ସେ ପେତିନୀ ହୋଇ ଯାଇଛି । ତେନ୍ତୁଳି ଗଛ ତା'ର ବହୁତ ପସନ୍ଦ । ହାତରେ ଧଳା ଚୁଡି । ଦେହରେ ଧଳା ବା ନାଲି ଲୁଗା । ପେତିନୀଗୁଡା କାଳେ ମଣିଷକୁ ଚରି ଯାଆନ୍ତି ।

କି ଭୟଙ୍କର ପାଟରେ ବାବା ।- ପାଓଲିଙ୍କ ମୁହଁରେ ହିସ ହିସ ହୋଇ ଶବ୍ଦ ସବୁ ବାହାରୁଥିଲା । ତାଙ୍କ ଗୋଡ ଜୋରରେ ପଡୁଥିଲା ।

ପାଓଲିଙ୍କ ମନ ଭିତରେ ଏକ ବୁଢିଆଣୀ ଯେମିତି ଚାଲୁଥିଲା । ସବୁ ସ୍ଥାନରେ ବସା ବାନ୍ଧୁଥିଲା । ତାଙ୍କ ଭାବନାକୁ ଜାଲରେ ବାନ୍ଧୁଥିଲା । ସେ ଏମିତିଆ ଡରୁଆ ସ୍ଥାନରେ କଥାରୁ କିଛି ଲଜିକ ଖୋଜିବାକୁ ଭାବି ପାରିଲେନି । ଏକଦମ ଚୁପ ହୋଇ ଯାଇଥିଲେ । ଯୁକ୍ତି କାହା ସଙ୍ଗେ କରିବେ ? ଯାହାକୁ ପଚାରିଥାନ୍ତେ ବା ଯାହାଠୁ କିଛି ସଠିକ ଖବର ପାଇ ହୋଇଥାନ୍ତା ସେ ଖାଲି ଭୂ -ଉ -ଉ -ତ , ପେ- ଏ- ଏ- ତି-ଇଇ- ନି ି କହି ବିଳି ବିଳଉଛି । ସେଠି ଉତ୍ତର କାହିଁ ? ଯାହା କିଛି ବିଶ୍ୱାସ କରି ହୁଏ ବା ନିଜ ଆଖିରେ ଦେଖି ହୁଏ ।

ସପନବାବୁ ଓ ପାଓଲି ସେଠୁ ପ୍ରାୟ ଦୌଡି ପଳାଉଥିଲେ । ବେଶ ଜୋରରେ ଚାଲୁଥିଲେ । ଲମ୍ବା ପାଟରେ ଜୋରରେ ପବନ ବୋହିବାକୁ ଆରମ୍ଭ କଲା । ଝୋଲୁଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବନ । ପାଓଲି ବୁଲିପଡି ସେ ଟୋକାଟିକୁ ଅନାଇଲେ । ଟୋକାଟା ମାଛ ନଧରି ସେମାନଙ୍କ ଆଡକୁ ଅନାଇଥିଲା । ଖଜୁରୀ ଗଛରୁ ତା'ର ଆକାର ବଡ଼ ଲାଗୁଥିଲା । ତା'ର ବାଳ, ଦେହର କପଡା ଉଡୁଥିଲା । ହାତ ସେମାନଙ୍କ ଆଡକୁ ହୋଇ ଯାଇଥିଲା ।

"ଏଇଟା ନିଜେ ଭୂତ । ଗଛର ଭୂତ । ଦେଖୁନ ସେ କେମିତି ଓହଳିଛି ।"- ପାଓଲି ଡରରେ କହିଲେ ।

ଟୋକାଟାର ଗୋଡ ଖଜୁର ଗଛର ଉପରେ ଥିଲା । ସେ ଏକ ହାତରେ ଖଜୁରୀ ଗଛର ଗଣ୍ଡି ଧରିଥିଲା । ଆର ହାତରେ ବନିଶୀ । ସେଥିରେ ଗୋଟାଏ ଚେଙ୍ଗ ଛଟପଟ ହେଉଥିଲା । ଟୋକାଟାର ଚେଁ ଚେଇଁଆ ସ୍ୱର ଭାସି ଆସୁଥିଲା ।

"ଭୂ ଉ ଉ ତ । ପେ- ଏ- ଏ- ତି-ଇଇ- ନି । ଭୂତ ଓହ୍ଲଉଛି । ଭୂ ଉ ଉ ତ ।"

ଏମିତିଆ ରୂପ ଦେଖି ପାଓଲିଙ୍କ ପାଟି ଖନି ମାରିଗଲା । ଏଗୁଡାକ ନିଶ୍ଚିତ ଭାବେ ଭୂତ । ଗଛରୁ ଭୂତ ଓହଳିଛି । ମାଛ ଭୂତ ବନିଶୀରେ ଲାଗିଛି । ଟୋକାଟାର ମୁଣ୍ଡ ଆକାଶକୁ ଛୁଇଁଗଲା ଭଳି ଲାଗୁଛି ।

ତାଙ୍କ ପାଖରେଆଉ ଲଜିକଭରା ଯୁକ୍ତି କିଛି ନଥିଲା । ସେ ମୋଟେ ଏମିତି କାହାଣୀରେ ବିଶ୍ୱାସ କରନ୍ତେ ନାହିଁ । କିନ୍ତୁ ଏ ନିଛାଟିଆ ନିଃଶୂନ ପାଟରେ ନିଜର ସବୁ ଯୁକ୍ତିକୁ ଭୁଲିଗଲେ ।

ସୁନ୍ଦରବନର ପାଣି ଅନେକ ଦୂରରେ । ତଳୁଆ ଅଞ୍ଚଳରେ ଏତେ ଭୂତର କାହାଣୀ ପବନରେ ଘୁରି ବୁଲୁଛି । ଲୋକେ ଖାଲି ଭୂ ଉ ଉ ଉ ତ ହେଉଛନ୍ତି ।

ପାଓଲି ଆଉ ପଛକୁ ଅନାଇଲେ ନାହିଁ । ଏମିତିଆ ଯାଗାରେ ଆଉ ରହିବା ପାଇଁ ତାଙ୍କର ମନ ନଥିଲା । ଦିନରେ ଆଲେୟା ଜଣା ପଡିବନାହିଁ । ଆଉ ରାତିରେ ଏ ପଙ୍କୁଆ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଟରେ ଅନାଇ ବସିବାକୁ ତାଙ୍କର ସାହାସ କୁଳାଉ ନଥିଲା । କିଏ ଜାଣେ ରାତିରେ ଏ ପାଟରୁ କଣ ବାହାରିବ ? ବ୍ରହ୍ମଦୈତ୍ୟ ତ ବାହାରିବ ନାହିଁ ? କଣ କବନ୍ଧ ବାହରିବ ? ପଶାଚଗୁଡା କଣ ମଶାଣିରୁ ଆସି ଏଇଠି ଲୀଳାଖେଳା କରିବେ ? ଏବେ ଦିନ ଆଲୁଅରେ ଟୋକାଟାର ଆକାର ଯେମିତି ମନକୁ ମନ ବଡ଼ ହୋଇଯାଉଛି । ଅନ୍ୟ କେଉଁଠି ଆଲେୟାକୁ ଦେଖିବେ । ଏବେ ଏଠୁ ପ୍ରାଣଘେନି ପଳାୟନ ।

ତାଙ୍କର ଛାତି ଉଠୁଥିଲା ପଡୁଥିଲା । ସେ ଜୋର ଜୋରରେ ନିଃଶ୍ୱାସ ନେଉଥିଲେ । ସପନବାବୁ ମଧ୍ୟ ଜୋରରେ ପାଦ ପକାଉଥିଲେ ।

ପବନରେ ନାକୁଆ ଶବ୍ଦମାନ ଭାସି ଆସୁଥିଲା । “ଭୂ ଉ ଉ ତ । ପେ- ଏ- ଏ- ତି-ଇଇ-ନି ।”-ଆକାଶରେ ମେଘ ମୁଣ୍ଡ ଉପରକୁ ଓହ୍ଲାଇ ଆସିଥିଲା । ଥଣ୍ଡା ପବନ ହାବୁକାଏ ହାବୁକାଏ ହୋଇ ବୋହୁଥିଲା । ଏମିତିଆ ଝଲକାଏ ଝଲକାଏ ପବନ ଭୁତର କମାରଭାଟୀରୁ ବୋହି ଆସୁଉଛି କି ଆଉ ?

କ୍ରମଶଃ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଅନ୍ଧାର ରାତିରେ - ୨

କଲେଜ କ୍ୟାମ୍ପସ ଭିତର ସବୁ ଲାଇଟ କାମ କରୁନଥିଲା । ତଥାପି ସେଇ ଆଲୁଅ ଅନ୍ଧାର ଲୁଚକାଳି ଭିତରେ ଝାପ୍ସା ଝାପ୍ସା ଦିଶୁଥିବା ସାରା କ୍ୟାମ୍ପସଟା ଛାନ ଭିନ୍ କରି ଖୋଜି ଦେଲା ବୁବୁ ।

ମନରେ ଛନକା ପଶି ଯାଇଥିଲା । ତା ସହ ଏମିତି କାହିଁକି ହେଉଛି ବୋଲି କିଛି ଅନୁମାନ କରିପାରୁନଥିଲା ।

ବ୍ୟାଗ ସଜାଡ଼ି ଏଥର ଚାଲିଲା କଲେଜର ମୁଖ୍ୟ ଦ୍ୱାର ଦେଇ ବାହାରକୁ ଚାଲିଲା ।

ଏବେ ସେ କଣ ଦେଖୁଛି ! ! ଲୁସି ଯେମିତି ତାର ଅପେକ୍ଷା କରିଛି ସେଠି ।



ବିଜୟ କୁମାର ପଣ୍ଡା

"ଲୁସି ତମେ.. ରାତିଟାରେ ! ! ଆଉ ଏକୁଟିଆ ଯେ ? ଏଇ ଟିକେ ଆଗରୁ ତ ମିନୁକୁ ଦେଖିଥିଲି କିଂନ୍ତୁ ସେ ଏତେ ରେସରେ ଦଉଡ଼ିଲା ଭଳି ଏତେ ଜଲ୍‌ଦି କୁଆଡ଼େ ଉଭାନ ହେଇଗଲା ସେଇକଥା ମୁଁ ଏଯାଏଁ ଭାବୁଥିଲି ।"

"ମୋତେ ଚିହ୍ନିପାରିଲ ତାହେଲେ ?" ଟିକେ ମୋଟା ଗଳାରେ ଉତ୍ତର ଆସିଲା ।

"କଣ ଯେ କହୁଛ ? ଦେହ ଠିକ ନାହିଁ ନ କଣ ?" ପଚାରିଲା ବୁବୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଦେହ କୋଉଠି ଅଛି ଯେ, ଠିକ ରହିବ ?" ଉତ୍ତର ଆସିଲା ।

"ହଉ ଏ ଥଟା କରିବା ଛାଡ଼େ, ରାତି ହେଲାଣି ଯିବା ଚାଲ ।" ବୁବୁ ଆଗକୁ ପାଦ ବଢ଼ାଇଲା ।

"ଜଲ୍‌ଦି ଜଲ୍‌ଦି ଆସ, ଦେଖୁନ ରାସ୍ତା ଘାଟରେ ଖାଁଖାଁ ଲାଗୁଛି । କେହି ଜଣେ ନାହାନ୍ତି ।" ଏତିକି କହି ପଛକୁ ଅନାଇଲା ବେଳକୁ ଦେଖିଲା ମିନୁ ଚାଲିଛି ପଛେ ପଛେ । ଏବେ ବୁବୁ ଜାଣି ପାରୁନଥାଏ ତା'ସହ ଏସବୁ କଣ ଘଟୁଛି ।

କିଛି ପାଦ ଗଲାପରେ, ରାସ୍ତାର ବାମପଟେ ପଥିକମାନଙ୍କର ବିଶ୍ରାମପାଇଁ ଥିବା ସିମେଣ୍ଟ ବେଞ୍ଚ ଉପରେ ବସିପଡ଼ିଲଲା ମିନୁ ।

"ଟିକେ ଥକା ମାରିବା ଆସ, ଏଇଠି ବସ ।" ମିନୁ ବସି ପଡ଼ିଲା ।

ଷ୍ଟ୍ରିଟ ଲାଇଟଟା ଧପ ଧପ ହେଇ ଜଳୁଥାଏ ବନ୍ଦ ହେଉଥାଏ । ଅନ୍ଧାରରେ ମୁହଁ ତ ଦେଖା ଯାଉନଥାଏ । ବୁବୁ ବି ବସି ପଡ଼ିଲା ମିନୁ ପାଖେ ।

ଏ କଣ ? ଷ୍ଟ୍ରିଟ ଲାଇଟ ଜଳିବା ଲିଭିବା ଭିତରେ ଥରେ ମିନୁର ମୁହଁ ତ ଥରେ ଲୁସିର ମୁହଁ ଦେଖୁଥିଲା ବୁବୁ ।

"ଏବେ ଚିହ୍ନିପାରିଲ ମୋତେ ?" ହଠାତ କଇଁ କଇଁ କାନ୍ଦ ଆରମ୍ଭ ହେଇଗଲା ।

"ମିନୁ କଣହେଲା ? ହଠାତ ଏମିତି କାନ୍ଦୁଛ କାହିଁକି ?" ବୁବୁ ମିନୁ ହାତ ଉପରେ ହାତ ରଖିବାକୁ ହାତ ବଢ଼ାଇଲା ।

"ନା ମୋତେ ଛୁଅଁନା... ମୁଁ ଆଉ ତୁମର ଲୁସି ହେଇନାହିଁ ।"

"ମିନୁ... ତୁ ହେଉଛୁ ମିନୁ... ଲୁସି କାହିଁକି ଯେ ?"

ଏହି ସମୟରେ ଧପ ଧପ କରି ଷ୍ଟ୍ରିଟ ଲାଇଟଟା ବାରମ୍ବାର ଜଳୁଥାଏ ଲିଭୁଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୁସିର ମୁହଁଟା ବାରମ୍ବାର ଦିଶୁଥାଏ । ମନରେ ଅହେତୁକ ଭୟ ସଂଚାରହେଇ ଯାଇଥିଲା ବୁବୁର । ସାହସ ଜୁଟାଇ ପଚାରିଲା, "କିଏ ତମେ ? ମୋ ସହ କାହିଁକି ଏମିତି କରୁଛ ?

"ମୁଁ ଲୁସି... ମୋତେ... ମୋତେ ସେମାନେ..." କେମିତି ଗୋଟେ ଅଜବ ରୂପ ନେଇ ସାରିଥିଲା ମିନୁ ।

"ଲୁସି ? ? ଲୁସି... ମୁଁ ତ ତମ ସହ, ମାନେ ମିନୁ ସହ କଥା ହେଉଛି ।" ଥର ଥର ଓଠରେ ବୁବୁ କହୁଥିଲା ।

"ମୁଁ ଲୁସି... ମୋ ଦେହଟାକୁ ସେମାନେ ଝୁଣି ଖାଇଗଲେ ।" କ୍ରନ୍ଦନର ସହ ଏକ ପ୍ରତିଶୋଧର ସ୍ୱର ବଢ଼ିବାରେ ଲାଗିଥିଲା ।

"କିଏ ? କଣ କଲା ? ମୋତେ ଭଲକରି ସବୁ କୁହ ।" ଲୋମ ଟାଙ୍କୁରି ଯାଉଥିଲା । କେଉଁ ଏକ ଅଜଣା ଆତଙ୍କରେ ମନ ଭାରି ଭୟଭୀତ ହେଉଥିଲା, ତଥାପି ଦମ୍ଭଧରି ପଚାରୁଥିଲା ବୁବୁ । ଆଉ ଲୁସି କଥା ଶୁଣିବାକୁ ତା ମୁହଁଟାକୁ ଅନେଇ ବସିଲା ।

ସେଦିନ ମୁଁ କ୍ଲାସ ସାରି ବାହାରିଲା ବେଳକୁ ସନ୍ଧ୍ୟା ଆସନ୍ନ ପ୍ରାୟ । ଆକାଶ ଟିକେ ମେଘୁଆ ଥିଲା । କଲେଜ ଫୋନରେ ବାପାଙ୍କୁ ଫୋନ କରି କହିଥିଲି ମୋତେ ନେଇଯିବାକୁ କିନ୍ତୁ ବାପାଙ୍କ ଗାଡ଼ି ଖରାପ ଥିଲା । କହିଲେ ଜଲ୍‌ଦି ଅଟୋଟିଏ ଧରି ବାହାରିପଡ଼େ, ଘରକୁ ଯିବାରାସ୍ତାରେ ଯେଉଁ ଗ୍ୟାରେଜ ପଡ଼େ ସେଇଠି ମୁଁ ଅଛି । ଗାଡ଼ି ଠିକ ହେବାକୁ ଆଉ ୧୦ ମିନିଟ ମାତ୍ର ଲାଗିବ, ଆମେ ସେଇଠୁ ମିଶିକି ଘରକୁ ଯିବା । କଲେଜ ଗେଟରୁ ବାହାରି ଅଟୋଟିଏ ପାଇଁ ଅପେକ୍ଷା କରିଥିଲି ।

ହଠାତ ବର୍ଷା ଆରମ୍ଭ ହେଇଗଲା । ମୁଁ କଲେଜ ଆଗର ସେଇ ଛୋଟ ଭଙ୍ଗା ପ୍ରତୀକ୍ଷାଳୟ ଉପରକୁ ଉଠିଗଲି ବର୍ଷାରୁ ରକ୍ଷାପାଇବା ପାଇଁ । ପାଞ୍ଚ ମିନିଟ ମଧ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଟୋଟିଏ ଆସିଲା ଆଉ ସେଥିରେ ବସିଥିଲେ ଜଣେ ମଧ୍ୟବୟସ୍କା ମହିଳା । ଅଟୋ ବାଲା ପଚାରିଲା ଗୋଲେଇ ଛକ ଯିବେକି ?

ମୁଁ ଆଉ ଦ୍ୱିତୀୟଥର କିଛି ନଭାବି ମୁଣ୍ଡଟା ଟୁଙ୍ଗାରିଦେଇ ଅଟୋରେ ବସିପଡ଼ିଲି । ବର୍ଷା ବଢ଼ିଯାଇଥିଲା । ଅଟୋର ଦୁଇ ପଟରୁ ବର୍ଷା ଛାଟୁଥାଏ । ଅଟୋ ଚାଲିବାର ୫ ମିନିଟ ଭିତରେ ମୁଁ ଅଧା ଭିଜି ଯାଇଥିଲି । ପାଖରେ ବସିଥିବା ମହିଳାଜଣକ ମୋତେ ଟର୍କିଜଟିଏ ବଢ଼େଇ ଦେଇ କହିଲେ, “ପୁରା ଭିଜିଗଲାଣି ଝିଅ... ନିଅ ଏଇ ଟର୍କିଜ୍‌ଟା, ଦେହ ହାତ ପୋଛି ପକାଅ ।” ଓଦା ହେଇଯାଉଥିବା ହେତୁ ମୁଁ ଟର୍କିଜ୍ ଟା ନେଇ ପୋଛାପୋଛି ହେଲି ଆଉ ଭୁଲରେ ମୁହଁ ବି ପୋଛିଦେଲି । ତାପରେ..

(କ୍ରମଶଃ... ତୃତୀୟ ଭାଗରେ)

ସମ୍ପାଦକ, କନକପ୍ରଭା,
ସବଙ୍ଗ, ସିମୁଳିଆ, ବାଲେଶ୍ୱର ।
ଦୂରଭାଷ: ୯୭୩୯୫୯୮୮୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନର କଥା

ସକାଳୁ ସକାଳୁ ସମସ୍ତେ ଚଳ ଚଞ୍ଚଳ । ବାପା ଗାଧୁଆ ପାଧୁଆ ସାରି ଦେଲେଣି । ବୋଉକୁ କ'ଣ ଦିଟା ଖାଇବାକୁ ଦେ ବୋଲି କହୁଛନ୍ତି । ନିଦଟା ମୋର ସମ୍ପୂର୍ଣ୍ଣ ଭାଙ୍ଗି ନଥାଏ । କାନକୁ ସବୁ ଶୁଭୁଥାଏ । ତାଙ୍କ ଭିତରେ କିଛି କିଛି କଥା ମୋ କାନରେ ପଡ଼ିଲା । ବାପା କୁଆଡ଼େ ଯିବାକୁ ବାହାରିଛନ୍ତି । ଏତିକି ବେଳେ ପାୟଲ ଆସି କାନପାଖରେ କହିଲା ଭାଇ ଜଲଦି ଉଠ ତୋ ବେଳା ଖରାପ ପଡ଼ିଗଲା । ତୋ କଥା ବାପା ସବୁ ଜାଣି ଦେଇଛନ୍ତି ।

ତା କଥାରେ ମୋ ନିଦଟା ସମ୍ପୂର୍ଣ୍ଣ ଭାଙ୍ଗିଗଲା । କ'ଣ ହେଇଛି କହ କହ ପଚାରିଲା ବେଳକୁ । ଦୌଡି ପଳେଇଲା । "ତୋ କଥା ବାପା ସବୁ... ନାମ ନେ ।" କହି ଚାଲିଗଲା ପାୟଲ । ସକାଳୁ ଉଠି ମୁହଁଟାକୁ ଧୋଇ ଦେଇ ଦାଣ୍ଡକୁ ବାହାରିଗଲି । ସେତେବେଳକୁ ବାପା ଘରୁ ବାହାରି ଯାଇଥିଲେ । ଟିକେ ଏପଟ ସେପଟ ହେଇ ବୋଉ ପାଖକୁ ଗଲି । ବୋଉ ବାପା କୁଆଡ଼େ ଗଲେ ପଚାରିବାରୁ ମୁଁ ଜାଣିନି ବୋଲି ବୋଉ କହିଲା । ମୁଁ ବି କିଛି କହିଲି ନାହିଁ ।



ଝରଣା ବାରିକ

ମନେ ମନେ ପାୟଲର କଥାଟା ମୋ କାନରେ ଶୁଭୁଥାଏ । ବାପା ତୋ କଥା ଜାଣି ଦେଇଛନ୍ତି । ପାପାଲିର ଚିଠିଟା ଏପର୍ଯ୍ୟନ୍ତ ଆସିଲାନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ମନଟା ଭାରି ବ୍ୟସ୍ତ ଲାଗୁଥାଏ । ଦିନ ଯାଇ ସଞ୍ଜ ହେବାକୁ ବସିଲାଣି । ବାପା ଫେରି ନାହାନ୍ତି । ବୋଉ ବି ବ୍ୟସ୍ତ ହଉଥାଏ । କିଛି ନକହି କୁଆଡେ ଯେ ଗଲେ ଏପର୍ଯ୍ୟନ୍ତ ଆସିଲେନି । ଏଇ ସମୟରେ ବାପା ଆସି ପହଂଚିଲେ । ବୋଉ କେତେ କ'ଣ ପଚାରିଲା ବାପା କିନ୍ତୁ ଚୁପ୍ ଥିଲେ । ମୁଁ ମୋ ଭାବନାରେ ହଜି ଯାଇଥିଲି ।

ବାପାଙ୍କ ଡାକରେ ଚମକି ପଡ଼ିଲି । ଆଜ୍ଞା କହି ଉଠି ପଡ଼ିଲି । ବାପା କହିଲେ ପାଠ ଶାଠ ତ ପଢ଼ିଲୁ ଛୋଟମୋଟ ଚାକିରିଟିଏ ବି କରିଛୁ । ତୋପାଇଁ ବାହାଘର ଠିକ୍ କରି ଆସିଛି । ସେମାନେ କାଲି ତତେ ଦେଖିବା ପାଇଁ ଆସିବେ । ମୁଣ୍ଡ ଉପରେ ଆକାଶଟା ଛିଣ୍ଡି ପଡ଼ିଲା ପରି ଲାଗିଲା । ବାପାଙ୍କ କଥା ଅକାଟ୍ୟ ନମାନିଲେ ବିପଦ । ମନରେ ତାର ନାଚି ଯାଉଥିଲା ପାପାଲି ସହିତ ବିତାଇଥିବା କେତେକ ସୁନ୍ଦର ମୁହୂର୍ତ୍ତ । ପାପାଲିକୁ ଛାଡି ସେ ବଞ୍ଚି ପାରିବ ତ ? ଏମିତି କେତେ କ'ଣ । ମନଟାକୁ ବିଚଳିତ କରି ଦେଉଥାଏ ।

ଆଜି ପର୍ଯ୍ୟନ୍ତ ପାପାଲିର ଚିଠି ଆସିନାହିଁ । ବାହାଘର ଦିନ ଧାର୍ଯ୍ୟ କରାଗଲା । ବାପାଙ୍କର ପସନ୍ଦ ହେଉଛି ଝିଅଟି । ବାପାଙ୍କ କଥାକୁ ସମ୍ମାନ ଦେଇ ଝିଅ ଦେଖିଥିବାକୁ ମନା କରିଦେଲା ବାଦଲ । ସୁନା ପିଲାଟିଏ ପରି ବାହା ହେବାକୁ ରାଜି ହେଇଗଲା ବାଦଲ । ହୃଦୟରୁ ପାପାଲିକୁ କାଢି ପାରୁନଥାଏ ସିଏ । ବାହା ହୋଇଥିବା ଝିଅକୁ ସ୍ତ୍ରୀ ବୋଲି ଗ୍ରହଣ ବି କରି ପାରୁ ନଥାଏ । ତଥାପି ସାହସ ଏକଜୁଟ କରି ତା ସ୍ତ୍ରୀକୁ ସବୁ କହିଦେବ ବୋଲି ଭାବିଲା । ସେଇଆ ହିଁ କଲା । ବାହାଘରର ପ୍ରଥମ ରାତିରେ ସବୁ କଥା ଖୋଲି କହିଦେଲା । ୟା'ପରେ କ'ଣ ହେବ ସେ କଥା ଭାବି ଭାବି ଠାକୁରଙ୍କୁ ଡାକୁଥାଏ ବାଦଲ । ସକାଳେ ଏ କଥା ବାପା ଜାଣିଲେ କଣ ହେବ ?

ହାତଧରି ବାହା ହେଇଥିବା ଝିଅକୁ ଯଦି ସେ ନିଜର ନ କରେ ତେବେ, ସିଏ ନାଁ ନାଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଣ୍ଡଟା ତା'ର କେମିତି କେମିତି ହେଇ ଯାଉଥାଏ । କିଛି ଗୋଟେ ଭାବିବା ବେଳକୁ । କିଏ ହସିବାର ଶବ୍ଦ ଶୁଣି ତା ଭାବନାରେ ପୂର୍ଣ୍ଣଛେଦ ପଡ଼ିଲା । ପଛକୁ ଫେରି ଚାହିଁଲା ବାଦଲ । ଓଢ଼ଣୀ ଭିତରେ ଥାଇ ଝିଅଟି ହସୁଛି କା'ଣ ପାଇଁ । ଧିରେ ଧିରେ ପାଖକୁ ଯାଇ ଓଢ଼ଣୀ ଉଠାଇଲା ବାଦଲ । ଯାହା ଦେଖିଲା ବିଶ୍ୱାସ କରି ପାରିଲା ନାହିଁ ସେ । ପାପାଲି ତା ପାଖରେ ଠିଆ ହୋଇ ହସୁଥିଲା । ମୋ ମନର କଥା ବାପା କେମିତି ଜାଣିଲେ ଭାବୁଥିଲା ବାଦଲ ?

ସେଦିନ ପାପାଲିର ଚିଠି ଆସିଥିଲା କିନ୍ତୁ ବାଦଲ ହାତରେ ପଡ଼ିନଥିଲା । ପଡ଼ିଥିଲା ବାପାଙ୍କ ହାତରେ । ପୁଅର ଭଲ ପାଇବାକୁ ସମ୍ମାନ ଦେଇ ପାପାଲିକୁ ବୋହୁ କରି ଆଣିଥିଲେ ଘରକୁ ।

ଝରଣା ବାରିକ
ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ପ୍ରେମ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର । ଭୁବନେଶ୍ୱରରେ ରାଜଧାନୀ କଲେଜ, ମୋ କଲେଜ । ସେଦିନ ସେଇଠି ମୋର, ମୋ କଲେଜ ଜୀବନ ଆରମ୍ଭ ହୋଇଥିଲା । ନୂଆ ସହର । ଲୋକ ବାକ ଅନେକ । ନିଜକୁ ଆକାବାକା ଲାଗୁଥାଏ । କେହି କେମିତି ବି ହାଫ୍ ପ୍ୟାଣ୍ଟ ବି ପିନ୍ଧି ଆସିଥାନ୍ତି । ନହେଲେ ସମସ୍ତଙ୍କର ଫୁଲ୍ ପ୍ୟାଣ୍ଟ । ମୋର ବି ଗୋଟେ ନୂଆ ଫୁଲ୍ ପ୍ୟାଣ୍ଟ ତିଆରି ହୋଇଥାଏ । ଲମ୍ବା ବେଲ ପ୍ୟାଣ୍ଟ । ପ୍ୟାଣ୍ଟଟା ଠିକ୍ ଅଛି କି ନାହିଁ ଓ କେମିତି ଦିଶୁଛି, ଆଇନା ଆଗରେ କିଛି ସମୟର କସରତ ପରେ ମୁଁ କଲେଜ ବାହାରିଲି । ସାଙ୍ଗମାନେ ଭାରି ହୋ ହୋ ହେଉଥାନ୍ତି । କଲେଜ ଜୀବନର ପ୍ରଥମ ଦିନ, ମନରେ ଭାରି ଆନନ୍ଦ । ସେଇଦିନ ସେଇଠି ଦେଖା ହୋଇଥିଲା ମୋର ସନ୍ଧ୍ୟା ସହ, ଯାହାକୁ ମୁଁ ହାବୁଡି ପଡ଼ିଥିଲି ସାଙ୍ଗମାନଙ୍କଠାରୁ ବାଙ୍କ ଶିଆଳି ଦେଇ ଦୌଡ଼ି କ୍ଲାସ୍ ରୁମରୁ ବାହାରି ଯାଉଥିଲା ବେଳେ । ସନ୍ଧ୍ୟା ଧିରେ ଧିରେ ଅସ୍ପଷ୍ଟ ଉଚ୍ଚାରଣ କରିଥିଲା 'ଭେଗା' ବୋଲି । ସେଇଦିନ ଠାରୁ ସାଙ୍ଗମାନେ ମୋତେ ଚିଡ଼ାନ୍ତି, "ଏ ଭେଗା ତୋ ଭେଗି କାହିଁ ?" ସନ୍ଧ୍ୟା ସବୁ ଶୁଣି ଚୁପ୍ ରହେ, କିନ୍ତୁ ମନେ ମନେ ହସେ, ବେଳେବେଳେ ମୋତେ କଣେଇ କଣେଇ ଚାହେଁ । ତା ଚାହାଣୀରେ ସତେ ଯେମିତି କିମିଆ ଲାଗି ରହିଥାଏ, ମୋ



ସତ୍ୟ ପ୍ରକାଶ ସେଠୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୃଷ୍ଟି ଆକର୍ଷିତ ହୋଇଯାଏ । ଏଇମିତି ଚାହାଁଚୁହିଁ ଭିତରେ ଦିନେ କିନ୍ତୁ ଆମ ଦୃଷ୍ଟି ଲାଖିଗଲା । କେହି ଆଉ କାହାଠାରୁ ହଠାତ୍ ଦୃଷ୍ଟି ଫେରେଇ ପାରିଲୁ ନାହିଁ । ସେଇମିତି ଚାହିଁ ରହିଥାଉ କେତେବେଳ ଠୁଁ କେତେବେଳ ଯାଏଁ, ଯେତେବେଳେ ସାଙ୍ଗମାନେ ଘେରି ଯାଇ ପଚାରିଲେ, "ଏଁ ଏଁ.. ଏ କି ହେଉଛି କି ଗୋ ସାଙ୍ଗମାନେ ଫୁଲ୍ ମସ୍ତି.. ଫିଲ୍ମି ଲାଗୁଛ ତୁମେ.. ।" ମୁହଁ ଘୂରେଇ ଚାହିଁଲା ବେଳକୁ ହୋ ହୋ ହୋଇ ହସି ଉଠୁଥିଲେ ସମସ୍ତେ । ଲାଜେଇ ଗଲା ସନ୍ଧ୍ୟା । ତା'ପର ଠାରୁ ସନ୍ଧ୍ୟା +ମଣ୍ଟୁ =? କଲେଜ କାନ୍ଥ ବାଡ଼ରେ ପୋଷ୍ଟର ହୋଇଗଲା । ଆମେ ହୋଇଗଲୁ ହିରୋ ଓ ହିରୋଇନ୍ । କଲେଜ ସାରା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ । କଲେଜରେ ଡ୍ରାମା ହେଉ ବା ଅନ୍ୟ କୌଣସି କାର୍ଯ୍ୟକ୍ରମ ଆମ ଦୁଇଜଣଙ୍କ ନାଁ ଟା କିନ୍ତୁ ଆଗ ପ୍ରସ୍ତାବ ଦିଆହୁଏ । ଏଣିକି ଆମ ଭିତରେ ଖୋଲାଖୋଲି କଥାବାର୍ତ୍ତା ହେଲାଣି, ଟିକିଏ ପରସ୍ପର ଦେଖା ହୋଇଗଲେ ମନଟା ବଡ଼ ଖୁସି ହୋଇଯାଏ । କିନ୍ତୁ ଦିନେ ସନ୍ଧ୍ୟା କଲେଜ ନ ଆସିଲେ ମନଟା ସ୍ୱତଃ ବିଷର୍ଣ୍ଣ ପାଲଟିଯାଏ, ସବୁକିଛି କେମିତି ବିଷମୟ ପ୍ରତିଭାତ ହୁଏ । ଏ ଅବୋଲାକରର ମନ ଅବୋଲ ହୋଇଯାଏ ।

ସବୁ କାହାଣୀରେ ତ ଟୁଇଷ୍ଟ ଥାଏ । ସେଦିନ ଆମ କାହାଣୀରେ ମଧ୍ୟ ଟୁଇଷ୍ଟ ଆସିଲା । ତା ପରଠାରୁ ସନ୍ଧ୍ୟାର ମୋର କେତେବାର ଯେ ଦେଖା ହୋଇଛି, ସେ କଥା କହି ହେବ ନାହିଁ । କେତେବେଳେ ଲାଇବ୍ରେରୀ ଭିତରେ ତ ପୁଣି କେତେବେଳେ କଲେଜ ଗେଟ୍ ଆଗ ବରଗଛ ତଳେ ଗୁପ୍ ଚୁପ୍ ଓ ଦହିବରା ଦୋକାନୀ ପାଖରେ । କେବେ ମୁଁ ପଇସା ଦେଇ ଦିଏ, ନହେଲେ ସେ ଥାଉ ଥାଉ କହି ନିଜେ ଦେଇଦିଏ । ତା'ପର ଠାରୁ ତ ଅନାବଶ୍ୟକ ଭାବେ ଏମିତି ଅନେକ ଥର ଗପିଛୁ । କେବେ "ନୋଟ୍ ଟା ଦେ' ନି" ବା "ବହିଟା ରଖିଥା କି" ଏମିତି ମିଛ ନାଟକ ଓ ବାହନାବାଜି ଭିତରେ । ପିକନିକ କଥା ହେଲେ ଆମେ ଦୁଇ ଜଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗ ତୟାର୍, ପୁଣି କଲେଜରେ କିଛି ପ୍ରୋଗ୍ରାମ୍ ହେଲେ ଆମେ ଆଗ ହାଜର । ଦୁଇଜଣଯାକ ଟିକେ ପାଖରେ ବସି ଟୁପୁରୁ ଟୁପୁରୁ କଥାବାର୍ତ୍ତା ହେଲେ, ସେ ଟିକେ ଭିନ୍ନ ଧରଣର ମଜ୍ଜା । ଏଇମିତି ଏଇମିତି ଆମ ସମ୍ପର୍କଟା ବଢୁଥାଏ । ମନେମନେ କିଛି ଗୋଟାଏ ନିଷ୍ପତ୍ତି ନେବା ଅପେକ୍ଷାରେ ବୋଧହୁଏ ଆମେ ଥାଉ । ସେଇ କଥାଟା ଖୋଲିକି ନକହିଲେ ମଧ୍ୟ ଉଭୟ ବେଶ୍ କିଛି ବୁଝି ପାରୁଥିଲୁ । କାରଣ କେହି କାହାକୁ ଦଣ୍ଡେ ଛାଡି ଆଉ ରହିବା ମୁସ୍କିଲ୍ ହୋଇଯାଉଥିଲା । ପରସ୍ପର ପ୍ରତି ଅପେକ୍ଷା ଢେର୍ । ଜଣେ କ୍ଲାସ୍ ସାରି ଘରକୁ ନ ଫେରିବା ଯାଏଁ ଆଉ ଜଣେ କଲେଜ ଛାଡ଼ି ଆଗ ଘରକୁ ଫେରି ପାରୁ ନଥିଲୁ । କଲେଜରେ ପହଞ୍ଚିଲା କ୍ଷଣି ଆଗ ତାର ମୋର ଦେଖାହୁଏ, ପୁଣି ଛାଡ଼ିଲା ବେଳକୁ ଟିକିଏ ଦେଖା ଓ ଟା-ଟା, ବାଏ – ବାଏ ନହେଲେ ମନ ଜମାରୁ ବୁଝେନା । ଏଇମିତି ଆମ ସମ୍ପର୍କରେ ଗୋଟେ 'କିନ୍ତୁ 'ନିଶ୍ଚୟ ଥିଲା, ଯାହା କିଛି ଅବ୍ୟକ୍ତ ଓ ଅସ୍ପଷ୍ଟ, ହେଲେ ହେଁ ଅନ୍ତରୀଣ ଭାବ ସତ୍ତା ଖୁବ୍ ଦୃଢ଼ ଓ ଶକ୍ତ ।

ଏଇଠି ଆସିଲା ଅସଲି ମୋଡ଼ । ଘଟଣାର ଗଣିତ ଭୁଲ ଭାଲ ହୋଇ ସବୁ କିଛି ବିଗାଡି ରଖି ଦେଇଥିଲା ।

କିଛି ଦିନ ଧରି ସନ୍ଧ୍ୟାର ଆଉ ଖୋଜ୍ ଖବର ନଥାଏ । ସେ କାହିଁ କଲେଜ ଆସି ନାହିଁ ବୋଲି ମନ ବଡ଼ ଅସ୍ତବ୍ୟସ୍ତ ହେଉଥାଏ । କାହିଁକି ଏତେ ଚିତ୍ତ ଚାଞ୍ଚଲ୍ୟ, ମନରେ ମନେ ଭାବାନ୍ତର, ମୁଁ କିନ୍ତୁ ଖୁବ୍ ବ୍ୟସ୍ତ ହେଉଥାଏ । କେତେ ଜଣ ସାଙ୍ଗକୁ ପଚାରି ନୟାନ୍ତ, କିଛି ଗୋଟେ ସୁରାଗ ପାଉ ନଥାଏ । ଭାବୁଥାଏ ଏଥର ସନ୍ଧ୍ୟା ଆସିଲେ କଥାଟା ଖୋଲି କହିଦେବି । ପଚାରିବି ମୁଁ ଯାହା ଭାବୁଛି ସେ ସେକଥାଟା ଭାବୁଛି କି ନାହିଁ ।

ସେଦିନ ସନ୍ଧ୍ୟା ଆସିଲା । ଭାବୁଥିଲି ଦୌଡ଼ି ଯାଇ ମୋ ସ୍ନେହ ଅଶ୍ଳେଷା ଭିତରେ ତାଙ୍କୁ ଜାବୁଡ଼ି ପକାଇ ଦେଇ ପଚାରିଥାନ୍ତି, "ତୁମେ ଏତେଦିନ ଧରି କେଉଁଠି ଥିଲ ସନ୍ଧ୍ୟା ! ମୁଁ ଯେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ବିନା ନିଷ୍ପ୍ରାଣ ହୋଇଯାଇଥିଲି ।" ଏକଥା ଶୁଣି ସନ୍ଧ୍ୟା କହିଥାନ୍ତା, "ହେ ଦୁଷ୍ଟ ! ମୁଁ ତୁମକୁ ଛାଡି କେଉଁ ଶାନ୍ତିରେ ରହି ପାରୁଥିଲି ଯେ ।"

ହଠାତ୍ ଭାବନା ମୋର ଭାଙ୍ଗିଗଲା । ଦେଖିଲି ଢ଼ଳଢଳ ସୁଢଳ ଚାଲିରେ ସନ୍ଧ୍ୟା ଶ୍ରେଣୀ ଗୃହରେ ପ୍ରବେଶ କରୁଥିଲା । ହାତରେ ଧରିଥାଏ କିଛି ରଙ୍ଗ ବେରଙ୍ଗର କାର୍ଡ । ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ଧରେଇ ଦେଇ ନିମନ୍ତ୍ରଣ ଜଣାଉଥାଏ । ସବା ଶେଷରେ ମୋ ପାଖରେ ପହଞ୍ଚି, ମୋ ହାତକୁ ଭିଡ଼ି ନେଇ ଚାଲିଗଲା କ୍ଲାସ୍ ରୁମର ଅନତି ଦୂରକୁ । ଗୋଡ଼ ବୁଢ଼ା ଆଙ୍ଗୁଠିରେ ମାଟି ଉପରେ ବାରମ୍ବାର ଗାର ଟାଣି ଟାଣି କହି ଚାଲିଥାଏ, "ସରି, ମଣ୍ଟୁ ତୁମେ ମୋତେ କ୍ଷମା କରିଦେବ । ପରିସ୍ଥିତିର ମଣିଷ ଦାସ । ପରିସ୍ଥିତି ହାତରେ ସେ କେବଳ କ୍ରୀଡ଼ନକ ସାଜେ । ସେଦିନ ଗୋଟେ କଥା ତୁମକୁ କହିବି ବୋଲି ଭାବିଥିଲି, ହେଲେ କହି ପାରି ନଥିଲି, ଆଜିବି କହି ପାରୁନାହିଁ । କାରଣ ସେ କଥାଟା ତା'ର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ଉଭୟ ହରାଇ ସାରିଛି । ତେବେ ମୋ ଭଉଣୀ ବର୍ଷେ ହେବ ମରି ଯାଇଥିଲା । ମୋ ଭିଣୋଇ ବାୟା ବାତୁଳା ପ୍ରାୟ ହେଉଥିଲା । କାରଣ କୋଳରେ ବର୍ଷକର ଶିଶୁ ସନ୍ତାନ ଥିଲା, ଯାହାର ଭବିଷ୍ୟତ ଚିନ୍ତା ସମସ୍ତଙ୍କୁ ଘାରୁଥିଲା । ତେଣୁ ଉଭୟ ପରିବାର ବଡ଼ ଚିନ୍ତିତ ଥିଲେ । ଗୋଟାଏ ସଠିକ୍ ଉପାୟ ବାହାର କରିବା ପାଇଁ ସଦାବେଳେ ସମସ୍ତେ ତତ୍ପର ହୋଇ ଉଠୁଥାନ୍ତି । ହଠାତ୍ ବାପା ବୋଉ ଗୋଟେ ନିଷ୍ପତ୍ତି ନେଲେ, ମୋତେ ବୁଝେଇଲେ, "ପୁତୁରାର ମୁହଁକୁ ଚାହିଁ ତୁ ଏ ନିଷ୍ପତ୍ତିରେ ରାଜି ହୋଇଯା', ମାଆ ! ସେତେବେଳେ ମୋ କୋଳରେ ପୁତୁରା ଥାଏ । ତା'ର ସ୍ନେହ ବୋଳା ଦରୋଟି କଥା ଓ ଭିଣୋଇର ଅନୁନୟ ଓ ବିନୟର କରୁଣ ଦୃଷ୍ଟିକୁ ମୁଁ ଆଉ ଚାହିଁ ପାରିଲି ନାହିଁ । ତଳକୁ ମୁହଁ ପୋତି ରହିଲି । ମୁଁ ପ୍ରକୃତିସ୍ଥ ହେଲା ବେଳକୁ ସମସ୍ତେ ନିଷ୍ପତ୍ତି ନେଇ ସାରିଥିଲେ । ମୋ ହାତରେ ଭିଣୋଇର ନିର୍ବନ୍ଧ ମୁଦ୍ରିକାଟି । ମୁଁ ମୋ କଥା ଖୋଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାକୁ କହି ପାରିଲି ନାହିଁ । ଇଛା ହେଉଥିଲା ଚିତ୍କାର ଛାଡି ପ୍ରତିବାଦ କରିବି ନା ଗଳା ଫଟାଇ କାନ୍ଦିବି । କିନ୍ତୁ କିଛି ବି ମୁଁ କରିପାରିଲି ନାହିଁ । କାନ୍ଦି କାନ୍ଦି ବିଛଣାରେ ଲେପଟେଇକି ତିନି ଦିନ ଶୋଇଲି । ଅନେକ ବୁଝାଶୁଝା ପରେ ମନକୁ ଟିକେ ବୁଝେଇ ପାରିଲାରୁ ଆଜି ଶେଷ ଥର ପାଇଁ କଲେଜ ଆସିଛି, ସବୁ ସାଙ୍ଗମାନଙ୍କ ଠାରୁ ବିଦାୟ ନେବି ଆଉ ତୁମକୁ ଟିକେ ଆଖି ପୂରାଇ ଦେଖିବି । ଜାଣେନା କେବେ ପୁଣି କେଉଁ ଜନ୍ମରେ ଦେଖା ହେବା, ତୁମକୁ ପୁଣି ଏତେ ନିକଟରୁ ଆଉ ଥରେ ପାଇବି କି ନାହିଁ । ବାହାଘରକୁ ତୁମେ କିନ୍ତୁ ନିଶ୍ଚୟ ଆସିବ । ଅପେକ୍ଷାରେ ରହିଲି । ଯଦି କେଉଁଠି ତୁମ ଭାବନାକୁ କେତେବେଳେ ଟିକେ ଆହତ କରିଥିବି ସେଇଟା ତୁମର ବଡ଼ପଣ ଭାବି ମୋତେ କ୍ଷମା ଦେଇଦେବ ।" ଏତିକି କହି ହାତରେ ମୁହଁଟାକୁ ଲୁଚାଇ ଧରି ସନ୍ଧ୍ୟା ଲେଉଟି ଯାଉଥିଲା । ମୁଁ ବି ପଦୁଟିଏ ସାନ୍ତ୍ୱନା ଦେଇ ପାରିଲି ନାହିଁ । ସେଇଠି ଜଡ଼ ନିସ୍ପନ୍ଦ ହୋଇ ଛିଡ଼ା ହୋଇ ଚାହିଁଥାଏ ମୋ ଦୃଷ୍ଟି ଆଢୁଆଳରୁ ସନ୍ଧ୍ୟା ହଜି ଯିବା ଯାଏଁ  ।ଆଜି ବି ସେ ସ୍ମୃତିଟି ମୋର ମନେ ପଡିଲେ ନିମିଷକେ ମୋତେ ନିର୍ବାକ କରି ଗଢି ତୋଳେ । ତେବେ ସେ କି କ'ଣ ମୋର ପ୍ରଥମ ପ୍ରେ..... ମ...

ଉପ ସହକାରୀ ନିବନ୍ଧକ
ସମବାୟ ସମିତି ସମୂହ
ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟିର ଶବ୍ଦ

ମାଟିର ଯେ ଏମିତି ନିଆରା ଶବ୍ଦ ଥାଏ, ଅନୁଭବ କରି ନଥିବା ଲୋକ ଜାଣିପାରିବ ନାହିଁ । ଦାରୁଣ ନିଦାଘର ପ୍ରଚଣ୍ଡ ଆଘାତରେ ମାଟି ରଜସ୍ୱଳା ହୋଇଥାଏ ଓ ତା ବୁକୁରେ ଅନେକ ନୂତନ ସୃଷ୍ଟିର ସମ୍ଭାବନାକୁ ଗର୍ଭରେ ଧାରଣ କରିଥିବା କଥା ଆମେ କାବ୍ୟିକ ମାନସିକତାରେ ଅନୁଭବ କରୁ । ରଜସ୍ୱଳା ମାଟି ପହିଲି ଆଷାଢର କୋମଳ ସ୍ପର୍ଶରେ ଶରୀରକୁ ନୂତନ ସମ୍ଭାବନାର ସବୁଜିମାରେ ଭର୍ତ୍ତି କରିପକାଏ । ସର୍ବଂସହା ଏ ମାଟିମାଆର ଶବ୍ଦ କେବେ କେବେ କବି, ଭାବୁକ, ସାହିତ୍ୟିକ, ଦାର୍ଶନିକ ଅନୁଭବ କରି ପାରୁଥିଲେ ବି ମାଟିର ଶବ୍ଦ ଯେ ନିଆରା ସ୍ୱର ସୃଷ୍ଟି କରିଥାଏ, ସେଦିନ ଅନୁଭବ କରିଥିଲେ ନିଜେ ସୁବାସ ବାବୁ । ବୟସର ଅପରାହ୍ନରେ ରଷିକିଆ ମଣିଷଟିଏ ସେ । ନ ହେବେ ବା କାହିଁକି ଯେ ?



ଗଦାଧର ବଳ

ନିଜର ସହଧର୍ମିଣୀ ଲକ୍ଷ୍ମୀ ଦେବୀଙ୍କ ସହ ଘର ସାମ୍ନା ବଗିଚାରେ ସେଦିନ ସେ ସାନ୍ଧ୍ୟ ଭ୍ରମଣ କରୁଥିଲେ । ଉଭୟଙ୍କୁ ବାର୍ଦ୍ଧକ୍ୟ କ୍ରମଶଃ ଗ୍ରାସ କରି ସାରିଛି । ସୁବାସ ବାବୁଙ୍କୁ ଗତ ମାସ ଏକ ତାରିଖରେ ବୟାଅଶି ଛୁଇଁଲା, ପତ୍ନୀ ଲକ୍ଷ୍ମୀଙ୍କୁ ବି ଅଠସ୍ତରି ପୁରି ସାରିଛି । ରୋମାଣ୍ଟିକ ପ୍ରକୃତିର ଉଭୟ ଚରିତ୍ର । ସୁବାସ ବାବୁ ଠିକ ତେଇଶବର୍ଷ ତଳେ ଶିକ୍ଷକତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାକିରିରୁ ଅବସର ନେଇ ଘରେ ପତ୍ନୀଙ୍କ ସହ ଅବସ୍ଥାନ କରୁଛନ୍ତି । ବଡ ପୁଅ ସୁଦୂର ଆମେରିକାରେ ଏକ ମେଡ଼ିସିନ ଫାର୍ମରେ ବୈଜ୍ଞାନିକ ଭାବେ ଗବେଷଣାରତ । ସେ ପତ୍ନୀ ପିଲାଙ୍କୁ ନେଇ ସ୍ଥାୟୀ ଭାବେ ସେଠାରେ ଅବସ୍ଥାନ କରୁଛି । ବର୍ଷେ ଦୁଇ ବର୍ଷରେ ଥରେ ମନ ହେଲେ କେବେ କେବେ ଗାଁକୁ ବୁଲିବାକୁ ଆସେ । ପନ୍ଦର ଦିନ କି ମାସେ ରହି ପୁଣି ଫେରି ଯାଏ ସେଠାକୁ । ସାନ ପୁଅ ବି ସୁଦୂର କାନାଡାରେ ସପତ୍ନୀକ ତାର ଏକମାତ୍ର ପୁଅକୁ ନେଇ ସେଠାରେ ଅବସ୍ଥା କରେ । ସେ ବି ସେମିତି ମନ ହେଲେ କେବେ କେବେ ବୁଲିବା ପାଇଁ ଆସି ପୁଣି ଫେରିଯାଏ ତାର କର୍ମ କ୍ଷେତ୍ରକୁ । ଚାକିରି ଥିବା ବେଳେ ଉଭୟ ପତିପତ୍ନୀ ଦୁଇ ପୁଅ ପାଖକୁ ଯାଇ କିଛି ଦିନ କଟାଇ ଆସୁଥିଲେ । ମାତ୍ର ଅବସର ପରେ ଆଉ ସେଠାକୁ ଯାଇ ନାହାଁନ୍ତି । ତାର କାରଣ ବୋଧହୁଏ ନିଜର ମାତୃଭୂମିର ମୋହ ଅପେକ୍ଷା ନିଜକୁ ବିଭିନ୍ନ ସାଂସ୍କୃତିକ, ସାମାଜିକ ଅନୁଷ୍ଠାନ ସହ ଜଡିତ କରିଥିବା ସହ ପୈତୃକ ଜମିବାଡିର ରକ୍ଷଣା ବେକ୍ଷଣ ପାଇଁ । ଦୀର୍ଘଦିନ ହେବ ଗାଁ ନିକଟସ୍ଥ ଏକ ହାଇସ୍କୁଲରେ ସେ ଶିକ୍ଷକତା କରି ସେହି ସ୍କୁଲରୁ ହିଁ ଅବସର ନେଇଛନ୍ତି । ସ୍କୁଲଟିକୁ ନିଜ ହାତରେ ସେ ପ୍ରତିଷ୍ଠା କରିଥିଲେ ଓ ପରେ ସରକାରୀ ମାନ୍ୟତା ପାଇଥିଲା ତାଙ୍କରି ପ୍ରଚେଷ୍ଟାରେ । ସେ ଗାଁର ଅନେକ ପରିବାରର ବାପ, ପୁଅ ଉଭୟ ତାଙ୍କର ଛାତ୍ର । ଏପରିକି କିଛି ତୃତୀୟ ପିଢୀକୁ ମଧ୍ୟ ଚାକିରି ଶେଷ ସମୟରେ ଶିକ୍ଷା ଦାନ କରିଛନ୍ତି ସେ । ଶିକ୍ଷକତା ସମୟେ ସ୍କୁଲ ସମୟ ବାଦେ ସକାଳେ ସନ୍ଧ୍ୟାରେ ପିଲାମାନଙ୍କୁ ମାଗଣା ଟିଉସନ, ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ଏପରିକି ଗରିବ ପିଲାମାନଙ୍କୁ ମାଗଣାରେ ପାଠପଢା ପୁସ୍ତକ ନିଜ ଆୟରୁ ପ୍ରଦାନ କରି ସେମାନଙ୍କୁ ଶିକ୍ଷା ମନସ୍କକତା କରେଇ ଦେଇଥିବାରୁ, ସୁବାସ ସାର ସେ ଅଞ୍ଚଳର ଅଗ୍ରପୂଜ୍ୟ ଦେବତା ପରି । ସୁବାସ ସାରଙ୍କୁ ଦେଖିବା ପରେ ଏବେ ବି ପ୍ରୌଢ ତଥା ଯୌବନର ଶେଷ ପାହାଚରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବତୀର୍ଣ୍ଣ ହୋଇ ସାରିଥିବା ଅନେକ ପୁରାତନ ଛାତ୍ର ସାରଙ୍କ ସାମ୍ନାରେ ନତ ମସ୍ତକ କରି ପକାନ୍ତି ଓ ଆଣ୍ଠୁ ମାଡି ପ୍ରଣାମ ବି କରିଥାନ୍ତି । ସାର କହନ୍ତି ତାଙ୍କ ଚାକିରି ଜୀବନରେ ଏତିକି ମାତ୍ର ତାଙ୍କର ସଞ୍ଚିତ ଧନ । ଯା' ବି ହେଉ ସୁବାସ ସାରଙ୍କର ଅନେକ ଛାତ୍ରଛାତ୍ରୀ ଦେଶ ବିଦେଶରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ । ଏପରିକି କିଛି ବି ଅବସର ନେଇ ସାରିଲେଣି । ସାରଙ୍କର ଛାତ୍ରଛାତ୍ରୀମାନେ ହିଁ ତାଙ୍କ ଜୀବନ । ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଅନେକ ସାମାଜିକ, ସାଂସ୍କୃତିକ, ସାହିତ୍ୟ ଅନୁଷ୍ଠାନର ପ୍ରତି ପାକ୍ଷିକ, ମାସିକ, ବାର୍ଷିକ ଉତ୍ସବ ଓ ସମସ୍ତ ଆଲୋଚନା ଚକ୍ରରେ ଅନେକ ନାମୀଦାମୀ ଅତିଥିମାନେ ଯୋଗଦାନ କରୁଥିଲେ ବି ସାରଙ୍କର ଉପସ୍ଥିତ ତଥା ଅନ୍ୟତମ ଅତିଥି ଆସନ ତାଙ୍କ ପାଇଁ ସ୍ଥାୟୀ । ତେଣୁ ସୁବାସ ସାର ମାସକର ପ୍ରୋଗ୍ରାମ ପ୍ରାୟେ ସ୍ଥିର ହୋଇ ସାରିଥାଏ । କିଛିଦିନ ହେବ ନିମନ୍ତ୍ରଣ ସତ୍ତ୍ୱେ ନିଜର ଶାରୀରିକ ଅସୁସ୍ଥତା ତଥା ବାର୍ଦ୍ଧକ୍ୟତା ପାଇଁ ଅନେକ ସଭାରେ ଯୋଗଦେଇ ପାରୁନାହାନ୍ତି । ନିଜ ପିଲା ମାନେ ବି ଅନେକ ସମୟରେ ତାଙ୍କ ନିକଟରେ ଯାଇ ଅବସ୍ଥାନ କରିବାକୁ ଜିଦ ଧରି କହୁଥିଲେ ବି ସାର ଏହି ସବୁ କାରଣ ପାଇଁ ଯାଇ ପାରୁ ନାହାନ୍ତି ।

ସନ୍ଧ୍ୟା ସମୟରେ ସୁବାସ ସାର ସେଦିନ ସପତ୍ନୀକ ନିଜ ବଗିଚାରେ ବୁଲୁ ବୁଲୁ ସାମାନ୍ୟ ଥକି ପଡି ପାଖରେ ଥିବା ଏକ ପକ୍କା ଚେୟାର ଉପରେ ବସି ଚେୟାରକୁ ଆଉଜେଇ ଯାଇ ଅନୁଭବ କଲେ ତାଙ୍କ ହାତ ଉପରେ କାହାର ହାତଟି ରହି ଧୀରେ ଧୀରେ ଆଉଁସିବାରେ ଲାଗିଛି । ଆହୁରି ମଧ୍ୟ ଅନୁଭବ କଲେ ସେହି ପୁରୁଣା କୋମଳ ହାତର ସ୍ପର୍ଶ, ଯାହାକୁ ଦୁର୍ଘଟଣା କ୍ରମେ ଧରି ପକାଇ ଥିଲେ ପ୍ରାୟ ପଚାଶ ବର୍ଷ ତଳେ । ସେ ଦିନ ବୟସର ଅପରାହ୍ନରେ ହଠାତ ରୋମାଣ୍ଟିକ ହୋଇ ପଡିଥିଲେ ସୁବାସ ସାର । ସେହି ହାତଟି ଥିଲା, ନିଜର ସହଧର୍ମିଣୀ ଲକ୍ଷ୍ମୀ ଦେବୀଙ୍କର । ଡାହାଣ ହାତରୁ ଆଶା ବାଡିଟିକୁ ନେଇ ବାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତରେ ଧରିବା ପରେ ନିଜର ଡାହାଣ ହସ୍ତକୁ ଲକ୍ଷ୍ମୀ ଦେବୀଙ୍କ କାନ୍ଧ ଉପରେ ପକାଇ ଦେଇ ଥିଲେ । ଲକ୍ଷ୍ମୀ ଦେବୀ ବି ତାଙ୍କ ପାଖକୁ ସାମାନ୍ୟ ଆଉଜେଇ ଆସିଥିଲେ । ଗୋଧୂଳିର ସୂର୍ଯ୍ୟ ସେତେବେଳକୁ ପଶ୍ଚିମ ଆକାଶରେ ଲୁଚି ସାରିଥିଲେ । ପୂର୍ବାକାଶର ସାମାନ୍ୟ ଅନ୍ଧକାର ପଶ୍ଚିମାକାଶର ସ୍ୱର୍ଣ୍ଣିମ କିରଣକୁ କ୍ରମଶଃ ଗ୍ରାସ କରି ଚାଲିଥିଲା । ବଗିଚାର ନିଡ ବାନ୍ଧି ଆସ୍ଥାନ ଜମେଇଥିବା ପାକ୍ଷୀଗୁଡାକ ନିଜର ବାସସ୍ଥାନକୁ ଲେଉଟିବା ଆରମ୍ଭ କରି ସାରିଥିଲେ । ସେମାନଙ୍କର କିଚିରି ମିଚିରି କୋଳାହଳମୟ ରାବରେ ପରିବେଶ କ୍ରମଶଃ କୋଳାହଳମୟ ହୋଇ ଉଠିଥିଲା ଓ ନୀରବତାକୁ ଭାଙ୍ଗି ଦେଉଥିଲା । ନୀଡ ଫେରନ୍ତା ଚଢେଇମାନଙ୍କ କୋଳାହଳ ପରିବେଶକୁ ଅଧିକ ଉଚ୍ଛୃଙ୍ଖଳିତ କରି ପକାଉଥାଏ । ଦାରୁଣ ସୂର୍ଯ୍ୟାଲୋକର ଦାବାନଳରୁ ତ୍ରାହି ପାଇ ଫୁଲ ଗଛର ପ୍ରସ୍ଫୁଠିତ ଫୁଲମାନେ ସନ୍ଧ୍ୟାର ଆଗମନରେ ସାମାନ୍ୟ ଉତ୍ ଫୁଲ୍ଲିତ ଦେଖା ଯାଉଥିଲେ ଓ ସେମାନଙ୍କ ସୁଗନ୍ଧକୁ ବିଛୁରିତ କରିବା ଆରମ୍ଭ କରି ସାରି ଥିଲେ । ଅନ୍ୟମନସ୍କ ସୁବାସ ସାର ସେଦିନ ନିଜର ଅସ୍ଥିର ବାହୁକୁ ଲକ୍ଷ୍ମୀ ଦେବୀଙ୍କ କାନ୍ଧ ଉପରକୁ ପକାଇବା ସମୟରେ ଲକ୍ଷ୍ମୀ ଦେବୀ ନିଜକୁ ସାମାନ୍ୟ ଦୂରେଇ ନେଇଥିଲେ । ପ୍ରତିବାଦ କରି କହି ପକାଇଥିଲେ, "ଆହୁରି ତମର ବୟସ ଅଛି ଏମିତି ରୋମାଣ୍ଟିକ ହେବାକୁ ?"

ସାମାନ୍ୟ ଥର ଥର କଣ୍ଠରେ ସୁବାସ ସାର କହି ପକାଇଥିଲେ, "ମନେ ପକାଅ ଲକ୍ଷ୍ମୀ, ଆମେ କେଉଁ ପରିସ୍ଥିତିର ଦୁହେଁ ଦୁହିଁଙ୍କୁ ଜୀବନସାଥୀ କରିଥିଲେ । କାଲି ପରି ଲାଗୁଛି । ତମ ବାପା ମୋ ସ୍କୁଲର ପ୍ରଧାନ ଶିକ୍ଷକ । ମୋତେ ନିମନ୍ତ୍ରଣ କରିଥିଲେ, ତାଙ୍କ ଏକମାତ୍ର ଅଲିଅଳି ଝିଅ ବାହାଘରରେ ଉପସ୍ଥିତ ରହିବା ପାଇଁ । ମାତ୍ର ମୁଁ କେମିତି ଅତିଥିରୁ ବର ହୋଇ ଯାଇଥିଲି ଆଉ ବାଧ୍ୟ ବାଧକତାରେ ତମକୁ ପତ୍ନୀଭାବେ ଗ୍ରହଣ କରିଥିଲି । ତମେ ଅନ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ପୁରୁଷକୁ ତମର ଜୀବନସାଥୀ କରିବାପାଇଁ ମାନସିକ ଭାବେ ପ୍ରସ୍ତୁତ କରି ସାରିଥିଲ ଓ ତାକୁ ନେଇ ସଂସାର ଗଢିବା ପାଇଁ ସ୍ୱପ୍ନ ବି ଦେଖି ସାରିଥିଲ । ଏମିତି ସ୍ୱପ୍ନିଳ ନୟନରେ ବିଭୋର ଥାଇ କନିଆ ବେଶରେ ବେଦୀକୁ ଯିବା ପାଇଁ ସଜେଇ ହୋଇ ବସି ସାରିଥିଲ । ମାତ୍ର ବିଧିର ବିଧାନ ବଡ ବିଚିତ୍ର ! ତମ ପାଇଁ ବର ସାଜି ଆସିଥିବା ଲୋକଟି ତମର ସ୍ୱାମୀ ନ ହୋଇ ତମେ ମୋ ପରି ଜଣେ ଅଚିହ୍ନା ଅପରିଚିତ ଲୋକର ହାତ ଧରି ମୋ ଘରକୁ ଚାଲି ଆସିଲ କନିଆ ସାଜି । ଆଉ ମୋ ପରିବାର ବି ତମକୁ ବୋହୂ ଭାବରେ ଗ୍ରହଣ କରି ନେଇ ଥିଲେ । ଆଉ ସେବେଠାରୁ ତମେ ହୋଇଗଲ ମୋ ଧର୍ମପତ୍ନୀ । ବାର୍ଦ୍ଧକ୍ୟର ନିଦାରୁଣ ଉପହାସର ଜର୍ଜରିତ ଲକ୍ଷ୍ମୀ ଦେବୀ ବି ନିଜର ଥର ଥର କଣ୍ଠରେ ସବୁ ସ୍ୱୀକାର କରି କହିଥିଲେ, “ହେଲା ଯେ ଆଜି ସେ ସବୁ କଥା କାହିଁକି ମନେ ପଡିଲା ତମର ?”

ସୁବାସ ବାବୁ କିନ୍ତୁ କହି ଚାଲିଥିଲେ, “ତମ ବାପାଙ୍କର ସେଦିନ ଯାହା ମାନସିକ ଅବସ୍ଥା ଥିଲା, ଆଉ ଅଳ୍ପସମୟ ପରେ ସେ ନିଶ୍ଚିତ ଆତ୍ମହତ୍ୟା ଉଦ୍ୟମରେ ସଫଳ ହୋଇଥାନ୍ତେ । ଯଦି ତମ ହାତ ମୁଁ ଧରି ନଥାନ୍ତି, ହୁଏତ ଆଉ କିଛି ସମୟପରେ ସେ ଆତ୍ମହତ୍ୟା କରି ଦେଇଥାନ୍ତେ ନିଶ୍ଚିତ । ସେ ତମକୁ ସତରେ କେତେ ଭଲ ପାଉନଥିଲେ ! ତମ ବାହାଘରର ଅତିଥି ହୋଇ ଯଦି ସେଦିନ ମୁଁ ଉପସ୍ଥିତ ନଥାନ୍ତି କଣ ହୋଇଥାନ୍ତା ତମର ସେତେ ବେଳେ ? ବାପାଙ୍କ ସହ ତମେ ବି ସେହି ମଙ୍ଗୁଳା ବେଶରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାନ୍ତ ନା ?”

ଲକ୍ଷ୍ମୀ ଦେବୀ ସାମାନ୍ୟ ରୋକ ଲଗାଇ କହିଥିଲେ, “ଦେଖ, ସବୁଦିନ ପାଇଁ କେଉଁ ବାପା ଯେ ଜଣେ ମଦ୍ୟପକୁ ତାଙ୍କ କନ୍ୟାର ହାତକୁ ଟେକି ଦେଇଥାନ୍ତ ? ବାପା କ’ଣ ଜାଣିଥିଲେ ସେ ଏତେ ମଦପିଇ ବର ବେଶରେ ବି ବାହା ହେବାକୁ ଆସିବ ବୋଲି । ପୁଣି ମଦୁଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଙ୍ଗମାନଙ୍କ ସହ ମିଶି ଗାଁରେ ଏମିତି ମାର ପିଟ କରିବ ବୋଲି ?

ତାର ଏମିତି ମଦ୍ୟପ ପ୍ରକୃତି ପାଇଁ ଯେତେ ବରଯାତ୍ରୀ ଯାଇଥିଲେ ସମସ୍ତେ ତ ଗାଁ ଲୋକମାନଙ୍କ ଦ୍ୱାରା ବହେ ଛେଚା ଖାଇଥିଲେ । ଶେଷରେ ବେଦୀ ଉପରୁ ବର ବି ଶିଶୁପାଳ ହୋଇ ବିଦା ହେଲା । ଆଉ ଆମ ପରିବାରର ଦୁଃଖ ଦେଖି ତମେ ଯଦି ସେ ଦିନ ମୋ ବାପାଙ୍କ ନେହୁରାକୁ ପ୍ରତ୍ୟାଖ୍ୟାନ କରିଥାନ୍ତ, ତେବେ ବାପାଙ୍କ ପରି ମୁଁ ବି ଚରମ ସିଦ୍ଧାନ୍ତକୁ ଆପଣେଇ ନେବା ପାଇଁ ବାଧ୍ୟ ହୋଇଥାନ୍ତି ନିଶ୍ଚିତ । ଏଗୁଡାକ ତ ପଚାଶ ବର୍ଷ ତଳର କଥା ଆଜି କାହିଁକି ତମର ସେ ସବୁ  ମନେ ପଡୁଛି ଯେ  ?”

“ନାଇଁ, ଅନେକ ସମୟରେ, ସେତେବେଳର ଘଟି ଯାଇଥିବା ଦୁର୍ଘଟଣାକୁ ନେଇ ମୋ ମନ ଆନ୍ଦୋଳିତ କରି ପକାଏ । କିନ୍ତୁ ମୁଁ କେବେ ବି ଏଗୁଡା ପରିପ୍ରକାଶ କରି ପାରେନି । ତମର କର୍ତ୍ତବ୍ୟନିଷ୍ଠା, ପତିବ୍ରତା, ଆପଣା ପଣିଆ, ଉତ୍ସର୍ଗୀକୃତ ମାନସିକତା, ସର୍ବୋପରି ଆମେ ଦୁଇ ଅଜଣା ଅଚିହ୍ନା ମଣିଷ ସତରେ ଏତେ ନିଜର ହୋଇଯିବା ନିହାତି ବିଧିର ବିଡମ୍ବନା ନୁହଁ କି ? ପ୍ରକୃତରେ ଶାସ୍ତ୍ର ମତ ଅନୁଯାୟୀ ବିବାହ ସ୍ୱର୍ଗରେ ହିଁ ସ୍ଥିର ହୋଇ ସାରିଥାଏ । କିଏ କାହା ହାଣ୍ଡିରେ ଚାଉଳ ପକାଇଛି ତାହା ପୂର୍ବ ସ୍ଥିରିକୃତ । ମଣିଷ କେବଳ ମିଛ ମାୟାରେ ଘାଣ୍ଟି ହୋଇ, ଅଯଥାରେ ମେଞ୍ଚାଏ ଦୁଃଖ ପାଇଥାଏ । ବିବାହର ଏତେଦିନ ଯାଏ କେବେ ଆମର ସାମାନ୍ୟ ମନୋମାଳିନ୍ୟ, ମତାନ୍ତର କି ମତ ପାର୍ଥକ୍ୟ ବି ହୋଇନି, କେବଳ ଆମ ମାନଙ୍କ ଉତ୍ତମ ବୁଝାମଣା ଯୋଗୁଁ । ପିଲାମାନେ ବି ସମାଜରେ ମଣିଷ ପରି ମଣିଷ ହୋଇ ଯାଇଛନ୍ତି । ତମରି ସହଯୋଗିତା, ସହାୟତା ତଥା ଆପଣା ପଣିଆ ପାଇଁ ମୁଁ କେବଳ ତମ ଗର୍ଭରୁ ଜନ୍ମିତ ଦୁଇ ପିଲାର ବାପା ହୋଇନାହିଁ ବରଂ କର୍ମଭୂମୀ ମୋ ସ୍କୁଲର ଗାଁରେ ଶତାଧିକ ପିଲାନଙ୍କର ପିତୃତୁଲ୍ୟ ଅଗ୍ରପୂଜ୍ୟ ।” ଏମିତି ଅନେକ କଥା କୋହଭରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଣ୍ଠରେ କହି ଚାଲିଥାନ୍ତି ସୁବାସ ସାର...

ଗୋଧୂଳିର ସାମାନ୍ୟ ଆଲୋକ କ୍ରମଶଃ ଲୁଚି ଲୁଚି ଯାଉଥିବା ବେଳେ ବଗିଚାର ମାଳୀ ଗାର୍ଡେନ ଲାଇଟ ଗୁଡିକ ଦେଇ ଦେଇଥିଲା ଓ ଉଭୟ ସତର୍କ ହୋଇ ଯାଇଥିଲେ ଯେ ସେଦିନର ସାନ୍ଧ୍ୟ ଭ୍ରମଣର ସମୟ ଅତିକ୍ରାନ୍ତ । ଦୂରରୁ ମାଳୀ ଆକଟ, ପୁଣି ଘରକୁ ଫେରି ଯିବା ପାଇଁ ଇସାରା ସେମାନଙ୍କୁ ବଗିଚା ଛାଡିବାକୁ ସ୍ମରଣ କରିଦେଇଥିଲା । ଏପଟେ ବୟସର ଅପରାହ୍ନ, ସେପଟେ ନୀଡ ବାହୁଡା ଚଢେଇମାନଙ୍କ କ୍ରମଶଃ ନିଃଶବ୍ଦତା, ହାଲ୍କା କାକର ଭିଜା ମାଟିର ଶବ୍ଦ, ବାଦୁଆ ଝିଣ୍ଟିକାମାନଙ୍କର ଚିଇଁ ଚିଇଁ ଶବ୍ଦ ତଥା ଫୁଲମାନଙ୍କର ନିଆରା ବାସ୍ନାରେ ଲକ୍ଷ୍ମୀ ଦେବୀ ସୁବାସ ସାରଙ୍କ ବାମ ବାହୁକୁ ଧରି ନିର୍ଜୀବ ପକ୍କା ଚେୟାରରୁ ଉଠାଇ ଦେଇ କହିଥିଲେ "ରାତି ହେଲାଣି ଚାଲ ଘରକୁ ଯିବା".......

ଆଇନଜୀବୀ , ଭଦ୍ରକ
୯୪୩୭୨୧୨୮୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯାମିନୀ

ବୋଉ.... ବୋଉ.... ଡାକି ଘର ଭିତରକୁ ପଶିଆସିଲା କୁନା । ଘର ତ ନୁହେଁ ଝାଟିମାଟିର ଛୋଟ କୁଡିଆଟେ । ସାମନାରେ ଟଙ୍ଗାହେଇଛି ମୋଟାଲୁଗାର ଖଣ୍ଡେ ମସିଆ ପରଦା । ଘରସାରା ତ ମେଲା.... । ସକାଳର ସୂର୍ଯ୍ୟକିରଣ ସହ ରାତିର ଜହ୍ନ ବି ଦିଶେ ସେଇଠି । ସେଇଥିପାଇଁ ଡିବିରିରୁ ତ୍ରାହି ପାଇଯାଏ ଯାମିନୀ । କିଏ ବା ଅଛି ଘରେ.... ମାଆପୁଅ ଦିଜଣ । ସ୍ୱାମୀ ମଲା ଦିନଠୁ ଏଇଠି ଏମିତି ପଡିରହିଛି ନିଆଁଲଗା ଭାଗ୍ୟକୁ ଆଦରି । ଅଜାତିରେ ଭଲପାଇ ବାହାହେଲା ବୋଲି ତ... ତଡା ଖାଇଲା ଘରୁ । ବାପାମା ଠିଆଁ ଠିଆଁ ପଳାଶକାଠରେ ଡାହା ହେଇଗଲେ ତାକୁ । କୋଉ ମୁହଁରେ ବା ଯିବ ସେଇଠିକି । ହଁ ତାର ସଫା ମନେଅଛି ଥରେ ତ ଯାଇଥିଲା... କଅଁଳ ଛୁଆଟାକୁ ନେଇ ଗାଁରେ ପଶୁପଶୁ ତଡା ଖାଇଲା । ଖଣ୍ଡିଆଖାବରା ହେଇ ସେମିତି ଚାଲିଆସିଲା ପ୍ରାଣ ବଞ୍ଚେଇ । ସେଇ ଦିନଠୁ ତ... ସେମିତି ପଡିରହିଛି ଏଇ ନିଛାଟିଆ ତୋଟାରେ ପୁଅଟାର ମୁହଁକୁ ଚାହିଁ ।



ସରୋଜ କୁମାର ସାହୁ

କଣ କିରେ, ଏତେ ଚିଲେଉଛୁ, "ଭାବନାରୁ ବାହାରି ପଚାରିଲା ମାନିନୀ ।" ଗୋବର ହାତ ପରା ? ରହ ଟିକେ.... ହାତଟା ଧୋଇକି ଯାଉଛି ? ଜାଣିଛୁ ବୋଉ, "ମୁଁ ଆଜି ସ୍କୁଲରେ ପ୍ରଥମ ହେଇଛି" ଶ୍ରେଣୀର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଶୀଜଣ ପିଲାଙ୍କୁ ପଛରେ ପକେଇ । ଯେଉଁମାନେ ମୋର ଚିରାଫଟା ସାର୍ଟ ଦେଖି ଘୃଣା କରୁଥିଲେ ସେମାନେ ବି ଆଦର କରୁଛନ୍ତି । ସାର୍ ମାନେ ତ ପୁରା ଖୁସି ମୋ ଉପରେ "ସେଇଥିପାଇଁ ଶହେ ଟଙ୍କିଆଟେ ମିଳିଛି ।" ସାର୍ ଖୁସିରେ ଦେଇ କହିଛନ୍ତି, "ତୋତେ ପୁରସ୍କାର ଦିଆହବ ଗାନ୍ଧୀଜୟନ୍ତୀରେ ।"

ଶହେ ଟଙ୍କିଆଟା ଯାମିନୀ ପାଇଁ ଏକଦମ୍ ନୂଆ । ପ୍ରଥମଥର ଧରିଛି ହାତରେ । ଓଲଟ ପାଲଟ କରି ଦଶବାର ଦେଖୁଛି ନୂଆ ନୋଟ୍ ଟାକୁ । ଥୋଡିଫଟା ଓଠରେ ଦି' ବାର ଚୁମିବା ପରେ ଦରସିଆଁ ଚିରାଲୁଗାଟାରେ ପୋଛି ସାଇତି ରଖିଛି ସ୍ୱାମୀର ମଇଲା ଫଟୋତଳେ । ସେଦିନ ତ ଆଉ ସେମିତି ଯିବନି..... ନୂଆ। ଜାମାଟିଏ ନିହାତି ଦରକାର ନ ହେଲେ ଅପସନ୍ଦ ହେବନି ତାକୁ ।

ପୁଅକୁ ଆସି ବାରବର୍ଷ ହେଲାଣି ହେଲେ ନୂଆ ଜାମାଟିଏ ତା ପାଇଁ ସାତସପନ । କଣ ବା ସିଏ କରିବ.... ଏଇ ରୋଗିଣା ଦେହଟାରେ । ଏଇ ଘଷି ପୁଞ୍ଜାକ ତ ତା ଜୀବନ । ଦି ଦିନର ମେହନତରେ ଦିନକର ଲୁଣ ଚାଉଳ ମିଳେ । ସେଇତକରେ ସେ ଚଳେଇ ଦିଅନ୍ତି ଭୋକକୁ ଅଧାମାରି । କୁନା ତ ସବୁ ଦେଖୁଛି ନିଜ ଆଖିରେ । କେବେ ବି ଅଳି କରେନି.. ମାଆ ପାଖରେ । ସକାଳ ଓଳିଟା ମାଆ ସଙ୍ଗରେ ନିଜେ ବି ଯାଏ । ଗୋବର ଗୋଟାଠୁ ଘସିମରାରେ ହାତ ମାରିବାକୁ । ସବୁ ଦେଖିଛି ନିଜ ଆଖିରେ... ଗୋବର ଗୋଟାଠୁ ଘଷିମରା ଆଉ ଶୁଖେଇବା କେତେ ଯେ କଷ୍ଟ । ସେଇଥିପାଇଁ ଥରେ ଥରେ ସ୍କୁଲରେ ଡେରିରେ ପହଞ୍ଚେ ।

ରବିବାରରେ ମାଆ ସହ ବିକିବାକୁ ଯାଏ ବୋଲିତ ଏଇ ଚିରାସାର୍ଟତକ ପାଏ ମାଗଣାରେ । ମାଆମାନେ ଚିରାଡ୍ରେସ୍ ସବୁ ଅସନା ହେବାଯୋଗୁ ଫିଙ୍ଗିଦିଅନ୍ତି ଘରଆଗରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇଠୁ ସେ ଗୋଟେଇ ଧୋଇଧାଇ ପିନ୍ଧେ । ସେଇଥିରେ ତ ସେ ଏତେବଡ ହେଲାଣି । ମାଆ ବି ସେମିତି... ଦେଉଥିବା ଗୋଟିଏ ପାଲଟା ଲୁଗାକୁ ଦିଓଳି ଧୋଇ ପିନ୍ଧେ । ପୁନେଇଁ ପରବରେ ଗଲେ କେବେ ପିଠାଗଣ୍ଡାଏ ବାଜେ ପାଟିରେ ନ ହେଲେ ତ ସେଇ ଭାତ ଲୁଣଲଙ୍କା ତାଙ୍କର ଅମୃତ ।

ଗାନ୍ଧିଜୟନ୍ତୀର ଦିନକର ଆଗରୁ ଫେରିବାଲାକୁ ଶହେଟଙ୍କାଟା ବଢେଇ ଡ୍ରେସ୍ ହଲେ ମାଗିଲା ଯେ ସେ ଥଟ୍ଟାରେ ହସି ଉଡେଇଦେଲା । ଆଜିକା ମହଙ୍ଗାଯୁଗରେ ପୁଣି ଶହେ ଟଙ୍କାରେ ହଲେ ଡ୍ରେସ୍ । ସେଇଠୁ ମୁହଁଶୁଖେଇ ଚାଲିଆସିଲା ଶହେଟଙ୍କାଟାକୁ ଅଣ୍ଟାରେ ଖୋସି । ଆଜି ଗାନ୍ଧୀଜୟନ୍ତୀ ହେଲେ ତା ପାଖରେ ଡ୍ରେସ୍ ନାହିଁ... ପୁଅକୁ ଦେବାକୁ । କାନ୍ଦିକାନ୍ଦି ଲୁହରେ ଓଦା କରିସାରିଲାଣି ଲୁଗାକାନି । ଛୁଆଟାକୁ ଡ୍ରେସ୍ ହଲେ ଦେଇ ପାରିଲାନି ଜୀବନରେ । "ବୋଉ... ବୋଉ ଦେଖିଲୁ, ଏଇ ଡ୍ରେସ୍‌ଟା କେମିତି ହେଇଛି ?" କାଲି ରାତିରେ ଖୋଜୁଖୋଜୁ ଚାଳରୁ ପାଇଥିଲି । ଜାକିଜୁକି ଖୋସା ହୋଇଥିଲା ଗୋଟେ କଣାରେ । ଦେଖିଲୁ ବୋଉ ଭଲ ହେଇଛି ନାଁ ? ହଁ ଟିକେ ଲୋଚାକୋଚା ଅଧିକା । ଚଳିବ... ଏ ତ ମୋ ନିତିଦିନିଆ ଅଭ୍ୟାସ ।" ଓଠରେ ଫୁଟୁଥିଲା ଶୁଖିଲା ପାଣିଚିଆ ହସଟେ ।

ସରୋଜ କୁମାର ସାହୁ
ଆଠଗଡ଼, କଟକ
୯୩୩୮୫୭୫୨୨୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବାପା

ବାପାର ମହତ୍ତ୍ୱ ସମସ୍ତେ ଜାଣନ୍ତି । ବାପା ଶବ୍ଦ ପିଲାଙ୍କ ପାଇଁ ଯେତେ ଗୁରୁତ୍ୱପୂର୍ଣ୍ଣ ସଂସାର ରଥଟା ଚାଲିବା ପାଇଁ ମଧ୍ୟ ବାପା ଶବ୍ଦଟି ନିହାତି ଆବଶ୍ୟକ । ବାପା ବିନା ଏହି ସଂସାରରେ ଜୀବନ ଯାପନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ।

ବାପାଙ୍କ ଛତ୍ରଛାୟା ତଳେ ଶିଶୁ ଓ ତା'ର ପରିବାର ନିଶ୍ଚିନ୍ତରେ ରହିଥାନ୍ତି । ଯେପରି ବରଗଛରେ ପକ୍ଷୀମାନେ ନିଶ୍ଚିନ୍ତରେ ବସା ବାନ୍ଧିଥାନ୍ତି । ବରଗଛ ନଥିଲେ ପକ୍ଷୀମାନେ ବହୁ ସମସ୍ୟାର ସମ୍ମୁଖିନ ହୁଅନ୍ତି... ଠିକ୍ ସେହିପରି ବାପା ନାମକ ମଣିଷଟି ନଥିଲେ ସଂସାରରେ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼େ । ଈଶ୍ୱର ଯଦି କାହାକୁ ଦଣ୍ଡ ଦେବାକୁ ଚାହିଁବେ, ତେବେ ଶିଶୁର ବାପାକୁ ତା'ଠାରୁ ଛଡେଇ ନେବେ.. ଏହାଠାରୁ ବଡ଼ ଦଣ୍ଡ କଣ ବା ହୋଇପାରେ ଶିଶୁ ପାଇଁ ।



ରୋଶନ କୁମାର ସାହୁ

ଶିଶୁର ବାପା ଯଦି ତା ନିକଟରେ ରହିବେ ନାହିଁ, ଏହା କୌଣସି କଏଦୀର କାରାଦଣ୍ଡ ଠାରୁ କ'ଣ କମ୍ ! ବାପା ଥିଲେ ଶିଶୁଟିର ଜୀବନ ରାଜ୍ କୁମାର ପରି କଟିଥାନ୍ତା, ତାକୁ କାହାର ପଦେ କଥା ଶୁଣିବାକୁ ପଡ଼ିନଥାନ୍ତା ।।

ପ୍ରତି ମୁହୂର୍ତ୍ତରେ ବହୁ କଟୁ ମନ୍ତବ୍ୟ ଶୁଣି ନିଜ ଜୀବନକୁ ଧିକ୍କାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରି ବଞ୍ଚିବା - ଏହା କୌଣସି ମୃତ୍ୟୁ ଠାରୁ କମ୍ ନୁହେଁ । ମଣିଷର ଯଦି ମୃତ୍ୟୁ ହୁଏ, ସେ କିଛି ସମୟ ପାଇଁ କଷ୍ଟ ପାଇ ମୁକ୍ତି ପାଇଯାଏ କିନ୍ତୁ ଶିଶୁଟି ନା ମରିପାରେ ନା ବଞ୍ଚିପାରେ । ।

ସେଇ ନିରୀହ ଶିଶୁଟିର ମନରେ ଅନେକ ପ୍ରଶ୍ନ ଆସେ, କଣ ? ଦୁନିଆରେ ଯାହାର ବାପା ଅଛି ସେ ହିଁ ଭାଗ୍ୟବାନ, ସେ ହିଁ ସ୍ୱାଧୀନ, ସେ ହିଁ ନିଜ ଇଚ୍ଛା ପ୍ରକାଶ କରିପାରିବ ! ଯାହାର ବାପା ନଥାନ୍ତି ତାର କୌଣସି ସ୍ୱାଧୀନତା ନଥାଏ, କୌଣସି ଇଚ୍ଛା ଶକ୍ତି ନଥାଏ,ଏହି ସମାଜରେ ତାର କୌଣସି ସମ୍ମାନ ନଥାଏ ? ? ?

ସେ ଏହି ଦୁନିଆର ଲୋକମାନଙ୍କର ବ୍ୟବହାର କୁ ଦେଖି ଭଗବାନଙ୍କୁ ପ୍ରଶ୍ନ କରିଛି, "ଆପଣ ଯେପରି ନିଜର ଶକ୍ତି ପାଇଁ ଏହି ଦୁନିଆରେ ସମ୍ମାନିତ ଅଟନ୍ତି ଓ ସଂସାରରେ ପୂଜା ପାଆନ୍ତି", ଠିକ୍ ସେହିପରି ଶିଶୁ ପାଇଁ ମଧ୍ୟ ବାପା ନିହାତି ଅପରିହାର୍ଯ୍ୟ । ବାପା ପାଇଁ ହିଁ ଏହି ସମାଜରେ ତାକୁ ସମ୍ମାନ ମିଳିଥାଏ ଓ ତାର ସ୍ୱତନ୍ତ୍ର ସ୍ଥାନ ଥାଏ । ବିନା ବାପାରେ ଶିଶୁ ଉପେକ୍ଷିତ, ଲାଞ୍ଛିତ ହୋଇଥାଏ ।

ସମାଜର ଏହି ବ୍ୟବହାର ଦେଖି ଶିଶୁଟି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛି, "ହେ ଈଶ୍ୱର ! କୌଣସି ସନ୍ତାନକୁ ବାପା ଛେଉଣ୍ଡ କର ନାହିଁ । ଯଦି ବାପା ଛେଉଣ୍ଡେ କରିବାର ଥାଏ, ତାକୁ ଏ ସଂସାରରେ ଜନ୍ମ ଦିଅ ନାହିଁ । ଅନ୍ତତଃ ସେ ଏହି ସଂସାରର ଅନ୍ତର ପାନ୍ତର ଦୃଷ୍ଟିରୁ ତ  ବଞ୍ଚିତ ହୋଇପାରିବ ।"

ଛତ୍ରପୁର, ଗଞ୍ଜାମ, ଓଡ଼ିଶା
ଇମେଲ୍ : sahuroshan97@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତା ଏବଂ ସେ

ମଥାପୁର ଗ୍ରାମରେ ଦୁଇ ସାଙ୍ଗ ଅବିନାଶ ଓ ପ୍ରଭାତ ଛୋଟ ବେଳୁ ଗାଁରେ ବୁଲି ଗାଁ ବିଦ୍ୟାଳୟରେ ପଢୁଥିଲେ । ଦୁଃଖ ଓ ସୁଃଖ ନିଜ ଭିତରେ ବାଣ୍ଟନ୍ତି । ଦୁହେଁ ଦୁହିଁ ଜଣଙ୍କୁ ନ ଦେଖିଲେ ରହିପାରନ୍ତି ନାହିଁ ।

ପ୍ରଭାତର ବାପା ହରିଦାସ ମହଡା ସହରରେ ସରକାରୀ ଚାକିରି କରନ୍ତି । ଛୁଟିଟିଏ ମିଳିଲେ ସହରରୁ ଗାଁକୁ ବସରେ ଚାଲି ଆସନ୍ତି । ବୟସ ବଢିବା ସାଙ୍ଗକୁ ଯିବା ଆସିବାର ବାଟରେ କଷ୍ଟ ଅନୁଭବ ହେଉଛି । ହରିଦାସ ମହଡା ସ୍ଥିର କଲେ ଆଉ ସହରରୁ ଗାଁକୁ ଯିବା ଆସିବା କରିହେବ ନାହିଁ । ହରିଦାସ ମହଡା ତାଙ୍କ ବାପାଙ୍କୁ କହିଲେ ମୁଁ ମୋ ସ୍ତ୍ରୀ ମୋ ପୁଅ ସହରକୁ ଯାଉଛୁ । ପ୍ରଭାତର ସେଠି ନାମ ଲେଖାହେବ ଏବଂ ସେ ସେଠି ପଢିବ ।



ଦୁଷ୍ମନ୍ତ ବେହେରା

ଏ କଥା ଶୁଣି ପ୍ରଭାତ ଅବିନାଶର ଘରକୁ ଦୌଡ଼ିଲା ଏବଂ ଅବିନାଶକୁ ଦେଖି କହିଲା ମୋ ବାପା ମୋତେ ସହରକୁ ନେଇଯିବେ ଏବଂ ସେଠି ବିୟାଳୟରେ ନାମ ଲେଖିଦେବେ । ଦୁହେଁ ଦୁଇଜଣଙ୍କୁ କୁଣ୍ଢା କୁଣ୍ଢି ହେଇ ଆଖିରୁ ଲୁହ ଧାରଧାର ବୋହି ଆସିଲା । ଅବିନାଶ କହିଲା ତୁ ମତେ ଭୁଲି ଯିବୁନିତ ସାଙ୍ଗ ପ୍ରଭାତ କହିଲା ନାହିଁ ସାଙ୍ଗ, ସାଙ୍ଗ କଣ କେବେ ତା ସାଙ୍ଗକୁ ଭୁଲିପାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ ଯେବେ ହୃଦୟରେ ହୁଏ
ପ୍ରଥମେ ସାଙ୍ଗକୁ ଦେଖି କୁହେ
ଦୁଃଖ ଯେବେ ମନରେ ହୁଏ
ଉଠରୁ ଆପେ କଥା ବାହାରି ଯାଏ ।

ତୁମ ମୋ ବନ୍ଧୁ ମୁଁ ତୋ ସାଙ୍ଗ
କେମିତି ଭୂଲିଯିବି ତୋ
ମନକୁ ସ୍ମୃତି କୁ ମନରୁ କେମିତି
କାଢିବା ତୋ ଛବି ଚେହେରାକୁ ।

ମଥାପୁର ଗାଁରୁ ହରଦାସ ମହଡା ଓ ତାଙ୍କ ସ୍ତ୍ରୀ ଏବଂ ପୁଅ ପ୍ରଭାତ ସହର ବାହାରିଲେ । ସହରରେ ପହଞ୍ଚି ପ୍ରଭାତର ନାମ ଲେଖା ହେଲା । ସେଠି ପ୍ରଭାତ ପାଠପଢି ଗୋଟିଏ କମ୍ପାନୀରେ ମ୍ୟାନେଜର୍ ପୋଷ୍ଟ ଚାକିରି ପାଇଲେ ।

ଛବିଶି ବର୍ଷ ପରେ ପ୍ରଭାତର ଗାଁ କଥା ମନେ ପଡିଲା । ପ୍ରଭାତ ଗାଁକୁ ଫେରିବ ବୋଲି ମନରେ ସ୍ଥିର କଲା ଓ ସାଙ୍ଗକୁ ବହୁ ଦିନୁ ଦେଖିନି ବୋଲି ମନରେ ଉଙ୍କି ମାରିଲା ।

ସହରରୁ ବସରେ ଗାଁକୁ ଫେରିଲା । ବସଷ୍ଟାଣ୍ଡରେ ଓହ୍ଲାଇ ଗାଁ ଅଭିମୁଖେ ବାହାରିଲା । ଗାଁର ଲୋକେ ଦେଖି ବହୁତ ଖୁସି ହୋଇଗଲେ । ଅବିନାଶ ଘର ଅଭିମୁଖେ ବାହାରିଲେ ପ୍ରଭାତ ଘରର କବାଟ ପାଖରେ ପହଞ୍ଚି କବାଟକୁ ଠକ୍ ଠକ୍ ଶବ୍ଦ କଲେ । କିଛି ସମୟ ଅପେକ୍ଷା ପରେ କବାଟ ଖୋଲିଲା । ପ୍ରଭାତ ସ୍ତ୍ରୀ ଲୋକକୁ ଦେଖି ପଚାରିଲା, “ ଆପଣ କିଏ ?”

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଅବିନାଶଙ୍କ ସ୍ତ୍ରୀ ହେଲେ ଆପଣ କିଏ ?

ମୁଁ ପ୍ରଭାତ ଅବିନାଶର ସାଙ୍ଗ ।

ଓହଃ ସେ ତମ ବିଷୟରେ ସବୁ ବେଳେ କୁହନ୍ତି । ତୁମେ ସେଇ ପ୍ରଭାତ ? ହଉ ଘର ଭିତରକୁ ଆସ ।

ପ୍ରଭାତ ଚୌକିରେ ବସିଥାନ୍ତି । କିଛି ସମୟ ପରେ ଅବିନାଶ ଆସି ପହଞ୍ଚିଲେ ଆରେ ପ୍ରଭାତ ତୁ କେତେବେଳେ ? ଆରେ ଅବିନାଶ ମୁଁ ଏବେ ଆସିଛି । ଦୁହେଁ ଦୁହିଁଙ୍କର ଆଖିରୁ ଛଳଛଳ ଧାର ପରସ୍ପର ଆଲିଙ୍ଗନ ବହୁ ବର୍ଷ ପରେ ଦେଖା । ହୃଦୟର ପ୍ରେମ ସତେ ଯେମିତି କହୁଥିଲା ତୁ ମୋ ସାଙ୍ଗ ।

ଯାଉଛିରେ ମନ ଦେଖିଛି ତତେ
ପ୍ରେମ ନୟନରେ ବାନ୍ଧିଛୁ ମତେ
ମୁଁ ଭୁଲି ଯିବି କେମିତି ରେ
ଶେଷ ଠିକଣା ରେ....

ଅବିନାଶ ସ୍ତ୍ରୀ ମାଳତୀକୁ କହିଲେ ଆରେ ମୋ ସାଙ୍ଗ ଆସିଛି ଏତେ ବର୍ଷ ପରେ । ଚା କପେ ଆଣ । ମାଳତୀ ହଁ କରି ରୋଷେଇ ଘରକୁ ଚାଲିଗଲେ । ଚା କରିବା ପାଇଁ ଚାହା ଅଛି ଚିନି ଅଛି ହେଲେ ଅମୁଲ୍ ନାହିଁ । ମାଳତୀ ଅବିନାଶକୁ ଡାକିଲେ ଆଗୋ ଶୁଣୁଛ ଟିକେ ଏଆଡେ ଆସିଲ । ଅବିନାଶ ଓ ମାଳତୀ ଫୁସୁରୁ ଫାସର କଥା ଶବ୍ଦ ଶୁଣି ଆରେ କ'ଣ କହୁଛୁ ।

ମୁଣ୍ଡ ଲଜ୍ଜ୍ୟାରେ ତଳକୁ ହୋଇଗଲା । ଅବିନାଶର ଘରକୁ ଏତେ ବର୍ଷ ପରେ ମୋ ବନ୍ଧୁ ଆସିଛି ହେଲେ ମୁଁ ଚା କପେ ଦେଇ ପାରୁନାହିଁ । ଧିକ୍ ମୋ ମଣିଷ ପଣିଆକୁ ଧିକ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଭାତ ଏ କଥା ଶୁଣି ଆରେ ସାଙ୍ଗ ଆଉ ଗୋଟେ ସାଙ୍ଗର ଦୁଃଖ କଥା ଯଦି ନଜାଣି ପାରେ । ସେ ସାଙ୍ଗର ମୂଲ୍ୟ କ'ଣ ? ଆରେ ଅବିନାଶ ତୁ ମାଳତୀକୁ କହ ନାଲି ଚା କପେ କରି ଆଣୁ । କପେ ପିଇ ଦେବା ।

ଆରେ ଯେଉଁଠାରେ ମନ, ହୃଦୟ, ପ୍ରେମ ଥାଏ ସେଠି ମନ ଭାଙ୍ଗି ପାରେନା ।

ଆରେ ମାଳତୀ, ପ୍ରଭାତ ଆମର ଏତେ ସମୟ ହେଲା ଆସିଲାଣି ତାକୁ ଭୋକ ହେଉଥିବ । କିଛି ଖାଇବା ବ୍ୟବସ୍ଥା କର । ମାଳତୀ କହିଲା ହଉ ଗୋଟିଏ ଆସନ ପକାଇ ଭାତ ତରକାରୀ ବଢା ହେଲା ଅବିନାଶ ଡାକିଲେ ଆସ ଖାଇବୁ । ପ୍ରଭାତ କହିଲା ମୁଁ କଣ ଏକୁଟିଆ ଖାଇବି ତୁ ଆସ୍ ଓ ମାଳତୀ ଏକାଠି ଖାଇବା । ମାଳତୀ ଓ ଅବିନାଶ ମୁହଁକୁ ଅନାଇ ଆଖିରେ ଇଶାରା ଦେଲେ ଅବିନାଶ ବୁଝିଗଲେ ଭାତ ହାଣ୍ଡିରେ ଆଉ ଭାତ ନାହିଁ । କେମିତି ବସି ପ୍ରଭାତ ସାଙ୍ଗରେ ଖାଇବେ । ଆରେ ପ୍ରଭାତ ତୁ ଖା ଆମେ ମାଳତୀ ମୁଁ ପରେ ଖାଇବୁ । ନହେଲେ ଅବିନାଶ ତୁ ଆ ମୋ ସାଙ୍ଗରେ ଖାଇବୁ ନ ହେଲେ ମୁଁ ଖାଇବି ନାହିଁ ।

ଆରେ ମୁଁ କେମିତି କହିବି ପ୍ରଭାତ ଆଉ ହାଣ୍ଡିରେ ଭାତ ନାହିଁ । ଆଖିର ଲୁହ ଠୋପା ଗୁଡିକ କହି ଦେଉଥାଏ ଏ ଦୁଃଖର ଲୁହ । ଅବିନାଶ ଆରେ ମନ ଦୁଃଖ କରନା । ତୁ ପରା ମୋ ସାଙ୍ଗ ଆସ ତୁ ମାଳତୀ ଓ ମୁଁ ଅଧେ ଅଧେ ମିଶି ଖାଇବା ।

ସାଙ୍ଗର ଦୁଃଖ ଦେଖି ପ୍ରଭାତ କହିଲା ଆରେ ଅବିନାଶ ମୁଁ ସହରରେ ବଡ କମ୍ପାନୀରେ ମ୍ୟାନେଜର୍ ଚାକିରୀ କରିଛି । ତୁ ମୋ ସାଙ୍ଗରେ ଆସ ତୋ ପାଇଁ ସେଠି ଚାକିରି ଯୋଗାଡ କରିଦେବି ।

ଆମେ ମିଳିମିଶି ହସଖୁସିରେ ରହିବା । ତୁ ପରା ମୋ ସାଙ୍ଗ ।।।

ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ, ମୋ ନଂ -୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଇଁ ତ ଗରିବ ଛାତ୍ର

ତପନ ପାଠରେ ଏତେ ଭଲ ନ ହେଲେ ବି ଖେଳ ଓ କୌତୁକିଆରେ ପ୍ରଥମ । ବିଦ୍ୟାଳୟରେ ସମସ୍ତ କାର୍ଯ୍ୟକ୍ରମରେ ସେ ଆଗଭର ହୋଇ ସାହାର୍ଯ୍ୟର ହାତ ବଢ଼ାଇ ଥାଏ । କହିବାକୁ ଗଲେ ବିଦ୍ୟାଳୟରେ ହେଉଥିବା ବାର୍ଷିକ ମାଆ ସରସ୍ୱତୀଙ୍କ ପୂଜା ଓ ଗଣପତିଙ୍କ ପୂଜାରେ ଅଧିକାଂଶ କାମ ତା'ରି । ଏମିତିକି ସହପାଠୀଙ୍କର ଭୋଜନ ପରର ଅଇଁଠା ପତ୍ର ବି କାହାରିକୁ ଉଠେଇବାକୁ ଦିଏ ନାହିଁ । ଗୁରୁ ଓ ଗୁରୁମାମାନଙ୍କର ସ୍ନେହର ପାତ୍ର କହିଲେ ତପନ ।

ସେଦିନ ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବରେ କୃତି ପିଲାମାନେ ଭାଗନେଇ ପାରିବେ ଅର୍ଥରେ ଏକ ପତ୍ର ପାଇଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ପ୍ରଧାନ ଶିକ୍ଷକ କିଛି କୃତି ପିଲାଙ୍କୁ ବାଛିବା ପାଇଁ ନିଜ ବିଦ୍ୟାଳୟରେ ଏକ ପ୍ରତିଯୋଗିତା ଆରମ୍ଭ କଲେ । ପ୍ରତିଯୋଗିତାର ପରିସମାପ୍ତି ପରେ ତପନ ସହିତ ଅନ୍ୟ ଦୁଇଜଣ ମହେଶ ଓ ରାଜେଶଙ୍କୁ ବଛା ଯାଇଥିଲା ।



ମହେଶ୍ୱର ସାହୁ

କ୍ରୀଡା ଦିବସର ଦିନଟି ସମୀପ ହେବାକୁ ଯାଉଥାଏ, ତାହା ସହିତ ପିଲା ତିନି ଜଣଙ୍କର ଅଭ୍ୟାସ କାର୍ଯ୍ୟକ୍ରମ ଜାରି ରହିଥାଏ ।

ତପନ ଯେତେବେଳେ ଦୁଇବର୍ଷର ହୋଇଥିଲା ସେବେ ଠାରୁ ସେ ତା'ର ବାପାଙ୍କୁ ହରେଇ ଥିଲା । ବିଧବା ମାଆ ଶାଶୁଘର ଯନ୍ତ୍ରଣା ସହି ନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରି ପୁଅକୁ ଧରି ବାପାଙ୍କ ଘରେ ରୁହେ । ବାପଘରେ ମଧ୍ୟ ସେହି ଭଳି ଅବସ୍ଥା ! ଭାଇ ଭାଉଜ ଆଖି କୋଣରେ ଦେଖିଲେ ନାହିଁ । ବାଧ୍ୟକୁ ମାଆ ଗୋଟିଏ ଝୁପଡି ଘର ତୋଳି ତପନ ସହିତ ଅଲଗା ରହିଲେ ଓ ପୁଅକୁ ପାଠ ପଢେଇ ମଣିଷ କରିବା ଲକ୍ଷ୍ୟରେ ବାର ଓଳିରେ ତେର କାମ କଲା ଭଳି ; କାହାର ବାସନ ମଜା ତ କାହାର ମୁଢ଼ି ଖଇ ଭଜା ସହିତ ଗୁହାଳ କାମ କରନ୍ତି ଦୁଇ ପଇସା ରୋଜଗାର ପାଇଁ ।

ଆଜି ସେଇ ବିଧବା ମାଆଙ୍କର ପୁଅ ତପନ, ଦେହରେ ଓ ମୁଣ୍ଡରେ ତେଲ ନ ବାଜୁ ହେଲେ ହୃଦୟରେ ସର୍ବଦା ଅକୁହା ଆଗଭର । ରାତି ନ ପାହୁଣୁ ଶଯ୍ୟାତ୍ୟାଗ କରି ନିଜ ଘର ଠାରୁ ଗାଁ ସଡକରେ ଦୌଡ଼ ମାରୁଥାଏ । ମାଆଙ୍କୁ କହିଦେଇଥାଏ " ମାଆ ସୋମବାର ମୋତେ ଦଶ ଟଙ୍କା ଦେବୁ । ଆମର ଯିବା ଆସିବା ଖର୍ଚ୍ଚ ଗୁରୁଜୀ ଦେବେ ବିଦ୍ୟାଳୟ ତରଫରୁ ହେଲେ ତୁ ଜଉ ଦଶ ଟଙ୍କା ଦେବୁ ! ସେଥିରେ ମୁଁ ଭୋକ ଲାଗିଲେ ଆଳୁକସା ଓ ବରା ଖାଇବି । " ମାଆ ହଁ ଭରିଦେବାରୁ ତପନର ଖୁସି ଦୁଇଗୁଣ ବଢି ଗଲା । ହେଲେ ମାଆ କହିଲେ " ତତେ ମୁଁ କହିଥିଲି ନା ଗୁରୁଜୀଙ୍କୁ କହିବୁ ମୁଁ ଏତେ ବାଟ ଜୀବିନାହିଁ କି ଭାଗ ନେବି ନାହିଁ । "

ତପନ ବୁଝେଇ ଦେଇ କହିଲା" ବୁଝିଲୁ ମାଆ ମୁଁ ଯାଇ କହିଲି ଯେ ଗୁରୁଜୀ ମାଆ ମୋର ମନା କରୁଛି ତୁ ଭାଗ ନେବୁନାହିଁ, ହେଲେ ସେ କଣ ଶୁଣିଲେ ଯେ: କହିଲେ ତୁ ଭାଗ ନେବୁ ଓ ତୋର ଯିବା ଆସିବା ସହିତ ଖାଇବା ଖର୍ଚ୍ଚ ବିଦ୍ୟାଳୟ ଦେଵ । ଜାଣିଛୁ ମାଆ ମୁଁ କୁଆଡେ ମାଙ୍କଡ ଭଳି ଡିଆଁ ମାରିଦେଉଛି ଓ ଭଲ ଅଭିନୟ କରି ଦେଉଛି ଯେ ସମସ୍ତେ କାନ୍ଧି ପକାଉଛନ୍ତି ।"

ମାଆ ତପନକୁ କୋଳେଇ ନେଲେ ଆଉ କହିଲେ ତତେ ମୁଁ ଏଇଥି ପାଇଁ ମନା କରେ ଯେ ତୁ ମୋର ଗୋଟଏ ବୋଲି ପୁଅ । ଏକୋଇର ବଳା ବିସିକେସନ ପରା ତୁ । ତୁ ଭଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଠ ପଢ଼ିବୁ ଓ ମୋର ଦୁଃଖ ଦୂର କରେଇବୁ ବୋଲି କେତେ ଆଶା ଓ ଭରଷା କରିଛି ରେ । ତୁ ମୋ ଆଖିଆଗରେ ଥିଲେ ବି ମୋର ସବୁ ସୁଖ ଅଛି । ହଉ ଠିକ ଅଛି ମୋ ଗେହ୍ଲାକୁ ମୁଁ ନିଶ୍ଚୟ ୧୦ ଟଙ୍କା ଦେବୀ । ଏବେ ଖୁସି ତ କହ ? ? ଖୁସି ତ ? ?

ମୋ ମାଆ ପରି କିଏ ହେବ ଯେ । କହିଲୁ ମାଆ ମୁଁ ସେଦିନ ଏତେ ବାଟ ଯିବି । ଟିକେ ସଫା ହେଇକି ଓ ସାବୁନ ମାରିକି ଗଲେ ଭଲ ଲାଗିବ । ଆଉ ମୋ କପଡା ଦେଖିଛୁ ତ, ପଛ ପଟରୁ ମୋଡି ହୋଇ ଗଲାଣି ଆଉ କିଛି ଦିନ ପରେ ବେକ ଧରିଯିବ । ଗୋଟେ ନୂଆ ଜାମା ହେଇଥିଲେ ହୁଅନ୍ତା । ଗୋଟେ ସାବୁନ କିଣିବି ତା ସହିତ ଗୋଟେ ଜାମା ବି କିଣିବି ହେଲେ ମାଆ ତୁ ଏତେ ଟଙ୍କା ଆଣିବୁ କେଉଁଠୁ ? ଦେଇ ପାରିବୁନି ନା ?"

ମାଆଙ୍କ ଆଖିରୁ ଲୁହ ବୋହି ଯାଇଥିଲା ଦୁଇ ଟୋପା । ପୁଅର କଥା ଶୁଣି ଅତ୍ୟନ୍ତ ଅନୁତପ୍ତ ହୋଇ ଯାଇଥିଲେ ମାଆ । ତଥାପି ପୁଅକୁ ସାହସ ଦେଇଥିଲେ ତାର ଅଭିଳାଷ ପୂରଣ କରିବା ପାଇଁ । ଯାହା କିଛି ରୋଜଗାର ହେଉଛି ତେଲ ଲୁଣରେ ଯାଉଛି । ସରକାରୀ ଚାଉଳ ଏତେ ଦୌଡ଼ି ଦୌଡ଼ି ବି ମିଳିପାରୁନି । କାରଣ ମୋ ନାଁରେ କୁଆଡେ ମୋ ଶଶୁର ଘର ଲୋକ ଚାଉଳ ତେଲ ନେଉଛନ୍ତି ।

ସନ୍ଧ୍ୟା ସମୟ ଏକ ବଡ଼ ଗାଡି ଆସି ଲାଗିଲା ଗାଁ ମୁଣ୍ଡରେ । ସେଥିରେ ବିଦ୍ୟୁତ ଉପକରଣ ଆସିଥାଏ । ସରକାରୀ ବିଦ୍ୟୁତ ସଂଯୋଗ ପାଇଁ ଆସିଥିବା ଉପକରଣ ଠିକ ସ୍ଥାନରେ ପହଞ୍ଚାଇବାକୁ କିଛି ଶ୍ରମିକ ଦରକାର । ସେମାନଙ୍କ ପାଖରେ ଶ୍ରମିକ ଅଭାବରୁ ସେମାନେ ଗାଁ ଶ୍ରମିକ କିଛି ଯୋଗାଡ଼ କରୁଥାନ୍ତି । ଗାଁ ଶ୍ରମିକ ଖୋଜିବା ଦେଖି ତପନ ଦୁଇଦିନ କାମ କରିବ ବୋଲି ପ୍ରତି ସୃତି ଦେଲା । ସେମାନେ ଛୋଟିଆ ପିଲା କହିବାରୁ ତପନ ହାତ ଗୋଡ଼ ଧରି ନେହୁରା ହେଲା ଓ ନିଜର ସମସ୍ୟା ଜଣାଇବାରୁ ଠିକାଦାର ତାକୁ ଦୁଇଦିନ କାମ କରିବାକୁ ମଞ୍ଜୁର ଦେଲେ । ଓ କହିଲେ ଯାହା ପାରିବୁ କରିବୁ ହେଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୋଟିଆ ପିଲା କାମରେ ଲଗେଇବା ବିପଦ ! ତପନ ଖୁସି ହୋଇ ମାଆଙ୍କୁ କହିଲା, "ମାଆ ମୁଁ ଦୁଇଦିନ କାମ କରିବି ବିଦ୍ୟୁତ ସରଞ୍ଜାମ ବୁହା ବୁହିରେ । ଠିକାଦାର ମୋତେ କଥା ଦେଇଛନ୍ତି । ସେ ପଇସା ଦେବେ ମୋର ଜାମା, ପ୍ୟାଣ୍ଟ ଓ ସାବୁନ ସବୁ କିଣା ହେଇଯିବ ।"

ମାଆ କହିଲେ ତୁ ଯଦି ଯିବୁ ତୋ ସହିତ ମୁଁ ବି ଯିବି ଦୁଇଜଣ ମିସିକି କାମ କରିଦେବା । ଆଉ ଠିକାଦାର ଖୁସି ହେଇ ଆହୁରି ଅଧିକ ପଇସା ବି ଦେବେ ।

ତହିଁ ଆରଦିନ ସକାଳେ ମାଆ ଓ ପୁଅ ଦୁଇଜଣ ବାହାରିଗଲେ କାମ କରିବାକୁ । ଠିକାଦାର ମଧ୍ୟ ଖୁସି ହେଇଗଲେ କାରଣ ତାଙ୍କର ଶ୍ରମିକଙ୍କର ଆବଶ୍ୟକତା ଥିଲା । ଦୁଇଦିନ କାମ ସରିଗଲା ହେଲେ ଯେ କଣ ଆଉ ଠିକାଦାରଙ୍କର ଦେଖା ନାହିଁ । ଅଜବ ଲୋକ ପଇସା ଦେବେ କହି ଚାଲିଗଲେ ।

ଠିକାଦାର ଭଲ ଲୋକ ହେଲେ ସେ ଜରୁରୀ କାମରେ ତିନିଦିନ ବାହାରକୁ ଚାଲିଯାଇଥିଲେ । ତପନ କାନ୍ଦିବାରେ ଲାଗିଲା । ଏତେ ପରିଶ୍ରମ ମାଆ ପୁଅ କଲୁ ହେଲେ କିଛି କାମରେ ଆସିଲା ନାହିଁ । କେହିବି ଉଦ୍ଧାର ମାଗିଲେ ଦେଉ ନାହାନ୍ତି । ବାପା ଯାହାର ଥାଏ ପଇସା ପାଖରେ ନ ଥିଲେ ବି କେହି ଉଦ୍ଧାର ଦେଇଦେବେ ହେଲେ ମୋର କିଏ ଅଛି ଯେ !କେବଳ ମୋ ମାଆ, ମୋ ମାଆଙ୍କୁ ତ କେହି ଭରସା କରୁ ନାହାନ୍ତି ! ଭାବୁଛନ୍ତି ଦେଇ ପାରିବ ନାହିଁ ! ଏମିତି କହି ମନେ ମନେ ନିରୋଳାରେ ବସି ତପନ କାନ୍ଦିବାକୁ ଲାଗିଲା । ଆଜି ରାତି ପାହିଲେ କାଲି ସେ ଯିବ କ୍ରୀଡା ଉତ୍ସବକୁ । ହେଲେ ପିନ୍ଧିବାକୁ କପଡା ନାହିଁ କି ଟିକେ ଦେହ ଓ ବାଳ ସଜାଡିବାକୁ ତେଲ କି ସାବୁନ ନାହିଁ । ହେଲେ ମନରେ ଧୈର୍ଯ୍ୟ ରହିଛି ଯେ ମୁଁ ନିଶ୍ଚୟ ଯିବି ।

(ଭାଗ ୨ ଆଗାମୀ ଅଧ୍ୟାୟରେ)

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମା



ହାସ୍ୟମୟୀ ରାଜ

ଆଜି ଅନେକ ଦିନ ପରେ ପୁଅ ବୋହୂଙ୍କୁ ଦେଖିବାକୁ ଯିବେ ବୋଲି ହାରାମଣୀ ଦେବୀଙ୍କ ମନ ଖୁବ୍ ଖୁସି । ସହରରେ ପୁଅ ବୋହୂ ରହନ୍ତି । କେବେ କେବେ ଦରକାର ପଡିଲେ ଗାଁ କୁ ଆସନ୍ତି । ହାରାମଣୀ ଦେବୀଙ୍କ ପାଦ ତଳେ ଲାଗେନା । ଖୋଜି ଆଣନ୍ତି ବାଡି ଘରୁ ପୁଅ ପସନ୍ଦର ସଜନା ଶାଗ, ପିତା ଗହମ, ବୋଇତାଳୁ ଫୁଲ ଆହୁରି ଅନେକ କିଛି । ସାନବୋହୂ ସବୁ କଲେବି ମନକୁ ଯାଏନା ତାଙ୍କର । ଏ ବୟସରେ ବି ଚୂଲି ପାଖରେ ବସି ନିଜେ ନିଜେ କରିପକାନ୍ତି ସବୁ । ସତରେ ସେ ଭଲ ପାଇବାର କ'ଣ ତୁଳନା ଥାଏ ! ନିଜେ ନିଜେ ବାଢି ବଳେଇ ବଳେଇ ଖୁଆଇ ପକାନ୍ତି । ଏ କରୋନା ମହାମାରୀ ଯୋଗୁ ପୁଅ ଛ' ମାସ ହେବ ଘରକୁ ଆସିନି । ଫୋନ୍ ରେ ଯେତେ କଥା ହେଲେବି ମନ ତାଙ୍କର ବୁଝେନି । ସାନ ପୁଅର ଅଫିସ୍ କାମରେ ସହର ଯିବାର ଅଛି । ଗାଡି ଯାଉଛି ହାରାମଣୀ ଦେବୀ ଭାବିଲେ ଯାଇ ବୁଲି ଆସିବେ ଟିକେ ପୁଅ ଆଡେ । ଦୁଇଦିନ ତଳୁ କ'ଣ କ'ଣ ନେବେ ସଜାଡୁଥିଲେ ସେ । ଗାଡିରେ ବସିବା ତାଙ୍କ ପାଇଁ କଷ୍ଟ ହେଲେବି ପୁଅକୁ ଦେଖିବାର ନିଶା ପାଖରେ ସବୁ କଷ୍ଟ ସହିଯିବା ତାଙ୍କ ପାଇଁ ଅସମ୍ଭବ ହେଲା ନାହିଁ ।

ଦୂଆର ମୁହଁରେ ପହଞ୍ଚୁ ପହଞ୍ଚୁ ଅନୁ ଅନୁ ବୋଲି ଡାକ ଛାଡିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାରାମଣୀ ଦେବୀ । ପୁଅ ଅନିମେଶକୁ ସ୍ନେହରେ ଅନୁ ବୋଲି ଡାକନ୍ତି ସେ । ପୁଅ ଉଠିଆସିଲେ ଦାଣ୍ଡ ଦୁଆରକୁ, ନାତି ନାତୁଣୀ ଦୁଇଜଣ ବି । ଗାଡିରୁ ବାହାରି ଛୁଆ ମାନଙ୍କର ମୁଣ୍ଡ କାନ ଆଉଁସି ଦୋଉ ଦୋଉ, ବୋହୂ ଆସି ଖଣ୍ଡେ ଦୂରରେ ଜୁହାରଟିଏ ପକେଇ ଝିଅ ପୁଅ ଦୁଇଜଣଙ୍କୁ ଟାଣି ଆଣି କହିଲେ, "ବୋଉ ତୁମେ କଣ ଜାଣିନ ବର୍ତ୍ତମାନ କରୋନା ସମୟ, ହାତମୁହଁ ନଧୋଇ ଲୁଗା ପଟା ନ ପାଲଟି ଏମିତି ଛୁଆଙ୍କୁ ଛୁଇଁ ପକୋଉଛ କେମିତି" ! ପୁଅ କହିଲେ ବୋଉ ଦେଖୁଚି ତୋର ବୁଦ୍ଧି ସୁଦ୍ଧି ସବୁ ହଜିଗଲାଣି । ତୁ କଣ ଜାଣିନୁ ଏଇନା କରୋନା ମହାମାରୀ କେମିତି ବ୍ୟାପି ଚାଲିଛି । ଯା.. ଯା ଗାଧୁଆ ଘରକୁ ଯା ଧୁଆ ଧୋଇ ହୋଇ ଆସେ । ଏବେ ସମସ୍ତଙ୍କ ସହ ଯେତେ ଦୂରେଇ ରହିବୁ ସେତେ ଭଲ ।

ବେଶୀ ପାଠ ପଢି ନାହାନ୍ତି ହାରାମଣୀ, ତଥାପି ଅବୁଝା ନୁହଁନ୍ତି । ଭାବିଲେ ପୁଅ ବୋହୁ କିଛି ମନ୍ଦ କହୁନାହାନ୍ତି । କେତେ ମୁଣ୍ଡ ନେଲାଣି ଏ ମହାମାରୀ । କୋଉଠୁ ଆସିଲା କେଜାଣି ମୁହଁ ବାନ୍ଧି ରହିବାକୁ ପଡୁଛି । ନା କୁଆଡେ ଯାଇ ହେଉଛି ନା କୁଆଡେ ଆସି ହେଉଛି । କାହା ସହ ଟିକେ କଥା ହବାକୁ ବି ଡର । ଆଣିଥିବା ଦରବ ତକ ଗୋଟି ଗୋଟି କରି ଖୋଲିବା ବେଳେ ହଜାର ପ୍ରଶ୍ନର ସାମ୍ନା କରିବାକୁ ପଡୁଥିଲା ତାଙ୍କୁ ।

ଇଛା ହେଉଥିଲା ପୁଅ ମୁଣ୍ଡରେ ଟିକେ ହାତ ବୁଲେଇ ଆଣନ୍ତେ । ବାବାରେ କହି ଟିକେ ଆଉଁସି ଦିଅନ୍ତେ ହେଲେ ଅଟକି ଗଲା ହାତ ତାଙ୍କର ।

ପୁଅ କହୁଥିଲା ତୋତେ ଏବେ କିଏ କହୁଥିଲା ଆସିବା ପାଇଁ । ଆଉ କିଛି ଦିନ ପରେ ମୁଁ କ'ଣ ଗାଁ କୁ ଯାଇ ନଥାନ୍ତି । ସାନ ଭାଇ କଥାରେ ଜୁଅ ଦୋଉଥିଲେ, ମୁଁ ମନା କରୁଛି ଖାଲି କହିଲା କଣ ନା ମୁଁ ପୁଅକୁ ଟିକେ ଦେଖି ଆସିବି ।

ଖାଇ ପିଇ ଟିକେ ଗଡେଇ ପଡେଇର ହେଲାବେଳେ ହାରାମଣୀ ଭାବୁଥିଲେ, ପୁଅ ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥରେ ବି ପଚାରିଲାନି ବୋଉ ତୋ ଦେହ କେମିତି ଅଛି । ବୋହୂ ଆସି ଦେହ ହାତ କି ଗୋଡ ଟିକେ ଆଉଁସି ଦେଲାନି ଏତେ ବାଟରୁ ଆସିଛ କହି । ହସର ଉଚ୍ଛୁଳା ଆବେଗଟିଏ ସୃଷ୍ଟି ହେଲାନାହିଁ ତ ଦୁଇ ଜଣଙ୍କ ଭିତରେ । ନାତି ନାତୁଣୀ ବି ସେତେବେଳଠୁ ଆଉ ଆସିବାକୁ ନାହିଁ ।

ସନ୍ଧ୍ୟା ବେଳକୁ ସାନ ପୁଅ ଅଫିସ୍ କାମସାରି ଘରକୁ ଫେରୁ ଫେରୁ ମା ପଚାରିଲେ ଆରେ ବିନୁ କାଲି କେତେବେଳେ ଗାଡି ବାହାରିବ କହିଲୁ ସଅଳ ସଅଳ ବାହାରି ଯିବା... ବିନୁ ହସି ହସି କହୁଥିଲା ମୁଁ ମନା କରୁଛି ମୋ କଥା ଶୁଣିଲୁନି ଆଜି ଆସିଲୁ  ପୁଣି କାଲି ଯିବୁ କଣ ପାଇଲୁ ।

ଉତ୍ତର ଦେଇ ପାରୁ ନଥିଲେ ହାରାମଣୀ ଦେବୀ । ମନେ ମନେ କହୁଥିଲେ ମା'ର ହୃଦୟକୁ ତୁ କଣ ବୁଝିପାରିବୁ ବାପା....

ହାସ୍ୟମୟୀ ରାଜ୍
ଓରାଳି, ହାଟଡିହି, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଧୁରା ରହିଲା ସାବିତ୍ରୀ ବ୍ରତ

ନବ ଦାସଙ୍କ ପୁଅ ନୂଆ ନୂଆ କରି କେନ୍ଦ୍ରୀୟ ପୋଲିସ ବଳରେ ଚାକିରି କରିଥାଏ । ୨୦୦୦ ମସିହାରେ ବାଙ୍କୀ କଲେଜରୁ ସ୍ନାତକରେ ଉତ୍ତୀର୍ଣ୍ଣ କଲା ପରେ । ଚାକିରୀ ଖୋଜି ବୁଲୁଥିଲା ସୁଜିତ୍ ଦାସ । ଘର ବାଙ୍କୀ ସହରଠାରୁ ଦୁଇ କିଲୋମିଟର ଦୂର, ରାମଚନ୍ଦ୍ରପୁର ।

୨୦୦୦ ମସିହା ପରେ ପରେ ତିନିବର୍ଷ ପରେ ଅକ୍ଲାନ୍ତ ପରିଶ୍ରମ କରି ଶେଷରେ ସୁଜିତ୍ କେନ୍ଦ୍ରୀୟ ପୋଲିସବଳରେ ଚାକିରିଟିଏ ପାଇଲା । ପରୀକ୍ଷା ଦେଇଥାଏ ଫଳ ପ୍ରକାଶ ପାଇବା ପାଇଁ ଥିଲା । ହଠାତ୍ ଗୋଟିଏ ଦିନ ଖବର କାଗଜରେ ଦେଖିବାକୁ ପାଇଲା ଆସନ୍ତାକାଲି ଫଳ ପ୍ରକାଶ ପାଇବ କେନ୍ଦ୍ରୀୟ ପୋଲିସ ବଳର । ତା'ର ପରଦିନ ସକାଳୁ ସକାଳୁ ବାହାରି ପଡ଼ିଥିଲା ବାଙ୍କୀର ପ୍ରତ୍ୟକ୍ଷ ଠାକୁରାଣୀ ମାଆ ଚର୍ଚ୍ଚିକାଙ୍କ ମନ୍ଦିରକୁ ଦର୍ଶନ କରି ଗୁହାରି ଜଣେଇ ଆସି ଫଳ ଦେଖିବ । ସତକୁ ସତ ସେଦିନ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା ଇଣ୍ଟରନେଟରେ ଦେଖିବାକୁ ପାଇଥିଲା । ତୁରନ୍ତ ଆସି ବାପାଙ୍କୁ କହିଲା ବାପା ବାପା ମୋତେ ଦୁଇ ଶହ ଟଙ୍କା ଦିଅ ବାପା ତା'ର କହିଲେ କଣ କରିବୁ । ସୁଜିତ୍ କହିଲା ତୁମେ ଆଗ ଦିଅ ତ । ଏହା ଶୁଣି ସୁଜିତ୍ ର ବାପା ତାକୁ ଦୁଇ ଶହ ଟଙ୍କା ଦେଇଥିଲେ ।



ସରୋଜ କୁମାର ଜେନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁରନ୍ତ ବଜାରକୁ ଯାଇ ମିଠା ଦୁଇ କିଲୋ ଆଣି ସମସ୍ତଙ୍କୁ ବାଣ୍ଟି ଥିଲା । ଶେଷରେ ଖୁସି ଖବରଟାକୁ ସମସ୍ତଙ୍କୁ ଜଣେଇ ଦେଲା । ଏହା ଶୁଣି ଆଖ ପାଖ ପଡ଼ିଶା ସମସ୍ତେ ଖୁସି ହୋଇ ଯାଇଥିଲେ ମଧ୍ୟ ।

ଚାକିରୀରେ ଯୋଗ ଦେବାପାଇଁ ଚିଠି ଆସି ପହଁଚିଗଲା ପୋଷ୍ଟପିଅନ ଆଣି ଚିଠି ଦେଇ ଯାଇଥିଲା । ସନ୍ଧ୍ୟା ବେଳେ ଏହି କଥା ପରିବାର ବର୍ଗଙ୍କୁ ସୁଜିତ୍ କହିଲା । କହିଲା ଆଉ ଦୁଇ ଦିନ ପରେ ବାପା ଚାକିରିରେ ଯୋଗ ଦେବି । ଏହା ଶୁଣି ବାପା ମାଆଙ୍କ ଆଖିରେ ଲୁହ ଚାଲି ଆସିଲା । ତଥାପି ଦୁଇ ଦିନ ପରେ ଗୋଟିଏ ବୋଲି ପୁଅକୁ ଭାରତ ମାତାର ସେବା କରିବା ପାଇଁ ହସି ହସି ବିଦାୟ ଦେଇଥିଲେ ପରିବାରବର୍ଗ ତତ୍ ସହିତ ଗାଁ ଲୋକମାନେ ମଧ୍ୟ । ଏମିତିରେ ତାଲିମ କେନ୍ଦ୍ରରେ ଯୋଗ ଦେଇଥିଲା ଯାଇ ସୁଜିତ୍ ।

ଚାହୁଁ ଚାହୁଁ ଇତି ମଧ୍ୟରେ ଛଅ ମାସ ବିତିଗଲା । ଆଉ ତାଲିମ ମଧ୍ୟ ସୁଜିତର ସରିଗଲା । ତିନିମାସ ପାଇଁ ଚାକିରିରୁ ଛୁଟି ଧରି ଆସି ଗାଁ ବସରେ ସନ୍ଧ୍ୟାରେ ପହଞ୍ଚିଲା ଗାଁ ରାମଚନ୍ଦ୍ରପୁରରେ । ଘରଲୋକ ଦେଖି ଭାରି ଖୁସି ହୋଇ ଯାଇଥିଲେ ଦେଖି ସୁଜିତ୍ କୁ । ଏମିତିରେ ସେହି ସୁଜିତର ବାପାଙ୍କ ସାଙ୍ଗ ନୀଳାମ୍ବର ସେହି ଦିନ ସନ୍ଧ୍ୟାରେ ତାଙ୍କ ଘରକୁ ଆସିଥିଲେ । ସୁଜିତକୁ ଦେଖି ସେ ମଧ୍ୟ ବହୁତ ଖୁସି ହୋଇ ଯାଇଥିଲେ । ଆଉ ପଚାରିଥିଲେ ପୁଅ କେତେ ଦିନ ଛୁଟି ଧରି ଆସିଚ । ଏହା ଶୁଣି ସୁଜିତ୍ କହିଥିଲା ମଉସା ତିନି ମାସ । ସୁଜିତ୍ ବାପାଙ୍କୁ ନୀଳାମ୍ବର କହିଥିଲା ଆରେ ସାଙ୍ଗ ଗୋଟେ କଥା କହିବି । ନବ ଦାସ କହିଲେ କଣ କହୁଛୁ କହ ଆରେ ମୋର ସାନ ଝିଅ ସହିତ ତୋ ପୁଅକୁ ବିବାହ କଲେ କେମିତି ହୁଅନ୍ତା । ଏହି କଥା ଶୁଣି ନବ ଦାସ କହିଲେ । ଏହାତ ବହୁତ ଭଲ କଥା ମୁଁ ତ ଝିଅକୁ ଦେଖିଛି । ତୋ ସାନ ଝିଅ ରିମା ବହୁତ ସୁନ୍ଦର ଦେଖିବାକୁ । ଆଉ ଭଲ ପାଠ ମଧ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଢ଼ିଛି । ଏହି କଥା ଶୁଣି ସୁଜିତ୍ ବାପା ସୁଜିତକୁ ପଚାରିଲେ । ସୁଜିତ୍ ତୁ ସେଠି ବାହା ହେବାକୁ ରାଜି ତ ।

ସୁଜିତ୍ ଏହି କଥା ଶୁଣି କହିଲା ମୁଁ କଣ କହିବେ ଯେ ବାପା ତୁମ କଥାରେ ମୁଁ କେଉଁ ଦିନ ଅମାନ୍ୟ କରିଛି ଯେ ଆଜି କରିବି । ସୁଜିତ୍ ପାଟିରୁ ଏହା ଶୁଣି ସୁଜିତ୍ ବାପା ନୀଳାମ୍ବରକୁ କହିଲେ ହଉ ତା'ହେଲେ କାଲି ସୁଜିତ୍ ଝିଅଙ୍କୁ ମୁଦି ପିନ୍ଧାଇ ଯାଇ ଆସିବ କାଲି । ତାର ପରଦିନ ସକାଳୁ ସୁଜିତ୍ ଯାଇ ରିମାକୁ ଦେଖି ତାକୁ ପସନ୍ଦ କରି ତାର ହାତରେ ମୁଦି ପିନ୍ଧାଇ ଆସିଥିଲା ।

ଆଉ ପରବର୍ତ୍ତୀ ମାସରେ ସୁଜିତର ରିମା ସହିତ ଅତି ଆଡମ୍ବରରେ ବିବାହ ସମ୍ପନ୍ନ ହୋଇଥିଲା । ଏମିତିରେ ଚାକିରିରେ ଯୋଗ ଦେବା ପାଇଁ ଖବର ଆସି ପହଁଚିଲା ।

ଛତିଶଗଡର ସୁକୁମା ଅଞ୍ଚଳରେ ସୁଜିତର ନକ୍ସଲ ଦମନ ପାଇଁ ସେଠି ପୋଷ୍ଟିଂ ହୋଇଛି । ଏହା ଶୁଣି ନୂଆ ବୋହୂଟା ଭାରି ମନ ଦୁଃଖ କରି ତାର ସ୍ୱାମୀକୁ କହିଲା ସତରେ ତୁମେ ମୋତେ ଛାଡ଼ି ଏତେ ଜଲଦି ଚାଲିଯିବ ଚାକିରିକୁ ।

ସୁଜିତ୍ ଏହି କଥା ଶୁଣି କହିଲା ଆରେ ତୁମେ ଜାଣିବା ଶୁଣିବାର ହୋଇକି ଏମିତି କାନ୍ଦୁଛ । ମୁଁ ପୁଣି ଆଉ ଥରେ ଛୁଟିରେ ଆସିବିନି କି । ମୁଁ କଣ କୁଆଡ଼େ ପଳାଉଛି ନା କଣ ସୁଜିତ୍ ବୋଉ ବି ଭାରି କାନ୍ଦୁଥାନ୍ତି । ଶେଷରେ ସମସ୍ତଙ୍କୁ ସୁଜିତ୍ ବୁଝେଇ ଦେଇଥିଲା । ଆଉ ସକାଳ ପାଇଲା ଚାକିରିରେ ଯୋଗ ଦେବା ପାଇଁ ଛତିଗଡ଼ର ସୁକୁମା ଅଭିମୁଖେ ଯାତ୍ରା କଲା ସୁଜିତ୍ ।

ଏପଟେ ସାବିତ୍ରୀ ବ୍ରତ ଆଉ ଦଶ ଦିନ ବାକି ଥାଏ ।

ରିମା ଘରୁ ସବୁ ଭାର ଆସି ପହଞ୍ଚିଲା । ଇତି ମଧ୍ୟରେ ସାବିତ୍ରୀ ବ୍ରତ ହେବା ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଦୁଇ ଦିନ ବାକି ଥାଏ ।

ସାବିତ୍ରୀ ରାତିର ପୂର୍ବ ରାତିରେ ଫୋନ୍ କରି ରିମା ସୁଜିତ୍ କହିଲା କାଲି ମୁଁ ମନ୍ଦିରରୁ ଆସି ତୁମକୁ ଭିଡିଓ କଲ୍ କରିବି ଆଉ ତୁମେ ଗ୍ରହଣ କରିବ । ଏହା ଶୁଣି ସୁଜିତ୍ ଖୁସି ହୋଇ ଯାଇଥିଲା ଆଉ କହିଲା ନିଶ୍ଚିତ । ଠିକ୍ ଏହି ସମୟରେ ସୁଜିତର ଅଫିସର ତାକୁ ଡାକିଲେ । ସୁଜିତ୍ ଏହି କ୍ଷଣେ ଆମକୁ କମ୍ବିଂ ଅପରେସନରେ ଯିବାକୁ ପଡ଼ିବ । ଖବର ଆସିଛି କିଛି ନକ୍ସଲ । ଘେରାବନ୍ଦୀ କରି ରଖିଛନ୍ତି ଗୋଟିଏ ଗାଁକୁ । ଏହି କଥା ମଧ୍ୟ ରିମା ଶୁଣୁଥାଏ । ସୁଜିତ୍ ଶେଷରେ କହିଲା ହଉ ରିମା ତୁମେ ରଖ ମୁଁ ସକାଳୁ ଭିଡିଓ କଲ୍ କରିବି । ଏହା ଶୁଣି ରିମା କହିଲା ଏ ଆସି ମୋତେ ତୁରନ୍ତ ଫୋନ୍ କରିବ ମୋ ମନକୁ ପାପ ଛୁଉଁଛି । ସୁଜିତ୍ କହିଲା ହେ କିଛି ହେବନାହିଁ ତୁମେ ଭଲରେ ରୁହ ।

ସକାଳ ପାଇଲା ଶଙ୍ଖା ସିନ୍ଦୁର ପିନ୍ଧି, ପାଦରେ ଅଳିତା ଲଗେଇ ତତ୍ ସହିତ ଥାଳିରେ ଫଳମୂଳ, ନୂତନ ଶାଢ଼ୀ, ଶଙ୍ଖା ନେଇ ରିମା ଯାଇଥାଏ ପୂଜା କରିବା ପାଇଁ ସାବିତ୍ରୀ ବ୍ରତ । ଆଉ ପୂଜା ସାରି ମନ୍ଦିରରୁ ଫେରୁ ଥିବା ବାଟରେ ସାହି ମଝିରେ ଲୋକଙ୍କ କୋଳାହଳ ଦେଖିବାକୁ ପାଇଥିଲା ରିମା । ହଠାତ୍ ଘରେ ଆସି ଦେଖିଲା ତ ରିମା ତାର ଶାଶୁ ଶଶୁର କାନ୍ଦୁଥିଲେ । ଏହା ଦେଖି ରିମା ପଚାରିଲା ତାର ଶାଶୁକୁ ବୋଉ କଣ ହୋଇଛି କୁହ । ରିମାର ଶାଶୁ କହିଲା ଫୋନ୍ ଆସିଥିଲା କେନ୍ଦ୍ରୀୟ ପୋଲିସବଳ ବିଭାଗରୁ । ଗତକାଲି ରାତିରେ ନକ୍ସଲ କମ୍ବିଂ ଅପରେସନରେ ସୁଜିତ୍ ସବୁ ଦିନପାଇଁ ଭାରତମାତାର ସେବା କରିବା ପାଇଁ ସହିଦ ହୋଇ ଯାଇଛି । ଏହି କଥା ଶୁଣି ରିମା ହାତରେ ଧରିଥିବା ସାବିତ୍ରୀ ବ୍ରତ ପୂଜା ସାମଗ୍ରୀ ସବୁ ଖସି ପଡ଼ିଲା ଆଉ କିଛି ସମୟ ପାଇଁ ଚେତା ଶୂନ୍ୟ ହୋଇଗଲା ।

ଏପଟେ କିଛ ସମୟ ପରେ । ଚେତା ଆସେ ତ ବହୁତ ଲୋକ ରୁଣ୍ଡ ହୋଇଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖିବାକୁ ପାଇଲା । ଶେଷରେ ନିଜର ସ୍ୱାମୀର ଫଟୋକୁ ଧରି ବହୁତ କାନ୍ଦୁଥାଏ ଆଉ ବାହୁନି ବାହୁନି କାନ୍ଦି କହୁଥାଏ ଅଧୁରା ରହିଲା ମୋ ସାବିତ୍ରୀ ବ୍ରତ କୁଆଡ଼େ ଗଲ ମୋ ସୁଜିତ୍ ।

ଏମିତିରେ ତାର ପରଦିନ ଆସି ସୁଜିତର ମରଶରୀର ତାର ଗାଁ ରାମଚନ୍ଦ୍ରପୁରରେ ଆସି ପହଞ୍ଚିଲା । ଆଉ ସଲାମୀ ଦିଆ ଯାଇ ସୁଜିତର ଶେଷ କୃତ୍ୟ କରାଗଲା । ଆଉ ଲୋକ କହୁଥାନ୍ତି । ନବ ବିବାହିତା ଝିଅଟାର ଅଧୁରା ରହିଲା ସାବିତ୍ରୀ ବ୍ରତ ।

ବାଲିଝରୀ, ନରସିଂହପୁର, କଟକ

ମୋ -୯୩୪୯୭୮୩୭୯୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନ ଡାକୁଛି ଆ

ଆଜି ମକର ସଂକ୍ରାନ୍ତି । ସକାଳର ସୁନେଲି ସୂର୍ଯ୍ୟ କିରଣର ରକ୍ତିମ ଆଭା ଚାରିଆଡେ ବିଚ୍ଛୁରିତ ହୋଇ ପଡିଛି । ମନ ଲୋଭା ପରିବେଶ । ଚଳ ଚଞ୍ଚଳ ହୋଇ ଉଠିଛି ଗାଁ ପରିବେଶ । ସମସ୍ତଙ୍କ ମନରେ ଆଜି ଖୁସି ଓ ଆନନ୍ଦର ଜୁଆର । ପ୍ରତି ଘର ଅଗଣାରେ ସଜ୍ଜିତ ହୋଇଛି ସପ୍ତରଙ୍ଗର ରଙ୍ଗୋଲି ଆଉ ପୂର୍ଣ୍ଣ କୁମ୍ଭ । ପିଲାମାନେ ଗୁଡ଼ି ଉଡାଇବା ପାଇଁ ବଡ଼ ଲୋକମାନଙ୍କୁ ନେଇ ରଙ୍ଗବେରଙ୍ଗର ଗୁଡ଼ି ତିଆରି କରିବାରେ ଲାଗି ପଡିଛନ୍ତି । ଗାଳ୍ପିକଙ୍କ ଭାଷାରେ :

ମକର ଆଣିଛି ଖୁସିର ପସରା<br>
ଆନନ୍ଦ ମନରେ ଭରେ<br>
କେତେ ନୂଆ ଆଶା ଆନନ୍ଦର ଦିନ<br>
ପ୍ରୀତିର ମହକ ଝରେ ।



ବାସନ୍ତୀଲତା ଜେନା

କିନ୍ତୁ ଜହ୍ନ ଘର ଖାଁ ଖାଁ ଲାଗୁଛି । ଦାଣ୍ଡ ଦ୍ୱାରର ଲିପା ହୋଇନି କି ରଙ୍ଗୋଲି ପଡିନି । ତା ଦେହଟା ଆଜି ଭଲ ଲାଗୁନି । ଆଜି କାହିଁକି ତା ପୁଅକଥା ବେଶୀ ମନେ ପଡୁଛି । ବିକାଶ ତାର ଗୋଟିଏ ବୋଲି ପୁଅ । ବି ଟେକ କଲା ପରେ କଟକରେ ଚାକିରୀ କରୁଥିଲା । ଭଲ ୱାର୍କର ବୋଲି କମ୍ପାନୀ ତାକୁ ଆମେରିକା ପଠାଇଥିଲା ବର୍ଷକପାଇଁ । ଏକ ବର୍ଷ ବିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲା । ବିକାଶ ଆଉ ଦେଶକୁ ଫେରିଲା ନାହିଁ କି ଘରକୁ ଆସିଲା ନାହିଁ । ବାପାମା'ଙ୍କୁ ଫୋନରେ କହିଲା, "ମୋତେ ଏଠି ଭଲ ଲାଗୁଛି, ମୁଁ ଆଉ କିଛି ଦିନ ଏଠାରେ ରହିବି ।" ବାପା ମା ପୁଅ କଥାରେ ହଁ, କହିଲେ । ଏକା କମ୍ପାନୀରେ ଚାକିରୀ କରୁଥିବା ଗୋଟିଏ ଝିଅ ସହିତ ତାର ସମ୍ପର୍କ ବଢ଼ି ଯାଇଥିଲା । ସେ ତାକୁ ପ୍ରେମ ବିବାହ କଲେ, ବାପାମା'ଙ୍କୁ ନ ଜଣାଇ । ବିବାହର ଦୁଇ ମାସ ପରେ ଦିନେ ସନ୍ଧ୍ୟାରେ ବିକାଶ ତାର ମା' ଜହ୍ନକୁ ଭିଡ଼ିଓ କଲ କଲା । କଥା ହେଲା । କହିଲା ମା, ମୁଁ ତୋତେ ଗୋଟେ କଥା କହି ନ ଥିଲି । ଆଜି କହିବି, ତୁମେ ବାପାଙ୍କୁ କହିଦେବ । ଜହ୍ନ ଖୁସି ହୋଇଗଲା, କଣ କହିବୁ ଶୀଘ୍ର କହରେ । ବିକାଶ କହିଲା, ମା ! ମୁଁ ତୁମକୁ ନ କହି ବିଭା ହୋଇଯାଇଛି ।

ତୁ ବାପାଙ୍କୁ କହିଦେବୁ । ଏ ତୋର ବହୂ ସୁରେଖା । ତାଙ୍କ ସହ କଥା ହୁଅ । ଏକଥା ଶୁଣି ଜହ୍ନର ପାଦତଳୁ ମାଟି ଖସିଗଲା । ମୁଣ୍ଡ ଘୂରିଗଲା । ସେ ବୋହୂ ସହିତ କି କଥା ହେବ ? କଣ ତାକୁ କହିବ ? ଅଳ୍ପ କିଛି କ୍ଷଣ ବୁଡିଗଲା ଭାବନା ରାଇଜରେ । ଯାହାହେଉ ନିଜକୁ ସମ୍ଭାଳି ବୋହୂ ସହିତ ଦୁଇପଦ କଥା ହୋଇ ଫୋନ ରଖିଦେଲା । ତା'ପରେ ଖାଲି କାନ୍ଦିବାକୁ ଲାଗିଲା । କେତେ ଆଶା କରିଥିଲି ପୁଅ ବାହାଘର କରିବି । ନିଜ ପସନ୍ଦର ଝିଅ ଆଣିବି । ବନ୍ଧୁବାନ୍ଧବ ସମସ୍ତଙ୍କୁ ଡାକି ଭୋଜି ଖାଇବାକୁ ଦେବି । ପୁଅ ବିବାହ କଲା, ବାପା ମା ବୋଲି ପଚାରିଲା ନାହିଁ । ସେ ତାକୁ ଭଲ ପାଉଥିଲା ବିବାହ କଲା, ମୁଁ କଣ ତାକୁ ମନା କରୁଥିଲି । ଏମିତି କେତେ କଣ ଭାବିବାକୁ ଲାଗିଲା ଜହ୍ନ । ସେହି ସମୟରେ (ଜହ୍ନର ସ୍ୱାମୀ) ସୂର୍ଯ୍ୟକାନ୍ତ ପଶି ଆସିଲେ ଘର ଭିତରକୁ । ଜହ୍ନ କାନ୍ଦୁଥିବାର ଦେଖି କଣ ହୋଇଛି ବୋଲି ପଚାରି ବୁଝିଲେ । ପିତା ସୂର୍ଯ୍ୟକାନ୍ତ ପତ୍ନୀକୁ ବୁଝାଇଲେ, ଯାହା ହେବାର ଥିଲା ହୋଇ ସାରିଛି । ତୁମେ ଏବେ କାନ୍ଦିଲେ ଲାଭ କଣ ? ମୁଁ ବିକାଶକୁ କହୁଛି, ସେ ବୋହୂକୁ ନେଇ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ପାଇଁ ଘରକୁ ଆସୁ ।

ବାପାଙ୍କ ଠାରୁ ଫୋନ କଲ ପାଇ ବିକାଶ ସୁରେଖା ପନ୍ଦରଦିନ ପାଇଁ ଘରକୁ ଆସିଲେ । ଜହ୍ନ ସବୁ ଦୁଃଖ, ମାନ ଅଭିମାନକୁ ହୃଦୟରେ ଚାପି ରଖି ବହୂକୁ ଖୁସି ଖୁସି ସ୍ୱାଗତ କଲେ । ବନ୍ଦାପନା କରି ଘରକୁ ନେଲେ । ତାକୁ ନିଜ ଝିଅଭଳି ଦେଖିଲେ । ସୁରେଖା ବି ବୋହୂର କର୍ତ୍ତବ୍ୟ କରିବାକୁ, ଏଡ଼ଜଷ୍ଟ କରି ଚଳିବାକୁ ଚେଷ୍ଟା କରୁଥିଲା । ସେଇ କେତେ ଦିନ ଆନନ୍ଦ ଉଲ୍ଲାସରେ ଘର ଫାଟି ପଡୁଥିଲା । ତାପରେ ସେମାନେ ଆମେରିକା ଫେରିଗଲେ । ଚାରି ମାସ ପରେ ହୃଦଘାତରେ ସୂର୍ଯ୍ୟକାନ୍ତଙ୍କର ବିୟୋଗ ହେଲା । ପୁଅ ବୋହୂ ଘରକୁ ଆସିଲେ । ପିତାଙ୍କର ବାରକର୍ମ ସାରି ଆମେରିକା ଯିବାକୁ ବାହାରିଲେ । ବିକାଶ ମା'ଙ୍କୁ ତାଙ୍କ ସଙ୍ଗରେ ଯିବା ପାଇଁ କହିଲେ, ଜହ୍ନ ଘର, ଗୋରୁ ଗାଈ ଜମି ବାଡ଼ି ଗାଁ ଛାଡି ଆମେରିକା ଯିବାକୁ ରାଜି ହେଲେ ନାହିଁ । ମନା କରିଦେଲେ । ପୁଅ ବୋହୂ ଆମେରିକା ଚାଲିଗଲେ । ପ୍ରଥମେ ପ୍ରଥମେ ପୁଅ ବୋହୂ ସବୁଦିନ ଫୋନରେ କଥା ହେଉଥିଲେ । ଭିଡ଼ିଓ କଲ କରୁଥିଲେ । ଆଜିକାଲି ବହୁତ କମିଗଲାଣି । ମାସେ ଦ୍ୱିମାସକୁ ଥରେ ପୁଅ ବୋହୂ ଫୋନରେ କଥା ହୁଅନ୍ତି । ସବୁ ଦିନେ ପାଞ୍ଚ ମିନିଟ କଥା ହେବାକୁ କହନ୍ତି ଜହ୍ନ । ପୁଅ ବିକାଶ କହେ, ଟାଇମ ନାହିଁ ମା, ବହୁତ ବିଜି ରହୁଛି । ଜହ୍ନ କିଛି କହିପାରେ ନାହିଁ ।

ସ୍ୱାମୀ ଥିଲେ, ତାକୁ ବାଧୁ ନଥିଲା । ଏବେ ଏକା ଏକା । ବୟସ ଦିନକୁ ଦିନ ବଢୁଛି । ନନା ଚିନ୍ତା ଘାରୁଛି । ଦେହ କେତେ ବେଳେ ଭଲ ରହୁଛି ତ କେତେ ବେଳେ ଭଲ ରହୁନି । ସ୍ୱାମୀ ସ୍ୱର୍ଗାରୋହଣ କରିବା ସାତ ବର୍ଷ ହୋଇଗଲା । ପୁଅ ବୋହୂ ଘରକୁ ଫେରି ନାହାନ୍ତି । ପ୍ରତ୍ୟେକ ବାର ପୁନେଇଁରେ ଜହ୍ନ ପୁଅ ବହୂ କଥା ମନେପକାଇ କାନ୍ଦେ । ପଡିଶାଘର ପିଲା ମାନଙ୍କୁ ଦେଖିଲେ ଜହ୍ନ ଆଖିରୁ ଆପେ ଆପେ ଲୁହ ଝରି ଆସେ । ଫୋନ କଲେ ପୁଅ ଫୋନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଠାଉ ନାହିଁ । କଣ କରିବ ଜହ୍ନ । ନିରୁପାୟ, ଖାଲି ଭଗବାନ ଭରସା ।

ସେ ଦିନ ଥିଲା ମକର ସଂକ୍ରାନ୍ତି । ଜହ୍ନକୁ କିଛି ଭଲ ଲାଗୁ ନଥାଏ । ସେ ଠାକୁର ଘରେ ଶ୍ରୀକୃଷ୍ଣଙ୍କ ପାଖରେ ନିତି ଗୁହାରୀ ଜଣାଉଛି । କାନ୍ଦୁଛି, “ହେ ନାରାୟଣ, ତୁମେ ମୋ ପୁଅକୁ ମୋ ପାଖକୁ ଫେରଇ ଆଣ । ସାତ ବର୍ଷ ହେଲାଣି ମୁଁ ମୋ ପୁଅ, ବୋହୂ, ନାତୁଣୀକୁ ଦେଖିନି, ଧନରେ ! ସତରେ କଣ ତୋର ତୋ ମା’ କଥା ମନେ ପଡୁନି ? ତୋ ମା’ ଜହ୍ନ ତୋତେ ଡାକୁଛି, ଆରେ ଧନ ! ମୋ କୋଳକୁ ଫେରି ଆ.....

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧୁଡୁକି ବାଲା

ଏହି ଲୋକମାନେ ଜାତିରେ ଆଦିବାସୀ ସଂପ୍ରଦାୟର । ତାଙ୍କର ମୁଖ୍ୟ ବେଉସା ହେଉଛି ଧୁଡୁକି ବଜାଇ ଭିକ୍ଷା ଗ୍ରହଣ କରିବା । ସେହି ଲୋକମାନଙ୍କୁ ଦେଖିଲେ ମନରେ ଦୟା ଆସିଯାଏ କାହିଁକି ? ସେମାନଙ୍କର ବେଶଭୂଷା ଅଲଗା ପ୍ରକାରର, ତାଙ୍କର ରହିବା ପାଇଁ ଭଲ ଘରଟିଏ ନାହିଁ । କୋଉଠି ଛୋଟ କୁଡିଆ କରି ତ କୋଉଠି ପାଲ ଟାଙ୍ଗି ବଣ ଜଙ୍ଗଲରେ ରହିଥାନ୍ତି । ନିଜର କୌଣସି ସମ୍ପତ୍ତି ନାହିଁ । ସକାଳ ପହରୁ ବାହାରି ଯାଆନ୍ତି ଗାଁ ଗାଁ ବୁଲି ଧୁଡୁକି ବଜାଇ ପେଟ ପାଇଁ ମୁଠେ ଦାନା ଯୋଗାଡ଼ କରିଥାନ୍ତି । ଅନ୍ୟ ଉପରେ ନିର୍ଭର କରି ଜୀବନ ଯାପନ କରିଥାନ୍ତି ।

ସେମାନେ ଖଣ୍ଡିଏ ପୁରୁଣା ସାଇକେଲ ଧରି ଦୁଇ ତିନିଟା ମୁଣାରେ ନିଜର ପରିବାର ସହ ଗାଁ ଗାଁ ବୁଲି ଧୁଡୁକି ବଜାଇ ନାଚି, କୁଦି, ଆଦିବାସୀ ଗୀତ ଗାଇ ଲୋକମାନଙ୍କୁ ଶୁଣାଇ ଭିକ୍ଷା ନେଇଥାନ୍ତି । ନିଜର ପରିବାର ପ୍ରତିପୋଷଣ ପାଇଁ କୋଉଠୁ ଚାଉଳ ମୁଠେ ତ କୋଉଠୁ ପରିବାଟିଏ ସାଉଁଟି ଥାଏ । ତାଙ୍କର ଭାଷା ଶୁଣିଲେ ମନରେ ଦୟା ଆସିଯାଏ କୁହନ୍ତି "ବାବୁ ମୁଠେ ଖାଇବାକୁ ଦିଏ ଛୁଏ ଭୋକରେ ଅଛନ୍ତି" ଏହି କଥା ଶୁଣି କିଏ କେତେ ପ୍ରକାର ଜିନିଷ ତା ପାଖରେ ଲୋଡ଼ି ଦେଇଥାଏ । ଭୋକରେ ଥିଲେ କିଏ କଣ ଖାଇବାକୁ ଦେଲେ ସେଇଠି ବସି ଶାନ୍ତିରେ ଖାଉଥିଅନ୍ତି ।



ଆଲୋକ କୁମାର ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୀତ ଶୁଣିବାକୁ ଅତି ମଧୁର ଲାଗେ ଯେପରିକି କୌଣସି କଳାକାର ଠାରୁ ବି କମ୍ ନୁହେଁ । ଚମତ୍କାର ଅଙ୍ଗ ଢଙ୍ଗରେ ନାଚି ଗାଇ ଝୁମି ଉଠନ୍ତି । ଏମିତି ଏକ ମଣିଷ ଯିଏ କୌଣସି ପ୍ରକାର ସାହାଯ୍ୟ ସହାନୁଭୂତି ସରକାରଙ୍କ ଠାରୁ ପାଇ ନାହାନ୍ତି । ନିଜର ସ୍ୱତନ୍ତ୍ର ଆଧାର କାର୍ଡ ବି ନାହିଁ । ଆମେ କଳାକାରମାନଙ୍କର ନୃତ୍ୟ, ଗୀତ, ଚଳଚ୍ଚିତ୍ର ଦେଖିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିପାରୁଛେ କିନ୍ତୁ ଏଇ କଳାକାର ଯିଏ ନିଜର ପେଟ ପୋଷିବା ପାଇଁ ଆମ ପାଖକୁ ଦଉଡି ଆସିଥାଏ ଧୁଡୁକି ବଜାଇ ହେଲେ ଆମେ ତାଙ୍କୁ ଅଣଦେଖା କରିଥାଉ, ଟଙ୍କାଟିଏ ବି ଦେଇନଥାଉ । ବିଚିତ୍ର ଦୁନିଆ ର ବିଚିତ୍ର ନିୟମ । ବିନା ପ୍ରଶିକ୍ଷଣ ରେ ସେ ବହୁତ ପ୍ରତିଭାର ଅଧିକାରୀ ।

ସମସ୍ତେ ନିଜେ ନିଜର ଜୀବନ ଭରଣ ପୋଷୁଥିଲା ବେଳେ କିଏ କହିପାରିବ କରୋନା ମହାମାରୀ କବଳରେ ଯେତେବେଳେ ସାରା ଦେଶ ତାଲାବନ୍ଦ୍ ହୋଇଥିଲା, ସେହି ସମୟରେ ସେ ଗରିବ ନିସହାୟ କିପରି ନିଜର ଭରଣ ପୋଷଣ କରୁଥିବେ । ତା କଥା ସେ ଭଗବାନଙ୍କୁ ଜଣା ।

ଗୋଟେ ପ୍ରତିଭା ର ଅଧିକାରୀ ଥାଇ ମଧ୍ୟ ସେ ଆଜି ଭିକ୍ଷାବୃତ୍ତି କରି ନିଜର ପେଟ ବି ଭଲ ରେ ପୋଷି ପାରୁନି । ମଣିଷ ଜୀବନ ଭିତରେ ତା ପାଇଁକି କିଛି ସମୟ ବାହାର କରି ତାକୁ ଥରେ ଦେଖିବା ଉଚିତ୍ । ଆଜି ଆମ ପାଖରେ ସବୁ କିଛି ଥାଇ କରି ମଧ୍ୟ ଆମେ କାହାକୁ ନିଜର କରିପାରୁନା କିନ୍ତୁ ହେଲେ ସେଇ ଧୁଡୁକି ବାଲାର କିଛି ନଥାଇ ମଧ୍ୟ ସେ ତାର ଧୁଡୁକି ବଜାଇ ସମସ୍ତଙ୍କୁ ଆପଣାଇ ନେଇଥାଏ ।

ଗ୍ରାମ- ବିଧାରପୁର, ପୋଷ୍ଟ- ବିଧାରପୁର,
ଥାନା – ଗନ୍ଦିଆ, ଜିଲ୍ଲା – ଢେଙ୍କାନାଳ
ପିନ୍ -୭୫୯୦୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ଦୋଛକିରେ ପ୍ରଶାନ୍ତ

ବଣ ପାହାଡ ଘେରା ଗାଁ ଟିଏ, ନାଁ ତାର ପୁଷ୍ପପୁର । ସେହି ଗାଁରେ ଜଣେ ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ ରହୁଥିଲେ । ତାଙ୍କ ସଂସାର କହିଲେ ସ୍ୱାମୀ ସ୍ତ୍ରୀ ଓ ପୁଅଟିଏ । ପୁଅଟିର ନାମ ପ୍ରଶାନ୍ତ, ଏକଇର ବାଳ ବିଶିକେଶନ ଭାରି ଗେଲବସରର ଥିଲା । ପିଲାଟି ଦେଖିବାକୁ ଯେମିତି ଡଉଲ ଡାଉଲ ରାଜକୁମାର ଭଳି ଗୁଣରେ ମଧ୍ୟ ତା ସମାନ କେହି ନୁହେଁ । ତୁଳସୀ ଦୁଇପତ୍ରରୁ ବାସିଲା ପରି ତାର ଛୋଟବେଳୁ ହିଁ ତାର ପ୍ରତିଭା ଜଣା ପଡ଼ିଥିଲା । ପିଲାଟି ବେଳୁ ହିଁ ପାଠ,ଗୀତ,ନାଚ, ଖେଳକୁଦ ଆଦି ସବୁଥିରେ ଏକ ନମ୍ବର । ଶଶିକଳା ପରି ପିଲାଟି ବଡ଼ ହେବାରେ ଲାଗିଲା । ପ୍ରତି ଶ୍ରେଣୀରେ ପ୍ରଥମ ହୁଏ  । ପାଠ ପଢିବା ସହିତ ଗୀତ ନାଚ ଅଭିନୟରେ ମଧ୍ୟ ତାର ବହୁତ୍ ରୁଚି ଥିଲା  । ପାଠ ପଢାରେ ବୃତ୍ତି ପାଇବା ସହିତ ଖେଳକୁଦ,ନାଚ ଗୀତରେ ପୁରସ୍କାର ପାଉଥିଲା  । ଇତି ମଧ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀ, ସାଙ୍ଗସାଥୀ, ସାହିପଡିଶା ସମସ୍ତଙ୍କର ପ୍ରିୟପାତ୍ର ହୋଇସାରିଥାଏ  । ଏହିଭଳି ଭାବରେ ସେ ଦଶମ ଶ୍ରେଣୀରେ ମଧ୍ୟ ଭଲ ନମ୍ବର ରଖି ଜିଲ୍ଲାରେ ପ୍ରଥମ ହେଲା  । ବହୁ ସମ୍ମାନ ମିଳିବା ସହିତ ପୁରସ୍କାର ମଧ୍ୟ ମିଳିଲା  ।



ଡମ୍ବରୁଧର ଦାଶ

ଏହିଠାରୁ ତା ଜୀବନର ଆଉ ଏକ ଅଧ୍ୟାୟ ଆରମ୍ଭ ହେଲା । ଭାଗ୍ୟର ବିଡମ୍ବନା,ଠିକ୍ ଏହି ସମୟରେ ବାପାଙ୍କର ଦେହାନ୍ତ ହୋଇଗଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। ତା ମୁଣ୍ଡରେ ବଜ୍ର ପଡ଼ିଗଲା,କଣ କରିବ କିଛି ବୁଝିପାରିଲା ନାହିଁ ପ୍ରଶାନ୍ତ । ଗେଲବସରରେ ବଢ଼ିଥିବା ପିଲାର ମୁଣ୍ଡ ଉପରୁ ଅଭୟ ପ୍ରଦ ଛତ୍ର ଛାୟା ଯେ ସବୁଦିନ ପାଇଁ ଉଭାଇଗଲା ସେ ଗ୍ରହଣ ବି କରିପାରୁ ନାହିଁ । ବର୍ତମାନ ତାର ଛାତ ନଥିବା ଘର ହିଁ ଭରସା,ଅର୍ଥାତ୍ ତାର ମାଆ । ଶେଷ ସମୟରେ କିନ୍ତୁ ବାପା କହିଥିଲେ "ବାବୁରେ ମୋର ପିଲାବେଳୁ ସ୍ୱପ୍ନ ଥିଲା ଜଣେ ଇଞ୍ଜିନିୟର ହେବି ହେଲେ ସମୟ ଚକ୍ରରେ ପଡି ଶିକ୍ଷକ ହେଲି ,ତୁ ମୋ ସ୍ୱପ୍ନକୁ ପୂରଣ କରିବୁ " । ପ୍ରଶାନ୍ତ କଣ ବୁଝିଲା କେଜାଣି ପୁରା ନିରୋବ ନିଶ୍ଚଳ ହୋଇଗଲା,ପାଟିରୁ କଥା ବାହାରିଲା ନାହିଁ କିମ୍ବା ଆଖିରୁ ଲୁହ ଝରିଲା ନାହିଁ । କିଛି ଦିନ ଅନ୍ତେ +୨ ବିଜ୍ଞାନରେ ନାମ ଲେଖାଇଲା । ବାପାଙ୍କର ଗୋଟି ଗୋଟି କଥା ସବୁବେଳେ ତା କାନରେ ଗୁଞ୍ଜରଣ ହେଉଥାଏ । ହେଲେ ପାଠ ପଢାରେ ବାପାଙ୍କର ପେନସନ ଟଙ୍କାହିଁ ଭରସା,ସେଇଥିରେ ପୁଣି ଘର ଚଳଣି । ତେଣୁ ସେ କିଛି ପିଲାଙ୍କୁ ପାଠ ପଢ଼ାଇ ନିଜ ପଢା ଖର୍ଚ୍ଚ ବାହାର କଲା । ମହାବିଦ୍ୟାଳୟରେ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ,ବାର୍ଷିକ ଉତ୍ସବ ଆଦିରେ ଭାଗ ନେଇ ନିଜର ନୃତ୍ୟ ଓ ଅଭିନୟର ଯାଦୁ ଦେଖାଇ ପ୍ରଶଂସିତ ହେବା ସହିତ ବହୁ ପୁରସ୍କାର ମଧ୍ୟ ସାଉଣ୍ଟିଲା । ଏଥିରେ ଉତ୍ସାହିତ ହୋଇ ତାର ନୃତ୍ୟ ପ୍ରତି ଆଗ୍ରହ ବଢ଼ିବାରେ ଲାଗିଲା । କଠୋର ଅଧ୍ୟବସାୟ ବଳରେ +୨ ବିଜ୍ଞାନରେ ମଧ୍ୟ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା । ଏଥର କିନ୍ତୁ ସାରା ଓଡ଼ିଶାରେ ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିପାରିଥିଲା ।

ପ୍ରଶାନ୍ତ ଏବେ ତା ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟରେ ଉପସ୍ଥିତ, ତା ବାପାଙ୍କ ସ୍ୱପ୍ନକୁସାକାର କରିବାର ସମୟ । ଇଞ୍ଜିନିୟରିଂ ପଢିବା ପାଇଁ ଆଗ୍ରହର ସହିତ ପ୍ରବେଶିକା ପରୀକ୍ଷା ଦେଲା । ମନରେ ବାପାଙ୍କ ସ୍ୱପ୍ନ କଥା ଭାବୁଥାଏ । କିଛି ଦିନର ବ୍ୟବଧାନରେ ପ୍ରବେଶିକା ଫଳ ବାହାରିଲା ଏବଂ ସେ ନିଜ ପରୀକ୍ଷା ଫଳ ଦେଖି ନିଜକୁ ବିଶ୍ୱାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିପାରିଲା ନାହିଁ । ପ୍ରଶାନ୍ତ ପ୍ରଥମ ଦଶଜଣଙ୍କ ମଧ୍ୟରେ ରହି ଇଞ୍ଜିନିୟରିଂରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ତା'ର ଆନନ୍ଦର ସୀମା କହିଲେ ନସରେ । ବହୁ କଷ୍ଟରେ ଟଙ୍କା ଯୋଗାଡ଼ କରି ନାମ ଲେଖାଇଲା । ନୂଆ ପାଠ,ନୂଆ ସାଙ୍ଗସାଥୀ, ନୂଆପରିବେଶ ଦେହରେ ଏକ ନୂତନ ଶିହରଣ ଖେଳିଯାଉଥିଲା । କିନ୍ତୁ ଧିରେଧିରେ ଟଙ୍କାର ଅଭାବ ଦେଖାଦେବାରୁ ନିକଟରେ ଥିବା ଏକ ନୃତ୍ୟ ଦଳସହିତ ଚୁକ୍ତି କରି ପାର୍ଟ ଟାଇମ କାମ କଲା । ଖୁବ୍ ଅଳ୍ପ ସମୟ ମଧ୍ୟରେ ସେ ନିଜର ନୃତ୍ୟର ଯାଦୁରେ ସମସ୍ତଙ୍କ ମନ କିଣି ନେଇଯାଇଥିଲା । ବହୁ ଅସୁବିଧା ସତ୍ତ୍ୱେ ମଧ୍ୟ ଉଭୟ ପାଠ ପଢ଼ା ଏବଂ ନୃତ୍ୟ ପ୍ରତି ଅବହେଳା କରିନଥିଲା । ଧିରେ ଧିରେ ତାର ନୃତ୍ୟର ଯାଦୁ ସବୁଆଡେ ବ୍ୟାପିଗଲା । ଲୋକ ମାନଙ୍କ ଠାରୁ ବହୁମାତ୍ରାରେ ସମ୍ମାନ ଓ ଭଲପାଇବାପାଇ ସେ ଆହୁରି ଉତ୍ସାହିତ ହୋଇ ନୃତ୍ୟକୁ ଆପଣାଇବାକୁ ଲାଗିଲା । ନୃତ୍ୟ ଓ ଅଭିନୟ ପ୍ରତି ତା'ର ଦୁର୍ବଳତା ବଢ଼ି ବଢ଼ି ଚାଲିଲା । ସେ ନୃତ୍ୟ ଅଭିନୟ ବିନା ଆଉ ଦଣ୍ଡେ ବି ରହି ପାରିଲା ନାହିଁ । ଶୟନେ, ସପନେ, ଜାଗରଣେ ପ୍ରତିଟି ମୁହୂର୍ତ୍ତରେ ସେ ନୃତ୍ୟଅଭିନୟରେ ହିଁ ମଜ୍ଜି ରହିଲା । ଏହିଭଳି ଭାବରେ ତାର ପୂର୍ବରୁ ଥିବା ସ୍ୱପ୍ନ ଲୋକ ମାନଙ୍କର ଭଲପାଇବା ଆଗରେ ଫିକା ପଡିବାରେ ଲାଗିଲା । ସେ ମନେ ମନେ ଭାବୁଥାଏ ଦେଖି ଶିଖିକି ନାଚିବାରେ ଯଦି ଲୋକମାନଙ୍କର ଏତେ ଭଲପାଇବା ମିଳୁଛି ,ଭଲ ଗୁରୁଙ୍କ ନିକଟରେ ନୃତ୍ୟ ଅଭିନୟ ଶିଖିଲେ ତାର ପ୍ରଦର୍ଶନ ଅଧିକ ମାର୍ଜିତ ହେବ ଏବଂ ଅଧିକ ଲୋକାଦୃତ ହେବ । ଏହା ଦ୍ୱାରା ସେ ଆହୁରି ଅଧିକ ଉପରକୁ ଯାଇପାରିବ ,ପରଦାରେ ଦେଖାଯିବ,ଚଳଚ୍ଚିତ୍ରରେ ଅଭିନୟ କରିବ ,ଏମିତି କେତେ କଣ ସ୍ୱପ୍ନ ଦେଖୁଥାଏ । ତାର ଇଞ୍ଜିନିୟର ହେବା ସ୍ୱପ୍ନ କଳାକାର ହେବାକୁ ରୂପାନ୍ତରିତ ହୋଇଗଲା । ଫଳତଃ ଇଞ୍ଜିନିୟରିଂ ପାଠରୁ ତାର ଆଗ୍ରହ କମି କମି ଗଲା ।

ଇଞ୍ଜିନିଅରିଂ ପାଠରେ ମନ ଲାଗିଲାନି ପ୍ରଶାନ୍ତ ସେଥିରୁ ଦୂରେଇ ଯାଇ ନାଚ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିନୟ ଶିଖିଲା । ଟିଭିରେ ବାହାରିଲା । ଇଚ୍ଛା କଲା ସିନେ ପରଦାରେ ନିଜର ମୁହଁ ଦେଖିବାକୁ । ତହିଁରେ ମଧ୍ୟ ସଫଳ ହେଲା । ତା'ପରେ ଆଉ କିଛି ସ୍ୱପ୍ନ ରହିଗଲା କି ? ତାକୁ କଉଠି ବି ଶାନ୍ତି ମିଳିଲା ନାହିଁ । କେହି କେହି ତାହାକୁ ଅଶାନ୍ତ କରିଦେଉଥିଲେ କି କେଜାଣି ? ଭାବିଲା,ବଞ୍ଚିକି ଆଉ ଲାଭ ନାହିଁ । ପୁଣି ଭାବିଲା, "ମୁଁ ଜୀବନ ହାରିବି କଣ ପାଇଁ ଆଉ କାହା ପାଇଁ ? ମୁଁ ମୋ ନିଜ ଇଚ୍ଛାରେ ତ ଜନ୍ମ ହୋଇନି,ନିଜ ଇଚ୍ଛାରେ ଜୀବନ ହାରିବି କିପରି ? ହୁଏତ କିଛି ସ୍ୱପ୍ନ ପୂରଣ ହେଲାନି,ଏମିତିରେ ତ ମୁଁ ଇଞ୍ଜିନିୟର ହେବା ପରିବର୍ତେ ଅଭିନେତା ସାଜିଥିଲି ସେମିତି ଅଭିନେତା ପରିବର୍ତେ ଆଉ କିଛି ବି ହେଇପାରିବି । ମୋ ବୁଢ଼ୀ ମା ଟା ହାତରୁ ଶଙ୍ଖା ଭାଙ୍ଗି ମଥାରୁ ସିନ୍ଦୂର ପୋଛି ମଧ୍ୟ ସାରା ଜୀବନ ଆଖି ଲୁହ ପିଇ ପିଇ ବଞ୍ଚି ରହିଛି କେବଳ ମୋ ମୁହଁ ଚାହିଁ କଣ ଏଇ ଦିନକୁ ଦେଖିବା ପାଇଁ ? ଛୋଟ ବେଳେ ଯିଏ ହାତଧରି ଚାଲିବା ଶିଖେଇଛି,ଭଲ ରାସ୍ତା ଦେଖାଇଛି, ଅବୁଝା ହେଲେ ବୁଝାଇଛି ,ବନ୍ଧୁର ପଥରେ ତା ପଣତ ବିଛାଇ ଦେଇଛି, ସେଇ ମାଆର ଆଖିରେ ଧୂଳି ଦେଇ କେମିତି ଯାଇପାରିବି ? ମୁଁ ଯେତେବେଳେ ଛୋଟ ଥିଲି ମୋର ଭଲମନ୍ଦ ନିଷ୍ପତ୍ତି ସିଏ ନେଉଥିଲା ଆଉ ଆଜି ମୁଁ କଣ ସତରେ ଏତେ ବଡ଼ ହେଇଗଲି ଜେ ମୋ ପାଇଁ ଏକାକୀ ନିଷ୍ପତ୍ତି ନେଇଯିବି ? ଆଜି ଯଦି ମୁଁ ଆତ୍ମହତ୍ୟା କରେ ଏତେ କଷ୍ଟ , ଏତେ ଉଦ୍ୟମ,ଏତେ ଚେଷ୍ଟା କରି ଏଇଠି ପହଞ୍ଚିଥିଲି କଣ ପାଇଁ, ଏ ଦୁନିଆଁ ପାଇଁ କି ଉଦାହରଣ ଦେଇଯିବି ? ମୋର ଆତ୍ମହତ୍ୟା ସମସ୍ତ ଯୁବ ପିଢ଼ୀ ଓ ଆଗାମୀ ପିଢ଼ୀ ପାଇଁ ଆତ୍ମହତ୍ୟା ପାଇଁ ଖୋରାକ ଯୋଗାଇବ ନିତ ? ଯେତେବେଳେ କେହିବି ଜୀବନର ଦୋଛକିରେ ଉପସ୍ଥିତ ହେବ ଏବଂ ସେ କିଛି ଉପାୟ ନ ପାଇ ଆତ୍ମହତ୍ୟା କରିବ,ସଂସାର ମୋତେ ଦୋଷ ଦେବନିତ,ନିନ୍ଦା କରିବନି ? ଯଦି ମୁଁ କାହାରିକୁ ଭଲ ରାସ୍ତା ଦେଖାଇପାରୁନି ଖରାପ୍ ରାସ୍ତା କାହିଁକି ଦେଖାଇବି ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହିଭଳି ଅନେକ ପ୍ରଶ୍ନ ମନ ଭିତରେ ଉଙ୍କି ମାରିଲା ପରେ ପ୍ରଶାନ୍ତ ନିଷ୍ପତି ନେଲା ଯେ ସେ ଆତ୍ମହତ୍ୟା କରିବ ନାହିଁ,ଭାବିନେଲା ଯେଉଁ ଝଡ଼ ଝଂଜାକୁ ସାମ୍ନା କରି ସଫଳତା ପାଇଥିଲା ଏହା ମଧ୍ୟ ସେହିପରି ଏକ ଝଡ଼, ଯାକୁ ମଧ୍ୟ ସାମ୍ନା କରି ଆଗକୁ ଯାଇହେବ । ସେ ଭାବିନେଲା ଯେ କୌଣସି ସମସ୍ୟାର ଏକମାତ୍ର ସମାଧାନ ଆତ୍ମହତ୍ୟା ନୁହେଁ । ତାକୁ ଜଣେ ଦୁଇଜଣ ଭଲ ନପାଇଲେ ନାହିଁ, ଅସଂଖ୍ୟ ଦର୍ଶକ,ଶୁଭ ଚିନ୍ତକ ତ ଅଛନ୍ତି । ତାଙ୍କର ସ୍ନେହ,ଶ୍ରଦ୍ଧା, ସହାନୁଭୂତି,ବିଶ୍ୱାସ,ଭଲପାଇବାକୁ ପାଥେୟ କରି ବାକି ଜୀବନକୁ ଆରାମରେ ବିତାଇ ଦେଇ ହେବ । ସେ ଭାବି ନେଲା ଭଗବାନ ଯାହା କରନ୍ତି, ପ୍ରାଣୀର ମଙ୍ଗଳ ପାଇଁ ।

ତେଣୁ ସେ ଦୁନିଆଁକୁ ଏହି ବାର୍ତ୍ତା ଦେଲା ଯେ ଠିକ୍ ରାସ୍ତାରେ ଚାଲିଲେ ବହୁ ଝଡ଼ ଝଂଜା ଆସିବ ଏବଂ କଷ୍ଟ ସହିବାକୁ ପଡ଼ିବ । ଯଦି କେହି ଏହି ଝଡକୁ ଡରିଯାଏ,ସେ ହାରିଯାଏ ଏବଂ ବାଧା ବିଘ୍ନ ଭିତରେ ଘାଣ୍ଟି ଚକଟି ହୋଇ ନିଜର ଅସ୍ତିତ୍ୱ ହରାଇ ବସେ । ଯିଏ ଝଡ଼ ଝଞ୍ଜାକୁ ଭ୍ରୂକ୍ଷେପ ନ କରି ଆଗକୁ ମାଡିଚାଲେ ବାଧା ବିଘ୍ନ ତା ଆଗରେ ମଥା ନତ ହୋଇ ସଫଳତାର ପଥ ଦେଖାଇ ଦେଇଥାଏ,ସେ ବିଜୟୀ ହୋଇଥାଏ । ଆମେ ସମାଜ ପାଇଁ ଯଦି ଭଲ କାମ ନକରି ପାରୁଛନ୍ତି ତେବେ ସମାଜ ଉପରେ ଆମର ମନ୍ଦ ଅଭ୍ୟାସ ତଥା ମନ୍ଦ କାର୍ଯ୍ୟର କୁପରିଣାମର ପ୍ରଭାବ ପକାଇ କଳୁଷିତ କରିବାର କୌଣସି ଅଧିକାର ନାହିଁ । ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ରଖିବା ଏବଂ ନିଜର ଉନ୍ନତି କରିବା ସହିତ ଜଗତର କଲ୍ୟାଣ କରିବା । ତେଣୁ କବି କୁହନ୍ତି

ପଛଘୁଞ୍ଚା ନାହିଁ ବୀରର ଜାତକେ, ନମରେ ସେ କେବେ ପରାଣ ଆତଙ୍କେ କେବଳ ଯୁଦ୍ଧ କ୍ଷେତ୍ର ନୁହେଁ ପ୍ରତିଟି ବାଧାବିଘ୍ନକୁ ସାମ୍ନା କରିବାକୁ ହେଲେ ଆମକୁ ସତ୍ ସାହସ ଦରକାର । ତେଣୁ ଆମେ ସାହସୀ ହେବା ଏବଂ ଜଗତ ବାସୀଙ୍କୁ ସାହସୀ ହେବାର ଶିକ୍ଷା ଦେବା ଏବଂ ପ୍ରେରଣା ଯୋଗାଇବା । ଏଥି ସହିତ ଆମେ ନିଜ କର୍ମ ଉପରେ ବିଶ୍ୱାସ ଓ ଭରସା ରଖିବା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କିଏ ଭାସେ କିଏ ବୁଡ଼େ ?

"ମଙ୍ଗଲୁ ସିନା ପାଠ ପଢି ଡାକ୍ତର ହେଲେ, କିନ୍ତୁ ପୁସ୍ତକ ମଧ୍ୟରେ ଲୁକ୍କାୟିତ ଥିବା ମଣିଷ ପଣିଆର ଅଙ୍କଟିକୁ ଅଧା ଛିଣ୍ଡା କରି ରଖିଦେଲେ । ତାହା ନ ହେଇଥିଲେ, ନିଜ ବାଲ୍ୟ କାଳର ସୁଖ ଦୁଃଖର ସାଥି ବିର୍ସାକୁ ରାଞ୍ଚି ଜେଲର କାଳକୋଠରୀ ମଧ୍ୟରେ ଖାଦ୍ୟରେ ବିଷ ଦେଇ ମାରିଦେବାର ଘୃଣ୍ୟ ପ୍ରପଞ୍ଚ ସେ କେବେହେଲେ କରିନଥାନ୍ତେ । ଶହଶହ ନିଷ୍ପେସିତ ଆଦିବାସୀଙ୍କର ଶିରା ପ୍ରଶିରା ରେ ଗୋରା ଗୋଲାମୀ କୁ ତଣ୍ଟି ଚିପି ହତ୍ୟାକରି ନିଜ ଭୂମି, ଜାତି ଓ ଭାଷା ପାଇଁ ଗୋରା ବେପାରୀଙ୍କର ବିରୁଦ୍ଧରେ ସଂଗ୍ରାମର ରକ୍ତ ପ୍ରବାହିତ କରୁଥିବା ବିର୍ସା ମୁଣ୍ଡାଙ୍କର ଏହି ଭଳି ହୃଦୟ ବିଦାରକ ମୃତ୍ୟୁ ନା ତାଙ୍କର କର୍ମ ଫଳ, ନା ତାଙ୍କର ଭାଗ୍ୟ । ତାଙ୍କ ଜୀବନର ପୁଣ୍ୟ ଭୂଇଁରେ ତାହା ଥିଲା ଏକ ଅକସ୍ମାତ । ଯାହା ତାଙ୍କୁ ମୃତ୍ୟୁ ଭାବରେ ଆଲିଙ୍ଗନ କଲା ସିନା, କିନ୍ତୁ ତାଙ୍କ କର୍ମ ତାଙ୍କୁ ପ୍ରତ୍ୟେକଟି ଓଡ଼ିଆ ହୃଦୟରେ ଆଜି ବି ଆମର କରି ରଖିଚି । ତେଣୁ "କିଏ ଭାସିବ, କିଏ ବୁଡିବ ?" ଏହି ପ୍ରଶ୍ନର ଉତ୍ତର ଦେଉଥିବା ସ୍ୱର ନା ଭାଗ୍ୟ, ନା କର୍ମ । କିଛି ଅକସ୍ମାତ ବନ୍ୟା ପରି ଆସି ଜୀବନ ଭୂମିକୁ ଧ୍ୱସ୍ତ କରିଦିଅନ୍ତି ।"



ଗାରିମା ମିଶ୍ର

"ଆଲୋ ହେ, କୁନ୍ତଳା କୁମାରୀ ସାବତ !" ମୋ ବୋପାଲୋ ! ଦିନ ଆସି ଘଡ଼ିଏ ହେଲାଣି, ଆର ଏଠି ନାରୀ ନେତ୍ରୀ ପଦବୀ ମଣ୍ଡନ ହଉଚି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା ମା ବି ଅକ୍ଷର ପାଠ ପଢ଼େଇ ନାହାନ୍ତି ଯେ ଗୋଟେ ପାଲା ଲଗେଇ ଦେଇଛନ୍ତି ! ମଣିଷ କି ବେଳାରେ ଆକୁ ବୋହୂ କଲା ଯେ ହରଡ଼ଘଣାରେ ପଡିଲା !

ଏ ପ୍ରତିମା ! ଘର କାମତକ ସାରିବା ପାଇଁ ତୋ ବାପାବୋଉ କଣ ଗଣ୍ଡା ଗଣ୍ଡା ଚାକର ପୂଜାରୀ ପଠେଇ ଦେଇଛନ୍ତି ? ଶୀଘ୍ର ଆସି ଘର କାମ ତାଙ୍କ ସାରିବା ହଉ !"

ପିଲାମାନେ, ଆଜି ପାଇଁ ଏତିକି । ବିର୍ସା ମୁଣ୍ଡା ପ୍ରବନ୍ଧ ପରେ ପରେ ବହିରେ ଯୋଉ ସବୁ ବ୍ୟାକରଣ ଦେଇଚି ତାକୁ ସବୁ ଖାତାରେ ଲେଖି ଆଣିବ । ପ୍ରଶ୍ନ ଉତ୍ତର ସବୁ ଆମେ କାଲି ଖାତାରେ ଲେଖିବା । ଠିକ ଅଛି, ଏବେ ତମେ ସବୁ ଘରକୁଯାଇ ସ୍କୁଲପାଇଁ ବାହାର, ସେଇଠି ଦେଖା ହବ, ଭଗବାନ ସମସ୍ତଙ୍କର ମଙ୍ଗଳ କରନ୍ତୁ !

"କ'ଣ ହେଲା ବୋଉ ? ଆଜି ଟିଉସନ ସରୁ ସରୁ ଟିକେ ଡେରି ହୋଇଗଲା । ସେଥିପାଇଁ ଆପଣ ଏତେ ପାଟି କରନ୍ତନି । ମୁଁ ଯାଉଚି ......

"ପାଟି କରିବିନି, କଅଣ ତୋତେ ଡରିକି ? ଦିନ ଆସି ମୁଣ୍ଡ ଉପରେ ହେଲାଣି । ତୋ ଟିଉସନରୁ ମୋ ଦୁଃଖ ଗୁଡାକ ବୋହି ପଡିଲା । ସେ ଇସ୍କୁଲ ଟିଉସନରୁ ଯୋଉ ତ ଦରମା, ତା ଦିହରେ ମୋ ଘରଟା କଅଣ ଉଆସ ବନିଯିବ ? ବାହାହେଲୁ ଯେ କାଣି କୌଡୀଟେ ବି ଆଣିଲୁନି । ଆଉ ଏ ମାଷ୍ଟ୍ରାଣୀ ସୁଆଙ୍ଗ ଦେଖେଇ ହେଲେ କଣ କାମସବୁ ମନକୁ ମନ ହେଇଯିବ ? ଖାଲି ଯ୍ୟାଙ୍କର ଆଉ ପ୍ରମୋଦ କଥାରେ ତୋ ଇସ୍କୁଲ ଆଉ ଟିଉସନକୁ ମୁଁ ଆଖି ଦେଖା କରୁନି । ତା ମାନେ ନୁହେଁ ଯେ ତୁ ମୋ ମୁଣ୍ଡ ଉପରେ ଚଢ଼ିବୁ ! ଦୁନିଆରୁ ଧର୍ମ ସବୁ ଉଠିଗଲା ନା କ'ଣ ? ଆରେ .. ! "

"ବୋଉ, କାହିଁକି ସକାଳୁ ସକାଳୁ ଘରଟାକୁ ମାଛ ହାଟ କରୁଚୁ କହିଲୁ । ପ୍ରତିମାର ଯଦି ଡେରି ହେଲା ତାହାଲେ ତୁ ପରିବାତକ କାଟି ଦେଇଥିଲେ କଣ ବେଦ ଅଶୁଦ୍ଧ ହେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାଇଥାନ୍ତା ? ଆଉ ଠାକୁର ପୂଜା ସବୁ ପ୍ରତିମା ଭୋରରୁ ଉଠି ସାରି ଦେଇଚି । ସବୁବେଳେ ବିନା କାରଣ ରେ ତିଳ କୁ ତାଳ କରିବା ଉଚିତ ନୁହେଁ । "

କାଲିକା ମଣିଷ ପାଇଁ ତୁ ତୋ ବୋଉକୁ ଉଲୁଗୁଣା ଦଉଚୁ ! ମୁଁ ପରା ପ୍ରଥମରୁ ମନା କରୁଥିଲି ଏ ଟୋକିକୁ ବୋହୁ କରିବାକୁ, କିରାଣୀ ବାପାର ଝିଅ ହେଇ ଆଉ ଏତେ ବାହାପ ଲୋ ମା ! ଆଉ ଯଦି ସେଠ ମହନ୍ତ ଘରୁ ଅସିଥାନ୍ତା ଯେ୍ ତ ମହି ରଖିନଥାନ୍ତା ! ଯାଙ୍କ କଥାରେ ହଟହଟା ହବା କଥା । ମୋ ସାଙ୍ଗ କାଳିର ଝିଅ ଚନ୍ଦ୍ରମୁଖୀ ! ତାକୁ ବୋହୁ କରିଥିଲେ .......

"ତାକୁ ବୋହୁ କରିଥିଲେ କୋଟିନିଧି ଗୁଡାକ ଆକାଶରୁ ଦୁଲଦାଲ ହେଇ ତମରି ଉପରେ ଖସି ପଡିଥାନ୍ତା ଆଉ ! କଅଣ ହେଲା, ଆଜି ପୁଣି ପ୍ରତିମା କାହିଁକି ଶାଶୁ ଠାରୁ ସକାଳୁ ସକାଳୁ ନିଆଁ ଚେଙ୍କ ଖାଇଲା ? "

"ଟିଉସନ ଇସ୍କୁଲରେ ମନୋନିବେଶ କଲେ ଘର ସଂସାର ଚଳି ଯିବକି ?" ସେଇ କଥା ତାକୁ ବୁଝାଉଥିଲି ....

ତମକୁ ଚାଳିଶ ହେଲା ବର୍ଷ ବାହାହେଲିଣି ଯେତେବେଳେ, ତମ ପ୍ରକୃତିକୁ ମୁଁ ହାଡ଼େ ହାଡ଼େ ଜାଣେ ଆଉ ତମେ କେମିତି ବୋହୁକୁ ସ୍ନେହ ଆଦରରେ ବୁଝେଇ ଦିଅ, ତା ବି ଜାଣେ ।" ମା'ରେ ଯା, ତୁ ତୋ କାମ ସାରି ଦେଇ ସ୍କୁଲକୁ ବାହାରିବୁ । ଶାଶୁ କଥାକୁ ଜମା ମୁଣ୍ଡରେ ପୁରାନା, ସବୁ ବେଳେ ଖୁସିରେ ଥା ! "

ପ୍ରମୋଦ !

"ଆରେ ପ୍ରତିମା, ଛି ! ତମେ ଏମିତି କାନ୍ଦିଲେ କଅଣ ଚଳିବ । ତମେ ତ ଜାଣିଚ, ବୋଉର ସ୍ୱଭାବ ହିଁ ସେମିତି । ତା କଥା କୁ ଧରି ବସିବା ଯାହା ସମୁଦ୍ର ତୀରେ ମହଲ ତୋଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବା ସେଇୟା ! "

ତିନି ବର୍ଷ ଭିତରେ ତମେ ମତେ ଏମିତି ବୁଝିଲ ? ମୁଁ ବୋଉ ଙ୍କ କଥା କୁ ଧରି ବସିଥିଲେ , ଏ ଘରେ ଛାଡି ପଳେଇଥାନ୍ତି ନହଲେ କୋଉ ନଇ କି ପୋଖରୀରେ ବୁଡି ମରିଥାନ୍ତି !

ପ୍ରତିମା !

ମୁଁ ଠିକ କହୁଛି ପ୍ରମୋଦ । ଆଜିକୁ ତିନି ବର୍ଷ ଧରି ବୋଉ ଙ୍କୁ ମୋ ନିଜ ବୋଉ ଭଳି ଭାବି ତାଙ୍କ ମନ ଲାଖି ବୋହୁ ହବାକୁ ଚେଷ୍ଟା କରିଚି । କିନ୍ତୁ ଖାଲି ମୋ ବାପା ଗରିବ କିରାଣି ଆଉ ସେ ମୋଟା ଯୌତୁକ ଦେଇ ପାରିଲେନି ବୋଲି ସେ ମତେ ଗୁଡ଼େଇ ତୁଡେଇ ଅନେକ କଥା ଶୁଣାଉଛନ୍ତି । ଏମିତି ଆଉ କେତେ ଦିନ ପ୍ରମୋଦ ? ବୋଉ କଣ ମୋତେ କେବେ ବି ଆପଣେଇ ପାରିବେନି ?

ଆଜି ନହଲେ କାଲି ବୋଉ ତମକୁ ନିଶ୍ଚୟ ଦେହଲଗା କରିବ । ବୋଉ ମୋର ଟିକେ ବିଳାସୀ ! ସେଇଥିପାଇଁ ସବୁବେଳେ ଏମିତି ବିରକ୍ତ ହୋଉଛି । ଖାଲି ମୋର ପ୍ରମୋସନ ହେଇଯାଉ ଆଉ ତମେ ହାଏ ସ୍କୁଲ ମାଷ୍ଟ୍ରାଣୀ ହେଇଯାଅ । ତା ପରେ ସବୁ ଠିକ ହେଇଯିବ ।

ହୋଉ ଚାଲ ମୋତେ ସ୍କୁଲରେ ଛାଡି ଅଫିସ ଯିବ । ନିଅ ଲଡୁ, ଆଜି ଭୋଗ କରିଥିଲି ।

" ବାପା ବୋଉ ଆମେ ଆସୁଛୁ । "

" ମା ରେ , ବ୍ୟାଙ୍କ ଯାଇ ମୋ ପେନସନ ଟଙ୍କା ଟା ନେଇଆସିବୁ । "

" ହୋଉ ବାପା ନେଇଆସିବି । "

ସବୁ ଦିନ ଭଳି ପ୍ରମୋଦ ପ୍ରତିମା କୁ ସ୍କୁଲ ରେ ଛାଡି ଅଫିସ ବାହାରି ଗଲେ । କିନ୍ତୁ ଆଜି ପ୍ରମୋଦ ପ୍ରତିମା ଙ୍କର ଏତେ ଦିନର ସ୍ୱପ୍ନ ମୁକ୍ତା ଭଳି ସମୟ ରୂପକ ଶାମୁକା ରୁ ଜନ୍ମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନବାକୁ ଯାଉଥିଲା । କିନ୍ତୁ ଏଇ ଖୁସି ଯେ ପ୍ରତିମା ର ଜୀବନ ରେ ଏକ ନୂଆ ମୋଡ ଆଣିବ, ତାହା

ସେ କେବେ ସେଇ ସ୍ୱପ୍ନ ରେ ସୁଦ୍ଧା ଭାବିଥିଲା !

" ମ୍ୟାଡ଼ାମ , ଓଲିକି ! "

" ନମସ୍କାର ସ୍ୱାଇଁ ବାବୁ । "

" ମ୍ୟାଡ଼ାମ , ହେଡ଼ ସାର ରଥ ବାବୁ ଆପଣଙ୍କୁ ସକାଳୁ ଖୋଜୁଛନ୍ତି । ସେଇଥିପାଇଁ ସକାଳୁ ଅଫିସ ରେ ଗୋଟେ ରୀତି ମତ ହଟଚମଟ ଚାଲିଚି । ଆପଣ ଶୀଘ୍ର ଗଲେ , ସାର ଆପଣଙ୍କ ଆସିବା ବାଟକୁ ଚାତକ ଭଳିଆ ଚାହିଁ ବସିଚନ୍ତି । "

" ମାଇଲା , ରଥ ସାର ପାନ ରୁ ଚୁନ ଖସିଲେ ରାଗରେ ପଇତା ଛିଣ୍ଡେଇବା ଲୋକ ! ସ୍ୱାଇଁ ବାବୁ ଯେମିତି କହୁଚନ୍ତି , ଆଜି ମୋ ଚାକିରି ଯିବ ବୋଧେ ! "

" ତମ ଚାକିରି ଆଉ ମୁଁ କଅଣ , ଭଗବାନ ବି ଛଡେଇ ନେଇ ପାରିବେନି ପ୍ରତିମା ! "

" ସାର , ନମସ୍କାର । ମୁଁ ଆପଣଙ୍କ କ୍ୟାବିନ କୁ ଯାଉଥିଲି । ସ୍ୱାଇଁ ବାବୁ କହିଲେ ......

ନିଅ ....ୟାକୁ ହାତରେ ଧରି ଠାକୁର ଙ୍କୁ ଯାଅ ଚୁଡା ଘସା , କଦଳୀ ଚକଟା ଭୋଗ କରିବ ।

ଆରେ ଖୁଣ୍ଟ ଟା ପରି ଠିଆ ହୋଇ ମୋ ମୁହଁ କୁ ବଲ ବଲ ହୋଇ ଚାହିଁଲ ଯେ ? ଆରେ ଲଫାପା ଟା ଚିରି ପଢ ।

" ପ୍ରତିମା ମିଶ୍ର , ଷ୍ଟେଟ ଗଣ ଶିକ୍ଷା ସର୍ଭେୟ ଅନୁସାରେ ଆପଣ ପୁରୁଷୋତ୍ତମ ପୁର ଗାଁ ସ୍କୁଲ ର ଏ ବର୍ଷ ର ଶ୍ରେଷ୍ଠ ଶିକ୍ଷୟିତ୍ରୀ । ତେଣୁ ଆପଣଙ୍କୁ ହାଏ ସ୍କୁଲ ମାଷ୍ଟ୍ରାଣୀ ପଦବୀ କୁ ପ୍ରମୋସନ କରାଗଲା । "

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

" ସାର ! ମୁ ବିଶ୍ୱାସ କରିପାରୁନି , ଏ ଉଷୁନା ଧାନ ଗଜା ହେଲା କେମିତି ? "

" ସବୁ ତମ ପରିଶ୍ରମ ଆଉ ନିଷ୍ଠା ର ଫଳ ....... ଅଭିନନ୍ଦନ ! " ହାଁ ... ଆଉ ଗୋଟେ ମହତ୍ୱପୁର୍ଣ କଥା , ତମ ପ୍ରମୋସନ ଟା ଆମ ସ୍କୁଲ ରେ ନୁହେଁ , ପାଖ ଗାଁ ସୁଆଣ୍ଡୋ ର ଗାର୍ଲସ ହାଏ ସ୍କୁଲ କୁ ହୋଇଚି । "

" ସାର , ତାହାଲେ ମୋର ଏ ପ୍ରମୋସନ , ପଦବୀ ଦରକାର ନାହିଁ , ମୁଁ ଏଇ ସ୍କୁଲ ରେ ଏଇ ପଦବୀ ରେ ରହିବାକୁ ଚାହେଁ । ମୁଁ ମୋ ସ୍ୱାମୀ ଓ ବୃଦ୍ଧ ଶାଶୁ ଶଶୁର ଙ୍କୁ ଛାଡି କେମିତି ଯିବି ? "

" ସେ କଥା ମୁଁ କେମିତି କହିବି ? ଆଉ ହଁ ଏଇ ପ୍ରମୋସନ ସ୍ୱୀକାର ନକଲେ ତମେ ଆଉ ଏଇ ସ୍କୁଲ ରେ ବି ପଢ଼େଇ ପାରିବନି , ମୁଁ ତ କହିବି ଏମିତି ସୁଯୋଗ କୁ ହାତ ଛଡା କରିବା ମୂର୍ଖାମୀ ! ତେଣିକି ଯାହା ତୁମର ଇଚ୍ଛା । "

ହେଡ଼ ମାଷ୍ଟର ରଥ ଙ୍କର ଏ ସବୁ ଶବ୍ଦ ପ୍ରତିମା ଅନ୍ତର କୁ ସ୍ଥାଣୁ କରିଦେଲା । କୋଉଠିବି ଆଉ ତାର ମୁକ୍ତି ନାହିଁ । ଗୋଟେ ପଟେ ପ୍ରମୋଦ ର ସ୍ୱପ୍ନ , ଆଉ ଗୋଟେ ପଟେ ଶାଶୁ ଙ୍କର ଗଞ୍ଜଣା । ସବୁ କିଛି ଭାବି ଭାବି ବ୍ୟାଙ୍କ ରୁ ଶଶୁର ଙ୍କର ପେନସନ ଆଣି ଘରକୁ ଫେରିଆସିଲା । ସ୍ୱପ୍ନ ର ମରୀଚିକା ଆଉ ପରିସ୍ଥିତି ର କଠୋରତା ତାକୁ ଅଣନିଶ୍ୱାସୀ କରିଦେଉଥାଏ , ସେ ଭାସୁଚି ନା ହାରିଯାଇ ବୁଡି ମରୁଚି ସେ ନିଜେ ବି ଜାଣି ପାରୁନଥାଏ । ଠିକ ସେତିକି ବେଳେ ......

ମା ପ୍ରତିମା ...ଆରେ ମା କୁଆଡେ ଗଲୁ , ସନ୍ଧ୍ୟା ହେଲାଣି ପରା ଡିବି ରେ କିରାସିନି ଦବୁନି ?

ପ୍ରତିମା ....କୁଆଡେ ଗଲ ଟିକେ ଶୁଣିବ କି ଆଜି ପରା ହାଟ କୁ ଯାଇ ସଉଦା ଆଣିବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା , ଯିବନି କି ?

ଆଲୋ ଏ କାଲୁଣି ! .... ଗଡ଼ ଭଳିଆ ପଡିନରହି ଗଲୁ ଚାହା କରି ଦିଟା ପକୁଡି ଛାଣି ଆଣିବୁ ।

ପ୍ରତିମା ....

"ଆରେ ପ୍ରମୋଦ ତମେ .....ତମେ କେତେ ବେଳେ ଆସିଲ ? "

" ସେଇ କଥା ଯଦି ମୁଁ ପଚାରେ ? ତମେ ଆସି ଏଠି ଅନ୍ଧାର ଘରେ , ଗରମ ରେ ଝାଳ ଗମ ଗମ ହେଇ ବସି ରହିଚ ! ମୁଁ , ବାପା ବୋଉ ତମକୁ କେତେ ଡାକିଲୁଣି ତମେ କିଛି ଉତ୍ତର ଦଉନ ? କଥା କଅଣ , ବ୍ୟସ୍ତ ଜଣାପଡୁଛ , ମତେ କୁହ କଣହେଇଚି ? "

ସେ ....ସେ ....ସେ କିଛି ନୁହଁ । ତମେ ଏତେ ମୁଣ୍ଡ ଖରାପ ନକରି , ଗଲ ବାହାରିବ , ସଉଦା ପାଇଁ ଯିବା । ପ୍ରତିମା , ହାତରେ ଲଫାପା ଟା ଧରିଚ , ଆଉ ତମେ ଥ ଥ ମ ମ ହଉଛ ମାନେ କିଛି ଗୋଟେ କଥା ନିଶ୍ଚୟ ଲୁଚାଉଛ । ଦେଲ ସେ ଚିଠି ଟା ମୋତେ .... ଦିଅ ....

ପ୍ରତିମା ..... ତମର ପ୍ରମୋସନ ହେଇଚି !..... ମୁଁ ତମ ଭଳିଆ ସ୍ତ୍ରୀ ପାଇ ଗର୍ବିତ ....... ବୋଉ ଲୋ ! ବାପା ଶୁଣିବା ଆସ , ଆମ ପ୍ରତିମା ହାଏ ସ୍କୁଲ ମାଷ୍ଟ୍ରାଣୀ ହେଲାଣି , ବୋଉ ଆଉ ତ ତୁ ପ୍ରତିମା କୁ ଖୁଣ୍ଟା ଦେଇପାରିବୁନି । ବାପା ଚିଠି ଟା ଭଲ କରି ପଢ !

" ଏଁ ସତେ ତ , ମୁଁ ଜାଣିଥିଲି , ମୋ ବୋହୁ ନିଶ୍ଚୟ ମୋ ଘର ର ନାଁ ରଖିବ ! ହେଁଓ ଶଶିକଳା ଦେଖ .....

" କାଇଁ ଗୋଟେ ଗାଁ ଖାଇଲା ଭଳିଆ ରଡି ପକାଉଚ ? ମୁଁ କାଲୁଣି ନୁହେଁ ବା ! ସୁଭିଲାଣି ମୋତେ ...... ହଉ ଭଲ କଥା !

" ମୁଁ ସମସ୍ତଙ୍କୁ ଆଉ ଗୋଟେ କଥା କହିବାକୁ ଚାଁହୁଛି , ମୋର ପ୍ରମୋସନ ସହିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଆଣ୍ଡୋ ଗାଁ ଗାର୍ଲସ ହାଏ ସ୍କୁଲ କୁ ବଦଳି ବି ହେଇଚି । ଯଦି ମୁଁ ବଦଳି ହେଇ ନଯିବି , ତାହାଲେ ଏଠି ବି ମୋର ଚାକିରୀ ଟା ଯିବ । "

ଜାଣିଥିଲି ପରା ଜରୁର ଗୋଟେ କେଁ ଟେ ମଝିରେ ଥିବ ! ଏବେ ବାପା ପୁଅ ଆଉ ଯୋଗ୍ୟ ବୋହୁ ବୁଝା ବୁଝି ହଉଥା କଣ କରିବ ? " ଓଜି ଗାଁ ରେ କୁଜି , ଯେଉଁ ଗାଁ ରେ ଦେବତା ନାହିଁ ଶିଳପୁଆ ଟିଏ ପୂଜି ! " ମୋ ପ୍ରମୋଦ କୁ ଝିଅ ଅଭାବ ଥିଲା ଯେ ଆ ସଂଗେ ଯତି ପଡିଲା ,ମୋ ପୁଅ ଜନ୍ମ କରିବା ଚୁଲି ରେ ଯାଇ ପଶିଲା ............

ଆଉ ତମର ସେ ଅତି ପ୍ରିୟ ଚନ୍ଦ୍ରମୁଖୀ କୁ ବୋହୁ କରିଥିଲେ ତମ ରଙ୍ଗ ରହିଥାନ୍ତା ମ ! ପ୍ରତିମା ଗୋଟେ ସୁଶ୍ରୀ ଆଉ ସୁଶିକ୍ଷିତ ଝିଅ ବୋଲି ତମ ଭାବ ବିନୋଦିଆ ଚଳଣି ଆଜି ପର୍ଯ୍ୟନ୍ତ ଚଳି ଆସୁଛି ନା ! ଛାଡ.... ମାଁ ରେ ତୁ ଶୀଘ୍ର ଏ ପ୍ରମୋସନ ଗ୍ରହଣ କରି , ହାଏ ସ୍କୁଲ ମାଷ୍ଟ୍ରାଣୀ ହେଇ ସୁଆଣ୍ଡୋ ଯା .... ଶନି ରବି ଛୁଟି ଦେଖି ଘର ଆଡେ ବୁଲି ଆସିବୁ , ପ୍ରମୋଦ ଅଛି ଆମ ଦେଖାଶୁଣା କରିବାକୁ । ଆଉ ମୋର ସାଙ୍ଗ ଗୋପାଳ ସେଇ ଗାଁ ରେ ରହେ ତାକୁ କହିଲେ ସେ ବି ସାହାଯ୍ୟ କରିବ । ତୁ ନିଶ୍ଚିନ୍ତ ହେଇ ରହ , ଆଉ ରୋଷେଇ ବାସ , ଘର କାମଦାମ ତୋ ଶାଶୁ କରିଦବେନି ?

ହଁ , ବାପା ଏକ ଦମ ଠିକ କହିଛନ୍ତି । ପ୍ରତିମା ଆଉ ଡେରି ନକରି ଯିବା ପାଇଁ ସଜ ବାଜ ହୁଅ ।

" ହଇରେ ସ୍ତ୍ରୀ ବୋଲକରା ! ତୋ ବୋଉ ପରା ବୁଢ଼ୀ ହେଲାଣି ରୋଷେଇ ବାସ କରିବାକୁ ତାର କଅଣ ବଳ ବୟସ ମାଡି ଆସୁଛି ? କୁଆଡେ ଯିବା ଦରକାର ନାହିଁ ! "

" ଆଉ ବାକ୍ୟ ବାଣ ଛାଡି, ବୋହୁ କୁ ଗାଳି ମନ୍ଦ କରି ବିସ୍ଫୋରଣ କଲା ବେଳକୁ ତମ ବୟସ ମୁକୁ ମୁକୁ ହୋଉଛି ! "

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

" ବାପା , ବୋଉ ଠିକ କହୁଛନ୍ତି । ସେ ଏ ବୟସରେ କେମିତି .......

ତୁ ସେ କଥା କୁ ଜମା କର୍ଣପାତ କରନା । ତୁ ଖାଲି ତୋର ଆଉ ପ୍ରମୋଦ ର ଭବିଷ୍ୟତ ବିଷୟରେ ଚିନ୍ତା କରି ଆଗକୁ ଆଗେଇ ଚାଲ । ଭଗବାନ ତୋ ସାଙ୍ଗରେ ଅଛନ୍ତି ....

ରାତି ପାହିଲେ ପ୍ରତିମା ସୁଆଣ୍ଡୋ ପଳେଇବ । ଘରେ ଉଭୟେ ଖୁସି ଆଉ ବିଷାଦ ର ବାତାବରଣ । ଶାଶୁ ସବୁଥର ଭଳି ଗାଳି ଗୁଲଜ କରିବାରେ ବ୍ୟସ୍ତ , ପ୍ରମୋଦ ଆଉ ଦୟାନିଧି ବାବୁ ପ୍ରତିମା ର ଶୁଭ ମନାସିବା ସହିତ ପ୍ରତିମା ଯିବା ଦୁଃଖ ରେ ମର୍ମାହତ ।

" ପ୍ରମୋଦ , ଏବେ ବି ସମୟ ଅଛି , ମୁଁ ..... ମୁଁ ଏତେ ସ୍ୱାର୍ଥପର ହେଇ ତମ ସମସ୍ତଙ୍କୁ ଛାଡି କେମିତି ଯିବି ? ଟିକେ ଶୁଣ ଭଲା.....

" ଓହୋ ପ୍ରତିମା ! ମୁଁ ରଥ ବାବୁ ଙ୍କ ସାଙ୍ଗରେ କଥା ହେଲି , ସେ କହିଲେ ବର୍ଷେ ଭିତରେ ତମେ ଭଲ କାମ କଲେ ତମେ ଗାଁ ସ୍କୁଲ କୁ ପୁଣି ଫେରିଆସିବ । କେଇଟା ଦିନର କଥା ମୁ ସମ୍ଭାଳିନେବି । "

" ଆଉ ବୋଉ ......

"ତମେ ଭଲ କାମ କରି ପ୍ରସଂଶିତ ହେଲେ ସେ ବଳେ ସବୁ ବୁଝି ଯିବନି ? ତା ଛଡ଼ା ତମେ ଯିବା ପାଇଁ ଗୋପାଳ ମଉସା ସବୁ ବ୍ୟବସ୍ଥା କରିଦେଇଛନ୍ତି , ଆଉ ସ୍କୁଲ ପାଖରେ ଗୋଟେ ଘର ଭଡା ବି ଠିକ କରିଛନ୍ତି । ତେଣୁ ଆଉ ନ କାନ୍ଦି , ଖାଇ ପି ଯାଅ ଶୋଇପଡିବ କାଲି ସକାଳୁ ପୁଣି ଶୀଘ୍ର ବାହାରିବାର ଅଛି । "

ପ୍ରତିମା ପଲଙ୍କ ର ଏଗଡ ସେଗଡ଼ ହେଇ ରାତି ଟା କାଟିଲା । ସକାଳ ହେଲା ଆଉ ତା ପ୍ରସ୍ଥାନ ର ଘଡି ବି ପାଖେଇଆସିଲା ।

" ବାପା , ବୋଉ ଓଳିକି ! ମୁ ଆସୁଛି , ଔଷଧ ଠିକ ସମୟ ରେ ଖାଇବେ , ପ୍ରମୋଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଉ ଙ୍କର ବିପି ମେଡିସିନି ଟା ଠିକ ଟାଇମ ରେ ଦବ , ଆଉ ବାପା ଙ୍କର ଶୀତ ରେ ଗଣ୍ଠି ଫୁଲିଲେ କୁଲେଇଲ ତେଲ ଘରେ ଅଛି ଲଗେଇଦେବ ଆଉ ଘର ର ଭଲ ମନ୍ଦ ସବୁ ପ୍ରତି ସପ୍ତାହ ଚିଠି ରେ ଲେଖି ଜଣେଇବ ଆଉ.......

" ଥାଉ ଲୋ ! ତୋ ସରୁକରଣି କଥା ସବୁ ତୋ ପାଖେ ରଖ । ବର ଆଉ ଶଶୁର କୁ କି ମନ୍ତ୍ର ଫୁଙ୍କିଚୁ ଯେ ତୋରି କଥା ରେ ଉଠ ବସ ହଉଛନ୍ତି .....

" ସରମ କର ଶଶିକଳା , ଗୋପାଳ ପରା ଠିଆ ହେଇଚି ଆଉ ପିଲାଟା ଏତେ ଦୁରକୁ ଚାଲିଯାଉଛି କମ ସେ କମ ଆଜି ତ ସଭା ରେ ହାଣ୍ଡି ଭାଙ୍ଗିବା ବନ୍ଦ କର ....ମାଁ ରେ ଗୋପାଳ ମଉସା ସଂଗେ ଭଲ ରେ ଯାଇ ପହଂଚି , ଆଗେ ପ୍ରମୋଦ କୁ ଚିଠି ଲେଖିବୁ , ଭଗବାନ ତୋର ମଙ୍ଗଳ କରନ୍ତୁ । "

ପ୍ରମୋଦ ମୁ ଆସୁଛି.......ହାଁ ଯାଅ .....ଚିଠି ଦେବାକୁ ଭୁଲି ବନି ।

ବହୁତ ଦିନ ହେଇଗଲା ସେ ଏଇ ସ୍କୁଲ କୁ ଆସିଲାଣି ପ୍ରତିମା । ସ୍କୁଲ ରେ ସେ ଏକୁଟିଆ ଶିକ୍ଷୟିତ୍ରୀ । ପ୍ରଧାନଶିକ୍ଷକ ପଦବୀ ଖାଲି । ତେଣୁ ସେ ଉଭୟ କାମ କରେ । ଅବଶ୍ୟ କାଁ ଭାଁ କେବେ କେମିତି ପିଲାଏ ଏଠାକୁ ଆସନ୍ତି । ପ୍ରାୟତଃ ପିଲାମାନେ ନିକଟରେ ଥିବା ଶିଶୁମନ୍ଦିରକୁ ଯାଆନ୍ତି । ସେମାନଙ୍କ ପାଠ ପଢ଼ାରେ କୌଣସି ମନ ନଥାଏ । ମାଧ୍ୟାହ୍ନଭୋଜନ ବେଳକୁ ଥାଳି ନେଇ ସବୁ ଆସିଯାଆନ୍ତି । ବହୁତ ବିରକ୍ତି କର ପରିବେଶ ଥିଲା ।

ଭାବୁଚି , ଏ ଚାକିରୀ ଛାଡି ଦେବି । ଏତେ ପରିଶ୍ରମ କରି ଲାଭ ବା କଅଣ ? ଦି ମାସ ହେଲାଣି ଘରକୁ ଯାଇନି । ସରପଞ୍ଚ ବାବୁ ବି କେମିତି ବୁଝିପାରୁନାହାନ୍ତି କି ମୁ ଏକୁଟିଆ ମଣିଷ ଏତେ କାମ କେମିତି କରିବି ? ବଦଳି ପାଇଁ ଗୁହାରି କରି କରି ଥକି ଗଲି , ହେଲେ କେହି କଥା ଟାକୁ କାନ କୁ ନେଉନାହାନ୍ତି । ପ୍ରମୋଦ ଆଉ ଥର ଚିଠି ରେ ଲେଖିଥିଲେ ଯେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଦରମା ଘର ଖର୍ଚ୍ଚ କୁ ଏକା ନିଅଣ୍ଟିଆ , ମୁଁ ହାତ ନ ମିସେଇଲେ କଅଣ ଚଳିବ ? ହୋଉ ,କାଳିଆ ରେ ! ଯାହା ତୋର ଇଚ୍ଛା ........

ସ୍କୁଲ ବାରଣ୍ଡାରେ ଛିଡା ହେଲେ ଦୂରର ପର୍ବତ ଝରଣା ସବୁ ଦେଖାଯାଏ । ବହୁତ ମନୋରମ ପରିବେଶ । ସ୍କୁଲ ପାଖରେ ଗୋଟିଏ ଦୁଇବଖରାିଆ ଘର ବି ପାଇଛି ସେ । ନିଜେ ରୋଷେଇ କରି ଚାଲିଯାଉଛି । ଅନେକ ସମୟ ରେ ଘର କଥା ମନେପଡୁଛି । ହେଲେ ବହୁତ ଦୂର ଯିବ ସମ୍ଭବ ନାହିଁ । ଗାଁ ସରପଞ୍ଚ ଭାରି ଭଲ ଲୋକ କିନ୍ତୁ କାହିଁକି କେଜାଣି ତାକୁ ଲାଗେ ଯେମିତି ସେତାକୁ ସବୁବେଳେ ଅସହ୍ୟ ଭାବରେ ଚାହିଁ ରହନ୍ତି । ଦରମା ଆଣିବାକୁ ଗଲାବେଳେ ସେ ସବୁ ଅସୁବିଧା ଜଣାଇ ବଦଳି ପାଇଁ କହେ କିନ୍ତୁ କେହି ଶୁଣନ୍ତିନି ।

" ଆରେ ଗୋପାଳ ମଉସା , ନମସ୍କାର ! ଆପଣ ହଟାତ ଏଠି , ସବୁ ଠିକ ଅଛି ତ ? "

" ଦରମା ଆଣିବାକୁ ସରପଞ୍ଚ ଅଫିସ ଯିବାର ଥିଲା ପରା , ମନେ ନାହିଁ କି ମାଁ ? "

" ମଉସା ଏତେ କାମ ଭିତରେ ମୁଣ୍ଡ ରୁ ଦରକାରୀ କଥା ଟା ଖସି ଯାଇଚି , ପ୍ରମୋଦ ଚିଠି ରେ ଲେଖିଥିଲେ ଯେ ବୋଉଙ୍କର ଦେହ ଖରାପ , ବିପି ବଢି କୁଆଡେ ବେଳେ ବେଳେ ରକ୍ତ ବାନ୍ତି ହଉଚି ତେଣୁ ମୋର ପଇସା ପଠେଇବା ନିହାତି ଦରକାର । ଚାଲନ୍ତୁ ମଉସା ଶୀଘ୍ର ଯିବା । "

" ହଉ ଚାଲ , ମୁ ସାଇକଲ କାଢୁଛି ......

" ରବି ବାବୁ , ନମସ୍କାର ମୋ ସ୍ୟାଲେରୀ ଟା ଦେବେ କି ? "

" ମ୍ୟାଡ଼ାମ , ନାଁ , ଅଫିସ ଆଉ ପଦବୀ କୁହନ୍ତୁ । "

" ପ୍ରତିମା ମିଶ୍ର , ଗାର୍ଲସ ହାଏ ସ୍କୁଲ , ହାଏ ସ୍କୁଲ ଶିକ୍ଷୟିତ୍ରୀ । "

" ଏଇଠି ଦସ୍ତଖତ କରନ୍ତୁ । "

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

" ସାର ଆପଣ ଦି ହଜାର ଅଧିକ ଦେଇଦେଲେ , ମୋ ଦରମା ହଉଚି ପନ୍ଦର ହଜାର ସାତଶହ ସତୁରି ଟଙ୍କା ଆଉ ଆପଣ ....

" ବ୍ୟସ୍ତ ହୁଅନ୍ତୁନି , ଦଶହରା ପାଇଁ ସରପଞ୍ଚ ସାର ସବୁ ସରକାରୀ କର୍ମୀ ମାନଙ୍କୁ ହଜାର ଟଙ୍କା ବକ୍ସିସ ଦେଉଛନ୍ତି , ଆଉ ଆପଣ ଦୁଇ ତିନି ମାସ ହେଲାଣି ପ୍ରଧାନ ଶିକ୍ଷୟିତ୍ରୀ ଦାଇତ୍ୱ ସମ୍ଭାଳୁ ଥିବାରୁ ଆପଣଙ୍କୁ ସାର ଖୁସି ରେ ଆଉ ହଜାର ଟଙ୍କା ଦେଉଛନ୍ତି , ତେଣୁ ରଖନ୍ତୁ । "

" କିନ୍ତୁ କାହିଁକି , ଗୁରୁ ହିସାବରେ ପିଲାଙ୍କ ପାଇଁ ଏହା ମୋର କର୍ତ୍ତବ୍ୟ , ଆପଣ ଏଇ ହଜାର ଟଙ୍କା ରଖନ୍ତୁ , ସରପଞ୍ଚ ସାର ଅଛନ୍ତି ? ମୁଁ ତାଙ୍କୁ ଦେଖା କରିବାକୁ ଚାହେଁ । "

" କ୍ଷମା କରିବେ ମ୍ୟାଡ଼ାମ , ମତେ ସରପଞ୍ଚ ବାବୁଙ୍କ ଆଦେଶ ମାନିବାକୁ ପଡିବ , ଆଉ ସାର କାହା ସାଙ୍ଗରେ ବି ଦେଖା କରିବାକୁ ମନାକରିଛନ୍ତି , ଏବେ ଆପଣ ଆସିପାରନ୍ତି । "

" ଦରମା ଆଣିଲୁ ମା , ହୋଉ ଚାଲ ଘରେ ନେଇ ଛାଡି ଦେବି । "

" ନାଇଁ ମଉସା , ମତେ ଡାକ ଅଫିସ କୁ ଟିକେ ନେଇଯିବେ , ମୋର ସେଠି ଟିକେ ଜରୁରୀ କାମ ଅଛି । "

" ହୋଉ ଚାଲ । "

" ଡାକ ବାବୁ ନମସ୍କାର ! ଆଜି କିନ୍ତୁ ଦି ଟା ଲଫାପା ଦେବେ , ଗୋଟେ ଯିବ ପୁରୁଷୋତ୍ତମପୁର ଆଉ ଗୋଟେ ପୁରୀ ବାସେଳୀ ସାହି , ଏ ନିଅନ୍ତୁ , ଦୟାକରି ଲଫାପା ଦିଟା ଯେମିତି ଠିକ ସମୟରେ ଯାଇ ପହଂଚି ଯିବ , ଧନ୍ୟବାଦ । "

" ମାରେ , ତୁ ଏ କଅଣ କଲୁ ? ଶାଶୁ ଘର ଆଉ ବାପ ଘର କୁ ସବୁ ଦରମା ଏକ ବେଳେ ଝାଡ଼ି ଝୁଡି ଦେଇଦେଲୁ ? ନିଜ ପାଇଁ କିଛି ରଖିଲୁନି ! ମାସ ସାରା କୁ ଚାଲିବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେମିତି ? ମୁଁ ତ ଚାଷୀ ମୁଣ୍ଡରେ ମାଁ , ଅତି ବେଶୀ ରେ ଦୁଇ ସହ କି ଚାରି ସହ ଦେଇ ପାରିବି । "

" ମଉସା , ବୋଉଙ୍କ ଦେହ ଖରାପ ,ବଡ ଡାକ୍ତର କହୁଥିଲେ ଔଷଧ ପାଇଁ ଦଶ ହଜାର ଟଙ୍କା ଦରକାର ଆଉ ଏବେ ମୋ ବାପା ବୋଉଙ୍କର ଔଷଧ ଖର୍ଚ୍ଚ କୁ ବାପାଙ୍କର ପେନ୍‌ସନ ନିଅଣ୍ଟିଆ , ପାଠ ପଢ଼େଇଥିଲେ ବୋଲି ଆଜି ମାଷ୍ଟ୍ରାଣୀ ଟିଏ ହେଇପାରିଛି ,କିନ୍ତୁ ତାଙ୍କୁ କେବେ କିଛି ଦେଇପାରିନି । ମଉସା ,ଗଲା ମାସ ରେ ମୋ ପାଖରେ କିଛି ଟଙ୍କା ବଳିପଡିଛି , ମୁ ସେଇଥିରେ ଚାଲିଯିବି , ଆଉ ଆପଣ ଚିନ୍ତା କରନ୍ତୁନି ! "

" ଶଶିକଳା ଭାଉଜ ଯଦି ତୋ ପରି ସୁନାକୁ ପରଖି ପାରନ୍ତେ ? ଛାଡ , ଚାଲ ପ୍ରତିମା ଘରକୁ ଯିବା । "

" ମଉସା ଆପଣ ଏଇ ସରପଞ୍ଚ ବାବୁଙ୍କୁ ଜାଣିଛନ୍ତି କି ? ଲୋକ ଟା ପାଗଳ ପରି ମାନେ ହୁଏ , ସବୁ ଦିନ ଭଳି ଆଜି ବି ମତେ ଚାହିଁ ରହିଥିଲେ , ଆଉ ମୁ ଦେଖା କରିବାକୁ କହିଲେ , ଅଫିସ ଲୋକଙ୍କ ହାତରେ ମନା କରିଦେଲେ । ଏ ହଜାର ଟଙ୍କା ମୁଁ ଆର ମାସ ଦରମା ମିଳିଲା ମାତ୍ରେ ତାଙ୍କୁ ଫେରେଇ ଦେବି । "

" ନାଁ ରେ ମାଁ , ସେମିତି ମୋଟେ କରିବୁନି ! "

" କାହିଁକି ମଉସା ? "

" ସରପଞ୍ଚ , ଦୟାନିଧି ଆଉ ମୁଁ ଚାଟଶାଳୀ ବେଳର ସାଙ୍ଗ । ଅଜୟ ପାଠ ପଢି ରାଜନୀତି କରି ସରପଞ୍ଚ ହେଲା , ତୋ ଶଶୁର ଦୟାନିଧି ଶିକ୍ଷକ ହେଲା ଆଉ ମୁଁ ବାପାଙ୍କ ପଇସା ଅଭାବରୁ ଅଧାରୁ ପାଠ ଛାଡି ବାପାଙ୍କୁ ଚାଷ ବାସ ରେ ସାହାଯ୍ୟ କଲି । ଅଜୟ ର ଗୋଟେ ଝିଅ ଅଛି , ସେ କେତେ ଦିନୁ ବାହା ହେଇ ଗଲାଣି । ବହୁତ ଦିନ ହେଲାଣି ସେ ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରକୁ ଆସୁନି କି ଚିଠି ବି ପଠାଉନି , ତେଣୁ ସେଇ ଦୁଃଖରେ ଅଜୟ କୁ ଦୁଇ ଥର ହାର୍ଟ ଷ୍ଟ୍ରୋକ ବି ଆସିଲାଣି ।କେତେ ବେଳେ କଣ ହବ ଡାକ୍ତର କିଛି କହିପାରୁନାହାନ୍ତି । ତା ଝିଅ ଠିକ ତୋରି ବୟସର ହବ , ତୋ ପରିଶ୍ରମ ଆଉ ସୁଗୁଣ ବିଷୟରେ ମୁଁ ତାକୁ କଥା କଥା ରେ ଥରେ ଅଧେ କହିଥିଲି । ସିଏ ମନେ ମନେ ତା ଝିଅ କୁ ତୋରି ଭିତରେ ଖୋଜି ପାଇଛି , ସେଇଥିପାଇଁ ସେ ତତେ ଅଧିକ ହଜାର ଟଙ୍କା ଦେଇଥିବ । ହୋଉ , ଘର ଆସିଗଲା , ତୁ ଯା ମୋର ତେଣେ କଲି ବିଲ ରେ ଅନେକ କାମ ଅଛି , ମୁଁ ଆସୁଛି । "

ଗୋପାଳ ମଉସାଙ୍କ ଶବ୍ଦ ସବୁ ସାତ ଦିନ ହେଲାଣି ପ୍ରତିମା କାନ ରେ ବାଜିଉଠୁଛି , ଏପଟେ ପ୍ରମୋଦ ର ଆଉ ଚିଠି ବି ଆସୁନି , ଶାଶୁଙ୍କର ଦେହ ର ଅବସ୍ଥା ଜାଣିବାକୁ ପ୍ରତିମା ବ୍ୟସ୍ତ ହୋଇପଡିଲାଣି । ତେଣୁ ଆଉ ଅପେକ୍ଷା ନକରି ସ୍କୁଲ ରୁ କିଛି ଦିନ ପାଇଁ ଛୁଟି ନେଇ ପ୍ରତିମା ପୁରୁଷୋତ୍ତମ ପୁର ଅଭିମୁଖେ ବାହାରି ପଡିଲା । ହେଲେ ......

ଯିବା ଆଗରୁ ସରପଞ୍ଚ ବାବୁଙ୍କର ମୁଣ୍ଡରୁ ଝିଅ ର ଭୂତ ଟା ଓଲେ଼ଇ ଦେବାକୁ ପଡିବ । ରବି ବାବୁ , ସରପଞ୍ଚ ସାର ଅଛନ୍ତି , ମୁଁ ତାଙ୍କୁ ନିହାତି ଦେଖା କରିବାକୁ ଚାଁହୁଛି ।

" ହଁ ଆପଣ ଯାଇପାରନ୍ତି । "

" ସରପଞ୍ଚ ବାବୁ , ନମସ୍କାର । ମୁଁ ମୋ ନାଁ କହିବା ଦରକାର ମନେ କରୁନି କାରଣ ଆପଣ ମୋତେ ଭଲ କରି ଜାଣିଥିବେ । ଆପଣ ଆଉ ଆପଣଙ୍କ ଝିଅଙ୍କ ଭିତରେ ଯାହା କିଛି ବି ହଉଚି ତା ପାଇଁ ମୁଁ ଦୁଃଖିତ , କିନ୍ତୁ  ୟାର ମାନେ ନୁହେଁ କି ମୋ ଭିତରେ ଆପଣ ଆପଣଙ୍କ ଝିଅକୁ ଦେଖିପାରୁଛନ୍ତି ବୋଲି ଏମିତି ଏଇ ଅଜଣା ମଫସଲ ରେ ଅଢେଇ ବର୍ଷ ହେଲା ବହୁତ କାମ ସହିତ ବରାକ୍ରାନ୍ତ କରାଇ ଅଟକ ରଖିବେ  ? ଗୋପାଳ ମଉସାଙ୍କ ଠାରୁ ମୋ ଘର ର ପରିସ୍ଥିତି ବିଷୟରେ ଆପଣ ଭଲକରି ଜାଣିଥିବେ  !  ପୁଣି ଜାଣି ଶୁଣି ମୋତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତେ ଅସୁବିଧା ରେ ପକେଇବାର ମାନେ କଅଣ ? ରଥ ସାରଙ୍କର କହିବା ଅନୁସାରେ ମୁଁ ମୋ ସବୁ କାମ ନିଖୁଣ ଭାବରେ ସାରିଦେଛି । ତେଣୁ ବର୍ଷେ ଭିତରେ ମୋର ବଦଳି ପୁରୁଷୋତ୍ତମ ପୁର କୁ ହେଇଜିବା କଥା । ତେଣୁ ଆପଣ ଯଥା ଶୀଘ୍ର ମୋ ବଦଳି ପାଇଁ ବ୍ୟବସ୍ଥା କରନ୍ତୁ...... ନହଲେ ! ......

" ତମର ଆଉ କିଛି କରିବା ଦରକାର ନାହିଁ , ଏଇ ନିଅ ତମ ବଦଳି କାଗଜ ସବୁ । କାଲିଠାରୁ ତମେ ତମ ଗାଁ ସ୍କୁଲ ରେ ହାଏ ସ୍କୁଲ ମାଷ୍ଟ୍ରାଣୀ ଭାବରେ କାର୍ଯ୍ୟ ଆରମ୍ଭ କରିପାରିବ । ମୁଁ ବାପା ପ୍ରତିମା , ମୁଁ ତମକୁ ମୋ ଝିଅ ଭଳି ଭଲପାଏ , ସେଇଥିପାଇଁ ......

" ସେଇଥିପାଇଁ ମଉସା ଆମକୁ ଡକେଇ ଦେଲେ ନା ! "

" ପ୍ରମୋଦ , ବାପା , ବୋଉ ଆପଣମାନେ ଏଠି ? ପ୍ରମୋଦ ତମେ ମତେ ଆଗରୁ କିଛି କହିନଥିଲ ? ଆଉ , ବୋଉ ଆପଣଙ୍କ ଦେହ ଭଲ ଅଛି ତ ? "

" ମା ପ୍ରତିମା ତୁ ମୋ ରକ୍ତ ବାନ୍ତି ଭଲ ହବ ବୋଲି ତିନି ମାସ ହେଲାଣି ସବୁ ଦରମା ବିନା ସ୍ୱାର୍ଥ ରେ ପଠେଇ ଦଉଚୁ ? ବଦଳରେ ମୁଁ ତୋତେ ମା ହିସାବରେ ଅଭଦ୍ର ବ୍ୟବହାର ଛଡ଼ା କିଛି ଦେଇପାରିନି , ପ୍ରମୋଦ , ଅଜୟବାବୁ ଆଉ ୟାଙ୍କଠାରୁ ଶୁଣିବା ପରଠୁ ମୁଁ ନିଜେ ନିଜ ଆଖିରେ ଖୁବ ଛୋଟ ଯାଇଛି ପାରିବୁ ଯଦି ମୋତେ କ୍ଷମା କରିଦେବୁ ! "

" ଛି ବୋଉ ! ଆପଣ ବଦଳି ଯାଇ ମୋତେ ଗ୍ରହଣ କଲେ ସେତିକି ମୋ ପାଇଁ ଯଥେଷ୍ଟ । "

" ଅଜୟ ମଉସା ଆପଣଙ୍କ ପାଇଁ ଆଜି ମୁଁ ଆଉ ମୋ ପୁରା ପରିବାର ଏକାଠି ହେଇ ପରିଚୁ । ଆପଣଙ୍କୁ ଭୁଲ ବୁଝି ମୁଁ ଅନେକ କଥା କହିଦେଲି । ସମସ୍ତେ କୁହନ୍ତି ମଣିଷ ମା ବୋଲି ଅନେକ ଜଣଙ୍କୁ ସମ୍ବୋଧନ କରିପାରିବ , କିନ୍ତୁ ବାପା ଡାକିପରିବ କେବଳ ଜଣଙ୍କୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିନ୍ତୁ ଭଗବାନ କେଡେ ଦୟାଵାନ , ସେ ମୋତେ ସ୍ନେହ ଓ ଶ୍ରଦ୍ଧା ଦେବା ପାଇଁ ଗୋଟେ ନୁହେଁ ତିନି ତିନିଟା ବାପା ଉପହାର ସ୍ୱରୂପ ପ୍ରଦାନ କରିଚନ୍ତି । ମୁଁ ଭାବୁଥିଲି ଯେ ମୁଁ ଜୀବନ ଯୁଦ୍ଧ ରେ ହାରି ଯାଇ ବୁଡି ମରିବି ! କିନ୍ତୁ " କିଏ ଭାସେ କିଏ ବୁଡ଼େ " ତାହା ଭଗବାନ ଆଉ ସମୟ ହିଁ କହିପାରିବେ !

ଠିକଣା : କ୍ୱାର୍ଟର ନମ୍ବର - ଜି+୬ ୧୦୨,
ନ୍ୟାସନଲ୍ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି କ୍ୟାମ୍ପସ ,
ଗ୍ରେଟର ଇଷ୍ଟେର୍ଣ୍ଣ ରୋଡ଼ , ରାଏପୁର - ୪୯୨୦୦୧ , ଛତିଶଗଡ଼
ଦୂରଭାଷ - ୯୪୩୭୩୦୬୪୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗର୍ଭ ଯନ୍ତ୍ରଣା



ଦୀପକ ଷଡ଼ଙ୍ଗୀ

ବଡ ଜୋରରେ ଗର୍ଜନ କରୁଥାଏ ମିତା । "ଆଉ ଏ ଯନ୍ତ୍ରଣା ମୁଁ ସହି ପାରିବିନି । କିଏ କୋଉଠି ଅଛ ଦଉଡି ଆସ ।" ଆସନ୍ନ ପ୍ରସବା ମିତାର ଗର୍ଭ ଯନ୍ତ୍ରଣା ଶୁଣି ପାଖରେ ବସିଥିବା ଆୟା ହସିହସି କହୁଥାଏ "ଆଲୋ ! ତୁ ଗୋଟାଏ ଛୁଆ ଜନମ କରିବାକୁ ଏମିତି କଣ ଛାଟିପିଟି ହଉଛୁ ? ତୋରି ବୟସରେ ମୁଁ ପରା ପାଞ୍ଚ ପାଞ୍ଚଟା ଛୁଆ ଜନମ କରିଥିଲି; ସେ ପୁଣି ଘର ଭିତରେ । ତୁ ତ ଡାକ୍ତରଖାନାରେ ଅଛୁ ଡରୁଛୁ କିଆଁ ? ତୋର ଛୁଆ ପରା ମୁହଁ ପାଖକୁ ଆସିଗଲାଣି ଆଉ ଟିକେ ପରେ ବାହାରି ପଡିବ ।" ଆୟାର କଥା ଗୁଡାକ ମିତାକୁ ବିଷ ଭଳିଆ ଲାଗୁଥାଏ । ଏ ଭିତରେ ଡାକ୍ତରାଣୀ ସାହେବା ଚାଲି ଆସିଲେ ମିତାର ପେଟ ଉପରେ ହାତ ବୁଲେଇ ଦେଇ ଦେଖି କହିଲେ, "ନା ଆଉ ନର୍ମାଲ୍ ଡେଲିଭରି ହେଇ ପାରିବନି ପିଲାର ବେକରେ ପରା ନାଡ ଗୁଡେଇ ହେଇ ଗଲାଣି ।" ମିତା ଡାକ୍ତରାଣୀଙ୍କ କଥା ଶୁଣି ଛାନିଆରେ କାକୁତିମିନତି ହୋଇ କହିଲା "ମ୍ୟାଡମ ! ମୋର ପଛେ ଯାହା ହଉଛି ହଉ ମୋ ପିଲାକୁ ବଞ୍ଚେଇ ଦିଅନ୍ତୁ ।" ଏତିକି କଥା ମିତା ଠାରୁ ଶୁଣିବା ପରେ ଡାକ୍ତରାଣୀ ସାହେବା ନର୍ସଙ୍କୁ କହିଲେ ଓଟି ପ୍ରସ୍ତୁତ କରି ରଖିବା ପାଇଁ । ଦୁଇ ଘଣ୍ଟା ପରେ ମିତାର ଯେତେବେଳେ ଚେତା ଆସିଲା ଦେଖିଲା ତା ପାଖରେ ଶୋଇଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା କୁନି ଝିଅ । ଘର ଲୋକ ସମସ୍ତେ ତା ପାଖରେ ବସିଛନ୍ତି । ଏତିକି ବେଳେ ଆତ୍ମା ଆସି ମିତା କାନରେ କହି ଦେଇଗଲା ଦେଖିଲୁ ତ ଏମାନେ ତତେ ଡରେଇ ଦେଇ କେମିତି ତୋ ପାଖରୁ ପାଞ୍ଚ ଜାଗାରେ ପଚାଶ ହଜାର ନେଇ ଗଲେ । ଆତ୍ମାର କଥାକୁ ମିତା ନ ଶୁଣିଲା ପରି ଚାହିଁ ରହିଥିଲା ତା ଝିଅର ମୁହଁକୁ ।

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମାର ସାନ୍ନିଧ୍ୟ

ହଠାତ୍ ଦିନେ ବିଜୟ ବାବୁଙ୍କ ମନ ଆନ୍ଦୋଳିତ ହୁଏ ।

ସେ ରୋଗଶଯ୍ୟାରେ ଶଯ୍ୟାଶାୟୀ ବିଗତ କେତେଟା ବର୍ଷରୁ ।

ଅଚଳାଚଳ ସମ୍ପତ୍ତିର ମାଲିକ ଆଉ ଜଣେ ଆଦର୍ଶ ଶିକ୍ଷକ ହିସାବରେ ପରିଗଣିତ । ଦୁଇ ପୁଅ, ଦୁଇ ଝିଅକୁ ନେଇ ସଂସାର । ଧର୍ମପତ୍ନୀଙ୍କ ସ୍ୱର୍ଗବାସ ହୋଇ ସାରିଥାଏ । ପୁଅ ଆଉ ଝିଅ ସବୁ ବାହାରେ ଚାକିରି ବାକିରି ଆଉ ନିଜ ଘର ସଂସାର କରି ପ୍ରତିଷ୍ଠିତ । ବିଜୟ ବାବୁ ଘରେ ଏକୁଟିଆ ଆଉ ତାଙ୍କ ଚାକର ବଳି ତାଙ୍କ ର ସମସ୍ତ ଦାୟିତ୍ୱ ନିର୍ବାହ କରେ ।  ସେବା ଯତ୍ନ ମାଧ୍ୟମରେ ମାଲିକର ଋଣ ସୁଝେ ।

ହଠାତ ଦିନେ ବିଜୟ ବାବୁ ତାଙ୍କ ସମସ୍ତ ସନ୍ତାନଙ୍କୁ ଡକେଇ ପଠେଇଲେ । ସମସ୍ତେ ବାପାଙ୍କ କଥା ଶୁଣି ଉପସ୍ଥିତ ହେଲେ  ।

ବିଜୟ ବାବୁ ତାଙ୍କ ସମସ୍ତ ସମ୍ପତ୍ତିକୁ ସନ୍ତାନମାନଙ୍କ ମଧ୍ୟରେ ଭାଗ କରିବାକୁ ଇଛା ପ୍ରକାଶ କଲେ । ସମସ୍ତେ ଖୁସିରେ ଗଦଗଦ ।

ବଡ ପୁଅ ସମସ୍ତ କୋଠା ବାଡି ନେବାକୁ ଇଛା କଲା । ସାନ ପୁଅ ଜମିବାଡି । ଝିଅ ଦୁଇଜଣ ଗହଣା ଗାଣ୍ଠିକୁ ନେବାରେ ଆଗ୍ରହ ଦେଖାଇଲେ । ତା ପରେ ସମସ୍ତେ ନିଜ ନିଜ ରାସ୍ତାରେ ଚାଲିଗଲେ ।

ବିଜୟ ବାବୁ ହତବାକ  ।



ପ୍ରିୟଦର୍ଶୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁ ବାପା ଦିନେ ମୁଣ୍ଡଝାଳ ତୁଣ୍ଡରେ ମାରି ଦୁଖକଷ୍ଟ ସହି ଏମାନଙ୍କୁ ଏତେ ବଡ କରିଥିଲା ଏବେ ସେମାନେ ଅସମୟରେ, ଦୂରାବସ୍ଥା ରୋଗ ବ୍ୟାଧିରେ ପାଖରେ ନାହାଁନ୍ତି ।

ନିଜ ଭାଗ୍ୟ ହିଁ ସାଥି ।ଏହି ହେଉଛି ଏ ଦୁନିଆର ରୀତିନୀତି ।

ଯାହା ହେଉ ବିଜୟ ବାବୁ ଦୀର୍ଘଶ୍ୱାସ ଛାଡି ଆଶ୍ୱସ୍ତ ହେଲେ । ପାଖରେ ବଳି ବସି ବାବୁଙ୍କ ଗୋଡ ମୋଡୁଥାଏ । ବିଜୟ ବାବୁ ପଚାରିଲେ, 'ବଳି ।'

ହଁ ବାବୁ ।

ପୁଅ ଝିଅ ତ ତାଙ୍କ ଇଛା ଅନୁସାରେ ସମ୍ପତ୍ତି ନେଲେ । ତୁ ତ ଅନେକ ଦିନ ଧରି ମୋ ଘରେ ରହି ମୋର ସେବା ଯତ୍ନ କରୁଛୁ । ତୋର କଣ ଦରକାର କହ । ବଳି ନିରୁତ୍ତର ହୋଇ ମାଲିକଙ୍କ ମୁହଁକୁ ଚାହିଁ ରହିଲା । ନୀରିହ, ନିଷ୍ପାପ ମନରେ ପଦୁଟିଏ କଥା କହିଲା, ବାବୁ ମୋର କିଛି ଧନ ସମ୍ପତ୍ତି ଦରକାର ନାହିଁ ।

ଭଗବାନ କରନ୍ତେ, ଆପଣଙ୍କ ରୋଗକୁ ମୋ ଦେହକୁ ଦେଇ ଦିଅନ୍ତେ ।

ମୁଁ ସେଇ ରୋଗକୁ ନେଇ ଆଉ ଅଳ୍ପ କେଇଦିନ ବଞ୍ଚନ୍ତି ଆଉ ଆପଣଙ୍କ ମୁହଁରେ ପୂର୍ବଯାବତ ହସ ଟିକିଏ ଦେଖନ୍ତି ।

ବିଜୟ ବାବୁ ସ୍ଥିର, ନୀରବ, ନିଃଶବ୍ଦ, ନିଶ୍ଚଳ ଆଉ ସମାଧିସ୍ଥ ଅବସ୍ଥାରେ ଶଯ୍ୟାଶାୟୀ । ବଳିର ମୁହଁକୁ ଚାହିଁ ତାଙ୍କ ନୟନରୁ ଦୁଇଧାର ଲୋତକର ବୁନ୍ଦା ଝରିପଡେ । ଆଉ ଥର ଥର କଣ୍ଠରେ କହି ପକାନ୍ତି .........

ଏ ଦୁନିଆରେ କିଏ ନିଜର, ଆଉ କିଏ ପର । ଏହା କଣ ଆତ୍ମା ର ସାନ୍ନିଧ୍ୟ !!!!!

ଗୋବିନ୍ଦ ନିବାସ,ପୁଟିଆ, ଆନନ୍ଦପୁର, କେନ୍ଦୁଝର

ମୋ - ୮୨୪୯୦୪୦୬୪୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୟସର ଅପରାହ୍ନ

ଅମୃତମୟ ସୃଷ୍ଟିରେ ଏକ କ୍ଷୁଦ୍ରାତିକ୍ଷୁଦ୍ର ଜୀବ ଭାବେ ଜନ୍ମ ନେଇ ସ୍ରଷ୍ଟାଙ୍କ ସର୍ଜନାର ମୁକସାକ୍ଷୀ ହେବା ନିଜ ଭିତରେ ଏକ ପରିତୃପ୍ତ ଅନୁଭବ । ତାପରେ ପୁଣି ଅପରିକଳ୍ପିତ ବସ୍ତୁବାଦୀ ସୃଜନତା ଓ ସମାନ୍ତରାଳରେ ଜନ୍ମ ଜନ୍ମାନ୍ତର ଧରି ଚେତନାର ଅଭିବୃଦ୍ଧି ଦିଗରେ ସାଧନାରତ ରହିବା, ସାବ୍ୟସ୍ତ କରିଛି ମଣିଷକୁ ସ୍ରଷ୍ଟାଙ୍କର ସ୍ୱତନ୍ତ୍ର ସୃଷ୍ଟି ଭାବରେ । ତର୍ଜମା ମନୁଷ୍ୟ ମସ୍ତିଷ୍କର ଅନ୍ୟ ଏକ ସୃଜନ ଶକ୍ତି, ଯଦ୍ୱାରା ବିବର୍ତ୍ତନଶୀଳ ସଭ୍ୟତାରେ ତ୍ୱରାନ୍ୱିତ ହୋଇପାରିଛି ମାନବୀୟ ଅଭିବୃଦ୍ଧି । ସୀମିତ ସମ୍ବଳର ସଦୁପଯୋଗ, ବିକଳ୍ପର ଅନୁସନ୍ଧାନ ଆଦି ଉତ୍ତମ ପ୍ରକ୍ରିୟାମାନ ସହଜ ସାଧ୍ୟ ହୋଇପାରିଛି ଏହା ଦ୍ୱାରା । ପରିବ୍ୟାପ୍ତ ଆଜି ମଣିଷ କୃତିତ୍ୱର ପରିସୀମା, ଐତିହାସିକ, ଆର୍ଥିକ, ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ବୈଜ୍ଞାନିକ ଆଦି ଅନେକ ଦିଗରେ କାୟା ବିସ୍ତାରକରି ଏକ ନୂତନତ୍ୱର ଦିଗବଳୟ ଉଦଭାସିତ କରିପାରିଛି । କୃତ୍ରିମ ବୁଦ୍ଧିମତା ତଥା ଯାନ୍ତ୍ରିକ ଅଧ୍ୟୟନ ଆଦି ମଣିଷର ଯୁଗାନ୍ତକାରୀ ସଫଳତା । ହେଲେ ବିଜୟର ପରିଧି ଆଙ୍କୁ ଆଙ୍କୁ ଉପନୀତ ହୁଏ ବୟସର ଅପରାହ୍ନ, ଜୀବନର କୃଷ୍ଣଚୂଡା ମଉଳି ଉଠେ କାଳର କଠୋର ଇଙ୍ଗିତରେ ।



ମାନସ ରଞ୍ଜନ ନାୟକ

ଦ୍ୱାରଦେଶରେ କାହାର କରାଘାତର ଶବ୍ଦ ଶୁଣି ରଙ୍ଗାଧର ବାବୁ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧାଇଁ ଯାଇ କବାଟ ଖୋଲିଲେ, ପାଖ ଗାଁର କେହିଜଣେ ଏକ ବିବାହ ଆମନ୍ତ୍ରଣ କାର୍ଡ଼ ନେଇ ଆସିଥାଏ । କାର୍ଡ ନଦେଖି ସମାଚାର ଚ୍ୟାନେଲ୍ ର ବଡ ଖବର ଭଳି ବାବୁ ସିଧା ସଳଖ ପ୍ରଶ୍ନ କରିଚାଲିଲେ ବାହାଘରର ପୂର୍ବ ପର ସୂଚନା, ବିଚରା ଲୋକଟି ଅରାଜକତାକୁ ଲୁଚାଇ ଆରୋପୀ କ୍ୟାମେରା ସାମ୍ନାରେ ରହିଲାପରି କିଞ୍ଚିତ୍ ଶବ୍ଦରେ ଜବାବ୍ ରଖି ମୋଟରସାଇକେଲ୍ ର ଏକ୍ସିଲେରେଟର୍ ଦବାଇ ଚାଲିଗଲେ । ଉତ୍ସାହର ସହିତ ଏନଭଲପଟିକୁ ଖୋଲୁ ଖୋଲୁ ବୋହୁ ସୁଜାତାର ତାଗିଦ୍ କଲାପରି ସ୍ୱର ଏକ ବିଷାଦର ରେଖା ଆଙ୍କିଦେଲା ବାବୁଙ୍କ କପାଳରେ, "ବାପା ଆପଣଙ୍କୁ କେତେଥର କୁହାଯିବ କବାଟ୍ ନ ଖୋଲିବାପାଇଁ, କରୋନା ଗାଇଡ ଲାଇନ୍ସ୍ ପରା ଦିନ ରାତି ଟିଭିରେ ଦେଖୁଛନ୍ତି, ବୟସ ଏତେ ହେଲାପରେ ବି ଏତେଟା ଖାମଖିଆଲି କଣପାଇଁ ? ନିଜେ ଅସୁବିଧାରେ ତ ପଡିବେ ଆମମାନଙ୍କୁ ବି ବିପଦରେ ପକାଇବେ ?" କିଂକର୍ତ୍ତବ୍ୟମୂଢ ହୋଇ ବାବୁ ତାଙ୍କ ଶୋଇବା ଘରକୁ ଚାଲିଗଲେ । ମନର ଝଡକୁ ଶାନ୍ତ କରିବାର ପ୍ରୟାସ ନେଇ ଟେବୁଲ୍ ଉପରୁ ଖବରକାଗଜଟିକୁ ଟାଣି ଆଣି ସେଦିନର ତାଜା ଖବର ପୃଷ୍ଠାରେ ମନୋନିବେଶ କଲେ ରଙ୍ଗାଧର ବାବୁ । ହେଲେ ବୋହୂ ସୁଜାତାଙ୍କର ଶବ୍ଦତରଙ୍ଗ ବାରମ୍ବାର ପୂର୍ଣ୍ଣିମା ରାତିର ଜୁଆର ପରି ତାଙ୍କ ମନ ସାଗରରେ ହୁଙ୍କାର ମାରୁଥାଏ । ଦୀର୍ଘ ୪୦ ବର୍ଷର କର୍ତ୍ତବ୍ୟନିଷ୍ଠ ସେବା ପରେ ଏବେ ୫ ବର୍ଷ ହେବ ଅବସରପ୍ରାପ୍ତ ସରକାରୀ ଶିକ୍ଷକ ସେ, ୨ ବର୍ଷତଳେ ପତ୍ନୀ ବିମଳାଙ୍କର ପରଲୋକ ଘଟିଛି ହୃଦଘାତରେ । ବାବୁଙ୍କର ପାଦ ଚାଲିଗଲା ଆପେ ଆପେ କାନ୍ଥରେ ଝୁଲୁଥିବା ପତ୍ନୀଙ୍କର ଫଟୋ ଆଡକୁ । ସେ ଆରପାରିକୁ ଗଲା ପରଠାରୁ ଆଜିକାଲି ରଙ୍ଗାଧର ବାବୁ ନିଜ ମନର ସମସ୍ତ ଅନ୍ତର୍ଦ୍ୱନ୍ଦ ନେଇ ଘଣ୍ଟା ଘଣ୍ଟା ଧରି ପତ୍ନୀ ବିମଳାଙ୍କ ଫଟୋ ସାମ୍ନାରେ ବସିରହନ୍ତି । ସେହି ନିର୍ଜୀବ ରଙ୍ଗ କାଗଜରେ ବି ବୋଧହୁଏ ତାଙ୍କୁ ଅବଲୋକନ ହେଉଥିଲା ବିମଳାଙ୍କର ଚର୍ମ ଚକ୍ଷୁର ଦର୍ଶନ ଓ ଦୁହେଁ ଚେତନା ରାଜ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଶ୍ ସମୟ ବିଚାର ବିମର୍ଶରେ ରହି ଏକ ସକାରାତ୍ମକ ସିଦ୍ଧାନ୍ତରେ ଉପନୀତ ହେଉଥିଲେ । ଆଜିବି ବୋହୂ ସୁଜାତାଙ୍କର କଟାକ୍ଷ ବେଶ୍ ଆନ୍ଦୋଳିତ କରିଛି ତାଙ୍କର ପିତୃତ୍ୱର ସିଦ୍ଧାନ୍ତକୁ । ପୁଅବୋହୂଙ୍କୁ କେବେ ସେ ହତାଦର କରିନାହାନ୍ତି ଆଜିଯାଏ, ଯଦିଓ ବିମଳା ଥିବା ଯାଏ ଏତେଟା ସେ ଘରକରଣାରେ ପ୍ରତ୍ୟକ୍ଷ ସାମିଲ୍ ନଥିଲେ । ଏକମାତ୍ର ପୁତ୍ର ତାଙ୍କର ସରୋଜ୍ ଜଣେ ସଫ୍ଟୱେୟାର୍ ଇଞ୍ଜିନିୟର୍ ଏକ ପ୍ରସିଦ୍ଧ ମଲଟିନେସନାଲ୍ କମ୍ପାନୀ ବାଙ୍ଗାଲୋରରେ, ପ୍ରେମ ବିବାହ କରିଛି ସେ, ତା କମ୍ପାନୀରେ ଏକାଉଣ୍ଟ ବିଭାଗରେ କାମକରେ ସୁଜାତା । ପାରମ୍ପରିକ କଠୋରପନ୍ଥୀ ରଙ୍ଗାଧର ସମ୍ପୂର୍ଣ୍ଣ ଖିଲାଫ ଥିଲେ ସତ, ହେଲେ ସରୋଜ୍ ର ଏକାନ୍ତ ଜିଦ୍ ଓ ପରେ ପୁତ୍ର ସ୍ନେହାନ୍ଧ ବିମଳାଙ୍କ ରାଣ ବାଧ୍ୟ କରିଥିଲା ତାଙ୍କୁ ଛାତି ଉପରେ ପଥର ରଖି ବାହାଘରକୁ ସ୍ୱୀକୃତି ଦେବାପାଇଁ । ଆଶା ଥିଲା ଦିନ କେଇ ଦିନରେ ପଡୋଶୀଙ୍କ ଟାହିଟାପରା ଉଚ୍ଚଶିକ୍ଷିତା ତଥା ଚାକିରିଆଣୀ ବୋହୂ ଆଗରେ କ୍ଷୀଣ ପଡିଯିବ । ତାଙ୍କର ଆଶା ସତହେଲା ସତ, ହେଲେ ହୃଦୟର କେଉଁ କୋଣରେ ଉଙ୍କିମାରି ଥିବା ଏକ ଆଶଙ୍କା କ୍ରମଶଃ ବଳବତ୍ତର ହୋଇ ଉଠିଛି ଏବେ ମୁଖ୍ୟତଃ ବିମଳା ଆଖିବୁଜିଲା ପରେ ।

ବୟସର ଅପରାହ୍ନ ରେ ଆଶ୍ରୟ ତ ଲୋଡି ନାହାନ୍ତି ସେ ଏଯାଏଁ, ନିଜ ଅର୍ଜିତ ଉପାର୍ଜନରେ କିଛି ନହେଲେ ବି ଖଣ୍ଡିଏ ସୁଦୃଢ଼ ପକ୍କା ଘର, ଦୁଇ ଏକର ଚାଷ ଜମି ଓ ରାଜରାସ୍ତାକୁ ଲାଗି ୧୦ ଗୁଣ୍ଠ ଜମି ମଧ୍ୟ ପୁଅ ସରୋଜ୍ ନାମରେ ରେଜିଷ୍ଟ୍ରି କରିଦେଇଛନ୍ତି । ମାସକୁ ମାସ ମିଳୁଥିବା ପେନସନ୍ ତାଙ୍କର ଏକୁଟିଆ ଗୁଜୁରାଣ ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ଓ ସେଥିରୁ ବଡ ଏକ ଅଂଶ ଏବେ ପ୍ରତି ମାସ ନାତି ଶୁଭମ୍ ନାଁରେ ବ୍ୟାଙ୍କ୍ ରେ ରଖୁଛନ୍ତି । ତାକୁ ଏବେ ୪ ବର୍ଷ, କେଉଁ ଏକ ଇଂରାଜୀ ମିଡିୟମ୍ ସ୍କୁଲରେ ପାଠପଢିବା ଆରମ୍ଭ କଲାଣି ବାଙ୍ଗାଲୋର୍ ରେ । ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା ପରେ ବାବାମା'ଙ୍କ ସହ ସେ ଆସିଛି ପ୍ରଥମ ଥର ପାଇଁ ଗାଁକୁ । ହଁ, ଭିଡିଓ କଲ୍ ରେ କିନ୍ତୁ ସବୁ ରବିବାର ଜେଜେ ସହ ତାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଲୁରୁ ଗୁଲୁରୁ ପାଟିରେ କେଇପଦ ଅସ୍ପଷ୍ଟ କଥା ସାଙ୍ଗକୁ ହସ ହସ ମୁହଁ ସାଂସାରିକ ଜୀବନ ରେ ପୀୟୂଷ ତୁଲ୍ୟ ମନେହୁଏ ରଙ୍ଗାଧର ବାବୁଙ୍କୁ । ଚକ, କଳ, ଅଖ ତ ପାଟିରେ ପଶୁନି ହେଲେ ମମି ତାର ଅପ୍ରତିମ ଉଦ୍ୟମ କରିଚାଲିଛି ଇଂରାଜୀ ଶିଖେଇବା ପାଇଁ । ସର୍କସରେ ରିଙ୍ଗ୍ ମାଷ୍ଟର୍ ବାଘ, ସିଂହ, ମାଙ୍କଡ଼କୁ ତାଗିଦ୍ କଲା ପରି ମା ପୁଅଙ୍କର ପାଠପଢା ଚାଲେ ସଞ୍ଜ ସକାଳେ । ଶୁଭମ୍ ର "ଜେଜେ....ଜେଜେ" ଡାକ ଶୁଭିଲା ଦାଣ୍ଡ ପଟରୁ । ସରୋଜ୍ ତାକୁ ନେଇ ବଜାର୍ ଯାଇଥିଲା ସେଲୁନରେ ବାଳ କଟେଇବା ପାଇଁ । ଦୌଡି ଦୌଡ଼ି ନାତି ପଶି ଆସିଲା ବାବୁଙ୍କ ଶୋଇବା ଘରକୁ ଓ ତାଙ୍କୁ ଫଟୋ ସାମ୍ନାରେ ଛିଡାହୋଇ ଅନ୍ୟମନସ୍କ ଥିବାର ଦେଖି କହିଲା "ଜେଜେ ଫଟୋରେ କାହାକୁ ଦେଖୁଛ ? ଦେଖ ତୁମ ପାଇଁ ମୁଁ ଆଇସକ୍ରିମ୍ ନେଇ ଆସିଛି, ମୋତେ ଆଜି ମଙ୍କି ଦେଖେଇ ନେବ ?" ନିଜର ଅବଚେତନ ପ୍ରଦେଶରୁ ବାସ୍ତବତାକୁ ପ୍ରତ୍ୟାଗମନ କରିବା ପୂର୍ବରୁ ସୁଜାତାଙ୍କର କଣ୍ଠସ୍ୱର ପୁନର୍ବାର ଜୀବିତ କଲା ରଙ୍ଗାଧର ବାବୁଙ୍କର କ୍ଷୀଣ ହୃଦୟାବେଗକୁ... "ଶୁଭମ୍ ! ନେ ସାନିଟାଇଜର୍ ଲଗା ହାତରେ, ଚାଲ୍ ବାଥରୁମକୁ, ଡାଡି ଓ ତୁ ଫେସ୍ ମାସ୍କ, ହ୍ୟାଣ୍ଡ ଗ୍ଲୋଭସ୍ ଲଗାଇଥିଲ ?" ଶୁଭମ୍ କିନ୍ତୁ ଜେଜେଙ୍କ ଉତ୍ତରକୁ ନିର୍ନିମେଷ ନୟନରେ ଅପେକ୍ଷା କରିଥାଏ ତାଙ୍କ ହାତରେ ଆଇସ୍କ୍ରିମ୍ ଟିକୁ ଧରାଇଦେଇ । ମମିର ଏକାଧିକ ପ୍ରଶ୍ନ ତାର ଶ୍ରୁତିଗୋଚର ହେଉଥିଲେହେଁ ଚପଳମସ୍ତିଷ୍କ ତାର ଜେଜେବାପାଙ୍କର ମାଙ୍କଡ଼ ଦେଖେଇବାର ଉତ୍ସୁକତାକୁ ପ୍ରାଧାନ୍ୟ ଦେଇଛି । ରଙ୍ଗାଧର ବାବୁ ତାକୁ କୋଳାଇନେଇ ଆଜି ସଂଧ୍ୟାରେ ହିଁ ତାର ମାଙ୍କଡ ଦେଖା ଜିଜ୍ଞାସାକୁ ପରିପୂର୍ଣ୍ଣ କରିବାକୁ ପ୍ରତିଶୃତି ଦେଇଛନ୍ତି । "ଶୁଭମ୍ ! ତୋତେ କଣ ଶୁଭାଯାଉନି ?" "ସୁଜାତା ତା ହାତଧରି ଟାଣି ନେଲେ ଜେଜେବାପାଙ୍କ କୋଳରୁ । ଭାଙ୍ଗିଗଲା ରଙ୍ଗାଧର ବାବୁଙ୍କର ଧୈର୍ଯ୍ୟର ବନ୍ଧ, ଏଯାଏଁ ମୌନ ଥିଲେ ସେ ନିଜ ଉପରେ ଲଦି ହୋଇଥିବା ସମସ୍ତ ଆକ୍ଷେପକୁ ସହି, ହେଲେ ଭାବପ୍ରବଣ ହୋଇ ଉଠିଲେ ସେ ଯେତେବେଳେ ତାଙ୍କ ଉପରର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆକ୍ରୋଶ ବୋହୂ ଶୁଭମ୍ ଉପରେ ଶୁଝାଇବାକୁ ଉଦ୍ୟତ । ଗର୍ଜ୍ଜନ କରିଉଠିଲେ ସେ "ବୋହୂ ! ତାର ହାତ ଖସିଯିବ, ମୁଁ ତାକୁ ସାନିଟାଇଜର୍ ଲଗାଇଦେବି, ତାକୁ ଛାଡ଼୍ .... ।"

"ଥାଉ ବାପା ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ, କମସେ କମ୍ ଯଦି ସାଧାରଣ ସତର୍କତା ଥାଆନ୍ତା ତାହେଲେ ଏତେ ଭଲ ପାଉଥିବା ଛୋଟ ପିଲାଟିର ସ୍ୱଚ୍ଛତା ପ୍ରତି ଆପଣ ନିଶ୍ଚୟ ଟିକିଏ ସଜାଗ ହୋଇଥାଆନ୍ତେ । ଆପଣଙ୍କୁ ଦୋଷ ଦେଇ ବା କି ଲାଭ, ନିପଟ ଗାଁରେ କଣ ସଭ୍ୟତା ଏବେ ଆସିଲାଣି ? ସେଥିପାଇଁ ହିଁ ତାକୁ ନେଇ ଗାଁକୁ ଆସିବାକୁ କେବେ ଚାହୁଁ ନଥିଲି । ଏବେ ବହୁତ୍ ହେଲା ଆଉ ଗୋଟାଏ ଦିନ ହିଁ ଏଠି ରହିଲେ ପିଲାଟା ଭୁଷ୍ଟାଣ୍ଡ ପାଲଟିଯିବ । ଗୋଟାଏ ସପ୍ତାହ ପରେ ବାଙ୍ଗାଲୋର୍ ଯିବାଯାଏ ସେ ତା ମାମୁଁଘର ରାଉରକେଲାରେ ହିଁ ରହିବ ।" ଅର୍ଜୁନର ଗାଣ୍ଡିବରୁ ନିକ୍ଷେପ୍ତ ତୀର ଭୀଷ୍ମ ପିତାମହଙ୍କର ହୃଦୟକୁ କ୍ଷତାକ୍ତ କଲାପରି ସୁଜାତାଙ୍କର ପ୍ରତିଟି ବାକ୍ୟ ସତେ ଅବା ରଙ୍ଗାଧର ବାବୁଙ୍କୁ ବିଦିର୍ଣ୍ଣ କରିଦେଉଥିଲା । ଆକ୍ରୋଶରେ ସେ ସୁଜାତାଙ୍କୁ ନୈତିକତାର କିଛି ଶବ୍ଦ କହିବାକୁ ଉଦ୍ୟତ ହେଉଥିଲା ବେଳେ ଚେତନାର ଅନ୍ତର୍ଦ୍ୱୋନ୍ଦରେ ବାକ୍ ଶୁନ୍ୟ ହୋଇଗଲେ ସେ । ଶୁଭମ୍ ର ସେହି ଆଇସ୍କ୍ରିମ୍ ଟି ଟେବୁଲ୍ ଉପରେ ତରଳି ଯାଇ ତାଙ୍କର ନାତିକୁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବାର ଅପାରଗତାକୁ ତାସ୍ଛଲ୍ୟ କରୁଥାଏ । ସ୍ନେହ କାଙ୍ଗାଳ ରଙ୍ଗାଧର ବାବୁ ପୁଅ ସରୋଜ୍ କୁ ଡାକି ଛାତି ତଳେ ଚାପି ଧରିଥିବା କୋହକୁ  ମୁକ୍ତ କରିଦେବେ ବୋଲି ଭାବୁଥିଲେ, ହେଲେ ସ୍ୱାଭିମାନର ବେଡି ତାଙ୍କୁ ପଛକୁ ଟାଣିଧରିଥିଲା । ପରିଶେଷରେ ବିମଳାଙ୍କ ଫଟୋ ସାମ୍ନାରେ ଦୁଇ ଧାର ଲୁହ ଢାଳି ନିସ୍ତବ୍ଧତାକୁ ଆପଣେଇନେଲେ ସେ ।

ରତ୍ରୀ ଭୋଜନକୁ ସେଦିନ ପ୍ରତ୍ୟାଖ୍ୟାନ କରିଦେଇଥିଲେ ରଙ୍ଗାଧର ବାବୁ, କେଜାଣି କାହିଁକି ତାଙ୍କୁ ସେଦିନ ପ୍ରଥମ ଥର ପାଇଁ  ନିଜଘର କରାଗାରାର କଳା କଠୋରୀ ପରି ପ୍ରତିତ ହୋଇଥିଲା । ପାଖ କଠୋରୀରୁ ସରୋଜ୍ ଓ ସୁଜାତାଙ୍କର ଉଚ୍ଚ ସ୍ୱରରେ ବାକ୍ ଯୁଦ୍ଧ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ରାତ୍ରୀର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ବେଶ୍ ଶ୍ରୁତିଗୋଚର ହେଉଥିଲା ତାଙ୍କୁ । ପ୍ରଭାତର ପ୍ରାରମ୍ଭ ଆଦୌ ସୁଖଦ ନ ଥିଲା ତାଙ୍କର, ସୂର୍ଯ୍ୟ ତର୍ପଣ କରି ଯେତେବେଳେ ପଛକୁ ଚାହାଁନ୍ତି, ହତବାକ୍ ହୁଅନ୍ତି ପୁଅ, ବୋହୂ ଓ ନାତିଙ୍କୁ  ବ୍ୟାଗ୍ ଆଟେଜ୍ ଧରି ପ୍ରତ୍ୟାଗମନର ପ୍ରସ୍ତୁତି ଦେଖି । "ଜେଜେ ମୁଁ ଆରଥର ଆସିଲେ ମଙ୍କି ଦେଖିବି, ଏବେ ଅଙ୍କଲଙ୍କ ଘରକୁ ଯାଉଛି ରାଉରକେଲା ।" ଶୁଭମ୍ ର ଶେଷ କେଇପଦ ଶବ୍ଦ ସତେଅବା ଦେବ ଅଭିଶାପ ପରି ମନେହେଲା ରଙ୍ଗାଧର ବାବୁଙ୍କୁ, ଲୋଟାଟି ହାତରୁ ଖସି ପଡିଲା ତାଙ୍କର । ଲୋଟାଟିକୁ ତଳୁ ଉଠାଉ ଚରଣ ସ୍ପର୍ଶ କଲେ ସରୋଜ୍ "ବାପା ଆମେ ରାଉରକେଲା ଯାଉଛୁ, ୫ ଦିନପରେ ସେଠୁ ବାଙ୍ଗାଲୋର୍ ଟ୍ରେନ୍ ଟିକେଟ୍ ହୋଇଛି । ପଡିଶା ଘରର ସୋନା ଖୁଡି ଆସି ଆପଣଙ୍କ ପାଇଁ ରୋଷେଇ କରିଦେବେ, ସନିଆ ଭାଇକୁ କହିଦେଇଛି ଘରେ ଯାହା ଆବଶ୍ୟକ ସେ ସବୁ ଆଣିଦେବ । ଆପଣ ଦେହର ଯତ୍ନ ନେବେ ।" ସମସ୍ତ ଚେଷ୍ଟା ସତ୍ୱେ ଅଜାଣତରେ ଆଖିକୋଣରୁ ଝରି ଆସିଲା କେଇ ଠୋପା ଲୁହ ରଙ୍ଗାଧର ବାବୁଙ୍କର, ତତକ୍ଷଣାତ୍ ତାକୁ ନାଲି ଗାମୁଛାରେ ପୋଛି ଦେଉ ଦେଉ କୋହ ଢୋକି କହିଲେ, "ବାବୁରେ ମୋ କଥା ଛାଡ, ବୟସର ଅପରାହ୍ନରେ ଏତେଟା ଯତ୍ନ କଣ ଆବଶ୍ୟକ ମୋର୍, ଆଉ ୨/୩ ଦିନ ରହିଯାଇଥିଲେ ହୋଇ ନ ଥାଆନ୍ତା ? ମୋ ନାତିର ମାଙ୍କଡ଼ ଦେଖାଟା ଟିକେ ପୁରା ହୋଇଯାଇ ଥାଆନ୍ତା... ! ! ! "

"ବାପା ଡେରି ହୋଇଗଲାଣି ଗାଡିବାଲା ବିରକ୍ତ ହେଉଛି, ଆମେ ଆସୁଛୁ..." କହି ସୁଜାତା ମୁଣ୍ଡିଆ ମାରି ସପରିବାରେ ଘର ଆଗରେ ଛିଡା ହୋଇଥିବା ଧଳା କାର୍ ଆଡକୁ ଚାଲିଲେ । ଝରକା ଖୋଲି ଶୁଭମ୍ ଜେଜେଙ୍କୁ ହାତ ହଲାଇ ଟାଟା କଲା ଓ କିଛି ସମୟ ମଧ୍ୟରେ ଗାଡିଟି ଦୃଶ୍ୟହୀନ ହୋଇଗଲା ରଙ୍ଗାଧର ବାବୁଙ୍କଠୁ, ତଥାପି ସେ ହାତ ହଲାଇ ଚାଲିଥାଆନ୍ତି ସତେ ଯେମିତି ନିବିଡ଼ ସମ୍ପର୍କର ଏକ ସୁଦୀର୍ଘ ଅଦୃଶ୍ୟ ଶୃଙ୍ଖଳ ବାନ୍ଧି ହୋଇଥିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କ ସହିତ ।

"ଦାଦା ସେମାନେ ଗଲେଣି,ଏବେ ଘରକୁ ଚାଲନ୍ତୁ" ! ସନିଆର ଡାକରେ ଚମକି ପଡି ବାସ୍ତବତାକୁ ପ୍ରତ୍ୟାବର୍ତ୍ତନ କଲେ ରଙ୍ଗାଧର ବାବୁ ।

ମାସ କେତୋଟି ବିତିଯାଇଛି, ଦିନେ ହଠାତ୍ ବଡି ସକାଳୁ ସରୋଜ୍ ବ୍ୟସ୍ତ ବିବ୍ରତ ହୋଇ ବ୍ୟାଗ୍ ପ୍ୟାକ୍ କରୁଥିବାର ଦେଖି ପତ୍ନୀ ସୁଜାତା ପ୍ରଶ୍ନ କଲେ "କଣ ହେଲା, କୁଆଡେ ବାହାରିଲ, ପ୍ରୋଜେକ୍ଟ ଟୁର୍ ପରା ଆର ମାସରେ ଥିଲା" ?...."ନାହିଁ ସନିଆ ଭାଇର ଫୋନ୍ ଆସିଥିଲା, ବାପା ବେଡ୍ ରୁ ପଡିଯାଇଛନ୍ତି, ମୋତେ ଯିବାକୁ ହେବ "ଉତ୍ତର ଦେଲେ ସରୋଜ୍" । ସେ କଣ କାହା କଥା ଶୁଣନ୍ତି, ଛକ ଦୋକାନୀ କଣ ଗୋଟେ କଢା ପାନ ଦେଇ ଦେଇଥିବ ବୋଧେ । ଅଯଥାରେ ଏତେଟା ବ୍ୟସ୍ତ ହେଉଛ କଣପାଇଁ ? ଯିବା କଣ ଦରକାର ଏବେ, କାଲିପରା ଶୁଭମ୍ ର ପ୍ୟାରେନ୍‌ଟସ୍ ମିଟିଂ ଅଛି" ? "ନାହିଁ ସୁଜାତା, ବାପା ସିରିଅସ୍ ମୋତେ ଯିବାକୁ ହେବ, ଶୁଭମ୍ ସହ ତୁମେ ସ୍କୁଲ ଚାଲିଯିବ, ମୁଁ ଆସୁଛି" କହି ଚାଲିଗଲେ ସରୋଜ୍ । ତହୁଁ ପର ଦିନ ଗାଁ ମୁଣ୍ଡରେ ସନିଆକୁ ଦେଖି ଗାଡିରୁ ଓହ୍ଲାଇ ପଡିଲେ ସରୋଜ୍, ଡ୍ରାଇଭର୍ କୁ ପଇସା ଦେଇ ସନିଆ ପାଖକୁ ଧାଇଁଗଲେ ସେ..... "ସନିଆ ଭାଇ କଣ ହୋଇଛି ବାପାଙ୍କର ? ଡାକ୍ତର ଦାସ୍ କଣ କହିଲେ ? ତାଙ୍କର ବିପି ଠିକ୍ ଅଛି ତ ?".....ପ୍ରଶ୍ନରେ ପୋତି ପକାଇଲେ ସେ ସନିଆକୁ । "ତୁ ଆଗେ ଘରକୁ ଚାଲ୍, ଡାକ୍ତର ସେଠି ଅଛନ୍ତି"....କହି ସନିଆ ସରୋଜ୍ ର ହାତଧରି ଘରମୁହାଁ ହେଲେ ।

ଘରେ ପହଞ୍ଚି ସରୋଜ୍ ଦେଖିଲେ ନିଶ୍ଚେତ୍ ହୋଇ ପଡିଛନ୍ତି ରଙ୍ଗାଧର ବାବୁ, ସତେ ଅବା ଶରଶଯ୍ୟାରେ ପିତାମହ ଭୀଷ୍ମ ମା ଗଙ୍ଗାଙ୍କର ଆଗମନକୁ ଅପେକ୍ଷାରେ ଦେହତ୍ୟାଗ କରିବା ପାଇଁ । ଅପଲକ ନୟନରେ ଶୂନ୍ୟାଭିମୁଖୀ ସେ, ପାଖ ଚେୟାରରେ ଡାକ୍ତର ବସି କ୍ଷୀଣ ନିଃଶ୍ୱାସ ଓ ମୃଦୁ ହୃଦ୍ ସ୍ପନ୍ଦନକୁ ଷ୍ଟେଥୋସ୍କୋପ୍ ରେ ଅନୁଭବ କରିବାକୁ ଚେଷ୍ଟା କରୁଥାନ୍ତି,

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ତାଙ୍କ ମୁହଁରୁ ଯାହା ପ୍ରତୀୟମାନ ହେଉଥାଏ ନିରୁପାୟ ହୋଇ ସେ କେବଳ ଔପଚାରିକତାକୁ ଅପେକ୍ଷା କରିଛନ୍ତି ବୋଧହୁଏ । ଧାଇଁ ଯାଇ ସରୋଜ୍ ବାପାଙ୍କର ପାଦ ସ୍ପର୍ଶ କଲା, ଶିଥିଳ ଶୀତଳତାରେ ଆଚମ୍ବିତ ହୋଇ ଉଠିଲେ ସେ, ଆତୁର ନୟନରେ ବାପା ବାପା ଡାକି ରଙ୍ଗାଧର ବାବୁଙ୍କ ମୁହଁକୁ ଆଉଁସି ଦେଲେ ସେ । "ଡକ୍ଟର କଣ ଦେଖୁଛନ୍ତି, ଆମ୍ବୁଲାନ୍‌ସ ଡକାଇ ଦେବି" !.... କୋହଭରା କଣ୍ଠରେ ପଚାରିଲେ ସରୋଜ୍ । ଡକ୍ଟର ଦାସ୍ କାନରୁ ଷ୍ଟେଥୋସ୍କୋପ୍ କାଢି ନିଜ ଆଟେଚ୍ ଧରି ଛିଡା ହେଲେ ଓ ସରୋଜ୍ କୁ ଧିର ସ୍ୱରରେ ବାହାରକୁ ଡାକିନେଇ କହିଲେ, "ଆଇ ଆମ୍ ସରି ସରୋଜ୍, ବାପାଙ୍କ ପାଖରେ ଏବେ ବହୁତ କମ୍ ସମୟ, ଯାଅ ତାଙ୍କ ପାଖରେ ରୁହ । ସିଭିଅର୍ କାର୍ଡିଆକ୍ ଆରେଷ୍ଟ । ବୋଧହୁଏ ବହୁତ୍ ଡିପ୍ରେସନ୍ ରେ ଥିଲେ ସେ....." ପାଦତଳୁ ଭୁଇଁ ଖସି ପଡିଲା ପରି ମନେହେଲା, ଏକ ମୁହାଁ ହୋଇ ବାପାଙ୍କ ଆଡକୁ ଧାଇଁ ବାକୁ ଉଦ୍ୟତ ହୁଅନ୍ତି ସରୋଜ୍, ହେଲେ ଲିଭିଲା ସଳିତାର ଶେଷ ଧୁଆଁ ପରି ଭାସି ଆସିଲା ସୋନାଖୁଡୀ ଓ ସାହିର ଅନ୍ୟ ଭୁଆସୁଣୀ ମାନଙ୍କର ଆତୁର କ୍ରନ୍ଦନ ସ୍ୱର । ସତେ ଅବା ଏକ ବହୁ ପ୍ରତିକ୍ଷୀତ ନାଟକର ଯବନିକା ପଡିଲା । ସରୋଜ୍ ମୁଣ୍ଡକୁ ଆଉଁସି ଦେଇ ସୋନାଖୁଡୀ କାନ୍ଦି କାନ୍ଦି କହିଲେ, "ସବୁ ସରିଗଲାରେ ଧନ, ବାପଛେଉଣ୍ଡ ହେଇଗଲୁ ତୁ, ଯା ଶେଷ ଥର ପାଇଁ ଦେଖିନେ ବାପାକୁ । " କୋହ ଓ ଗ୍ଲାନିରେ ମ୍ରିୟମାଣ ହୋଇ ସରୋଜ୍ ଧାଇଁଗଲେ ବାପାଙ୍କ ପାଖକୁ, ତାଙ୍କ ହାତ ସ୍ପର୍ଶରେ ଆଖି ପତା ଚିରଦିନ ପାଇଁ ବନ୍ଦ ହୋଇଗଲା ରଙ୍ଗାଧର ବାବୁଙ୍କର । ଶିଶୁ ପରି ବୁକୁଫଟା ଚିତ୍କାର କରି କାନ୍ଦି ଉଠିଲା ସେ, ଗତଥର ଘରଛାଡି ଗଲାବେଳେ ତାଙ୍କରି ସେ "ବାବୁରେ" ଡାକ ସତେ ଅବା କେଉଁ ଏକ ଏକାଙ୍କିକା ପୃଷ୍ଠାରେ ଚାପି ହୋଇ ରହିଗଲା ଆଜି ତା ପାଇଁ । ସୁଦୂର ବାଙ୍ଗାଲୋର୍ ରୁ ନାତି ଶୁଭମ୍ ଓ ବୋହୁ ସୁଜାତାଙ୍କ ଆସିବା ସମ୍ଭବ ନଥିବାରୁ ଶେଷ କୃତି ସରୋଜ୍ ସମ୍ପନ୍ନ କରିବାକୁ ନିଷ୍ପତ୍ତି ନେଇ ସାହିର ବଡ ମାନେ ତତ୍ପର ହୋଇ ଉଠିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅପରାହ୍ନ ଆଗତ ଥିଲା ପ୍ରାୟ, ସତେ ଅବା ରଙ୍ଗାଧର ବାବୁଙ୍କର ବୟସର ଅପରାହ୍ନ ସହ ଏକ ତାତ୍ୱିକ ସଂଯୋଗ । ସଂଧ୍ୟା ପୁର୍ବରୁ କାର୍ଯ୍ୟ ସମାପନ କରିବାପାଇଁ ସମସ୍ତେ ଏକତ୍ର ହେଲେ, ଗାଁ ମୁଣ୍ଡ ଶ୍ମଶାନରେ ଜଳି ଉଠିଲା ଶୁଭମ୍ ଜେଜେଙ୍କର ଜୂଇ । ଆତ୍ମଗ୍ଲାନୀ, ଅନୁତପ୍ତ ଓ ଅଭିମାନର ସମସ୍ତ ପୁଞ୍ଜି ଘିଅ ହୋଇ ବାପାଙ୍କର ସେହି ଜୂଇନିଆଁରେ ଜଳିଗଲା ସରୋଜ୍ ର । ଚିତାଗ୍ନିର ସେହି ଧୂମିଳ ଶିଖା ସତେ ଅବା ବିଦ୍ରୁପ କରି ସରୋଜ୍ କୁ ନିଜର ଆଗତ ବୟସର ଅପରାହ୍ନ ପାଇଁ ପ୍ରସ୍ତୁତ୍ ହେବାପାଇଁ ଚେତାଇ ଦେଉଥିଲା । ଜ୍ଞାତି ପଡୋଶୀମାନଙ୍କ ସହ ସରୋଜ୍ ଫେରି ଆସୁଥିଲା ଘରକୁ, ଗୋରୁପଲ ଧୂଳି ଉଡେଇ ଆଗେ ଆଗେ ଚାଲିଥାଆନ୍ତି, ପୁନଃ ପ୍ରଭାତରେ ସେମାନେ ହୁଏତ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିବେ ତାଙ୍କର ଚରାଭୂଇଁକୁ ହେଲେ ରଙ୍ଗାଧର ବାବୁଙ୍କର ସେଥିଲା ବୟସ ଅପରାହ୍ନର ଶେଷ ଗୋଧୂଳି ଲଗ୍ନ, ଆଗକୁ କେବଳ ଅସରନ୍ତି ନିସ୍ତବ୍ଧ ଅନ୍ଧକାର । ସରୋଜ୍ ଙ୍କୁ ସେଦିନର ସଂଧ୍ୟା ସତେ ଅବା ଏକ ଶାପିତ ରାତ୍ରି ଆଡକୁ ବାଟ କଢେଇ ନେଉଥାଏ, ହଠାତ୍ ଘର ସାମ୍ନାରେ ଅଟକି ଗଲା ତା ପାଦ, ରଙ୍ଗାଧର ବାବୁଙ୍କର ଶୋଇବା ଘର ଛାତ ଉପରେ ଏକ ବିରାଟ ହନୁ ମାଙ୍କଡ଼ ଲାଞ୍ଜ ତଳକୁ ଲମ୍ବାଇ ଆକାଶକୁ ଚାହିଁ ବସି ରହିଥାଏ, ସତେ ଅବା ଜେଜେଙ୍କ ନିର୍ଦ୍ଦେଶରେ ମାଙ୍କଡ଼ ଟି ଶୁଭମ୍ ର ବାଟ ଚାହିଁ ବସି ରହିଛି ଆଉ ଏକ ଅପରାହ୍ନକୁ........................

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନାନୀ



ଅଭିମନ୍ୟୁ ବେହେରା

ହେଲୋ ସାର୍ .....

ସେଦିନ ଫୋନରେ କଣ କହିଗଲା ବନାନୀ ...... ? ଏବେ କଣ କରୁଛନ୍ତି ସାର୍ ? ଆପଣ ତ ସିଟି କିମ୍ବା ବିଇଡି ଟ୍ରେନ୍‌ଡ ନୁହନ୍ତି । ସରକାରୀ ଚାକିରିର ତ ପ୍ରଶ୍ନ ଉଠୁନି । ଟିଉସନ୍ ଚାଲୁ ରଖିଛନ୍ତି ନା କୋଚିଂ ସେଣ୍ଟର କରିଛନ୍ତି ନା କୌଣସି ବେସରକାରୀ ପବ୍ଲିକ୍ ସ୍କୁଲରେ କିଛି ..... । ପେମେଣ୍ଟ ଯେତେ କମ ହେଲେବି ଆପଣ ଚଳେଇନେବା ଲୋକ .... ।

ବନାନୀର କଥା ଗୁଡିକ ଯେମିତି ଆଶୁତୋଷଙ୍କୁ ବିଦ୍ରୁପ କଲାଭଳି ଅନୁଭବ ହେଉଥିଲା । ହଠାତ୍ ଏତେ ବର୍ଷ ପରେ ବନାନୀର କେମିତି ମନେପଡିଗଲା ଆଶୁତୋଷ ସାରଙ୍କ କଥା । କେବେ ତାକୁ ପଢେଇଥିଲେ । ବଡ କଥା ହେଲା ସେ ଏ ପର୍ଯ୍ୟନ୍ତ ମନେ ରଖିଛି । କଥାଟା ବିଦ୍ରୁପ ପରି ମନେ ହେଉଥିଲେ ବି କିଛି ଫରକ ପଡିନଥିଲା ଆଶୁତୋଷ ସାରଙ୍କୁ । ବନାନୀ ଫୋନରେ ଯାହାସବୁ କହିଗଲା ଅପ୍ରିୟ ହେଲେବି ସବୁ ସତ । ସେ ସାରଙ୍କ ପରିସ୍ଥିତିକୁ ଥଟ୍ଟା କରିପାରୁଥାଏ କି ସମାଲୋଚନା କରିପାରୁଥାଏ ବୋଧେ । ସ୍ୱଭାବିକ କଥା କିନ୍ତୁ ଏ ସବୁ କଥା ଏକ ପ୍ରକାରେ ସାରଙ୍କର ଦେହସୁହା ହୋଇଯାଇଥିଲା କହିଲେ ଚଳେ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବନରେ କିଏ ଚାହେଁନି ଖଣ୍ଡିଏ ସରକାରୀ ଚାକିରୀ ମିଳୁ । ସବୁ ସରକାରୀ ସୁବିଧା ସୁଯୋଗ ମିଳୁ । କିନ୍ତୁ ମଣିଷ ଯାହା ଚାହେଁ ସେ ସବୁ କଣ ପାଇଯାଏ । ଚହିଁବା ଓ ପାଇବା ଭିତରେ ଆକାଶ ପାତାଳର ପ୍ରଭେଦ ସୃଷ୍ଟି ହୋଇଯାଏ । ଆଶୁତୋଷଙ୍କ ଜୀବନରେ ସେମିତି କିଛି ଘଟିଥିବ ନିଶ୍ଚୟ । ଜୀବନରେ କିଏ କେତେ ସ୍ୱପ୍ନ ଦେଖେ ହେଲେ ସବୁ ସ୍ୱପ୍ନ କଣ ସମସ୍ତଙ୍କର ସାକାର ହୋଇଥାଏ । ପୃଥିବୀରେ ହୁଏତ ଯେଉଁମାନେ ନିଜ ସ୍ୱପ୍ନକୁ ସାକାର କରିପାରି ନାହାଁନ୍ତି ସେମାନଙ୍କ ଭିତରୁ ଆଶୁତୋଷ ଅନ୍ୟତମ । ପରିଣତ ବୟସରେ ପାଦ ଦେବାପରେ ସବୁ ଆଶା ସବୁ ସ୍ୱପ୍ନକୁ ଯେମିତି ସେ ଠାକୁରଙ୍କ ପାଖରେ ପୁଷ୍ପାଞ୍ଜଳି ଦେଇ ସାରିଛନ୍ତି ।

ଜୀବନ ଯମୁନାରେ ଜୁଆର ବଦଳରେ ଭଟ୍ଟା ହିଁ ପରିଣତ ବୟସର କଥା । ସବୁଥିରୁ ମନ ମରିମରି ଯାଇଥାଏ ଯେମିତି । କେବଳ ପରପିଢିଙ୍କ ପାଇଁ ସ୍ୱପ୍ନ । ସତେ ଯେମିତି ନିଜର ସ୍ୱପ୍ନ ନାହିଁ ଆଶା ନାହିଁ । ଯଦି ସ୍ୱପ୍ନ ଅଧୁରା ଥାଏ ତେବେ ଅଧୁରା ସ୍ୱପ୍ନକୁ ଦାୟାଦମାନେ ବା ପରପିଢିମାନେ ପୂରଣ କରିବାକୁ ଚେଷ୍ଟା କରିବେତ ! କିଛି କହିହେବ ନାହିଁ । ବାପା ମାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଆଜିକାଲିର ପୁଅ ଝିଅ ମାନେ ଆନ୍ତରିକତା ସହିତ ଚେଷ୍ଟା କରିବେତ ! ତା'ର ମଧ୍ୟ କୌଣସି ନିଶ୍ଚିତତା ନାହିଁ କାରଣ ସେମାନଙ୍କର ରୁଚି ପସନ୍ଦ ସହିତ ପୁଅଝିଅଙ୍କ ରୁଚି ପସନ୍ଦ ମେଳ ଖାଇଲେତ ! ନିଜ ମା ସ୍ୱପ୍ନରେ ଦେଖିଥିବା ମନ୍ଦିରକୁ ବାସ୍ତବ କୋଣାର୍କର ରୂପ ଦେଇଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ଭଳି ମହାନ ପୁତ୍ର ଆଉ କୋଣାର୍କ ମନ୍ଦିର ମୁଣ୍ଡିମାରି ନିଜ ବାପା ଓ ବାରଶହ ବଢେଇଙ୍କ ଜୀବନ ରକ୍ଷାକାରୀ ଅନ୍ୟ ଏକ ମହାନ ପୁତ୍ର ଧର୍ମପଦ ଯାହା ଇତିହାସରେ ବିରଳ ଓଡିଶା ମାଟିରେ ଏସବୁର ପୁନର୍ଜନ୍ମ ନା କେବେ ସମ୍ଭବ । ଅବକ୍ଷୟ କୋଣାର୍କର ରୂପ ପରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଅର ଦିଚକିଆ ଚାରିଚକିଆ ଯାନ ହୋଇଗଲା ପରେ ବାପା ଚଢୁଥିବା ଭଙ୍ଗା ସାଇକେଲ ଭଙ୍ଗା ରୁଜା ଲୁହା ଟିଣ କିଣୁଥିବା ବେପାରୀ ହାତରେ ସମର୍ପିତ । ଆଉ ଯଦି ପିତାମାତା ଋଣଗ୍ରସ୍ଥ ତେବେ ସେମାନେ ତ ସନ୍ତାନମାନଙ୍କ ପାଇଁ ଶତ୍ରୁ ସଦୃଶ । ସମାଜର ଏମିତି କିଛି ବାସ୍ତବ ଚିତ୍ର କଥା ଭାବିଲା ବେଳକୁ ଆଶୁତୋଷଙ୍କ ଦେହ ଶିହରୀ ଉଠୁଥିଲା । ହଠାତ୍ ବନାନୀର ଫୋନ କଥା ଭାବୁ ଭାବୁ ଏ ପ୍ରକାର ଚିନ୍ତାଧାରା ତାଙ୍କ ମନକୁ କାହିଁକି ଆସିଲା କେଜାଣି ।

ନିଜ ପୁଅ ଝିଅ ହୁଅନ୍ତୁ ବା ନିଜେ ପଢେଇଥିବା ଛାତ୍ର ଛାତ୍ରୀ ହୁଅନ୍ତୁ ସମସ୍ତେତ ତାଙ୍କ ପାଇଁ ସମାନ । ସମସ୍ତେ ତାଙ୍କର ପରପିଢୀ ,ଦାୟାଦ ଅଗାମୀ ବଂଶଧର । ସେମାନଙ୍କ ପାଇଁ ଭାବିବାର ଅଛି । ନିଜେ ଜୀବନରେ କିଛି କରିପାରିଲେ ନି ବୋଲି ସେମାନେ ଯେ କିଛି କରି ନ ପାରିବେ, ଏକଥା ସେ ଭାବୁ ନାହାଁନ୍ତି । ବରଂ ଏସବୁ ଭାବି ବସିଲେ ତାଙ୍କ ଆଖିରୁ ନିଦ ହଜିଯାଏ ପେଟରୁ ଭୋକ ହଜିଯାଏ ।

ଶିବଙ୍କର ଅନ୍ୟ ନାମ ଅଶୁତୋଷ ପରି ଅଳ୍ପରେ ସନ୍ତୁଷ୍ଟ ହୋଇ ଯାଉଥିଲେ ବୋଲି ବାପା ତାଙ୍କ ନାଁ ରଖି ଥିଲେ ଆଶୁତୋଷ । ଏକଥାବି ତାଙ୍କର ଅନେକ ପ୍ରିୟ ଛାତ୍ର ଛାତ୍ରୀ ମିଠା କମେଣ୍ଟ କରି କହିଛନ୍ତି । ସାର୍ ଆପଣଙ୍କୁ ପାରିହେବନି । ଆପଣ ଏତେ ଅଳ୍ପରେ କେମିତି ସନ୍ତୁଷ୍ଟ ହୋଇଯାଆନ୍ତି ଖୁସି ହୋଇଯାଆନ୍ତି କହିଲେ । ଏମିତିବି ଏକଥା ତାଙ୍କୁ ତାଙ୍କ ପୁଅଝିଅମାନେ ଅନେକ ଥର କହିଛନ୍ତି – ବାପା ମା ତୁମ ଭଳି ନୁହଁ । ତୁମେ ଯେପରି ଅଳ୍ପରେ ସନ୍ତୁଷ୍ଟ ହୋଇଯାଅ । ଜେଜେବାପା ତମ ନାଁ ବାଛି ବାଛି ଠିକ ରଖିଛନ୍ତି । ତମ ଜୀବନ ଚର୍ଯ୍ୟା ସହିତ ତମ ନାଁ ଯଥେଷ୍ଟ ଖାପ ଖାଇଯାଉଛି ।

ବନାନୀର ଫୋନକଲ୍ ଆଶୁତୋଷଙ୍କ ଅତୀତର କିଛି ଅପାଶୋରା କଥାକୁ ଯେମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରିଭ୍ୟୁ କରିଥିଲା । ବୟସର ଅପରାହ୍ନ ଗୋଧୂଳି ତାଙ୍କୁ ଯେମିତି ଧୂଳିଧୂସର କରି ପକାଉଥିଲା । ଲେଞ୍ଜରା ନଥିଲେ ବି ଦୁଇ ଆଖି କୋଣକୁ ଦୁଇ ହାତରେ ଦଳି ମକଚି ଦେଉଥିଲେ ସେ । ବର୍ଷ ଗୁଡାକ ଯେମିତି ତାଙ୍କ ପାଖରୁ ଶୀଘ୍ର ଶୀଘ୍ର ବିଦା ହେଇ ଯାଉଥିଲା । କଥା ଛଳରେ ଅନେକ କୁହନ୍ତି ସାର୍ ଆପଣଙ୍କ ବୟସ ଜଣା ପଡେନି । ଆପଣଙ୍କ ରୁଚି ଏ ପର୍ଯ୍ୟନ୍ତ ଭଲ ଭାବେ ପାଚିନି । ଆପଣଙ୍କ ଇଭରଗ୍ରୀନ ଷ୍ଟାଇଲ୍ କୁ ମାନିବାକୁ ପଡିବ । ସାଙ୍ଗ ସାଥୀ ଆତ୍ମୀୟ ସ୍ୱଜନଙ୍କ କଥା ସିନା କାନକୁ ଶୁଣିବାକୁ ଭଲ ଲାଗେ କିନ୍ତୁ ପ୍ରକୃତ ବୟସ ବସିଛି । ସମୟ କଣ କାହାକୁ ଅପେକ୍ଷା କରିଛି ନା କରିବ ।

ସେଦିନର ବନାନୀ ଆଜି ବହୁତ ବଡ ହୋଇ ଯାଇଥିବ । ଭଲ ପାଠ ପଢୁଥିଲା ସେ । ପଇସା ସର୍ବସ୍ୱ ସମାଜର ଉର୍ଦ୍ଧରେ ଥାଇ ନିଶ୍ଚିତ କୋଉଠି ଗୋଟେ ବଡ ଚାକିରୀ କରି ମଣିଷ ପରି ମଣିଷ ଟିଏ ହୋଇଥିବ । ଅସହାୟ ମାନଙ୍କୁ ସହଯୋଗର ହାତ ବଢାଉଥିବ । ମନେ ମନେ ବନାନୀକୁ ଆଶୀର୍ବାଦର ଅସୁମାରୀ ପୁଷ୍ପ ଅଜାଡି ଦେଉଥିଲେ ଆଶୁତୋଷ ବନାନୀ ମୁଣ୍ଡ ଉପରେ । ଫୋନରେ ଅଳ୍ପ ସମୟ କଥାରେ ବନାନୀ ଆଜି କୋଉଠି ସେ ତ ଜାଣିନାହାଁନ୍ତି ତଥାପି ଏତେ ବର୍ଷର ବ୍ୟବଧାନ ଭିତରେ ସେ ସାର୍ଙ୍କୁ ମନେ ରଖିଛି । ନିଜକୁ ଅତି ଭାଗ୍ୟବାନ ମନେ କରୁଥିଲେ ଆଶୁତୋଷ ସାର୍ ।

ଚା କପ୍ ଟିକୁ ଆଶୁତୋଷଙ୍କ ହାତକୁ ବଢାଇଦେଇ ନିର୍ମଳା ଦେବୀ କହିଲେ – ତମର ପା କୋଉ ଗୋଟେ ମିଟିଙ୍ଗକୁ ଯିବାର ଅଛି .... ମନେ ନାହିଁ ? .....

ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଆଶୁତୋଷ କହିଲେ ମନେ ଅଛି ..... ଏଇତ ବାହାରିବି ..... ।

ଯଥା ସମୟରେ ମିଟିଙ୍ଗ ଆରମ୍ଭ ହେଲା । ମିଟିଙ୍ଗର ଆଙ୍କର ଜଣେ ଛାତ୍ରୀଙ୍କ ଗୁଣଗାନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଚାଲିଥାନ୍ତି । ଛାତ୍ରୀଙ୍କ ସଫଳତା ପାଇଁ ତାଙ୍କୁ ସମ୍ମାନିତ କରିବା ପାଇଁ ଅନୁଷ୍ଠାନ ତରଫରୁ ଉକ୍ତ ସଭାର ଆୟୋଜନ କରାଯାଇଥିଲା । ଶେଷରେ ମୁଖ୍ୟ ଅତିଥୀଙ୍କ ଠାରୁ ପୁରସ୍କାର ସହିତ ମାନପତ୍ର ଗ୍ରହଣ କରିବା ପାଇଁ ଛାତ୍ରୀ ଜଣକ ନାମ ଘୋଷଣା କରାଗଲା ଓ ଅନୁରୋଧ କରାଗଲା । ମାତ୍ର ଏ କଣ ଛାତ୍ରୀ ଜଣକ ମଞ୍ଚ ଉପରକୁ ଉଠିଲା ପରେ ମାଇକ୍ରୋ ଫୋନରେ ଏମିତି କିଛି କଥା କହିଥିଲେ ଯାହା ଦ୍ୱାରା ସମସ୍ତେ ପରେ ଅବାକ୍ ହେବା ସହିତ ପରେ ବହୁତ ଖୁସି ହୋଇଥିଲେ ।

ଏଠାରେ ଉପସ୍ଥିତ ସମସ୍ତ ଗୁରୁଜନ ମାନଙ୍କୁ ମୋର ପ୍ରଣାମ ସାନ ମାନଙ୍କୁ ସ୍ନେହ – ମୁଁ ବନାନୀ ..... ଆଜିର ଦିନରେ ଜଣେ ସଫଳ ଉଦ୍ୟୋଗୀ ସମାଜରେ ପ୍ରତିଷ୍ଠିତ ଚେହେରା ..... କ୍ଷମା କରିବେ, ମୁଁ ଆଜିର ମୁଖ୍ୟ ଅତିଥୀଙ୍କ ଠାରୁ ଏଇ ପୁରସ୍କାର ଓ ମାନପତ୍ର ଗ୍ରହଣ କରି ପାରୁନାହିଁ । କାହାରି ମାନହାନି କରିବା ମୋର ଉଦ୍ଦେଶ୍ୟ ନୁହେଁ । ମୋତେ ନ ପଚାରିଲେ ବି ମୁଁ ଯୋରଦେଇ କହିବି ମୋର ଏତେ ବଡ ସଫଳତା ପଛରେ ଜଣେ ସାରଙ୍କର ବହୁତ ବଡ ହାତ ଅଛି । ଯେ ମୋତେ ପିଲାଦିନେ ପାଠ ପଢେଇଥିଲେ । ସେ ଏଠାରେ ଆପଣମାନଙ୍କ ଗହଣରେ ଉପସ୍ଥିତ ଅଛନ୍ତି । ଆପଣମାନଙ୍କର ଯଦି କିଛି ଆପତ୍ତି ନଥାଏ ମୁଁ ତାଙ୍କ ହାତରୁ ଏଇ ପୁରସ୍କାର ଗ୍ରହଣ କରିବା ପାଇଁ ଚହୁଁଛି । ସେ ହେଉଛନ୍ତି ମୋର ଅତିପ୍ରିୟ ଆଶୁତୋଷ ସାର୍ । ଆମେ ତାଙ୍କୁ ପିଲାବେଳେ ଏତେ ବଡ ହେଲା ପରେବି ତାଙ୍କ ନାଁ କୁ ବ୍ୟଙ୍ଗକରି ମୁଁ ତାଙ୍କୁ କମେଣ୍ଟ କରି କହିଛି ବିଦ୍ରୁପ କରି କହିଛି ଅଳ୍ପରେ ସନ୍ତୁଷ୍ଟ ବୋଲି ଆପଣଙ୍କ ନାଁ ଆଶୁତୋଷ । ମୁଁ ଆହୁରିବି ବହୁତ କହିଛି ..... ଆପଣ ଏବେ କଣ କରୁଛନ୍ତି ସାର୍ । ଆପଣ କେମିତି ଚଳୁଛନ୍ତି ମୋ କହିବାର ଅର୍ଥ ଆପଣଙ୍କ ପାଖରେତ ଆୟର କୌଣସି ସଠିକ୍ ପନ୍ଥା ନାହିଁ କେମିତି ଚଳୁଛନ୍ତି ସାର୍ କେମିତି ପରିବାରକୁ ମ୍ୟାନେଜ କରୁଛନ୍ତି ସାର୍ .....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇତ୍ୟାଦି ..... ।

କିନ୍ତୁ ମୁଁ ଆଜି ମର୍ମେ ମର୍ମେ ଅନୁଭବ କରୁଛି ସମାଜରେ ବହୁତ ପଇସା ରୋଜଗାର କରି ସେ ବଡ ଧନୀ ହୋଇ ନପାରନ୍ତି ମାତ୍ର ମନରେ ସେ ଦୁନିଆର ସବୁଠାରୁ ବଡ ଧନୀ । ମୁଁ ଗର୍ବିତ ତାଙ୍କରୀ ଛାତ୍ରୀ । ବଡ ଚାକିରୀ କରି ବହୁତ ପଇସା ଆୟକରି ମୁଁ ଏ ପର୍ଯ୍ୟନ୍ତ ମନରେ ଧନୀ ହୋଇ ପାରିନାହିଁ । ମୁଁ ଗୋଟିଏ କଥା କହିବି - ସମାଜରେ ଜଣେ ଧନୀ ବ୍ୟକ୍ତି ପ୍ରଥମେ ମନରେ ଧନୀ ହେବା ଜରୁରୀ ।

ଆଖି ଆଗରେ ସବୁ ସ୍ୱପ୍ନ ଭଳି ଲାଗୁଥିଲେ ବି ମଞ୍ଚ ଉପରକୁ ଉଠି ବନାନୀକୁ ପୁରସ୍କାର ମାନପତ୍ର ପ୍ରଦାନ କଲାବେଳେ ଆଶୁତୋଷ ସାର୍ ବନାନୀ ମୁଣ୍ଡରେ ହାତ ବୁଲାଇ ଆଦରରେ କେବଳ ଏତିକି ପଚାରିଥିଲେ – ବନାନୀ ..... ଏବେ କଣ କରୁଛନ୍ତି ସାର୍ .... ? ଏ ପ୍ରଶ୍ନର ଉତ୍ତର ପାଇଲୁତ ...... ? ? ?

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ

ସ୍ୱାମପାଟଣା, କେନ୍ଦୁଝର

ମୋ - ୯୯୩୮୧୬୭୦୭୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆ ଓ ସଶକ୍ତ ଭାରତ ପ୍ରତିଜ୍ଞା

ସେଠୀବାବୁଙ୍କ ନାତୁଣୀଟା ପୁରାପୁରି ବିଗିଡି ଯାଇଛି । ଦିନରାତି ଟିକ୍ ଟକ୍, ଫେସବୁକ୍ ଓ ଚାଟିଂ ପାଇଁ ମୋବାଇଲ୍ ଧରି ବସିଯାଉଛି । ଏପରିକି ଗାଧୁଆଘରେ ଓ ଖାଇବାବେଳେ ବି ଡାଇନିଂ ଟେବୁଲ୍ ଉପରେ ମୋବାଇଲ୍ ତା'ପାଖରେ ରଖୁଛି । ପ୍ରତିଦିନ ସକାଳ ଶେଯରୁ ଉଠି ଘଂଟାଏ ୟୁଟ୍ୟୁବ ଭିଡିଓ ଘାଂଟିଲାପରେ ଯାଇ ବାଥରୁମରେ ପଶୁଛି । ଆଜି ତା'କୁ ମିଳିଛି ଗୋଟିଏ ମଜାଦାର ଭିଡିଓ ଯେଉଁଥିରେ ମନ୍ତ୍ରୀ କିଛି ସରକାରୀ ଯନ୍ତ୍ରୀମାନଙ୍କୁ ନାଲାୟେକ୍, ନିକମ୍ମା ଓ ବିଷକନ୍ୟା ବୋଲି ଗାଳିଗୁଲଜ କରିଛନ୍ତି । ସିଏ ତେଣୁ ଜେଜବୁଢାକୁ ସକାଳୁ ଉଠେଇ ସେହି ଭିଡିଓଟି ଶୁଣିବାକୁ ବାଧ୍ୟ କରୁଛି । ଜେଜବାପା ସେହି ରଇଜଳା ଭିଡିଓଟିକୁ ମାସେ ଆଗରୁ ଦେଖି ମନ ଖରାପ କରିସାରିଛନ୍ତି । ୟା'କୁ ପ୍ରାୟ ସରକାରୀଯନ୍ତ୍ରୀ ବାବୁମାନେ ଲୁଚିଲୁଚି ଦେଖିଛନ୍ତି । ମାସକଭିତରେ ଏହାକୁ ଚାରିଲକ୍ଷ ଛୟାଳିଶ ହଜାର ଲୋକ ଲାଇକ୍ ବି କଲେଣି । ମୋର ପାଠକମାନଙ୍କ ଭିତରେ ଯଦି କେହି ସରକାରୀ ଯନ୍ତ୍ରୀ ବାକି ଅଛନ୍ତି ଏବଂ ଏ'ପର୍ଯ୍ୟନ୍ତ ଯନ୍ତ୍ରୀମାନଙ୍କ ପାଇଁ ଏପରି ପଦ୍ମତୋଳା ଭିଡିଓ ଦେଖିବାରୁ ବଂଚିତ ଅଛନ୍ତି ତେବେ ତୁରନ୍ତ ଦେଖିନିଅନ୍ତୁ । ମଲା ଗଲା ସଂସାର । ମରିହଜି ଗଲେ ମନରେ ବିରାଟ ବଡ ଅବଶୋଷ ରହିଯିବ । ଆପଣମାନଙ୍କ ସୁବିଧା ପାଇଁ ଏଠାରେ ୟୁଟ୍ୟୁବ ଭିଡିଓ ଲିଂକଟିକୁ ବି ଦେଇଦେଉଛି । (https://



ଇଂ ବିଦ୍ୟାଧର ପଣ୍ଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

youtu.be/n6CG_6o8IzY) ଭୁଲବଶତଃ ମନ୍ତ୍ରୀ ବହୁତ ଅପ୍ରିୟ ସତକଥା ଗୁଡା ଏମିତି ବାନ୍ତିକରି ଓଗାଳି ଦେଇଛନ୍ତି ଯେ ସହି ହେଉନି କି କହି ହେଉନି । ଯିଏ ବାହାରେ ଶୁଣୁଛି ସିଏ ମନ୍ତ୍ରୀଙ୍କ ସାହସକୁ ବହୁତ ପ୍ରଶଂସା କରୁଛି । ନାତୁଣୀ ଜାଣେ ଯେ ତା' ଜେଜବାପା ଏମିତି ଜଣେ ନାଲାୟେକ୍, ନିକମ୍ମା ଓ ବିଷକନ୍ୟା ସରକାରୀ ଅଧିକାରୀ ନିଶ୍ଚୟ ହୋଇଥିବେ, ତେଣୁ ତା'ଙ୍କୁ ଶୁଣେଇ ସିଏ ତା'ଙ୍କର ଶ୍ରୀମୁଖର ହାବଭାବ ଦେଖି କିଛିକ୍ଷଣ ମଜାନେବାକୁ ଚାହିଁଲା ବେଳେ ସେଠୀବାବୁ ନିଦଲାଗୁଛି ବୋଲି ବାହାନା କରି ଶୋଇବାର ମିଛ ଅଭିନୟ କରୁଛନ୍ତି । ନାତୁଣୀ ଆଜିକାଲିକା ଟୋକି, ନଛୋଡବନ୍ଦା ଜିଦି ଝିଅ କ'ଣ ସହଜରେ ଛାଡିବ ! ଜବରଦସ୍ତି ବୁଢାକୁ ଉଠେଇ ଶୁଣେଇଲା ବେଳେ ବୁଢା ମୁହଁ ଖଟାହେବାର ଦେଖିଲା । ତା'ପରେ ବୁଢା ମନମାରି କହିଲା ଆଜିକାଲି କୋଉ ଶଃ.. ମନ୍ତ୍ରୀଟା ଭଲଲୋକ ଯେ ସିଏ ଯନ୍ତ୍ରୀଗୁଡାଙ୍କୁ ଏତେକଥା କହୁଛି ! ଚୌକିରେ ଅଛି ଯେତେବେଳେ ସିଏ କହିବ, ଆମେ ଶୁଣିବୁ । କିନ୍ତୁ ଏଗୁଡା ସବୁ ଭଦ୍ରଲୋକଙ୍କ କାମ ଆଦୌ ନୁହଁ । କହିଲ ତ କହିଲ, ଭିଡିଓ କରି ୟୁଟ୍ୟୁବରେ ଛାଡି ଯନ୍ତ୍ରୀଗୁଡାଙ୍କୁ ଏମିତି ବେଜିତ୍ କରିବାଟା କ'ଣ ଠିକ୍ କଥା !

ନାତୁଣୀ ସବୁ ବୁଝିଗଲା । ସିଏ ତାଙ୍କରି ଘରେ ଦେଖୁଛି ତା ବାପା'ମା' ଚାକିରୀ ଖୋଜିଖୋଜି ଥକି ଗଲେଣି । ଅବଶ୍ୟ ଜେଜବାପା ବହୁତ ଧନ ଗଚ୍ଛିତକରି ରଖିଛି । ତିନିପୁରୁଷ ବସି ଖାଇଲେ ବି ସରିବନି । କିନ୍ତୁ ଖାଲି ମନ ସଇତାନ । ଘରେ ବସିଲେ ଭଲ ଲାଗୁନି । ଦିନେ ନାତୁଣୀ ଗୀତାକୁ ତା'ବାପା କହିଲା, 'ଆମକୁ ଆଉ ଚାକିରି ମିଳିବନି ।' ଗୀତା ପଚାରିଲା, 'କାହିଁକି ମିଳିବନି ?' ସେଦିନ ତା'ବାପା ମନଦୁଃଖରେ କହିଲା, 'ଆମକୁ କେମିତି ମିଳିବ ? ଆମପାଇଁ କୋଉଠୁ ଚାକିରି ଆସିବ ? ତୋ'ଜେଜବାପା ପରି ସମସ୍ତେ ତ ଅବସର ପରେ ଅବସରବାଦୀ ହୋଇ ଅବସର ଖୋଜିଲେ । ସେମାନେ ପେନସନ୍ ସାଙ୍ଗରେ ପ୍ରକୃତ ଦରମାର ଅଧା ଦରମାରେ କାମ କରିବାକୁ ସହଜରେ ପ୍ରସ୍ତୁତ ହୋଇ ଯାଉଥିବାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଓଡ଼ିଆ

 Magazine Downloaded from www.aahwaan.com

ଆମକୁ କିଏ ପଚାରିବ ? ବୟସ ଗଡିଯାଉଛି, ଆଉ ମିଳିବନି ।' ଗୀତା ବୁଝିଲା, 'ଅବସର ପରେ ଅବସର ଇଚ୍ଛାକରି ବୁଢାମାନେ ଯୁବକମାନଙ୍କୁ ତା'ଙ୍କ ପାଇଁ ଉଦ୍ଦିଷ୍ଟ କର୍ମସଂସ୍ଥାନ ସୁଯୋଗରୁ ସେମାନଙ୍କୁ ବଂଚିତ କରୁଛନ୍ତି । ସେମାନଙ୍କ ମନଭିତରେ ଅସୁରକ୍ଷିତ ଭାବନା ଜାଗ୍ରତ ହେଉଛି ଏବଂ ଶେଷରେ ଚାକିରି ନପାଇ ସମାଜରେ ଶୋକାକୁଳ ନାକାରାତ୍ମକ ପରିବେଶ ସୃଷ୍ଟି କରୁଛନ୍ତି ।' ସେଥିପାଇଁ ସିଏ ଜେଜବାପାକୁ ଏସବୁ ଶୁଣେଇ ତା'ଙ୍କ ଚାକିରି ଛଡେଇ ଘରେ ଶେଷ ଜୀବନକୁ ପୂଜାଧ୍ୱଜା କରି ଉପଭୋଗ କରନ୍ତୁ ବୋଲି ନିଜେ ଚାହୁଁଥିବାରୁ ସେ ଅପମାନ ଭରା ଭିଡିଓଟିକୁ ତା'ଙ୍କୁ ଦେଖିବାକୁ ଏମିତି ଆଗ୍ରହ କରୁଛି । କିନ୍ତୁ ବୁଢା ନାକ ନିଶତଳେ ଲାଗି ଘୁଷୁରିବା ଯାଏ ରୋଜଗାର କରିବ ବୋଲି ନିଷ୍ପତ୍ତି ନେଇ ସାରିଛି । ଯନ୍ତ୍ରୀ ଚାକିରିର ଉପୁରି ଭିତିରି ମହୁ ସୁଆଦ ଥରେ ଯିଏ ପାଇଛି, ସିଏ କ'ଣ ଥୟ ହୋଇ ଘରେ ବସିପାରିବ ! କାଳା ଆଗରେ ମୃଦଙ୍ଗ ବଜେଇଲା ପରି ତା'ଙ୍କୁ ବୁଝେଇ ଲାଭ କିଛି ନାହିଁ ।

ଅବସର ବେଳକୁ ସେଠୀବାବୁ ଥିଲେ ଜଣେ ଅଧିକ୍ଷଣ ଯନ୍ତ୍ରୀ । ମାସିକ ସରକାରୀ ଧଳାଟଙ୍କାରେ ଦରମା ମାତ୍ର ଲକ୍ଷ । କିନ୍ତୁ ଠିକାଦାରଙ୍କ ପାଖରୁ କଳାଟଙ୍କା ଫରମା ଅତିକମ୍‌ରେ ପାଂଚ ଛଅ ଲକ୍ଷରୁ ଅଧିକ । ପ୍ରଫେସର୍ ସ୍ତ୍ରୀଙ୍କର ସରକାରୀ କଲେଜରେ ୟୁଜିସି ହାରରେ ଦରମା ଦୁଇ ଲକ୍ଷ ଏବଂ ପୁଅକୁ କୋଟିଏ ଟଙ୍କା ଖର୍ଚ୍ଚକରି ଏବେ ଗୋଟିଏ ଜିଲ୍ଲାପାଇଁ ଏକ କମ୍ପାନୀର ସିଆଣ୍ଡଏଫ୍ ଦେଇଛନ୍ତି ଯେ ଆମଦାନି ଲକ୍ଷଟଙ୍କା ଭିତରେ ହେବାକୁ ଆରମ୍ଭ ହୋଇଛି । ଅବସର ପୂର୍ବ ଆର୍ଥିକ ବର୍ଷର କର ଆକଳନ କଲାବେଳେ ଓକିଲ ସେଠୀବାବୁଙ୍କୁ କେତେ କ'ଣ ପଚାରି ପଚାରି ବ୍ୟତିବ୍ୟସ୍ତ କରିଦେଲା । ଏମିତି ଆଲମିରାରେ ଟଙ୍କା ସୁନା ଭର୍ତ୍ତି, କିନ୍ତୁ ପଚାଶ ହଜାର ଟଙ୍କା ଜମାଖାତାକୁ କୋଉଠୁ ଆସିଲା କହି ପାରିଲେନି । ବହୁତ ଚିନ୍ତା କଲାପରେ ମଥାରେ ଝାଳ ଆସିବାରୁ ଯାଇ ସେ ପଇସା ରୋଜଗାର କଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଓଡ଼ିଆ

 Magazine Downloaded from www.aahwaan.com

ମନେପଡିଲା । ସେ ପଇସା ତା'ଙ୍କ ଗୁହାଳରେ ବନ୍ଧା ହୋଇଥିବା ଗାଇ ଦେଇଛି । ଦିନକୁ ପାଂଚଲିଟର କ୍ଷୀର, ମାସକୁ ଦେଢଶହ ଲିଟର ଏବଂ ବର୍ଷକୁ ଅଠରଶହ ଲିଟର । ଦେଶୀଗାଇ କ୍ଷୀରକୁ ପଡୋଶୀମାନେ ଅଠେଇଶଟଙ୍କା ପ୍ରତି ଲିଟର ହିସାବରେ ହିସାବ କରି ଘରୁ ନେଇପଳାନ୍ତି । ତା'ଙ୍କ ଭିତରେ ଜଣେ ସମସ୍ତ ନାଗୁଆ ମାନଙ୍କଠାରୁ ସଂଗ୍ରହକରି ଏକାବେଳେ ସେଠୀବାବୁଙ୍କ ଦରମାବାଲା ବ୍ୟାଙ୍କ୍‌ଖାତାରେ ଜମା କରିଦେଇଛି । ସାରଙ୍କର ଘରକୁ ଗାୟମୋଟ ଆମଦାନି ମାସକୁ ଦଶଲକ୍ଷ ଥିବାବେଳେ ଏ ସାମାନ୍ୟ ପଚାଶହଜାର ଟଙ୍କା କଥା କିଏ ମନେ ରଖୁଛି ! ତେଣୁ ଗାଇ କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ । ପ୍ରକୃତରେ ଗାଇକ୍ଷୀରରୁ ଅଠରଶହ ଲିଟରକୁ ଅଠେଇଶ ଟଙ୍କା ହିସାବରେ ରୋଜଗାର ହୋଇଛି ଗାୟମୋଟ ଟ୫୦,୪୦୦ଙ୍କା, କିନ୍ତୁ ସେ ଲୋକଟା ଚାରିଶହ ଟଙ୍କା ଖୁଚୁରା ନିଜ ପାରିଶ୍ରମିକ ବାବଦକୁ ରଖି ପଚାଶ ହଜାର ଟଙ୍କା ରାଉଣ୍ଡଫିଗର୍ ଜମା କରିଦେଇଛି ।

ଓକିଲ ସାହେବ କର ଆକଳନ କଲାବେଳେ ସେଠୀବାବୁଙ୍କୁ ଟେକି କହିଲେ, 'ଆଜ୍ଞା ! ଆପଣଙ୍କ ପରି ସଚ୍ଚୋଟ ମୁଁ ଏ କଳିକାଳ ଦୁନିଆରେ କୋଉଠି ବି ଦେଖିନି । ଶେଷରେ ଗାଇକ୍ଷୀର ହିସାବକରି ବି ଦେଶର ଉନ୍ନତି ପାଇଁ କର ପୈଠ କରିଦେଲେ ।' ସେଠୀବାବୁ ବି କୋଉ କମ୍, ଲମ୍ବାଭାଷଣ ମାଧ୍ୟମରେ କହିଲେ, 'ଆମେ ନଦେଲେ ଦେବ କିଏ ? ଦେଶକୁ ରାଫେଲ୍ ହେଲିକ୍ୟାପ୍ଟର କେମିତି ଆସିବ ? କର ଆକଳନ ସାରି ଓକିଲ ମହାଶୟ ସେଠୀବାବୁଙ୍କ ଘରୁ ଫେରିଲାବେଳେ ମୁଖ୍ୟଫାଟକ ବନ୍ଦ ଥିଲା । ଚାକରଟୋକା କହିଲା, 'ସାର୍ ! ଏଇ ଗୁହାଳ ବାଟେ ପଳାନ୍ତୁ ।' ଗୁହାଳ ଭିତରଦେଇ ଓକିଲମହାଶୟ ବାହାରକୁ ଗଲାବେଳେ ନଜର ପଡିଲା ସେହି ରୋଜଗାରିଆ ଦେଶୀଗାଇ ଉପରେ । ଚାକରଟୋକାକୁ ପାଖକୁ ଡାକି ପଚାରିଲେ, 'ବାବୁ ! ଏ'ଗାଇ ଦିନକୁ ପାଂଚଲିଟର କ୍ଷୀର ଦେଉଛି ? ୟା'ର ପହ୍ନା କାଇଁ ?ଚାକରଟୋକା ଯାହା କହିଲା ଓକିଲ ମହାଶୟଙ୍କ କାନ ତାଡା ହୋଇଗଲା ଏବଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜ୍ଞାନଚକ୍ଷୁ ଖୋଲିଗଲା । ଝପଟି ଝପଟିକି ଗଲାବେଳେ ଓକିଲବାବୁ ଗୁଣୁ ଗୁଣୋଉ ଥିଲେ, 'ସେଠୀବାବୁ ସତରେ ଖାଲି ସଚ୍ଚୋଟ ନୁହେଁ ବହୁତ ବଡ ସଚ୍ଚୋଟ ବ୍ୟକ୍ତି । ଯଦି ତାଙ୍କ ଗୁହାଳରେ ବାଞ୍ଝଗାଇ ବର୍ଷକୁ ଅଠରଶହ ଲିଟର କ୍ଷୀର ଦେଉଥିଲା ତେବେ ଦୁହାଁଳିଆ ଗାଇଟିଏ ଥିଲେ ତ ଦୁଧର ବନ୍ୟା କରି ଦେଇଥାନ୍ତା, ଆମେ ଭାସି ଯାଇଥାନ୍ତ । ହ୍ୟାପ୍... ଶଃ... ଆମକୁ ବର୍ଷକୁ ପାଂଚଶହ ଗଣି ଦେଲାବେଳକୁ ଫାଟୁଛି, ଜମାଖାତାକୁ ପଚାଶହଜାର କୋଉଠୁ ଆସିଲା କହିପାରୁ ନାହାନ୍ତି, କଣ ନା ବାଞ୍ଝ ଗାଇଠୁ କ୍ଷୀର ଦୁହିଁଛନ୍ତି । ଘୋର କଳିଯୁଗ, କରୋନା କଣ ମିଛକୁ ଆସୁଛି । ସଂସାର ଧ୍ୱଂସ ହେବା ବେଳ ପାଖେଇ ଆସିଲା ବୋଧେ । ହଁ ମ, କେନ୍ଦ୍ରାପଡା ଚାରିମୂଳ ଆଶ୍ରମରେ ସିମେଂଟ ଗାଇ କ୍ଷୀର ଦେଉଥିଲା ଯେତେବେଳେ ସେଠୀବାବୁଙ୍କ ଗୁହାଳରେ ବାଞ୍ଝଗାଇ ପହ୍ନାରୁ କାହିଁକି କ୍ଷୀର ନ ବାହାରିବ !' ଏକଥା ଚାକରଟୋକା ଶୁଣି ମୁରୁକି ମୁରୁକି ହସୁହସୁ ବାଞ୍ଝଗାଇ ପହ୍ନାରେ ହାତମାରି ସତମିଛ ପରୀକ୍ଷା କରୁଥିଲା । ତା ମନରେ ସନ୍ଦେହ ହେଉଥାଏ ଯେ କାଳେ ସିଏ ଶୋଇଲା ବେଳେ ବାବୁ ବାବୁଯାଣୀ ଗାଇକୁ ଦୁହୁଁଥିବେ !

ସେଠୀ ସାହେବଙ୍କର ଅବସର ନେବା ଦିନ ଯେତେଯେତେ ପାଖେଇ ଆସୁଥାଏ, ମନ ସେତେ ଉଦାସ ହୋଇ ଭାରି ଲାଗୁଥାଏ । ଯଦିଓ ଅବସର ପରେ ବି ଘରର ଆମଦାନୀ ଚାରି ଲକ୍ଷ ପାଖାପାଖି ହେବ, ତଥାପି ଅମାନିଆ ମନଟା ଜମାରୁ ମାନୁ ନଥାଏ । ମୂର୍ଖବାପାକୁ ଦୋଷ ଦେଉଥାନ୍ତି । ନାଁ ଲେଖେଇଲା ବେଳେ ଷଡଙ୍ଗୀ କି ରାୟବାବୁଙ୍କ ବୋପା ପରିକା ଯଦି ଦୁଇ ତିନିବର୍ଷ ଜନ୍ମତାରିଖରେ ଏପଟସେପଟ କରିଥାଆନ୍ତା ତେବେ ଆଉରି ଦି ତିନି ବର୍ଷରେ ଦି ତିନି କୋଟି ମଣିଷ କମେଇ ଦେଇଥାନ୍ତା । ଭାଗ୍ୟ ଖରାପ । ଏମିତିଆ ନିର୍ବୁଦ୍ଧିଆ ବାପାର ପୁଅ ହେବାକୁ ଥିଲା । ଛାଡ, ଏବେ ଆଉ ଭାବି ଲାଭ କଣ ! ହଠାତ୍ ଦଶବାର ଲକ୍ଷରୁ ତିନିଚାରି ଲକ୍ଷ ରୋଜଗାର ହେଲାବେଳକୁ ଆତ୍ମାକୁ ବାଧୁଛି । ଦୁଇବର୍ଷପରେ ଧର୍ମପତ୍ନୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବସର ନେଲାପରେ ଆଉରି ବହୁତ କମିଯିବ । ଏମିତି ଘଡିସନ୍ଧି ବେଳକୁ ରାୟବାବୁଙ୍କ ଫୋନ୍ ଆସିଲା ।

- ସେଠୀ ବାବୁ ! କଣ ଚାଲିଛି ?
- କଣ ଆଉ ଚାଲିବ । ମନଦୁଃଖରେ ବସିଛି । ଆଉ ମାତ୍ର ତିନିମାସ । ତାପରେ ତ ଘରେ ବସିବାକୁ ପଡିବ ।
- ଆମ ପରି ସାଙ୍ଗ ଥାଉଥାଉ ଘରେ ବସିବା କଥା ଭୁଲିଯା । ମୁଁ ଏବେ ଏନ୍‌ଏଚ୍‌ଆଇରେ ସିଜିଏମ୍ ଅଛି । ତୁମଘର ଦେଇ ଗୋଟେ ଚାରିଥାକିଆ ରାସ୍ତା ଆରମ୍ଭ ହେବ । କହ ! କୋଉ ପୋଷ୍ଟରେ ରହିବୁ ? ଏମ୍‌ଏନ୍‌ସି କମ୍ପାନୀ, ଭଲ ଦରମା । ଟିଏଲ୍ ରହିଲେ ଦୁଇ ଲକ୍ଷ, ଆରି ରହିଲେ ଦେଢଲକ୍ଷ । ବାକି ବିଇ କି ଏମ୍‌ଇ ହେଲେ ଲକ୍ଷଟଙ୍କା ଦରମା ମିଳିବ । ତୁ ସେଠି ରହିଲେ ଠିକାଦାର ଆମକଥା ବି ଭଲ ବୁଝିବ । ପ୍ରୋଜେକ୍ଟ କାମରେ ସହ୍ଲାକାରମାନଙ୍କୁ ବି କିଛି କିଛି ମିଳେ । ଯଦିଓ ସରକାରୀ ଚାକିରି ପରି ନୁହେଁ ତଥାପି ଚଳିବ ।
- ଭାଇ ! ଟିଏଲ୍ ଆରି ପୋଷ୍ଟରେ କାମ ବେଶୀ । ବିଇ ରହିଲେ ସବୁ ପୋଲଗୁଡାର ଦାୟିତ୍ୱ ରହିବ । ଗୋଟାଏ ଯଦି ଗଳିଗାଳି ପଡିବ, ମଣିଷ ହଇରାଣ । ଏମ୍‌ଇ ଟା ଠିକ୍ ।
- ଠିକ୍ ଅଛି । ଏ ପ୍ରୋଜେକ୍ଟର ପ୍ରପୋଜାଲ୍ ଏବେ ଫାଇନାଲ୍ ହେଉଛି । ତୋର ତ ଏବେ ଦୁଇ ତିନିମାସ ଯିବ । ସେମାନେ ଯେଉଁ ଏମ୍‌ଇପ୍ରାର୍ଥୀକୁ ପ୍ରପୋଜ୍ କରିଛନ୍ତି, ଆମେ ତାକୁ ରିଜେକ୍ଟ କରିଦେଉଛୁ । ତୁ ଅବସର ପାଇ ଆସିଲେ ସେହି ପୋଷ୍ଟରେ ଜଏନ୍ କରିବୁ, ମୋ’କଥା ମନେ ରଖିଥିବୁ ।
- କି କଥା କହୁଛୁ ! ଆଜିଠାରୁ ଜାଣ ମୁଁ ଭଲରେ ଶୋଇବି । ମୋତେ ପାସେ ହେଲା ନିଦ ହେଉ ନଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

- ଓକେ, ଓକେ ବାୟ୍ ବାୟ୍ ।

ଯୋଜନା ମୁତାବକ ସବୁକିଛି ହେଲା । ସେଠୀବାବୁଙ୍କୁ ଅବସର ପରେ ବଢ଼ିଆ ଅବସରଟିଏ ମିଳିଗଲା । ଏଗାରଟାରେ ଅଫିସ୍ ଆସି ଗୋଟାଏ ବେଳେ ମଧ୍ୟାହ୍ନ ଭୋଜନ ପାଇଁ ଘରକୁ ଯାଇ ଶୋଇଲେ । ଅପରାହ୍ନ ଚାରିଟାରେ ଉଠି ସାଢେ ପାଂଚଟା ପର୍ଯ୍ୟନ୍ତ ଅଫିସରେ କଫି ପି ଘରକୁ ଗଲେ । କିଛିମାସ ପରେ ସେଠୀ ସାହେବ ଠିକାଦାର ପାଖକୁ ଫରମା ପାଇଁ ଗଲେ । ସହ୍ଲାକାରମାନଙ୍କୁ ନିଜନିଜର ମିଳୁଥିବା ଦରମା ଭିତ୍ତିରେ କିଛି ଅଂଶ ଠିକାଦାର ମାସକୁମାସ ଦେଇଥାଏ । କିନ୍ତୁ ଜବରଦସ୍ତି ଚଳିବନି । ଇଚ୍ଛା ପାଇଲେ ଦିଏ ନହେଲେ ନାହିଁ । ଠିକାଦାର ପ୍ରକଳ୍ପ ଅଧିକାରୀ ଏବଂ ସହ୍ଲାକାରମାନଙ୍କ କର୍ମଶୈଳୀ ଉପରେ ଏହାର ପରିମାଣ ଏବଂ ସମୟ ଆଦି ଅନେକାଂଶରେ ନିର୍ଭର କରେ । କିନ୍ତୁ ସରକାରୀ ପଦପଦବୀ ତୁଳନାରେ ଏସବୁ ବହୁତ କମ୍, ନା କେ ବରାବର । ଠିକାଦାରର ଅଫର ପରିମାଣ ସେଠୀ ସାହେବକୁ ପସନ୍ଦ ଆସିଲାନି । ସେ କହିଲେ ଅତିକମରେ ତାଙ୍କୁ ଏହାର ତିନି ଚାରିଗୁଣ ଦରକାର । ଠିକାଦାର ପଛଘୁଂଚା ଦେବାକୁ ବାଧ୍ୟ ହେଲା । ବାରମ୍ବାର ସେଠୀବାବୁ ଠିକାଦାରଙ୍କର ଉପରଉପର ଅଧିକାରୀମାନଙ୍କୁ ଦେଖାକରି ସେହି ଏକା କଥା ଦୋହରାଇଲେ ବି କିଛି ସୁଫଳ ମିଳିଲାନି । ସେମାନେ ସମସ୍ତେ ସେହି ଏକା କଥା କହୁଥାନ୍ତି ଆମେ ଟିଏଲକୁ ଏତିକି ଦେଉଛୁ ମାନେ ଆପଣଙ୍କୁ ଏତେ ବେଶୀ କେମିତି ଦେବୁ ? ସେଠୀବାବୁ ରାଗିକି କହିଲେ ମୁଁ କେତେ ବଡପଦବୀରୁ ଅବସର ନେଇ ଏ ଛୋଟ ପଦବୀରେ ଅଛି । ମୋ ସାଙ୍ଗ ସବୁ ତୁମର ବଡବଡ ଅଧିକାରୀ । ସାଧାରଣ ସେ ଛୁଆ ଭିକାରି ଟିଏଲ୍ ମୋର ସମାସ୍କନ୍ଦ ! ତାକୁ ଯାହା ଦେଉଛ ଦିଅ, କିନ୍ତୁ ମୋତେ ଏତିକି ହେଲେ ନେବି ନହେଲେ ନାହିଁ । ଦୁହେଁ ନିଜନିଜ ଜିଦିରେ ଅଟଳ ରହିବାରୁ ଶେଷରେ ପ୍ରୋଜେକ୍ଟ କାମ ଆଗେଇଲା । ସମସ୍ତଙ୍କ ପାଖରେ ମୁହଁ ଖର୍ଚ୍ଚକରି ନିରାଶ ହେବାପରେ ସେଠୀବାବୁ ସେହି ଠିକାଦାର ପାଖକୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଯାଇ ପ୍ରଥମରୁ ଏପର୍ଯ୍ୟନ୍ତ ଯାହା କହୁଥିଲେ ସେତିକି ଦେବାକୁ ଅନୁରୋଧ କରିବାରୁ ଠିକାଦାର ଆଉ ମାନିଲାନି । ତାପରେ ସେ ପାଲଟିଗଲେ ବିଷକନ୍ୟା, ଯାହାକୁ ପାଇଲେ ଚୁମିଲେ ଏବଂ ମାରିଚାଲିଲେ । କିଛିଦିନ ତଳେ ମୋତେ ବି ତାଙ୍କ ଦଂଶନର ଶିକାର ହେବାକୁ ପଡିଛି । ଏବେ ବି ସେ ମହାଶୟ ଅନ୍ୟ ଏକ ସୁଯୋଗ ଅପେକ୍ଷାରେ । ଏସବୁ ଘଟଣାକ୍ରମକୁ ପାଠକ ଯଦି ତର୍ଜମା କରନ୍ତି ତେବେ ଏ ଅସ୍ଥାୟୀ ଡେପୁଟେସନ୍ ଏବଂ ଅବସର ପ୍ରାପ୍ତ ଦୁର୍ନୀତିଖୋର ଅଧିକାରୀଗଣ କେମିତି ଆମଦେଶକୁ ଖୋଳ କରୁଛନ୍ତି ସହଜରେ ବୁଝିହେବ । ଏଥିରେ ଯେଉଁ ସରକାର ଆସୁ କିଏ ବା କ'ଣ ବା କରିପାରିବ ? ଅବସର ପରେ ଅବସର ଦେଲେ ଆତ୍ମନିର୍ଭର ଭାରତ ଏବଂ ପାଂଚଟ୍ରିଲିୟନ୍ ଆର୍ଥିକ ଶକ୍ତିବାଲା ସ୍ୱପ୍ନ ସ୍ୱପ୍ନରେ ହିଁ ରହିବ । ସମୟ ଆସିଛି । ଏବେ ସମସ୍ତ ନାଲାୟେକ୍ ନିକମ୍ମା ଏବଂ ବିଷକନ୍ୟାମାନଙ୍କୁ ବାହାରକରି ଯୁବଗୋଷ୍ଠିଙ୍କୁ ପ୍ରୋତ୍ସାହନ ଦେଲେ ଯାଇ ୨୦୨୨ମସିହାରେ ମୋଦୀଜୀଙ୍କର ନୂଆ ଓ ସଶକ୍ତ ଭାରତ ପ୍ରତିଜ୍ଞା ପୁରା ହୋଇପାରେ ।

ଇଂ. ବିଦ୍ୟାଧର ପଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୧୯
bdpanda1@gmail.com, ମୋ-୯୪୩୯୧୨୮୦୫୦

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଳିଆ

ମୂଳ ତାମିଲ- ଇନ୍ଦ୍ରା ସୌନ୍ଦର ରାଜନ

ଓଡ଼ିଆ ଅନୁବାଦ -ସୁଧାଂଶୁ ଶେଖର ଦ୍ୱିବେଦୀ

ଶାରଦା ଝାଡୁରେ ଘର ଓଳାଉଥାଏ । ପଚାଶ ବର୍ଷ ପୂର୍ବରୁ ତିଆରି ହୋଇଥିବା ବିଶାଳ ଘର । ବିନ୍ଦୁ ବିନ୍ଦୁ ଛାପ ଥିବା ମୋଜାଇକ ଚଟାଣ । ତାକୁ ଦେଖିବା କ୍ଷଣି ତା ମନରେ ରାଗ ଓ ଅଭିମାନର କୁହୁଡି ଘେରି ଆସେ । ସ୍ୱାମୀ ବିଶ୍ୱନାଥ ବେଙ୍କରେ ବ୍ରାଞ୍ଚ ମେନେଜର । କେବେ କେବେ ସେ ତା ସ୍ୱାମୀଙ୍କ ଉପରେ ଅଭିମାନ କରି କହେ, କେତେ ଥର କହିଲିଣି ଏ ମୋଜାଇକ ଚଟାଣକୁ ଭାଙ୍ଗି ରାଜସ୍ଥାନ ମାର୍ବଲ ଲଗାଅ ।

ପ୍ରତ୍ୟୁତ୍ତରରେ ତା ସ୍ୱାମୀ କହନ୍ତି,ବାପାଙ୍କ ପରିଶ୍ରମର ଫଳ ଇଏ । ତାକୁ ଅଦଳ ବଦଳ କରିବା ମୋ ପକ୍ଷେ ଉଚିତ ହେବନାହିଁ ।



ସୁଧାଶୁ ଶେଖର ଦ୍ୱିବେଦୀ

ଏ ବୁଢା ନିଜେ ବଦଳୁ ନାହିଁ କି ଆମକୁ ବଦଳିବାକୁ ଦେଉନାହିଁ । ଶାରଦା ମନେ ମନେ ଚିଡିହୋଇ କହିହୁଏ । ସ୍ୱାମୀ ବିଶ୍ୱନାଥ ତାକୁ କେବଳ ଶୂନ୍ୟ ଦୃଷ୍ଟିରେ ଦେଖି ରହନ୍ତି ।

ଝାଡୁ ଲଗାଇବା ବେଳେ ଶାରଦାକୁ ଏସବୁ କଥା ବେଶ ମନେପଡେ ।

ଦୁଇଦିନ ହେବ ତାୟମ୍ମା କାମକୁ ଆସିନାହିଁ । ମାସର ୩୦ ଦିନରୁ ସପ୍ତାହେ କି ୧୦ ଦିନ ଛୁଟିରେ ରହିବ । ଆଉ ଛୁଟି ନେବାପାଇଁ ଏମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ବାହାନା ବନେଇ କହିବ ଯେ ତାକୁ ପୁରାପୁରି ସତ ମାନିବାକୁ ପଡିବ ।

ପନ୍ଦର ବର୍ଷ ପୂର୍ବରୁ ଶାରଦା ତାୟମ୍ମାର ମୁହେଁ ମୁହେଁ କହି ଦେଉଥିଲା, ଠିକଭାବେ କାମ କରିବାକୁ ଆସିବାର ଅଛି ତ କର, ନହେଲେ କାମ ଛାଡି ପଳା । ହେଲେ ଏବେ ସେ ସାହାସ ତାର ଆଉ ନାହିଁ । ଏମିତି ମୁହଁ ଟାଣ କରି କହିଲେ ତାୟମ୍ମା କାମ ଛାଡି ପଳେଇବ । ତାପରେ କୋଉ ସୀତାମ୍ମା, ଅଙ୍ଗମ୍ମାକୁ ଖୋଜିବା ସହଜ ବ୍ୟାପାର ନୁହେଁ ।

ଚାକରାଣୀ ନଆସିଲେ ବି ଶାରଦାକୁ ଘରର ସବୁ କାମ ଝକମାରୀ କରିବାକୁ ପଡେ । ଏହାପରେ ବି ଶ୍ୱଶୁର ରାମରତ୍ନମ ଓ ଶାଶୁ ଜାନକୀଙ୍କର ସେବାଶୁଶ୍ରୁଷା । ୯୫ ବର୍ଷର ବୁଢା ୯୦ ବର୍ଷର ବୁଢ଼ୀ । ଦୁହେଁ ଶତାଭିଷେକ ପାଳନ କରିବାକୁ ହେଲେଣି । ବୃଦ୍ଧାବସ୍ଥାରେ ଥକା, କାଶ ପୁଣି ଆଖିକୁ ଦେଖାନଯିବା ବେମାର । ଦୁହେଁ ଆଉ ଏକ ଚତୁର୍ଥ ବେମାରରେ ଫସି ଯାଇଛନ୍ତି । ତାହା ହେଉଛି ମୃତ୍ୟୁର ଚିନ୍ତା । ମୃତ୍ୟୁ କେବେ ଆସିବ ଓ ଆସିବା କ୍ଷଣି କାହାକୁ ଆଗେ ଯିବାକୁ ହେବ ଆଜିକାଲି ଦୁହିଁଙ୍କ ମଧ୍ୟରେ ଏକ ମୂଖ୍ୟ ପ୍ରଶ୍ନ ହୋଇଯାଇଛି ।

ଶାରଦା ବୁଢା ବୁଢ଼ୀଙ୍କର ଚିନ୍ତାର କାରଣ ବେଶ ଭଲଭାବେ ଜାଣେ । ଏ ବୃଦ୍ଧାବସ୍ଥା କାହାରିକୁ ମଧ୍ୟ ଝୁକେଇ ଦେଇଥାଏ । ଏଡ଼ସ, କ୍ୟାନ୍ସର ଠାରୁ ବି ଭାରି ଯନ୍ତ୍ରଣାଦାୟକ ବୃଦ୍ଧାବସ୍ଥା । ସେଇ ଚିନ୍ତାରେ ଦୁହେଁ ଦିନକୁ ଦିନ ଜର୍ଜରିତ ହୋଇ ପଡୁଥାନ୍ତି ।

ତାୟମ୍ମା ହେଉ କି ଶାରଦା ହେଉ ଦୁହିଁଙ୍କୁ ଘର ଓଳେଇବା ପାଇଁ ବୁଢ଼ାର ଖଟ ପାଖକୁ ଆସିବାକୁ ପଡେ । ଖଟ ତଳେ ଔଷଧର ଖାଲି ଖୋଳ, କମଳା ଲେମ୍ବୁ ଚୋପା ଓ ଆହୁରି କେତେ କଣ ଅଳିଆ ହୋଇ ପଡିଥାଏ । ତା ସହିତ ବର୍ଷ ବର୍ଷ ଧରି ସଫା ପରିଷ୍କାର ହୋଇ ନଥିବା ତକିଆ, ଚାଦର ଓ ବିଛଣାର ଉତ୍କଟ ଦୁର୍ଗନ୍ଧ ।

ରାମରତ୍ନମ ଓ ଜାନକୀ ଲାଇଟ ନ ଜଳେଇ ଅନ୍ଧାରରେ ଆରାମ କରୁଥାନ୍ତି । ତଥାପି ଘର ଓଳାଇବାକୁ ଶାରଦା ଲାଇଟ ଅନ କଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଇଟର ଝାପ୍ସା ପ୍ରକାଶରେ ରାମରାତ୍ନମ କଡ଼ ଲେଉଟାଇ ବିଛଣାରୁ ଉଠି ବସିଲେ । ଝାଡ୍ରୁ ଦେବାର ଶବ୍ଦ ଶୁଣି ତାୟମ୍ମା ଆସିଛି ଭାବି କହିଲେ, ତାୟମ୍ମା ! ଖଟତଳେ ଠିକଭାବେ ସଫା କରୁନାହୁଁ । ଝାଡ୍ରୁ ପୁରେଇ ଭଲଭାବେ ସଫା କର ।

ଆଜି ମୁଁ ତାୟମ୍ମା ହୋଇଛି ଆଉ ମହାରାଣୀ ଛୁଟିରେ ଅଛି । ସଙ୍ଗେ ସଙ୍ଗେ ଶାରଦା ଜବାବ ଦେଲା ।

ଓହୋ ! ଶାରଦା ତୁ ! ମୁଁ ଭାବିଥିଲି ତାୟମ୍ମା ହୋଇଥିବ । କଥା କହିବା ବେଳେ ରାମରାତ୍ନମଙ୍କ କଣ୍ଠ କଫରେ ଭରି ରହିଥାଏ । ଶାରଦା ତାଙ୍କ କଥା ଶୁଣି ଶୁଣି ଖଟ ତଳେ ଓଳେଇବାରେ ଲାଗିଲା । ଯେମିତି ଦଶ ପନ୍ଦର ଦିନର ଅଳିଆ ଜମା ହୋଇଥିଲା । ଅଳିଆ ତାକୁ ଯେତେ ଅସୁବିଧାରେ ନପକାଏ ହେଲେ ତାୟମ୍ମା ପ୍ରତି ସେତେ ରାଗ ବଢୁ ଥାଏ । କାରଣ ସେ ବୁଢ଼ୀର ଖଟ ତଳେ ଭଲଭାବେ ସଫା ନକରି ଚାଲିଯାଉଛି । ପୁଣି ସେ ରାଗରେ ଗର ଗର ହୋଇ କହୁଥାଏ, ଡାଆଣୀ କୋଉଠିକାର ! ୩୦ ତାରିଖକୁ ସାରା ମାସର ଦରମା ଦରକାର । କିନ୍ତୁ ଠିକରୂପେ କାମ କରିବାକୁ ବୁଦ୍ଧି ବାଟ ଦେଖା ଯାଉନାହିଁ । ଛୋଟଲୋକ କୋଉଠିକାର ।

ମୁଁ ତ ତାକୁ ଡେଲି କହୁଛି । ହେଲେ ସେ ମୋ କଥା ଶୁଣୁଛି କୋଉଠି ? ତୁ ବି ତ ତା' ଅନୁପସ୍ଥିତିରେ ଚିତ୍କାର କରୁଛୁ । ଆଉ ତା ଆଗରେ ଭଲେଇ ହେଉଛୁ । ରାମରାତ୍ନମ କହିଲେ ।

ମଉକା ପାଇଁ ମୋତେ ଖୁମ୍ପିବାକୁ ଲାଗିଲ ନୁହେଁ ? ତୁମେ ଜାଣିଛ ଆଜିର ବଜାରରେ ଗାଡିଟିଏ କିଣି ଆଣିବା ଯେତେ ସହଜ ଜଣେ ଚାକରାଣୀ ଖୋଜିବା ସେତେ କଷ୍ଟ ।

ତାହେଲେ ତୁ କହୁଛୁ ଦ୍ୱାର ପାଖରେ ରହୁଥିବା ଚପଲକୁ ଆଣି କୋଳରେ ରଖିବା ?

ହଜାରଥର ବୁଝେଇଲେ ବି ତୁମେ କିଛି ବୁଝି ପାରିବିନି । କାହିଁକି ନା ଏବେ ତ ତୁମେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବି ଅଳିଆ ହୋଇଗଲାଣି । ଦୁଃଖ ଏତିକି ତୁମକୁ ଓଳେଇ ବାହାରେ ଫିଙ୍ଗି ପାରୁନି । ଶାରଦା ବଡ଼ବଡ଼ ହୋଇ ରୁମ ଲାଇଟ ଅଫ କରି ଚାଲିଗଲା ।

ତୁମେ ଟିକେ ଚୁପ ହୋଇପାରୁନ ? ଦେଖିଲ ସେ କେମିତି ତୁମକୁ ଅଳିଆ ବୋଲି କହିଗଲା । ସ୍ୱାମୀଙ୍କର ଅପମାନ ଜାନକୀଙ୍କ ମନରେ ଆଘାତ ସୃଷ୍ଟି କରୁଥାଏ ।

- ମୁଁ ଭୁଲ କଣ କହିଦେଲି ଯେ ? ଯାହା ହେଉଛି ସେଇଆ କହିଲି ।

- ସେ ଯେତେବେଳେ ତୁମକୁ ଅଳିଆ କହିଲା ତୁମେ ପ୍ରତିବାଦ କଲନି ?

ସତ କହିବାକୁ ଗଲେ ଜାନକୀ ଏବେ ତ ଆମେ ଦୁହେଁ ଅଳିଆ ହୋଇ ପଡି ରହିଛୁ । ଅନ୍ଧାର ଭିତରେ ରାମରାତ୍ନମଙ୍କର କୋହଭରା କାନ୍ଦ ଶୁଭୁଥିଲା ।

- ତୁମେ କାନ୍ଦୁଛ ?

- ବୁଝିଲ ଜାନକୀ ଏସବୁର କେବଳ ଏକମାତ୍ର ସମାଧାନ ମୃତ୍ୟୁ । ଆଣେନି କୋଉ ପୂଣ୍ୟବତୀ ମୋତେ ଶହେ ବର୍ଷ ବଞ୍ଚି ରହିବାକୁ ଆଶୀର୍ବାଦ ଦେଇଥିଲା ?

ଦୁହିଁଙ୍କର କଥାବାର୍ତ୍ତା ଶାରଦା କବାଟ କୋଣରେ ରହି ଶୁଣୁଥିଲା । ହଠାତ ଧଡ଼କରି କବାଟ ବନ୍ଦ କରି ଚାଲିଗଲା ।

ରୁମ ସଂପୂର୍ଣ୍ଣ ଅନ୍ଧକାରକୁ ଉପଭୋଗ କରୁଥାଏ । ତା ସହିତ ରାମରତ୍ନମ ଓ ଜାନକୀଙ୍କର ଜୀବନ ଅନେକ ଦିନରୁ ଅନ୍ଧାରରେ ଭରି ରହିଥାଏ ।

- ଜାନକୀ..

- କୁହ.. ?

- ମୋତେ ଟିକେ ସାହାଯ୍ୟ କରିବ ?

- ସାହାଯ୍ୟ.....

- ବୁଝିଲି । ତୁମେ ଭାବୁଥିବ ଆମେ ଦୁହେଁ ଏବେ ଅନ୍ୟର ସାହାଯ୍ୟରେ ନିର୍ଭରଶୀଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଭଳି ସ୍ଥିତିରେ ଜଣେ ଜଣକୁ କେମିତି ଭବେ ସାହାଯ୍ୟ କରିପାରିବ ?

- କୁହ ମୋତେ କଣ କରିବାକୁ ହେବ ?

- ଆମ ଭିତରୁ କିଏ ପ୍ରଥମେ କିଏ ପରେ ଯିବ ତୁମେ କହି ପାରିବ ?

- ତୁମେ ପ୍ରଥମେ ଯାଅ । ଯଦି ମୁଁ ପ୍ରଥମେ ଚାଲିଯିବି ତାହେଲେ ତୁମ ସହ କଥାବାର୍ତ୍ତା କରିବାକୁ କେହି ରହିବେନି ।

ରାମରାତ୍ନମଙ୍କ କୋହ ଭିତରେ କାନ୍ଦିବାର ଶବ୍ଦକୁ ବାରି ହେଉଥିଲା ।

- କାନ୍ଦନି, କୁହ ମୋଠାରୁ କଣ ଚାହଁ ?

- ମୁଁ କଣ କହୁଥିଲି କି... ?

- କୁହ କଣ କହିବ ?

- ତୁମ ଇଚ୍ଛା ଅନୁସାରେ ମୁଁ ପ୍ରଥମେ ଚାଲି ଯାଉଛି । ତୁମେ ମୋ ପାଇଁ ଏତିକି ସାହାଯ୍ୟ କରିଦିଅ ଏଇ ମଇଳା ତକିଆକୁ ମୋ ମୁହଁରେ ଚାପିଧରି ମୋତେ ଶେଷ କରିଦିଅ ।

ରାମରତ୍ନମମଙ୍କ ଅନୁରୋଧରେ ଜାନକୀ ପୁରା ସ୍ତବ୍ଧ, ନିର୍ବାକ ହୋଇ ବସି ରହିଥାନ୍ତି ।

- ଜାନକୀ

- - - - - -

- କଣ ହେଲା ଜାନକୀ କିଛି କହୁନାହଁ କାହିଁକି ?

- - - - - -

- କିଛି ତ କୁହ ? କହିବ କଣ ତୁମକୁ ତାହା କରିବାକୁ ହେବ । ମୁଁ ଜାଣେ ତୁମପାଇଁ ଏ କାମ କଷ୍ଟକର । ୭୫ ବର୍ଷର ଦାମ୍ପତ୍ୟ ଆମର ।

ଖାଦ୍ୟ ପରସୁଥିବା ହାତରେ ମାରିବାକୁ ଅନୁମତି ଦେଲି । ହେଲେ ମୁଁ ଉପାୟଶୂନ୍ୟ । ସହଜରେ ପ୍ରାଣ ଯାଉନାହିଁ । ଏଠି ଯେତେ ଆଦର ଜଣେ ଚାକରାଣୀର ହେଉଛି ସେତକ ବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମପାଇଁ ନାହିଁ । କେତେ ଦିନ ଆଉ ବୋଝ ହୋଇ ପଡିରହିବା ?

ରାମରାତ୍ନମ କହିଚାଲିଥାନ୍ତି । ଜାନକୀଙ୍କଠାରୁ କୌଣସି ପ୍ରତିକ୍ରିୟା ନଶୁଣି ପୁଣିଥରେ ଡାକିଲେ, ଜାନକୀ..

- - - - - -

ଜାନକୀ ଜାନକୀ ଡାକି ବିଛଣାରୁ ଉଠିବାକୁ ପ୍ରୟାସ କଲେ ସେ । ପାଖରେ ଥିବା ଟି-ପୟରୁ ଷ୍ଟିଲ ଗ୍ଲାସ ଓ ଡେଲି ନିଉଜ ପେପର ତଳେ ପଡିଗଲା । ତଥାପି ସେ ଚାରିପଟକୁ ଅଣ୍ଡାଳି ଅଣ୍ଡାଳି ଜାନକୀ ସନ୍ଧାନରେ ଆଗକୁ ବଢୁଥାନ୍ତି ।

- ଜାନକୀ, ଚୁପ ରହି ମୋତେ କଷ୍ଟ ଦିଅନାହିଁ । ତୁମେ ଏମିତି ଚୁପ ରହିବ ତ ମୁଁ ଏଇ ସଙ୍ଗେ ସଙ୍ଗେ ମରିଯିବି । ଜାଣେନି ମୋ ହୃଦୟର ଗତି କାହିଁକି ଖୁବ ଜୋର ବଢିଯାଉଛି । ତୁମେ ଚାହିଁବତ ଦୁହେଁ ଏକା ସାଙ୍ଗରେ ମାରିପାରିବା । ଚାଲ ବହୁତ ଗୁଡିଏ ଔଷଧ ବଟିକା ଖାଇଦେବା । ଦେଖିବ ନିଶ୍ଚୟ ମୃତ୍ୟୁ ହେବ । ଆଣ୍ଡାଳି ଅଣ୍ଡାଳି ଆଗକୁ ବଢୁଥାନ୍ତି ।ହଠାତ ତାଙ୍କ ହାତରେ ଜାନକୀଙ୍କର ଦେହ ସ୍ପର୍ଶ ହେଲା । କିନ୍ତୁ ସେତେବେଳକୁ ସେ ସଂପୂର୍ଣ୍ଣ ଥଣ୍ଡା ହୋଇ ସାରିଥାନ୍ତି ।

- ଜାନକୀ ! ଆରେ ତୁମେ ମୋତେ ଏକାକୀ ଛାଡି ଚଳିଗଲନା କଣ ?

- - - - -

ଜାନକୀ..........

ସେ ଭୟଭୀତର ଚରମ ସୀମାରେ ପହଞ୍ଚି ସାରିଥାନ୍ତି । କିଛି ସମୟ ପରେ ତାଙ୍କ ମନ-ଶରୀର-ପ୍ରାଣ ଥମିଗଲା । ଅନ୍ଧାର ଘରେ ଏକଦମ ନୀରବତା ଛାଇଗଲା ।

ଅନେକ ସମୟ ପରେ ଶାରଦା କବାଟ ଖୋଲିଲା । ଦୁଇଜଣ ବୃଦ୍ଧଙ୍କ ମୃତ ଶରୀରକୁ ଦେଖି ବ୍ୟାକୁଳିତ ମନ ତାର ଭୟରେ କମ୍ପିବାକୁ ଲାଗିଲା । ଦୁହେଁ ଅଳିଆ ସହିତ ଅଳିଆ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇ ପଡି ରହିଥିଲେ । ଦୁନିଆକୁ ଦେଖାଇବା ପାଇଁ ମିଛ କାନ୍ଦଣା କାନ୍ଦିଲା ସେ । ତାପରେ ସବୁ କାମ ନିୟମ ଅନୁସାରେ ସମ୍ପନ୍ନ ହେଲା ।

ଅଳିଆକୁ ବାହାରେ ଫିଙ୍ଗିବା ୧୫ ଦିନ ହୋଇଗଲାଣି ।

ରୁମ ବିଲକୁଲ ସଫା ପରିଷ୍କାର ।

ଶାରଦା ଆଇନା ସମ୍ମୁଖରେ ଠିଆ ହୋଇ ମୁଣ୍ଡ କୁଣ୍ଡାଉଥାଏ । ତା ମୁଣ୍ଡରେ ଥିବା ଦୁଇ ତିନୋଟି ଧଳା ବାଳକୁ ଦେଖି ଚମକି ଉଠିଲା ସେ ।

ପୁଅ ବାସୁ ବାଥରୁମରୁ ବାହାରି ମା'ର ଠିକ ପଛରେ ଠିଆ ହୋଇଗଲା । ବାଳ ଶୁଖିଯିବା ପୂର୍ବରୁ ମୁଣ୍ଡ କୁଣ୍ଡେଇବା ଲାଗି ଆଇନା ସମ୍ମୁଖକୁ ଆସିଲା । ତାକୁ ଜଣାଗଲା ମା' ତା ଆଗରେ ବାଧକ ହୋଇ ଛିଡା ହୋଇଛି ।

ଉଠନା ମମ୍ମି, କେତେ ପର୍ଯ୍ୟନ୍ତ ମୁଣ୍ଡ କୁଣ୍ଡେଇବୁ ? ସୌନ୍ଦର୍ଯ୍ୟ ପ୍ରତି ଯୋଗିତାରେ ଭାଗ ନେଇଛୁ ନା କଣ ? ମା'କୁ କହି ନିଜେ ମୁଣ୍ଡ କୁଣ୍ଡେଇବାରେ ବ୍ୟସ୍ତ ରହିଲା ।

ପୁଅର କଥାରେ ଶାରଦା ହୃଦୟରେ କଣ୍ଟା ବିଦ୍ଧ ହେଲା ପରି ଅନୁଭବ କରୁଥାଏ ଓ ମନେ ମନେ ଭାବୁଥାଏ ବୃଦ୍ଧତ୍ୱର ପ୍ରଥମ ପାଦ ତା ପାଖରେ ବି ପହଞ୍ଚି ସାରିଲାଣି ।

ମୋ-୯୬୮୧୩୭୩୫୧୨/୭୨୯୧୩୪୬୨୫୯

email--s.dwibedy@rediffmail.com.

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ ୬ )

ଅଚିର ତୁମର କହିଲେ ଅଧରେ
ସୁସମ୍ବାଦ ଧନ୍ୟ ହେବି,
ଅଚଳାଚଳ ଏ ସଂପତ୍ତିରୁ ବହୁ
ଉପହାର ରୂପେ ଦେବି ।"
ଅନୁସାରୀ ଶୁଣି ରହିଥିଲେ ତୁନି
ଭାଷୀଲେ କୋକିଳ କଣ୍ଠେ,
"ଅନଳକୁ ଘେରି ପାଟ ଯେ ଯେପରି
ରଖିଲେ କି ତାକୁ ଅଣ୍ଟେ ?
ଅଜସ୍ର ସେମିତି ଧନକୁ କିପରି
କୃପଣ ରଖିବ ପାସେ,
ଅଙ୍ଗସଙ୍ଗୀ ପାଇଁ ତୁଚ୍ଛ ଏ ବୋଲାଇ
ସେବିକା ରୂପକ ଆଶେ ।
ଅଜାଡ଼ିଲେ ଯେତେ ତୁଚ୍ଛ ହେବ ସେତେ
ଯଦି ମଣିମା ଏ ପାଦ,
ଅଚ୍ଛବର ଶିରେ ଥୋଇଦେଲେ ଥରେ
ଚଲିବ ଏ ଅବସାଦ ।
ଅଲୋଡ଼ା ମଣିମା କରିବେ ଗୋ କ୍ଷମା
ସଂପତ୍ତିର ଲୋଡ଼ା ନାହିଁ,
ଅମର ଶରୀର ତୁମର ପଦର
ଥରେ ଦରଶନ ପାଇ ।
ଅବନୀରୁ ବଳି ତୁମ୍ଭ ପଦ ଧୂଳି
ଶିରେ ଲେପିଛି ଯେ ଦିନ,
ଅତୁଳ ଅତୀତ ତୁମ୍ଭର ବ୍ୟତିତ
ହତାଦର ଭାଗ୍ୟ ଦୀନ ।
ଅନୁଗ୍ରହ କଲେ ତୁମ୍ଭ ପଦ ତଳେ
ରହିବ ଏ ଚିର ଦିନ,
ଅନୀଶ୍ୱର ଶିର ତୁମ୍ଭରି ମନ୍ଦିର
ପୂଜକ ସାଜିବ ହୀନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପ୍ରିୟ ସଂମ୍ବାଦ ସାଥିରେ ସୁଖଦ
ସମ୍ବାଦ ଦିଓଟି ମିଶା,
ଅସୀର ଆଘାତେ ମୃତ ଏ ଜଗତେ
ବାଳାର ହନ୍ତକ "ନିଶା" □
ଅବଗତ ଏହି ଦେବ ପୂନଃ ଯାଇ
କ୍ରୋଧକୁ ଆଘାତ କରି,
ଅସୀର ମୁନରେ ଆକ୍ରମଣ ପରେ
ଅଳ୍ପକେ ଜୀବନ୍ତ ଅରି ।
ଅରିର ଶରୀର କ୍ଷତବିକ୍ଷତରେ
ଜୀବନେ ଜୀବନ୍ତ ତିଳେ,
ଅକର୍ମଣ୍ୟ ରୂପେ ଡାକ୍ତରଖାନାରେ
ଚିକିତ୍ସିତ ଏ ଶୁଣିଲେ ।
ଅଙ୍ଗଅଙ୍ଗ ଜାଣି ଶତ କ୍ଷତ ହାଣି
ହେଲେ ବି ଜୀବନ ତାର,
ଅନୁନାଶିକରେ ଜୀବନ ସଂଚରେ
ଆଉ କେତେ ଦିନ ବାର ?
ଅବନୀରେ ଚାହିଁ ପୋତି ହେବ ଯାଇ
ଅବା ଅନଳେ ପୋଡ଼ିବ,
ଅଳିକେ ତାହାର କିଛି ଦିନ ବାର
ଏଣିକି ତାର ରହିବ ।"
ଅନୁଚରୀ କଥା ଏହି ଶୁଣିସାରି
କହନ୍ତି କାବ୍ୟ ସୁନ୍ଦରୀ,
"ଅକ୍ଲାନ୍ତ ଶ୍ରମିକ ସେ ଅଙ୍ଗରକ୍ଷକ
ଆଙ୍ଗିକ ରୂପ କିପରି ?"
ଅନୁସାରୀ ଶୁଣି କହନ୍ତି ଏ ପୁଣି
"ଅତର୍କ୍କ ନହୁଅ ମାତା,
ଅଙ୍ଗରକ୍ଷକର ବଳିଷ୍ଠ ଶରୀର
ଅକ୍ଷତ କରେ ଅହନ୍ତା ।

(କ୍ରମଶଃ..)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଈଶ୍ୱର ଜଣାଣ...



ଯାଜ୍ଞସେନୀ ପ୍ରଧାନ

ହେ ଇଶ୍ୱର ମୋତେ ଦିଅ ଟି ସାହସ,
ହୃଦେ ଦିଅ ଦିବ୍ୟ ଜ୍ଞାନ.......
ଏ ମାୟା ସଂସାରେ ବଞ୍ଚିବି କିପରି,
ଜାଣେନାହିଁ ମୋର ମନ.......
ଛଳନା ଦୁନିଆଁ ଏହା ତ ଅଟଇ,
କିଏ ବା କାହାର ଏଠି.......
ସର୍ବେ ନିଜ ନିଜ କର୍ମର ପଥରେ,
କରୁଛନ୍ତି ଅଗ୍ରଗତି......
ସତ୍ୟ ଯେ ଦୁର୍ବଳ ଏ କଳି ଯୁଗରେ,
ଅସତ୍ୟ ର ଅଛି ସ୍ଥାନ...
ଅହିଂସା କୁ ଛାଡ଼ି କରୁଛନ୍ତି ଏଠି,
ହିଂସା ର ଯେ ଜୟ ଗାନ...
କିଏ ପିତା କିଏ ମାତା ଯେ ଅଟଇ,
ନୁହେଁ ତ କିଏ କାହାର....
ଯେଉଁ ପିତା ଦିନେ ବଡ଼ କରିଥିଲେ,
ପୁତ୍ର କରେ ତିରସ୍କାର.......

ସଂସାରେ ଘଟୁଛି ଏପରି ଘଟଣା,
ଏହା ତ ଏ ଯୁଗ ରୀତି.....
କିପରି ବଞ୍ଚିବି ଏମତି ସଂସାରେ,
ନାହିଁ ଯେ ମୋହର ଖ୍ୟାତି.....
ହେ ଇଶ୍ୱର ମୋତେ ଦିଅ ଟି ବତାଇ,
ଏ ରଙ୍ଗ ମଞ୍ଚ ର କଥା.....
ସର୍ବେ ନିଜ ନିଜ ଅଭିନୟ କରି,
ଗର୍ବ ରେ ଟେକନ୍ତି ମଥା......
ମାତାକୁ ମାତାର ଆଖ୍ୟା ଦେବାପାଇଁ,
ପୁତ୍ର ଯେ ହୁଏ ଲଜ୍ଜିତ....
କାହିଁକି ଯେ ପ୍ରଭୁ ଏପରି ହେଉଛି,
ଜ୍ଞାନ ଯେ ହେଉ ତାଙ୍କର......
ନାରୀଟିଏ ବୋଲି ନିରବେ ରହିଛି,
ନାହିଁ ତ ମୋହର ଶକ୍ତି......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏପରି ଦୃଶ୍ୟ ଟି ଦେଖାଅନି ପ୍ରଭୁ,

ମନ ମୋର କାନ୍ଦୁଅଛି.....

ଦୁଃଖୀ ର ଜୀବନ ଦେଖିଲେ ମୁହିଁ ଟି,

ହୃଦ ମୋର କାନ୍ଦି ଥାଏ......

ସବୁକିଛି ଦେଖି ମୁକ ପ୍ରାୟ ହୋଇ,

ନୀରବରେ ରହିଥାଏ.....

ନାହିଁ ମୋର ଜ୍ଞାନ ଏ ମାୟା ସଂସାରେ,

ଅବୋଧ ବାଳକ ମୁହିଁ.....

ଜାଣେନାହିଁ ଭଲମନ୍ଦ ଚିନ୍ତା କରି,

କ୍ଷମା ଯେ କର ଗୋ ସାଇଁ.....

ଭଲ ଭାବନା ମୋ ମାନସେ ଦିଅ ହେ.....

ନୟନ ଦେଖୁ ସୁଚିତ୍ର.....

ସୁନ୍ଦର କଥା ଯେ କର୍ଣ୍ଣ ମୋର ଶୁଣୁ,

ଓଠ କହୁ ସୁମଧୁର....

ଏତିକି ମୋହର ଲୋଡ଼ା ଯେ ଅଛଇ,

କର ଯୋଡୁଛି ତୁମ୍ଭକୁ......

ଦୋଷ କରିଥିଲେ କ୍ଷମା ମୋତେ ଦେବ,

ଜୀବନ ସାର୍ଥକ ହେଉ.......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ଡଃ ଆଭାଞ୍ଜଳି ଶତପଥୀ

ସେ କୋଉ ଚାଉଳରେ ଗଢା କେଜାଣି  ! ! ! !
ନାଁ ଟା ବି  ଠିକ୍ କି ଦେଲାନି
ପୁଚି,  ମୁଚି,  ଗୁଲୁ  ପୁଲୁ,  ଟୁଟୁ,  କୁଟୁ,  ଗୁଡ୍ଡାଗୁଡ୍ଡି,  ରାଜା,  ରାଣୀ
ଯେତେବେଳେ ଯାହା ପାଟିକୁ ଆସିଲା
ମୋତେ ହଁ ଟେ ମାରିବାକୁ ପଡ଼ିଲା
ହେଲେ ତାର ସେଇ ଗୋଟିଏ  ନାଁ
ସେ ପୁଣି ପୋଡି ହଜି କୁଆଡେ ଗଲାଣି
ନାଁ ଦୁଆର ମୁହଁ ନେମପ୍ଲେଟରେ ଅଛି ନା  ସାର୍ଟିଫିକେଟରେ ପୁରା ମିଳୁଛି
ଲାଙ୍ଗୁଡ ଧରେ ପରା ମୋ ନାମରେ
ଟୁଟିଆ ବୋଉ, କାହ୍ନୁଆ ମା, ରିମା ମମି, ଫିରଦୋସ୍  ଅମ୍ମି, କାମେଶ୍ୱରୀ ଆମା, ପ୍ରତିମା ଆଈ,
ଶୋଭନା ମାମା ...ସନ୍ଧି ଶବ୍ଦର ଶବ୍ଦାର୍ଥ  ଆଲ୍‌ହାଦରେ   ।

ମୁଣ୍ଡ ଲାଂଜ଼ ଖାଇ ପେଟି ମାଛରୁ  କଣ୍ଟା କାଢି ମୋ ପାଟିରେ ଦିଏ
ସାତ ପାଇଟି କରି ଘରକୁ ଫେରିଲା ବେଳେ ତା ଉଦର ଯେମିତିକି  ଗୋଟେ ବ୍ଲାକ ହୋଲ
ହାଣ୍ଡି ପୋଛା ପୋଛି ଭାତ କଂସା  ହଂସାକୁ ନିଅଁଣ୍ଟ
ଲଙ୍କା ଲୁଣ ଦଳା ଆମ୍ବୁଲ ଚକଟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟାକରା  ଶୁଣି  ସାଲୁରୁ ବାଲୁରୁ ଛୁଆ  ଆଁ ଦେଖେଇ ବସି ଯାଆନ୍ତି

ମୁଣ୍ଡି ଚାଉଳର ଭାତ କେଇଟା ଆଙ୍ଗୁଠିରେ ଗଣି ହେଇଯିବ

କାଣ୍ଟି  ତୋରାଣି ଢକ  ଢକ କରି ପିଇ

ସନ୍ତୁଷ୍ଟିର ଢକାର ମାରେ  କେମିତି କେଜାଣି  ।

ନିଉ ପିନ୍‌ଚ  କରାଇବାକୁ କଣ ମଉକା ଦେଲା  ?

ନିୟମ  ଛାଡ଼ି ଦିଏ  ନୂଆଁ ଶାଢ଼ୀଟା  ମାରା କରି ଦେଲୁ ଝିଅ

ମୋ ହାତ ଫୁଲି ଯାଏ  ନୁଆ ପିନ୍‌ଚ ଚିମୁଟା ଖାଇ ଖାଇ

ତା ଲୁଗା ତା ପାଖକୁ ଫେରିଆସେ,ଧୋତୋଡା କତରା ହୋଇ

ଯେବେ ମୋର   ମ୍ୟାଚ ଉପରେ  ପ୍ୟାଚ  ସରିଯାଏ ।

ବାପା ଦେଇଥିବା ମସିକିଆ ସଉଦା

ଟଙ୍କାରୁ କିଛି ଅଣ୍ଟାରେ ଖୋସି ଦିଏ

ଲୁଚି ଲୁଚି  ବାବୁଲାଲ  ବଣିଆ ପାଖରେ କଣ ଡିଜାଇନ୍ ଦେଖେ କେଜାଣି

ସେ ମୋ ମାପର ବାହୁଟି ଦିଇଟା  ପେଡିରୁ ବାହାରେ ମୋ ବାହା ବେଦି

ସଜାହେଲା ବେଳେ ।

ମୋ ଘନ ଲମ୍ବା କଳା ମଚ ମଚ ବାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଜଡି ବୁଟି ମିଶା ରନ୍ଧା ନଡ଼ିଆ ତେଲ

ସାଉଁଳେଇ ମୁଣ୍ଡରେ ତେଲ ମାଲିସ ବେଳେ ମୁଁ ଘୁମେଇ ପଡୁଥାଏ

ସେ ଯେମିତି ସମୟକୁ ତା ହାତ ମୁଠାରେ ବାନ୍ଧି ଦିଏ

ଆଲୁରା ବାଲୁରା ଜଟକୁ ସାଇଜିଆ ବେଣୀ ବାନ୍ଧିଲା ବେଳେ ମୋ

ବାଳ ମାପୁଥାଏ କେବେ ବର ଓହଳ ହେବ

ହେଲେ ତା'ର ଦୋମୁହାଁ ବାଳ କେଇଟାର ଗଣ୍ଠିଟା ଖୋଲି ନୁଖୁରା ବାଳରେ ପାନିଆ ଟା ଘଷି ଦେଲାବେଳେ

ନା ବଳେ ତେଲ ନା ବେଳ ।

ଆଶା ବୈତରଣୀ ନଦୀ

ଛୁଆ ମୋର ଉଡାଯାହାଜ ଚଢ଼ିବ, ଦେଶ ବିଦେଶ ଦେଖିବ , ହାକିମ ହେବ, ବଡ଼ ଡିଗ୍ରୀ ହାସଲ କରିବ

ମୋରି ଆଖିରେ ପୁଣି ସେ ଦେଖିବ ବିଶ୍ୱ ରୂପ

ଅଜା ଦେଇଥିବା ଜମି ଖଣ୍ଡକ ସାଙ୍ଗକୁ ଗହଣା ଗାଣ୍ଠି ଟାଣି ଟୁଣି ମୂଲ କରିଦେଲା

ମୋର ସେ ବିଦେଶୀ ପଢା ଉପାଧି ବଦଳରେ ।

ତା ଅଫିସ୍ ର ମଉସା ମାନେ କୁଆଡ଼େ ଉଠିଗଲେ

ସେ ତ ତ ବୁଢୀ ଖୁଣ୍ଟ ଭଳି ଯାଗାକୁ ଯାକି ଧରିଲା

ଛୁଆଙ୍କ ପାଠରେ ବିଘ୍ନ ଘଟିବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦକ୍ଷତା, ନ୍ୟାଯ୍ୟଦାବିକୁ ସଳିତା କରି ବଳି ଚାଲିଲା

ମାତୃତ୍ୱର ପୂତ  ଇନ୍ଧନରେ

ପ୍ରମୋସନର ପୂର୍ଣ୍ଣାହୁତି ହେଲା ।

ହସି ଥିଲା ମୋ କାନ୍ଦରେ

ପ୍ରସବ ବେଦନାକୁ ଗୋଟେ ଢୋକରେ  ଗିଳି ଦେଇ ହସିଥିଲା

ତୃପ୍ତି ଓ ସନ୍ତୁଷ୍ଟିର ହସ

ଏମିତି ଶାଳରେ ମୋ କୁଁଆ କୁଁଆ  ରାବ ଶୁଣି

ସେଇ ଥିଲା ତାର ପହିଲି ଓ ଶେଷ  ହସ ମୋ କାନ୍ଦରେ

ବାସ୍ ତା ପରେ ତ  ମୋ ଲୁହ  ତା ଆଖି

ମଧୁ ସାରଙ୍କ ବେତ ପାହାରରେ ତୋ ହୃଦୟ ନାଳି ହୋଇଯାଇଥାଏ ।

ମୋ ଅସଫଳତାରେ ତୋ ଛାତିରୁ ଅତଡ଼ା ଖସେ

ମୋ ପାରିବାରିକ ଝଗଡ଼ାରେ  ତୋ ହୃଦୟ କାଚ୍ଚ ଫାଟେ

ମୁଁ ଦୁଃଖୀ ହେଲେ ସେ ଗୁମୁରି କାନ୍ଦୁ ।

ମୋ ନିନ୍ଦାରେ  ତା  ଅଜଗା ଘାକୁ କାଟେ  ।

ପେଟ ମୋଡ଼ି ଦେଉ ପଛେ  ବ୍ରତ ଭାଙ୍ଗେ ନାହିଁ

ଭୋର କାକର ପାଣିରେ ମୁଣ୍ଡ ଧୁଆ ଦେହରେ ତାତି ଥାଉ କି ନଥାଉ

ଝୋଟି ମୁରୁଜ ପକାଇ ଠାକୁରାଣୀ  ବସାଏ

ଆଣ୍ଠୁ ଧରିଲେବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୋଟେଇ ଛୋଟେଇ ମନ୍ଦିରରୁ ମସଜିଦ, ଗିର୍ଜା ରୁ ଗୁରୁଦ୍ୱାର ସବୁଠି ଅଧିଆ ପଡେ

ଅଣ୍ଟା ଧରିଲେବୀ ବଙ୍କେଇ  ବଙ୍କେଇ  ବାଇଶି ପାହାଚ ଚଢ଼େ

ପୁଜାରୀ ନନା  ପାଣି ଟେକିବାକୁ ନାଁ ପଚାରିଲେ ଖାଲି ମୋ ନାଁ ତୋ ପାଟିରେ ପଶେ

କାହିଁକି ଖୋଜେ ମୋ  ଜୀବନ ରେ  ତା'ର ଅସ୍ତିତ୍ୱ  ।

ସମୟ ସମୟରେ ବୋହିଗଲା । ମୁଁ ଡେଣା ମେଲି ଦେଲି ସେ ଉଡାଜାହାଜ ର ଡେଣା ସାଙ୍ଗେ

ତା'ର ଆଶା ତାରା ଭଳି ଫୁଟିଲା

ବୟସ ନଈରେ  ସେ ଭାସି ଆସି ସେ ଆଉ ଗୋଟେ କୂଳରେ ଲାଗିଲା

ଯେବେ  କେବେ ତା'ର ପୋତା ମନ କଇଁଚ ଖୋଳପାରୁ ମୁଣ୍ଡ ଟେକି ଏକଡ଼ ସେକଡ ଦେଖିଲା

ଖାଇବାକୁ ଭୋକ କାହିଁ

ଚାଲିବାକୁ ଗୋଡ଼ କାହିଁ

ଦେଖିବାକୁ ଆଖି   କାହିଁ

ଶୁଣିବାକୁ କାନ କାହିଁ

ନାଇ ବାକୁ ମନ  କାହିଁ

ବାନ୍ଧିବାକୁ ବାଳ କାହିଁ

ପ୍ରମୋସନ୍ କୁ ଚାକିରି କାହିଁ

ପଢିବାକୁ ମୁଣ୍ଡ କାହିଁ

ସପନକୁ ନିଦ କାହିଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ତ ବସା ଛାଡ଼ିଦେଲି

ସେ କିନ୍ତୁ ସେଇଠି ପଡ଼ିରହିଲା ଭିଟାମାଟି ନାଁରେ

ଜଗୁଆଳୀ ହୋଇ ମମତାର ସିନ୍ଦୁକକୁ

ସ୍ମୃତି ଆଲବମର ଫର୍ଦ ଖୋଲି ଖୋଲି

ଗୁଲିଦଣ୍ଡା ଖେଳର ଫଟୋକୁ ଦେଖି ଦେଖି

ଠାକୁର ବାସନ ସାଙ୍ଗରେ ମୋ ପ୍ରାଇଜ କପ ସିଲ୍ଡକୁ ବ୍ରସୋଦେଇ ପୋଛି ପୋଛି

ମୋ ପ୍ରଥମ ଜନ୍ମ ଦିନର ଜାମାକୁ ଭାଙ୍ଗି ଭାଙ୍ଗି

ଫରୁଆ ଭିତରେ ଫରୁଆରେ ରଖିଥିବା ତା ଜୀବନ ନାଟିକାକୁ

ଘଣ୍ଟ ଘୋଡ଼େଇ ଘୋଡ଼େଇ

ସେ କୋଉ ଚାଉଳରେ ଗଢ଼ା । କେଜାଣି ! ! ! !

ଡକ୍ଟର ଆଭାଞ୍ଜଳି ଶତପଥୀ,ଗବେଷିକା

ଇମେଲ୍ : avanjali@yahoo.co.uk

୯୮୮୪୦୩୪୯୮୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆଲୋକର ପର୍ବ



ଶାନ୍ତନୁ କୁମାର ରାଉତ

ଜୀବନରୁ ଯେତେ ନକରାତ୍ମକକୁ

ମୂର୍ଚ୍ଛି ଦେବା ସର୍ବେ ମିଳି

ଶପଥ କରିବା ଅମାବାସ୍ୟା ତୀରେ

ମାଟି ଦୀପଟିଏ ଜାଳି .... ୧

ଏ ଧରା ଧାମରୁ ପାପ କ୍ଷୟ ହଉ

ଏତିକି ମାଆଙ୍କୁ ଅଳି

ଶୁଭ ଅନୁକୂଳେ ଏ ମର୍ତ୍ୟ ମଣ୍ଡଳେ

ଅବତରୀବେ ମା କାଳୀ ..... ୨

ଡାହାଣୀ କଇଁ ଓ ବରୁହଂ ବାଲୁଙ୍ଗା

କଣ୍ଢେଇ କୋଳିର ଡାଳି

ପୂର୍ବ ପୁରୁଷଙ୍କୁ ପିଣ୍ଡ ଦାନ ଦେବା

ନଳିତା ପଇଆ ଜାଳି ..... ୩

ଦୀପ ମହମରେ ଘର ସଜ୍ଜାଇତ

ତା ସାଙ୍ଗକୁ ଫୁଲ ଫୁଳି

ରଙ୍ଗ ବେରଙ୍ଗର ଆଲୋକରେ ଭରେ

ସାହି ସାହିରେ ଯେ ମେଳି .....  ୪

ସହର ବଜାର ଖୁସିର ଶବଦ

କମ୍ପି ଉଠେ ପୁରପଲ୍ଲୀ

ନାନା ପ୍ରଜାତିର ଫଟୋକା ସାଙ୍ଗକୁ

ଆକାଶେ ଉଡେ ହାବେଳୀ ..... ୫

ଏ ସନ ଦୀପାଳି ଫିକା ଫିକା ଲାଗେ

ହବନି ଯେ ଗହଳି

କରୋନାର କାୟା ସବୁଠି ଖେଳୁଛି

ଗୁପ୍ତ ଗଗନରେ ଦୋଳି ...... ୬

ଦେବା ଦେବୀଙ୍କର ଧାମ ପରା ଇଏ

ଯିବାନି ଆମେ ଓହରି

କରୋନା ହଟିବ ଦୁନିଆଁ ହସିବ

ପାଳିବାରେ ଦୀପାବଳି ........ ୭

ପାଟରଙ୍ଗା, ଯାଜପୁର

୯୮୬୧୭୫୬୧୯୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନେତା



ଦିନବନ୍ଧୁ ବେଜ

ନେତା
ଖାଲି କାଟନ୍ତିନି
ନାଲି ଫିତା,
ପରଧନ ଲୁଟି
ପକେଟ ପୁରାନ୍ତି
ଗରିବ ମନକୁ
କରନ୍ତି ପିତା ।
ନେତା
ଭୋଟଟେ ପାଇଁ
ଖାଲି ବାଣ୍ଟନ୍ତିନି
ଛତା ଜୋତା,
କର୍ମୀଙ୍କ ସହ
ଭଲ କଥା ନାହିଁ
ଏମିତି କହନ୍ତି
ଲାଗେ ନାହିଁ
ବାଡ଼ ବତା ।

ନେତା
କର୍ମୀଟିଏ
ଦେବତା ଭାବିକି
ପାଦରେ ପିନ୍ଧାନ୍ତି
ଆର୍ଶିବାଦ ପାଇଁ
ପ୍ରେମ ଜୋତା ।
ଜାରି କରନ୍ତିନି
ପ୍ରିୟ କର୍ମୀ
ଲେଖା ଥିବା
ଏକ ଖାତା,
ପ୍ରଚାର କରନ୍ତି
ପାଖେ ଠିଆ କରି
ଫଟୋ ପ୍ରଚାରର
କୃତ୍ରିମ ମମତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନେତା

ଶହେରେ ଜଣେ

ସଭିଙ୍କର ନୁହେଁ

ନିଜର ପ୍ରିୟ ନେତା ।

ନେତା

ଆହୁରି ମଧ୍ୟ

ବିନା ଚିଠାରେ

ଯୋଡି ଦିଅନ୍ତି

ଘରର ସଦସ୍ୟତା ।

ଆମକୁ ଦରକାର

ଅତି ଆପଣାର

ଦୁଃଖର ସୁଖର

ଅତି ଅନ୍ତରଙ୍ଗ

ସହ ଭାଗିତା ।

ଯିଏ ଭଲରେ ମନ୍ଦରେ

ଅନ୍ତର ଆତ୍ମାରେ

ବସାବାନ୍ଧି କରି

ସଦା କରୁଥିବ

ନିଜର ହେବାକୁ

ପ୍ରତିଯୋଗିତା ।

ମାଲକାନଗିରି

ଭ୍ରାମ୍ୟଭାଷ : ୭୬୮୩୯୨୦୨୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାନଶାଳୀଟାର ଅଳପ ବୁଦ୍ଧି



ଶିଶିର କୁମାର ପଣ୍ଡା

ସାନଶାଳୀ ମତେ ଫୋଅନ କରିଲା
ଗଲା ବୁଧବାର ରାତିରେ
କହିଲା, କାହିଁକି ଜାଣିନି ଭାଇନା
କୁତୁକୁତୁ ଭାବ ଛାତିରେ ।
ଆଠମାସ ହେଲା ଦେଖିନି ତୁମକୁ
ପାଇନି ସେନେହ ପରଶ
ଦିଦି ସାଙ୍ଗରେ ମୁଁ ତୁମରି ଘରକୁ
ଯାଇଥିଲି ଗତ ବରଷ ।
କଲେଜ ପଢ଼ା ମୋ କେବେଠୁ ସରିଛି
ବସିବସି ଭଲ ଲାଗୁନି
ବାପା ବୋଉ ସାଥେ କି କଥା ହେବି ମୁଁ
ମିଛିମିଛି କେହି ରାଗୁନି ।
ତୁମସାଥେ ହୁଏ କେତେ ଥଟ୍ଟାମଜା
ସେଇକଥା ମନେ ପଡ଼ଇ
ସେଥିଲାଗି ଜାଣ ତୁମରି ଘରକୁ
ଯିବାକୁ ସରାଗ ବଢ଼ଇ ।

ସବୁକଥା ଶୁଣି ଶାଳୀକୁ କହିଲି ,
ତୁଉ କି ପାଗିଳୀ ହେଲୁଣି
କରୋନା ମାତିଛି ଆମରି ଦେଶରେ
ଏକଥା ପାଶୋରି ଦେଲୁଣି ?
ଛାଡ଼ି ଛାଡ଼ି ବସି କି କଥା ହୋଇବା
କପଡ଼ା ବାନ୍ଧିକି ତୁଣ୍ଡରେ
ବୟସ ଆସିକି ଚବିଶି ହେଲାଣି
ବୁଦ୍ଧି ଟିକେ ନାହିଁ ମୁଣ୍ଡରେ !
ଭେକସିନି ଯାଉ ବାହାରି
ସେତେବେଳେ ତତେ ଖୁସିରେ ଆଣିବି
ଭୟ ତ ନଥିବ କାହାରି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ଏକ ଅନାଥ ଟିଏ



ରାଧାରାଣୀ ରାଉଳ

ରାସ୍ତା କଡର ମୁଁ ବାଟ ଭିକାରିଟେ
ବାଟ ଘାଟ ମୋର ବନ୍ଧୁ,
ସୁଖ ନୁହେଁ ମୋର ଚିର ସହଚର
ଦୁଃଖ ମୋର ମହା ସିନ୍ଧୁ ।

ଜୀବନଟା ମୋର ଅସ୍ଥାୟୀ ଠିକଣା
ପାଣିର ଫୋଟକା ପରି,
ଝୁଣ୍ଟିଲେ ପଡିଲେ କଷ୍ଟବି ଆସିଲେ
ଯାଏ ନାହିଁ କେବେ ଡରି ।

ରାସ୍ତାର ସେହି ଦୁଇ କଡେ ଚାଲେ
ଜୀବନର ଗୀତ ଗାଇ,
କଷ୍ଟ ମୋହର ନିରବ ଭାବନା
ଦେହ ମୋର ଯାଏ ସହି ।

ସବୁ ଜାଣି ପୁଣି ଚାଲେ ଏକା ଏକା
ବାଟ ବତାଇବ କିଏ,
ବାପା ମାଆ ମୋର କେହିତ ନାହାନ୍ତି
ମୁଁ ଏକ ଅନାଥ ଟିଏ ।

ରାସ୍ତା କଡର ଧୂଳି ସାଥେ ମିଶି
ଜୀବନକୁ ବୋଧ ଦିଏ,
ଜୀବନ କେବେମୋ ଧୂଳିରେ ମିଶିବ
ସେହିବାଟ ଚାହିଁ ଥାଏ ।

ଏଇ ମୋ ଜୀବନ ଯନ୍ତ୍ରଣା ଭରା
ଆଶା ମୋର ଦୀପ ଟିଏ,
ନିରାଶା ଅନ୍ଧାରେ ପ୍ରଭୁ ଏକା ସାହା
ଆଉ ମୋର ଅଛି କିଏ ।

କଟିକଟା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ଳାନ୍ତ ପଥିକ



ନୂତନ କୁମାର ବେହେରା

ଜୀବନର ଚଲାପଥେ ଚାଲୁ ଚାଲୁ
ପଥଶ୍ରାନ୍ତ କ୍ଳାନ୍ତ ହୋଇ ପଡେ ପଥିକ,
ଖୋଜି ଖୋଜି କାହାର ଏକ ଛାୟାତଳ
ଅବଶ ବିବଶ ହୋଇ ପଡେ
ଶରୀରର କାର୍ଯ୍ୟରତ ଅବୟବ ଯାକ ।
ମୁହୂର୍ତ୍ତଟିଏ ବିଶ୍ରାମ ନେବାକୁ ହୁଏ ବ୍ୟାକୁଳ,
ପାଏନା କାହିଁ ଏକ ଭରସାର ଗଛ
ପରିପୂର୍ଣ୍ଣତାର ଡାଳରେ ଭରିଥିବ ତାର
ସବୁଜ ସୁନ୍ଦର ପତ୍ର ଗହଳ ।
ଏଠି ସବୁ ଗଛ ତ ଶିରାଳ ଶିରାଳ
ଅସମୟର ଝଡବାତ୍ୟାରେ ପତ୍ରଝଡା ଦେଇ
କଙ୍କାଳ ଦିଶେ ତାର ରୁକ୍ଷ ମଳିନ ଚେହେରା,
ଅଭାବ ଅନାଟନର ଦାରୁଣ ନିଦାଘ
ବ୍ୟତିବ୍ୟସ୍ତ କରିପକାଏ ମାନସିକ ତାପ
ଭାବନା ସବୁ ରହିଯାଏ ଅଧୁରା ।

ସବୁଗଛ ଦେଖି ଲାଗେ କଣ୍ଟା କଣ୍ଟା
ପୃଷ୍ଠଭୂମିରେ ତାର ପଡିଛି ଜାଲର ନକ୍ସା,
ହୃଦୟ ଆକାଶରୁ ଝରେ ନାହିଁ କାହାର
ଅନୁକମ୍ପାର ଅସରାଏ ବରଷା ।
ବସନ୍ତର ଆସିବାର ସମ୍ଭାବନାରେ ଆଶାୟୀ
ପଲ୍ଲବିତ ହେବାକୁ ଦେଖୁଥାଏ ସପନ,
ବସନ୍ତ କାହିଁ ? ପଥ ତାର ଅବରୁଦ୍ଧ
ଆଷାଢ ସରି କି ଆସିଛି ଶ୍ରବଣ
ଶଙ୍କା ସନ୍ଦେହର ବହେ ଅସହିଷ୍ଣୁ ପବନ ।
ସଂକଟାପନ୍ନ ପ୍ରାଣକୁ ଜାବୁଡି ଧରି
ଭାସିଚାଲିଛି ଗଣସ୍ରୋତର ପ୍ରବଳ ଜୁଆରରେ,
ନିଜକୁ ଉଦ୍ଧାର କରି ସୁରକ୍ଷା ଦେବାକୁ ଚାହେଁ
ମତ୍ତଗର୍ବେ ଫାଟି ପଡ଼ି ନିଜ ଅହଂକାରରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ କ୍ଳାନ୍ତି ତାର ହୁଏନା ତିଳେ ବି ଲାଘବ

କ୍ଳାନ୍ତ ଶରୀରକୁ ନେଇ କରେ ଯା' ଯୋଜନା

ମାନସିକ ଦ୍ୱନ୍ଦରେ ପଥେ ହୁଏ ସଂଜ୍ଞାହୀନ,

ନିର୍ଦ୍ଦିଷ୍ଟ ଦୂରତା ଅତିକ୍ରମ କରିବା ପୂର୍ବରୁ

ପରିସମାପ୍ତି ହୁଏ ତାର ପାର୍ଥିବ ସମ୍ମୋହନ ।

ଜୀବନର ଚଲାପଥ ଭାରି ସଂକଟ ଦୁର୍ଗମ

ପାଦେ ପାଦେ ବିପଦର ସଂକେତ,

ପଥିକ ଥିଲେ ହୁସିଆର ଆଉ ସଚେତନ

ଟାଳି ଦେଇ ପ୍ରତିବନ୍ଧ ଲକ୍ଷ୍ୟେ ହୁଏ ଉପଗତ ।

କୋହି ଗଡ଼ିଆ, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତି ଜନନୀ ବ୍ୟଥା



ଅଲେଖ ମେହେର

ରାଗ-ବଙ୍ଗଳାଶ୍ରୀ

ପ୍ରକୃତି ଜନନୀ ପିତା ଯେ ଈଶ୍ୱର
ମିଳନେ ଗଢା ସଂସାର,
ଏକ ବିନେ ଆନ ଅଟେ ମହାଶୂନ୍ୟ
ଚିରନ୍ତନ ଏହି ଗୀର ।
ଅଦୃଷ୍ଟ ସ୍ରଷ୍ଟା ଙ୍କ ମଧୁମୟ ସୃଷ୍ଟି
ସୁଧାରସେ ପରିପୂର୍ଣ୍ଣ ,
ଆହାର ନିମିତ୍ତ ପତ୍ର ରେ ଫୁଲରେ
ଫଳରେ ଭରିଲେ ଅର୍ଣ୍ଣ ।
ଜୀବନ ସମ୍ବଳ ରଚିଲେକ ପୟ
ଯା'ବିନେ ଶୟଳ ମରୁ,
ନାସାରନ୍ଧ୍ରେ ବାତ କରେ ଆତଯାତ
ଗନ୍ଧ ଆଣେ ବସନ୍ତରୁ ।
ଅମୃତ ଏ ଉର୍ବୀ ବିକ୍ଷଣେ ସୁନ୍ଦର
କାନ୍ଦେ ଏବେ ଦୁଃଖ ଭରେ,
କଳକାରଖାନା ପ୍ରଗତିର ବାନା
ବକ୍ଷ ଚିରି ଧ୍ୱଂସ କରେ ।
ଲହୁ ଜର୍ଜରିତ ଅନ୍ତର କୋହରେ
ବସି ଗଡାଏ ଲୋତକ,
ବର୍ଜବସ୍ତୁ ଭାର ଅସହ୍ୟ ବୋଝରେ
ହୋଇ କ୍ଷୁବ୍ଧ ହତବାକ ।
ଅନ୍ତର ବେଦନା ଆତୁର କ୍ରନ୍ଦନ
ଶୁଣନ୍ତିନି କେହି ଥରେ,
ସନ୍ତାନ ଝିରେୟ ମନାସି ଜନନୀ
ପୂର୍ବ କଥା ଝୁରିମରେ ।
ନାହିଁ ଆଉ ସେଇ ଗହନ ଅଟବୀ
ଉପବନର କୁସୁମ,
ଅଟ୍ଟାଳିକା ମୟ ସସାଗରା ମହି
ନର ଯହିଁରେ ବିଭ୍ରମ ।
ଜ୍ୟା-ଲୋକ କମ୍ପିତ ବିପର୍ଯ୍ୟୟ ଭିତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖି ବାତ୍ୟା  ମହାବଳ,
ଭୂମିକମ୍ପ ଆସି      ପୋତିଦିଏ ହସି
ଜୀବନ ତରୁ କଲ୍ଲୋଳ  ।
ତଥାପି  ସ୍ମରଣ    କରେନି ମାନବ
ପ୍ରକୃତି  ଜନନୀ  କଥା,
ବୁଝିବାକୁ ଆଉ     କେହି ଜଣେ ନାହିଁ
ତା'ମନ ହୃଦୟ ବ୍ୟଥା ।

ସୋହେଲା ବରଗଡ଼
ମୋ-୭୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଓ ପ୍ରତାରଣା



ରାମଚନ୍ଦ୍ର ପ୍ରଧାନ

ପବିତ୍ର ପ୍ରେମଟା  କଳଙ୍କିତ ଆଜି
ପ୍ରତାରଣା ବିଷ ଭରି
ସବୁ ବୁଝିପାରି  ଏ ସଭ୍ୟ ମଣିଷ
ଦ୍ୱନ୍ଦେ ହୁଏ ଖାଲି ଘାରି ।
ପ୍ରେମ ଫଗୁଣର ଅବିର ରଙ୍ଗଟା
ଲାଗେ ଆଜି ଫିକାଫିକା
ମିଛ ପ୍ରତାରଣା  ସନ୍ଦେହ ଘେରରେ
ବଞ୍ଚିବାକୁ ହୁଏ ଏକା ।
ପ୍ରକୃତ ପ୍ରେମର  ସଂଜ୍ଞା ବଦଳିଛି
ନାହିଁ ଆଉ ଆକର୍ଷଣ
କାମନା ନିଶାରେ  ବାଟବଣା ଆଜି
ପ୍ରେମିକ ପ୍ରେମିକା ଗଣ ।
ବୁଝନ୍ତିନି କେହି  ପ୍ରେମ ଯେ ଅମୁଲ
ସମ୍ପର୍କର ପୂଜାଫୁଲ
ପ୍ରେମ ସ୍ୱର୍ଗେ ଫୁଟେ  ସ୍ୱର୍ଗ ପାରିଜାତ
ନୁହଁନ୍ତି କେହି ତା' ତୁଲ ।

ପ୍ରେମରେ ମିଶିଲେ  ପ୍ରତାରଣା ଝୁଲ
ଜୀବନଟା ହୁଏ ନଷ୍ଟ
ପ୍ରେମୀ ଏକା ଜାଣେ  ପ୍ରତାରଣା ପାଇଁ
ଭୋଗିବାକୁ ପଡ଼େ କଷ୍ଟ ।
ପ୍ରେମ ଦୁନିଆରେ  ଠିକଣା ହଜେଇ
କରନାହିଁ ପ୍ରତାରଣା
ବିଶ୍ୱାସ ଭରସା  ଗହଣା ପିନ୍ଧି କି'
ଠିକ୍ ରଖ ବୁଝାମଣା ।
ପ୍ରେମ ତ ନୁହଁଇ  ଭୋଗର ପ୍ରତୀକ
ଅଟଇ ସଦା ଶାଶ୍ୱତ
ପ୍ରେମ ଅନୁପମ  ପ୍ରେମ ନୈସର୍ଗିକ
ଜାଣିଛି ଏହା ଜଗତ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୭୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମାଜ୍ ବୁଝେନା



ଗୁପ୍ତେଶ୍ୱର ଚାନ୍ଦ

ସମାଜ ବୁଝେନା କାହା ମନେ କଥା
ନ ବୁଝି ନ ଶୁଝି ପ୍ରକୃତ ତତ୍ତ୍ୱ ।
ବଖାଣି ବସଇ ଅବାନ୍ତର ଯୁକ୍ତି
ଦେଖି ବାହ୍ୟରୀତି ସରେ ମହତ୍ତ୍ୱ ।୧ ।

ଅନୁଭବୀ ସିନା କରେ ଉପଲବ୍ଧି
ଜାଣି ପାରେ ଘଟଣାର ରହସ୍ୟ ।
ସତ କି ଅସତ ନଜାଣି ନଶୁଣି
ଶ୍ୱାନ ସମ ସ୍ୱନ କଲେ ଟି ହାସ୍ୟ ।୨ ।

ପ୍ରତ୍ୟକ୍ଷ ଦର୍ଶନ କଲେ ଏ ନୟନ
ସିନା ଅବଗତ ହେବୁରେ ମନ !
କେଉଁ ଯଶ ଅବା ଲଭିବୁ ଜଗତେ
ଆନନ୍ଦେ ଉଚ୍ଚାରି ମିଥ୍ୟା ବଚନ ।୩ ।

ତୁଣ୍ଡ ସୁଖେ ଖାଲି କହି ଦେଲେ କଥା
ସୁରୁଜେ ଅନ୍ତରେ କେତେ ଯେ ବ୍ୟଥା ।
ସେ ପରିଣତିକୁ ନ ଦେଇ ନଜର
ସୃଷ୍ଟି କରୁ କ୍ଷତ ଆମେ ଅଯଥା ।୪ ।

ଉଦ୍ୟମ କରୁନା ବୁଝିବା ପାଇଁ କି
କେବେ କାହାରି ମନର ଭାବନା ।
ବୃଥା ବକ ବକ ହେଉ ଯେହ୍ନେ ମୁର୍ଖ
ନଥାଏ ଯହିଁ ସୁଖ ସମ୍ଭାବନା ।୫ ।

ମଣିଷ ହୋଇବି ବିବେକ ଆମରି
ଥରୁଟେ ଆମକୁ କରୁନି ମନା ।
ଭଲ ଅବା ମନ୍ଦ ପ୍ରଭାବ ପଡ଼ିବ
ବୋଲି ନାହିଁ ଟିକିଏ ବିବେଚନା ।୬ ।

ସତୀ ସାଧ୍ୱୀ ସୀତା, ଅହଲ୍ୟା, ରାଧିକା
ଲଭିଛନ୍ତି ସତେ କେତେ ବେଦନା ।
ଏ ସମାଜ ଦେଇ ମିଥ୍ୟା ଅପବାଦ
ସୃଷ୍ଟି କରିଛି ନରକ ଯନ୍ତ୍ରଣା ।୭ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାଜ କୁ ଏଥି ସକାଶେ ବ୍ୟକ୍ତି କି

କରିଅଛି କୁହ ସେ ସରଜନା ।

ଶିଶୁର ସୁରକ୍ଷା ନାରୀ ର ମର୍ଯ୍ୟାଦା

ଜଗିବା ପାଇଁ ସିନା ଏ ରଚନା ।୮

ଏ ସୁନ୍ଦର ପରିକଳ୍ପନା ଯେବେ ହେ

ହୋଇବା କିମ୍ପା ପରଶ୍ରୀ କାତର ।

ଈର୍ଷା -ହିଂସା, କୂଟ- କପଟ ସ୍ୱଭାବ

ରଖିବା ନି ହୃଦେ ତିଳେ ମାତର ।୯ ।

ତେବେ ସିନା ଆମେ ହୋଇବା ମଣିଷ

ଗଢ଼ିବା ସୁସ୍ଥ ସୁନ୍ଦର ସମାଜ ।

ଧନ୍ୟ ହେବ ଆମ ମାନବ ଜନମ

ଏ ଜୀବନ ଦେଶ, ଜାତି ସ୍ୱରାଜ ।୧୦ ।

କବି ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ୍ । ଗ୍ରାମ/ପୋଷ୍ଟ-ସମାସିଙ୍ଗା ।

ଜିଲ୍ଲା -ଝାରସୁଗୁଡା,ମୋ:୭୭୮୩୮୪୦୦୭୪.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜୀବନସାଥୀ



ସୌଭାଗ୍ୟ ଗିରି

ଭାବିଥିଲି ତୁମେ ଶିଳ୍ପୀ ସାଜି ଆସିଛ ମୋ ମନ କାନଭାସରେ ଚିତ୍ର ଆଙ୍କିବାକୁ,

ହେଲେ ପ୍ରକୃତରେ ତୁମେ ଆସିଥିଲ କ୍ରେତାଟିଏ ସାଜି ।

ହେଲେ ମୂଲଚାଲ ଠୁ ଥିଲ ବହୁଦୁରେ ।

ନିଜ ସଚ୍ଚୋଟପଣିଆର ମୁଦ୍ରା ବିନିମୟରେ କ୍ରୟ କରିନେଲ ମୋ ହୃଦୟ,

ଅକପଟ ଆନ୍ତରିକତାର ଇଟା ଥାକ କରି ଗଢିଦେଲ ସେଠି ପ୍ରେମର ସୌଧଟିଏ,

ତୁମ ସ୍ନେହପ୍ରେମରେ ଉବୁଟୁବୁ କରି ସମ୍ପର୍କର କେଉଁ ଚୋରାବାଲି ଭିତରକୁ ଠେଲିଦେଲ କେଜାଣି ?

ଖସିଗଲା ପାଦ ତଳକୁ ତଳକୁ ପରି ମୁଁ ଖସି ପଡିଲି ସମ୍ପର୍କର କେଉଁ ଅତଳ ଗର୍ଭକୁ ।

ଏବେ ତ ମୋ ମନପକ୍ଷୀ ବି ଛୋଟିଆ ବସାଟେ ବାନ୍ଧି ସାରିଲାଣି ତୁମ ହୃଦୟରେ,

ଉଡାଣଖୋର୍ ହେଇ ବାରମ୍ବାର ଉଡିଚାଲିଛି ସେ,

ଖାଲି ତୁମକୁ ଥରେ ଦେଖିବା ବାହାନାରେ ।

ନିଜ ନୀଡକୁ ଫେରିବା ସମୟରେ କୋହରେ ଭରିଯାଉଛି ହୃଦୟ,

ରୁଦ୍ଧ ହୋଇ ଆସୁଛି କଣ୍ଠସ୍ୱର,

ଆଖିରେ ଆଖିଏ ଲୁହ ଟଳମଳ କରି ଫେରି ଆସୁଛି ସେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ପ୍ରେମର ପରିଧି ମାପିବାକୁ ମୋ ପାଖେ ସମୟ ବି କାହିଁ ?

ସ୍ୱପ୍ନ ରାଇଜରେ ପାଦ ଥାପି ସାରିଲିଣି ମୁଁ ।

ସାରାଜୀବନ ତୁମର ହେଇ ରହିବାର ସ୍ୱପ୍ନ,

ଶୁଭଲଗ୍ନରେ ତୁମ ହାତରୁ ସିନ୍ଦୁର ପିନ୍ଧିବାର ସ୍ୱପ୍ନ,

ସାବିତ୍ରୀ ସାଜି ତୁମ ପାଇଁ ଅୟୁତ ଆୟୁଷ ଭିକ୍ଷା କରିବାର ସ୍ୱପ୍ନ,

ପ୍ରତିକ୍ଷଣେ ତୁମ ପ୍ରେମର ସ୍ପର୍ଶ ପାଇବାର ସ୍ୱପ୍ନ,

ପୁଣି ତୁମର ସେ ସ୍ନେହକୁ ସାଉଁଟି ନେବାର ସ୍ୱପ୍ନ ।

ଶତ ଅନୁରୋଧ ତୁମ ପାଖେ ।

କେବେ ମୋ ସ୍ୱପ୍ନର ପୃଷ୍ଠାକୁ ଗାରେଇ ଦେବନି ଅବା ଚିରିଦେବନି କେଉଁ ରଫ୍ ଖାତାର ପଛ ପୃଷ୍ଠା ପରି,

ଅଯତ୍ନ କରିବନି କି ଅଦରକାରୀ ଭାବି ଭାଙ୍ଗି ଖଣ୍ଡଖଣ୍ଡ କରି

ଫିଙ୍ଗିଦେବନି ଡଷ୍ଟବିନ୍ ଭିତରକୁ ।

ତୁମ ହୃଦୟର ସୁରକ୍ଷାବଳୟ ଭିତରେ ସାଇତି ରଖିବ ମତେ,

ବାହୁବନ୍ଧନରେ ବାନ୍ଧି ରଖିଥିବ ସବୁଦିନ,

ତୁମ କୋଳରେ ସ୍ଥାନଦେବ ମୋ ଜୀବନର ଶେଷଯାତ୍ରା ଯାଏ,

ଜନ୍ମ ଜନ୍ମାନ୍ତର ଧରି ଏମିତି ଆସୁଥିବ ମୋ ଜୀବନସାଥୀ ହେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାର୍ତ୍ତିକ ମାହାତ୍ମ୍ୟ



ଅମରନାଥ ବାରିକ

କାର୍ତ୍ତିକ ମାହାତ୍ମ୍ୟକୁ ଶୁଣ
ଯାହା ମୁଁ କରିବି ବଖାଣ ।
ସାଗର ପୁତ୍ର ଶଙ୍ଖାସୁର
ବେଦ ହରିଲା ବ୍ରହ୍ମାଙ୍କର ।
ପ୍ରଚଣ୍ଡ ପ୍ରଳୟ କରିଲା
ଦେବ ଗଣଙ୍କୁ ଡ଼ରାଇଲା ।
ଏହା ଦେଖିଣ ପ୍ରଭୁ ବିଷ୍ଣୁ
ନହୋଇ ରହିଲେ ସହିଷ୍ଣୁ ।
ଶଙ୍ଖାସୁରକୁ ବଧ କଲେ
କାର୍ତ୍ତିକ ମାସ ଏହା ଭଲେ ।
ବର୍ଷକେ ଏକ ମାସ ଏହି
ପ୍ରଭୁ ଥାଆନ୍ତି ଜଳେ ରହି ।
ଅବନ୍ତି ନଗର ବ୍ରାହ୍ମଣ
ଧନେଶ୍ୱର ତା ନାମ ଜାଣ ।
ଚଣ୍ଡାଳ ମହାପାପି ସେହି
ନର୍ମଦା ନଦୀ ତୀରେ ରହି ।

କାର୍ତ୍ତିକ ବ୍ରତ ଯେ ପାଳିଲା
ନର୍କ କୁଣ୍ଡରୁ ମୋକ୍ଷ ହେଲା ।
ଏ ବଡ଼ ମାହାତ୍ମ୍ୟ ବୃତାନ୍ତ
ତେଣୁ ପାଳନ୍ତି ସାଧୁ ସନ୍ଥ ।
କରିବ ଏ ବ୍ରତ ପାଳନ
ଶୁଦ୍ଧ ପବିତ୍ର କରି ମନ ।
ସ୍ନାହାନ କରିବ ପ୍ରାତରେ
ଦିଅଁ ପୂଜିବ ଭକ୍ତିଭରେ ।
ଫୁଲ ମୁରୁଜ ଝୋଟି ଦେବ
ତୁଳସୀ ଚଉଁରା ଲିପିବ ।
ପୁଣ୍ୟ କାର୍ତ୍ତିକ ଶ୍ରେଷ୍ଠ ମାସ
ଖାଇବ ଅମୃତ ହବିଷ ।
ପଂଚକ ପାଞ୍ଚ ଦିନ ପାଳି
ଘୃତ ଦୀପଟି ଦେବ ଜାଳି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଣ୍ଠେ ତୁଳସୀ ମାଳ ପିନ୍ଧି

ମୁଣ୍ଡେ ତିଳକ ଟିକା ଛନ୍ଦି ।

ନାରାୟଣଙ୍କୁ ଜପୁଥିବ

ପ୍ରମାଦୁ ବଞ୍ଚିତ ଯେ ହେବ ।

ଅନେକ ଜନ୍ମ ତପ ବଳେ

ମନୁଷ୍ୟ ଜନ୍ମ ମହୀ କୋଳେ ।

ରଖିଲେ ସୁନ୍ଦର ବିଚାର

ହୋଇବ ମନୁଷ୍ୟରେ ସାର ।

ସ୍ଥାପିଲେ ଏହି ଦିବ୍ୟ ଜ୍ଞାନ

ସନ୍ତୋଷ ହେବେ ଭଗବାନ ।

ଗ୍ରା/ପୋ-କୟାଁ

ଭାୟା-ମଙ୍ଗଳପୁର

ଜିଲ୍ଲା-ଯାଜପୁର

ଓଡ଼ିଶା-୭୫୫୦୧୧

ଦୂ.ଭା-୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଳିର ବ୍ୟଥା



ଅଶୋକ କୁମାର ପଧାନ

ଚାହୁଁଥିଲି ଗୋଟାଏ ବଗିଚା ଗଢିବାକୁ
ନଈକୂଳର ଏକ ତଟରେ
ଲାଗୁଥିଲା, କେତେ ସହଜ କେତେ ସରଳ
ଆଞ୍ଜୁଳାଏ ଆଞ୍ଜୁଳାଏ ପାଣି ଆଣି
ହୃଷ୍ଟପୁଷ୍ଟ କରି ପକାଇବି ଉଦ୍ୟାନକୁ
କେମିତି ବା ଭାବିବି
ଚିରସ୍ରୋତା ନଈ ଦିନେ ମରୁଭୂମି ପାଲଟିଯିବ
ଉଦ୍ୟାନର ଗୋଟିଗୋଟି ସ୍ୱପ୍ନ ଶୁଖିଯିବ
ପଡିରହିବ କେବଳ ଶୁଖିଲା ଗଛର ଅସ୍ଥି
ସେଗୁଡ଼ାକ ମଧ୍ୟ
ଜଳି ପାଉଁଶ ହୋଇଯାଉଥିବେ ବିଧିର କିରଣରେ
ସତରେ ଏହା ବିଧିର ଏକ ପରୀକ୍ଷା ?
ନା, ମୋର ଭୁଲ ସ୍ୱପ୍ନ ଦେଖିବାର ।
ବୋଧ ହୁଏ
ବେଳ ଥାଉଥାଉ ବନ୍ଧ ବାନ୍ଧିଲିନି
ହୁଏତ ସାଇତି ପରିଥାନ୍ତି କେତେ ବୁନ୍ଦା ଜଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଙ୍ଗୀନ କରି ପରିଥାନ୍ତି ଉଦ୍ୟାନକୁ

ଜଣେ ମାଳି ହୋଇ ବୁଝିବା କଥା

କଅଁଳିଆ ତରୁର ବେଦନା

କେତେ ଅପରାଧୀ ହୋଇଗଲି

ଗୁଡାଏ ପଥର କିଛି ବସ୍ତା ସିମେଣ୍ଟର କାମ ମାତ୍ର ଥିଲା

ଯୋଡିବାକୁ କେବଳ ଥିଲା ଦି'କୂଳକୁ

ଆପେଆପେ ସଲଖି ଯାଇଥାନ୍ତା ସବୁତକ ଦୁଃଖ

କ'ଣ କରିବି କରିଛି ତ ଅପରାଧ

ଜଳୁଛି'ତ ବିରହର ନିଆଁରେ

ବାହାରୁ ସିନା ଦୃଶ୍ୟ ହେଉନି

ଭିତରେ କୁହୁଳି ସବୁତକ ଫମ୍ପା ହୋଇ ଗଲାଣି

କେମିତି ଜାଣିବେ ସେ ଚାରା ଗୁଡାକ

ସେମାନେ ସିନା ଶାନ୍ତିରେ ଜଳିଗଲେ

ଏ ମାଳି ସାରା ଜୀବନ ଜଳୁଥିବ ଅଶାନ୍ତ ନିଆଁରେ

ନା ମରୁଥିବ ନା ବଞ୍ଚୁଥିବ

କେବଳ ଜଳିଜଳି ଚିତ୍କାର କରୁଥିବ ଓ କହୁଥିବ

ଏହା ମୋ ଭୁଲ ନା ବିଧିର ଗାର ?

ଓଡିଶା ଆଦର୍ଶ ବିଦ୍ୟାଳୟ କଲ୍ୟାଣସିଂହପୁର, ରାୟଗଡା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତିରୁ ଇତି



ଝରଣା ବାରିକ

ମନେ ରଖ ଭାଇ ଗୋଟିଏ କଥା,
ଅତି ଚିପୁଡିଲେ ଲେମ୍ବୁଟି ପିତା ।
ଅତି ଲୁଣ ଦେଲେ ସୁଆଦ ନାହିଁ,
ଚିନି ଦେଲେ ବେଶୀ ସୁଗାର ହୋଇ ।

ହଳଦୀଆ ରଙ୍ଗ ଭାରି ସୁନ୍ଦର,
ବେଶୀ ପଡିଗଲେ ସବୁ ବେକାର ।
ତେଲ ଅଧିକ ରେ ପାଟି ସୁଆଦ,
ତା ପାଇଁ ଶରୀରେ ହୁଅଇ ମେଦ ।

ଅଳ୍ପ ରେ ସବୁକୁ ଆଦରି ନିଅ,
ବେଶୀ ଠୁ ନିଜକୁ ଦୂରେଇ ଦିଅ ।
ଅଳ୍ପ ରେ ସନ୍ତୁଷ୍ଟ ହୋଇଲେ ଭାଇ,
ସବୁ ବିପଦରୁ ପାଇବ ତ୍ରାହି ।

ସା :- ସମଲ
ପୋଷ୍ଟ :- ସମଲ
ତାଳଚେର, ଅନୁଗୁଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂଘର୍ଷ



ସୁନିତା ପରିଡ଼ା

ଜୀବନଟା ଏକ ସଂଘର୍ଷର ଯାତ୍ରା ,
ଯେଉଁ ଯାତ୍ରାରେ ଅଛି  କେତେ ଯେ ଉନ୍ନତି ଆଉ ଅବନତି
ଯାହାର ହିସାବ ଯେ କାହିଁ କେତେ,
ସଂଘର୍ଷର ରଣଭୂମିରେ ମୁଁ ଏକା ଯୋଦ୍ଧା, ସାଥେ କେହି ନାହିଁ  ।

କେତେ ମିଠା ଆଉ କେତେ ଖଟା ସ୍ମୃତି
ଜୀବନ ସଂଘର୍ଷ ଦେଇଛି ଜଣେଇ ଏଥିରେ ସନ୍ଦେହ ନାହିଁ ,
କିଛି ବାଟ ସରିଲାଣି ଏହି ସଂଘର୍ଷ କୁ ଧରି
କେତେ ସଂଘର୍ଷ ଯେ ଆହୁରି ଆଗକୁ ହାରିବାର ନାହିଁ ଏବେଠୁ ।

ସଂଘର୍ଷରେ ଅଛି ଏକ ଲୁକାୟିତ ଜୟ,
ନିଶ୍ଚୟ ସେ ଜୟ, ଧୈର୍ଯ୍ୟର ଜ୍ଞାନର ଯେ ଆଗାମୀ ସଂଘର୍ଷର ଅଟେ ପ୍ରୋତ୍ସାହନ,
ଆରମ୍ଭରୁ ଶେଷ ସଂଘର୍ଷ ହିଁ ସଂଘର୍ଷ,
ବେଳେବେଳେ ଲାଗେ ସଂଘର୍ଷର ବିନା ଯେ ଏହି ଜୀବନ ନିରର୍ଥକ ।।

ଅଧ୍ୟାପିକା, ନିଆଳି ମହାବିଦ୍ୟାଳୟ
୯୯୩୮୪୪୪୪୯୫,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଃଖ, କବିଜୀବନର ଅଙ୍ଗୀକାର



ଆଶୁତୋଷ ମେହେର

ଜୀବନ ଯମୁନା ଉଜାଣି ବହେ ସେ ଦୁଃଖ ର ସାଗର ମରୁ
ସୁଖ ପଛେ ଧାଇଁ ସଂସାର ସୈକତେ ମନଟା ପାଲଟେ ମରୁ ।
ଯମଜ ଭଉଣୀ ସୁଖ ଦୁଃଖ ସିନା କବିର କପାଳେ ଲେଖା
ଅଭାଗିନୀ ଦୁଃଖ ନିତିଦିନ ଚାନ୍ଦ ସବୁ ବେଳେ ହୁଏ ଦେଖା । ।

ଦୁଃଖ ତଟନୀର କୂଳ ଧାରେ ଧାରେ କବିତା ଚାଷୀର ଘର
ହୃଦୟ ନିଳୟେ ଗୁମୁର ଥାଏ ଯେ ବେଦନା ସିକ୍ତ ଭାର ।
ସେଇ ସୁର ତାଳେ ଲେଖନୀ ରୁ ଝରେ ଦୁଃଖେ କରି ସଦା ଆଶ
ସହୋଦର ପରା ଏକାନ୍ତ ନିଜର ଜୀବନ ଜୀବିକା ବାସ । ।

ଲେଖନୀ ର ଧାରେ ଝରି ଝରି ଭରେ ଦୁଃଖ ମନ ଗନ୍ତାଘର
ପାଷାଣେ ଅଙ୍କିତ ହୋଇ ରହିଯାଏ ହୃଦୟେ ଅଲିଭା ଗାର ।
ସେଇ ରଙ୍ଗ ରଙ୍ଗେ କବିତା ର ପଦ ସିଏ ତ ରୁଧିର ଧାର
ଦୁଃଖ ପରା ସଦା କବିର ସଂଗିନୀ ଜୀବନର ଆଙ୍ଗୀକାର । ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାବଣ



ସୌମ୍ୟରଞ୍ଜନ ପାଲ

ଥିଲେ ରାମାୟଣେ ପୁଣି ଛନ୍ତି ଏଇ ଯୁଗେ ,

ଥିଲେ ଏକ ସେବେ କିନ୍ତୁ ଆଜ ସଖା ସଙ୍ଗେ ,

ଥିଲେ ଲଙ୍କା ଘରେ ଏବେ ଛନ୍ତି ଚାରିଦିଗେ ,

ଥିଲେ ସୀତା ପଛେ ଆଜ ବନ୍ଧୁ ସର୍ବ ସଙ୍ଗେ ,

ଥିଲେ ଜପେ ତପେ ଏବେ ସଭିଙ୍କର ଆଗେ ,

ଥିଲେ ମନେ ଘ୍ରାଣେ ଏବେ ଅନ୍ତରର ଭାଗେ ,

ଥିଲେ ଆମିଷରେ ଆଜ ରହିଛନ୍ତି ଛାଗେ ,

ଥିଲେ ଦଶ ଶିର ବାହି ଏବେ ଯେ ଏକାଙ୍ଗେ ,

ଥିଲେ ପୁଷ୍ପକରେ ଏବେ ଯାନ୍ତ୍ରିକ ବିହଙ୍ଗେ ,

ଥିଲେ ପୁରାଣରେ ଏବେ ଆଧୁନିକ ବାଗେ ,

ଥିଲେ କପି କ୍ଲେଶେ ଆଜ ବିବର୍ତ୍ତିତ ପିଙ୍ଗେ ,

ଥିଲେ ଦୈତ୍ୟ ଆଜ ମାନବ ରୂପୀ ଭୁଜଙ୍ଗେ ।

ଗ୍ରାମ/ପୋ: - ବଡ଼ଶୋଳ
ଥାନା - ଝାରପୋଖରିଆ
ଜିଲ୍ଲା - ମୟୂରଭଞ୍ଜ
ପିନ - ୭୫୭୦୮୬
ମୋ- ୯୯୩୭୮୯୮୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଃଖ କଣ ମୁଁ ସେଦିନ ବୁଝିଲି



କମଳ ଲୋଚନ ମଲ୍ଲିକ

ଦୁଃଖ କ'ଣ ମୁଁ ସେଦିନ ବୁଝିଲି
    ଯେଉଁଦିନ ତୁମଠୁଁ ଦୂରେଇ ରହିଲି
ଅସରାଏ କଷ୍ଟକୁ ମନେ ଚାପିରଖି
    ରାତିସାରା ମୁଁ ଭୋ ଭୋ ହେଇ କାନ୍ଦିଲି
ଭାବନା ରାଇଜରେ ହଜାଇ ପ୍ରଶ୍ନ ପରେ
    କେବଳ ଗୋଟିଏ ଉତ୍ତର ପାଇଲି
ଦୁଃଖ କ'ଣ ମୁଁ ସେଦିନ ବୁଝିଲି ।

ଦୁଃଖ କ'ଣ ମୁଁ ସେଦିନ ବୁଝିଲି
ଯେଉଁଦିନ ତୁମ ସହ କଥା ନହେଇ ରହିଲି
ଗୁଣୁଗୁଣୁ ହୋଇ ମନେ ଭାଳିହେଇ
    ରାତିଯାକ ଅନିଦ୍ରା ରହିଲି
ମନ ଓ ବିବେକର ହଜାର ପ୍ରଚେଷ୍ଟାରେ
    କେବଳ ଗୋଟିଏ ଉତ୍ତର ପାଇଲି
ଦୁଃଖ କ'ଣ ମୁଁ ସେଦିନ ବୁଝିଲି ।

ଦୁଃଖ କ'ଣ ମୁଁ ସେଦିନ ବୁଝିଲି
    ଯେଉଁଦିନ ତୁମ ସହ ନଯାଇ ରହିଲି
ସବୁତକ ଜାଗା ମୋତେ
ବିରକ୍ତିକର ପାଚେରୀ ପରି ମନେହେଲେ
ମନର ପ୍ରାନ୍ତରେ ପାନ୍ଥଶାଳାକୁ ପଚାରି
    କେବଳ ଗୋଟିଏ ଉତ୍ତର ପାଇଲି
ଦୁଃଖ କ'ଣ ମୁଁ ସେଦିନ ବୁଝିଲି ।

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା
ଜିଲ୍ଲା - ବାଲେଶ୍ୱର
ପିନ୍ - ୭୫୬୦୪୪
ଦୂରଭାଷ - ୭୩୭୭୦୯୯୫୧୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୀଳାକରି ଅବସାନ



ହିମାଂଶୁ ଶେଖର ମିଶ୍ର

ସକାଳ କିରଣ ଶିଶିରର ପ୍ରାଣ
ସୁନେଲି ସରାଗେ ଶୋଷି
ଶେଷ ଶିହରଣେ ପଚାରେ ସେ ତୃଣେ
ଦିବାକର କିବା ଦୋଷୀ !

ରଜନୀ ସମ୍ପନ୍ନେ ରେଜାଇ କମ୍ପନେ
କାର୍ତ୍ତିକ ବିଧାନ ସ୍ମୃତି
ବିଶ୍ରାମ ବିଶ୍ୱାସ ପରସ୍ପର ହାସ୍ୟ
ଉଷ୍ମ ଉପହାର ଇତି !

ସୃଜନ ମାନସେ ସ୍ୱତସ୍ଫୂର୍ତ୍ତ ବାସେ
ପ୍ରାଣମୟ ଦୃଶ୍ୟରାଶି
ଶରଧାରେ ତୋଳି ସମର୍ପଣ ବୋଳି
କବି କହେ ପରକାଶି !

ବଳଦ ବେଙ୍ଗଳା ବନ୍ଦେ ଧାନଖଳା
ଦେବ ପରିକ୍ରମା ପ୍ରାୟ
କୁହ ହେ କାକର ଶୀତ ପ୍ରଭାତର
ଏ କି ପକ୍ଷପାତ ନ୍ୟାୟ !

ଶିଶୁ ଅରୁଣିମା ଶେଷରେ ପଶ୍ଚିମା
ଉଦୟ ବିଦାୟ ନିଏ
ତୁହିନ କଣିକା ତୁମ୍ଭେ ନୁହଁ ଏକା
ସବୁ ପ୍ରାଣ ବାଷ୍ପ ହୁଏ !

ଅଳ୍ପାୟୁଷ ଜିଇଁ ଝକମକି ଦେଇ
ସାରିଛ ସକଳ କାମ
ଆସ ଏ ପ୍ରକାଶେ ଅନନ୍ତ ଆକାଶେ
ଲୀଳା କରି ଅବସାନ !

ତୋରାଣି ପୋଖରୀ , ଘଟଗାଁ , କେନ୍ଦୁଝର
୭୫୮୦୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନେକ ଦିନ ପରେ



ସୁବ୍ରତ କୁମାର ଜେନା

ଅନେକ ଦିନ ପରେ ,
ଆଜି ତୁମେ ପାଦ ଥାପିଲ ,
ମୋ ସହରରେ,
ପୁଣି ଥରେ ଲାଗିଲା,
ହଜିଲା ସ୍ମୃତିସବୁ,
ନିଜର ନିଜର ହୋଇଜିବେ ବୋଧେ ।

ଅନେକ ଦିନର ନୀରବତା ପରେ,
ମୋ କାନ ପାଖରେ ଶୁଭିଲା,
ତୁମର ସେ ଦୁଷ୍ଟାମୀଭରା କଥା,
ଲାଗିଲା ଆଉଥରେ,
ମୁଁ ହଜିବି ମୋଠୁ ,
କେବଳ ତୁମରି ଲାଗି ଜାଣି ଜାଣି ।

ଅନେକ ପ୍ରତୀକ୍ଷା ପରେ,
ଚାତକକୁ ମିଳିଗଲା ବର୍ଷାରାଣୀର ସ୍ପର୍ଶ,
ବୁଝି କି ବୁଝି ହୁଏନି,
ନାଁ ମେଣ୍ଟେଇବି ଶୋଷ,

ନାଁ ଏମିତି ଦେଖୁଥିବି ତୁମକୁ,
ଆଖିରେ ପଲକ ନପକାଇ ,
ମନ ମୋର ନ ବୁଝିଲା ଯାଏ ।

ଅନେକ ଅବରୋଧ ପରେ ପରେ,
ମୋ ଶବ୍ଦ ମାନେ ବାହାରିଛନ୍ତି,
ଦି ପଦ ତୁମ ଲାଗି,
ଦି ପଦ ମୋ ଲାଗି,
ଦି ପଦ ଆମ ପ୍ରେମର ଗୀତ ଗାଇବାକୁ,
କେତେ ଯେ ଅଟକାଇବି ତାଙ୍କୁ ,
ଅନେକ ଦିନ ପରେ,
ତୁମକୁ ପାଖରେ ପାଇଲା ପରେ ପରେ ।।

ସୁରଡ଼ିହ, ନନ୍ଦିପୁର,ଯାଜପୁର,
ଦୂରଭାଷ : ୮୨୪୯୨୨୦୮୩୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ



ସମ୍ୟଜିତ ପାତ୍ର

ଶୀତ ଆସେ ମାର୍ଗଶିର ମାସର
ଗୁରୁବାର ଡାଲମା ବାସ୍ନାରେ,
ଶୀତ ଆସେ ସୁନା ଧାନକେଣ୍ଡାର ସମୀରେ
ଦୋଳନରେ
ଚାଷୀ ଭାଇର ମନଖୋଲା ହସରେ ।

ଶୀତ ଆସେ
ଗରିବର ଶରୀର କମ୍ପନରେ,
ଶୀତ ଆସେ
ସାହେବମାନଙ୍କର ଶୀତବସ୍ତ୍ର ରେ ।

ଶୀତ ଆସେ
ମାଆର ଉଲ୍ ବୁଣାକଣ୍ଟାସହ ଖୁସିରେ,
ଶୀତ ଆସେ
ଗେଣ୍ଡୁଫୁଲର ଗହଳି ଭିତରେ ।

ଶୀତ ଆସେ
ପ୍ରେମିକାର ପ୍ରଥମ ଛୁଆଁରେ,
ଶୀତ ଆସେ
ତୁମ ସାଥେ ହୋଇଥିବା ପ୍ରଥମ ଦେଖାରେ ।

ଶୀତ ଆସେ
ସକାଳ ଗାଧୁଆବେଳରେ
ଶୀତ ଆସେ
ପ୍ରିୟଜନଙ୍କୁ ହରାଇବା କାଳରେ ।

ଶୀତ ଆସେ
ସକାଳର କଅଁଳ ଖରାରେ,
ଶୀତ ଆସେ
ରାତିର ନିସ୍ତବ୍ଧ ବେଳାରେ ।

ଗ୍ରାମ/ପୋଷ୍ଟ-ଗଡିଆ, ଜିଲ୍ଲା-ମୟୂରଭଂଜ
ଦୂରଭାଷ-୮୧୪୪୭୩୯୨୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯେବେ ଚାହେଁ



ପ୍ରତିମା ମେହେର

ଝରି ପଡ଼େ ଶବ୍ଦ ଯେବେ
ଭାବନା ଚାହେଁ
ହଜିଯାଏ ନିଦ ଯେବେ
ସପନ ଚାହେଁ।।

ଫୁଟିଯାଏ ପଦ୍ମ ଯେବେ
ସୂରୁଜ ଚାହେଁ
ହୋଇଯାଏ ପ୍ରେମ ଯେବେ
ହୃଦୟ ଚାହେଁ।।

ଗାଇବ କୋଇଲି ଯେବେ
ଫଗୁଣ ଚାହେଁ
ଝରିବ ଝରଣା ଯେବେ
ଶ୍ରାବଣ ଚାହେଁ ।।

ଚାଲିଯାଏ ଆୟୁଷ ଯେବେ
ବୟସ ଚାହେଁ
ଛଲକେ ମଦିରା ଯେବେ
ପ୍ରେମିକ ଚାହେଁ ।।

ହୋଇଯାଏ ଇତି ଯେବେ
ଅପେକ୍ଷା ଚାହେଁ
ବିରହରେ ଝୁରେ ଯେବେ
ପ୍ରତାରଣା ଚାହେଁ।।

ବିନ୍ଦୁ ବିନ୍ଦୁ ଲୁହ ଯେବେ
ବୋଲ ମାନେ ନାହିଁ
ଚିବୁକଟା ଓଦା ଯେବେ
ସ୍ୱାଭିମାନ ଚାହେଁ।।

ପାଟଣାଗଡ଼, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୋଲିଦିଅ ସିଂହଦ୍ୱାର



ନରେନ୍ଦ୍ର ପ୍ରସାଦ ବେହେରା

ହିସାବ ରକ୍ଷକ    ହେ ବିଶ୍ୱଠାକୁର
କାହିଁକି ହେଉଛ ପର
କେଉଁ ଦୋଷେ ଆଜି    ଏ ଓଡିଶାବାସୀ
ଗଡାନ୍ତି ଆଖିରୁ ନୀର    ।୧ ।

ତୁମେପରା ସେହି    ଭାବବିନୋଦିଆ
ସଭିଙ୍କ ବଡ଼ ଠାକୁର
ବିକଳେ ଡାକୁଛି    ଏ ସମାଜ ପାଇଁ
ଦେଉନ କାହିଁ ଉତ୍ତର    ।୨ ।

ବଡ଼ଦାଣ୍ଡେ ରହି    ଅଛ ମହାପ୍ରଭୁ
ଆନନ୍ଦେ କରିଣ ଘର
ଭକ୍ତ ଆଜି ଖୋଜି    ପାଉନି ସାହାରା
ଭାବୁଛି ତୁମକୁ ପର    ।୩ ।

ଦୀର୍ଘମାସ ହେବ    ଘରେ ବସି ବସି
ବୁଡିଲାଣି ରୋଜଗାର
ଦିନରାତି ମନେ    ବସି ଭାବୁଅଛି
ଅଭାବରେ ପରିବାର    ।୪ ।

କୁହ ହେ ଠାକୁର    କିଦୋଷ ଆମ୍ଭର
କେମିତି ଚଳିବ ଘର
ଆଜି କାହିଁ ତୁମେ    ହେଉଛ ପଥର
କର୍ଣ୍ଣଡେରି ଶୁଣ ଗିର    ।୫ ।

ନିକିତି ଧରିଛ    ପାପ ଓ ପୁଣ୍ୟର
କରିବ ବୋଲି ବିଚାର
କରହେ ବିଚାର    ଜଗତ ଠାକୁର
ମହାମାରୀ ହେଉ ଦୂର    ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫୁଟାଇଣ ହସ    ଓଡିଶା ବାସୀଙ୍କ
ମନରେ ହରଷ ଭର
ପାପ ପାଖେ ପୁଣ୍ୟ    ପଡିଅଛି ବନ୍ଧା
ମୁକତିର ବାଟ କର  ୭ ।

ପାଉନାହିଁ ଏଠି    ଏକାପାପୀ ଦଣ୍ଡ
ପୁଣ୍ୟ ବି ଅଛି ସଙ୍ଗର
ହିସାବ ରକ୍ଷକ    ହେ ବିଶ୍ୱ ଠାକୁର
ଦୁହିଁଙ୍କୁ ଅଲଗା କର   ।୮ ।

ଖାତାଖୋଲି ଦେଖ    ହେ ହିସାବକାରୀ
କାହାର କେତେ ଯେ ଭାର
ଅକାରଣେ ଦଣ୍ଡ    ଦିଅନାହିଁ ପ୍ରଭୁ
ଖୋଲିଦିଅ ସିଂହଦ୍ୱାର   ।୯ ।

ନେତ୍ରଖୋଲି ଦେଖ    ଭକ୍ତ ପରିବାର
କରନ୍ତି କେତେ ଚିତ୍କାର
ଚାହିଁଦେଇ ଥରେ    ହସିଦିଅ ପ୍ରଭୁ
ଦୁଃଖ ଯାଉ ଓଡ଼ିଶାର   ।୧୦ ।

ଏତିକି ମିନତି    ଶୁଣ ବିଶ୍ୱପତି
ସଂସାର ଅଟେ ତୁମ୍ଭର
ଚିରିଦେଇ ପ୍ରଭୁ    ହିସାବ ଖାତାକୁ
ସଭିଙ୍କୁ ଉଦ୍ଧାର କର   ।୧୧ ।

ରାଜ୍ୟ ମୋ ଓଡିଶା    ଭାଷା ମୋ ଓଡିଆ
ଜିଲ୍ଲା ମୋର ବାଲେଶ୍ୱର
ରାଜ୍ୟବାସୀ ପାଇଁ    ଏତିକି ପ୍ରାର୍ଥନା
ଭାବନି ମୁଁ ମୁସାଫିର   ।୧୨ ।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା, ଆଳନ୍ଦା,
ଖଇରା,ବାଲେଶ୍ୱର, ମୋ-୯୮୫୩୧୯୪୨୫୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରୀଚିକା



ସନାତନ ମହାକୁଡ଼

ମରୀଚିକା
ବାଲୁକା ସାଗର
ଦିଏ ମିଥ୍ୟା ପ୍ରତିଶ୍ରୁତି
ଜଳ ନ ଥାଇ ଜଳକା କରାଏ
ମରୁଭୂମିରେ ଲୁଚକାଳି ଖେଳେ ।
ଯେମିତି
ଯୌତୁକ ଦ୍ୱାହି ଦେଇ
ଗଡ଼ିଚାଲେ
ଯୁବତୀର ବିବାହ ବୟସ ।
ରୋଗ ଶଯ୍ୟାର ମରୀଚିକାରେ
ଅର୍ଥ ସାଜେ ବାଧକ
ଚିକିତ୍ସା ବିନା
ସରିଯାଏ ବାକିଥିବା ଆୟୁଷ ।
ରାଜନୀତିର ମରୁଭୂମିରେ
ଓଟସାଜି ବୁଲୁଥିବା
ନେତାଙ୍କର ପ୍ରତିଶ୍ରୁତି
ପାଲଟେ ମରୀଚିକା
ଦେଖୁ ଦେଖୁ ଚାଲିଯାଏ ପାଂଚଟି ବରଷ ।

ଗ୍ରାମ/ପୋ. ଅ: ବେରୁଆଁବାରୀ
ଜିଲ୍ଲା:ନୟାଗଡ଼- ୭୫୨୦୮୨,ଓଡିଶା ।
ଦୂରଭାଷ: ୯୩୩୯୬୧୦୯୭୮
ଇମେଲ୍: sanmahakud@gmail.com
www.sanatanmahakud.in

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କରୋନା ୨୦୨୦



ମଞ୍ଜୁରାଣୀ ମିଶ୍ର

ଓଭର ବ୍ରିଜ ତଳେ ବିଦେଶୀ ଫୁଲଙ୍କ ଗପସପ

ମାସ୍କ ପିନ୍ଧା ବୁଲା ବିକାଳି ମାନଙ୍କ ତରତର ବଣିଜ ବେପାର

ପବନର ବେସୁରା ସଂଳାପ

ସକାଳ ଖରା ଆଗପରି ସେମିତି ଡେଇଁ ପଡୁଛି ବାଲକୋନିରୁ

ପାରାମାନେ ଖେଳୁଛନ୍ତି ଛୁଆଁଛୁଇଁ ଖେଳ

କାଠଚମ୍ପା ଗଛ ଉହାଡରେ

ଆଜି ଛୁଟିଦିନ

ପିଲାମାନେ ଖେଳୁନାହାନ୍ତି  ବ୍ୟାଡ଼ମିଣ୍ଟନ କି ଭଲିବଲ

ପାର୍କରେ କି ଖେଳପଡିଆରେ

ମନଇଚ୍ଛା ଖାଉନାହାନ୍ତି ଚାଟ କି ଆଇସକ୍ରିମ

ଅନଲାଇନରେ ପାଠପଢା

ଶୃଙ୍ଖଳିତ ହୋଇପଡିଲେଣି ପିଲାମାନେ

ମୋବାଇଲ ସମୟର ପରିଧି ଭିତରେ

ବାପାମାଙ୍କ କାଇଦା କଟକଣା

ଏକା ଏକା ଝୁଲୁଥିବା ଝୁଲଣା

ପାରାମାନେ କେତେ ସ୍ୱାଧୀନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକଡାଉନ କି ସଟଡାଉନର ଭୟ ନାହିଁ

ପେଟପାଟଣା ପାଇଁ ଚିନ୍ତା ଦକ ନାହିଁ

କ୍ରୋଟନ ଗଛର ଛାଇ ଆଲୁଅରେ

ପାରାମାନଙ୍କ ଘୁଟୁରୁ ଘୁଁ ଗୀତ

ଉପରେ ଖୋଲା ଆକାଶ ଚଲାମେଘର ପଟୁଆର

ଚିକ ଚିକ ଖରା ଆଉ ଫ୍ଲାଟର ନିରୋଳା ଛାତ

ଆଉ ଦେଖ ଭାଗ୍ୟର ବିଡମ୍ବନା

କରୋନା ର କାକଟସ ଶୋଷି ନେଉଛି ମଣିଷ ଜୀବନର ସବୁ ସମ୍ଭାବନା

ସବୁ ଗର୍ବ ଅହଂକାରକୁ ପଛରେ ପକାଇ ବାଜି ମାରି ନେଉଛି

ସ୍ୱପ୍ନର ଇମାରତ ସବୁ ଆପେ ଆପେ ନିଲାମ ହେଉଛି

ଜୀବନର ଇସ୍ତାହାର କେମିତି ଜଟିଳ ସ୍ନେହ ପ୍ରେମ ଭଲ ପାଇବାର ତରାଜୁ ଅଦଳ ବଦଳ

କରୋନା ସହିତ ସାଲିସ କରିନେଇଛି ଜୀବନ

ଇତିହାସ ଲେଖୁଛି ସବୁଦିନ ପାଇଁ ଲୁହ ଲହୁର ଅକ୍ଷରରେ

ସ୍ମୃତିର କୁଢ଼ କୁଢ଼ ଫୁଲ ସାଉଁଟି ନେଇଛି

ନିର୍ଜନତାର କୁହୁଡି ଭିତରେ

ହାଇଦ୍ରାବାଦ

୭୩୮୦୭୬୫୭୭୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ବନ୍ୟା



ତପନ କୁମାର ସାହୁ

ପ୍ରେମ ମାନେ ବନ୍ୟା ହୋଇ
ମାଡ଼ି ଅସିଲେ ମୋ ହୃଦୟ ଭିତରକୁ
ମୋତେ ଭସେଇଲେ ପ୍ରେମରେ
ମୁଁ ଏବେ ପ୍ରେମ କାଠ ଗଣ୍ଡି
ଅପେକ୍ଷାରେ ମିଶିବାକୁ
ପ୍ରେମ ସମୁଦ୍ରରେ ।।

ପ୍ରେମ ଏବେ ପୂର୍ଣ୍ଣିମାର ଚାନ୍ଦ
ଚାନ୍ଦିନୀ ରେ ଶୀତଳ ଶରୀର
ମୁଁ ଏବେ ଶିଶୁ ଓଠରେ ହସ
ଫୁଲ ଦେହରେ ବାସ
ମୁଁ ଏବେ ପ୍ରେମ ରଥରେ
ରଥାରୋଢ଼ ପ୍ରେମିକ ।।

ପ୍ରେମ ଏବେ ଗୁରୁ ହୋଇ
ଶିକ୍ଷା ଦାନରେ ବ୍ୟସ୍ତ
ଉପାସନା,ଆରାଧନାର ପାଠ୍ୟକ୍ରମ
ଭକ୍ତି ଓ ପୂଜାର ପ୍ରସାଦ ଖାଇ
ମୁଁ ଏବେ ପ୍ରେମ ମଗ୍ନ
ଏବେ ଏବେ ପ୍ରେମାଶ୍ରମ ରେ
ମୁଁ ପ୍ରେମ ଶିଷ୍ୟ ।।

ପ୍ରେମ ଏବେ ବଳିରାଜା ବେଶ
ଦାନ ରେ ଖାଲି ପ୍ରେମ ପ୍ରେମ ପ୍ରେମ
ତ୍ୟାଗ,ତପସ୍ୟା, ସହନଶୀଳତା
ରୁପମୟୀ ପ୍ରେମ,
ମୁଁ ଏବେ ପ୍ରେମ ର ଭିକାରୀ
ବାମନ ବେଶ ରେ
ବଳି ରାଜା ଦ୍ୱାରେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରେମ ଏବେ ଜୀବନର ସଜ୍ଞା

ମହାନତା,ନିରବତା,ଏକତା

ପ୍ରେମର ତୃତୀୟ ନୟନ

ଖୋଲିବା ଉପରେ,

ଅସୀମ, ଅନନ୍ତ, ଆରମ୍ଭ ରୁ ଅନ୍ତ

ଦିଶିଲାଣି ମୋତେ ଏ ଦୁନିଆ

ଖାଲି ପ୍ରଭୁପ୍ରେମ ମୟ  ।।

ବେଲଗାଁ, ଏମ୍. ରାମପୁର

କଳାହାଣ୍ଡି, ମୋ: ୯୦୧୯୩୧୧୮୭୮

(ବିଗତ ସଂସ୍କରଣରେ ଲେଖକଙ୍କର ଛବି ଭୁଲ ଭାବରେ ପ୍ରକାଶିତ ହୋଇଥିଲା, ସେଥିପାଇଁ ପ୍ରକାଶକ ଦୁଃଖିତ ଏବଂ କ୍ଷମାପ୍ରାର୍ଥୀ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂସାର ପଥିକ ଖୋଜେ ପାନ୍ଥଶାଳା



ମନୋରଞ୍ଜନ ସୁରୁଜାଲ

ବିଶ୍ୱାସ ରେ ବିଷ ମିଳେ ପ୍ରତାରଣା
ନିଜ ହୁଏ ଏଠି ପର
ସଂସାର ଭିତରେ ଘର ମୁଁ କରିଛି
ସଂପର୍କ ଲାଗେ ଜହର ।

ପୁତ୍ର କଳତ୍ର ଯେ କରନ୍ତି ଝଗଡା
ଅଳିକ ସମ୍ପତ୍ତି ପାଇଁ
ଖସଡା ପଥରେ ଖସି ଯାଏ ପାଦ
ଚାଲି ପାରେନା ମୁଁ ଚାହିଁ ।

ମୁଖେ ମୁଧୁ ବାଣୀ ଅନ୍ତରେ କଟୁରୀ
ଭାଇ ସାଜିଛି ଭଗାରି
ହୃଦୟର ଦୁଃଖ କିଏ ବୁଝେ ମୋର
ହୀନ କପାଳ ବଇରି ।

ଦୁନିଆଁ ଠୋକର ସହି ଯାଏଁ ହସି
ଜନମ ଦେଇଛ ବୋଲି
ମଣିଷ ହୋଇବି ସୁଖ ଲାଗେ ନାହିଁ
ସ୍ୱାର୍ଥର ମେଲିଛି ଝୁଲି ।

ପଶୁପକ୍ଷୀ ଠାରେ ଆତ୍ମିୟତା ଅଛି
ନଥାଏ ଆପଣା ପର
ଏକତ୍ର ରହଣି ଦ୍ୱେଷ ଅହଂ ଶୂନ୍ୟ
ସ୍ୱାର୍ଥନ୍ଧ ମଣିଷ ଛାର ।

ସଂସାର ପଥିକ ଖୋଜେ ପାନ୍ଥଶାଳା
ଥକି ପଡେ ପାଦ ଚାଲି
ହେ ବିଶ୍ୱ ସାଆନ୍ତ ଘେନା କର ବାରେ
ଆଶା ମୋର ମରୁବାଲି ।

ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭାରି ଭଲ ଲାଗେ



ପ୍ରକାଶ କୁମାର ଚାନ୍ଦ

ଭାରି ଭଲ ଲାଗେ ଶୀତ ସକାଳର
କଅଁଳିଆ ସୁନା ଖରା
ଭାରି ଭଲ ଲାଗେ ଧାନ ବିଲ ପରା
କୁହୁଡ଼ି ରେ ଥିଲେ ଘେରା ।

ଭାରି ଭଲ ଲାଗେ ଘାସର ଉପରେ
କାକର ଟୋପାର ବିନ୍ଦୁ
ଭାରି ଭଲ ଲାଗେ ଦେଖା ହୋଇଗଲେ
ପୁରୁଣା ଦିନର ବନ୍ଧୁ ।

ଭାରି ଭଲ ଲାଗେ ଦୂରୁ ଦେଖିଦେଲେ
ସୋରିଷ ଫୁଲର କ୍ଷେତ
ଭାରି ଭଲ ଲାଗେ ଆମ୍ବ ଗଛଡାଳେ
କୋଇଲି ଗାଇଲେ ଗୀତ ।

ଭାରି ଭଲ ଲାଗେ ଆମ ଗାଆଁ ପାଖ
ଅଙ୍କାବଙ୍କା ସରୁ ନଈ
ଭାରି ଭଲ ଲାଗେ ନାଉରି ଭାଇଟି
ନାଆ ନେଉଥିଲେ ବାହି ।

ଭାରି ଭଲ ଲାଗେ ଗୋଧୂଳି ବେଳାରେ
ଗୋଠ ବାହୁଡ଼ିଲେ ଘର
ଭାରି ଭଲ ଲାଗେ ସଂଜ ନୀଡେ ଫେରା
ମାଳ ମାଳ ପକ୍ଷୀଙ୍କର ।

ଭାରି ଭଲ ଲାଗେ ମୋର ଗାଆଁ ମୋତେ
ଯୋଉଠି ମୁଁ ଜନମିଛି
ଭାରି ଭଲ ଲାଗେ ମୋର ମାଆ ମତେ
କଥା ଯିଏ ଶିଖେଇଛି ।

ଜୟପୁର ଶାସନ, ପିପିଲି, ପୁରୀ
ମୋ ୯୮୫୩୫୪୯୩୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରବାସେ ଥିଲେ ବନ୍ଧୁ



ରାହାସ କୁମାର ବେହେରା

ପରବାସେ ଥିଲେ ବନ୍ଧୁ
ଦୂରେ ବହୁଦୂରେ
ଝୁରି ଝୁରି ମରେ ମନ
ଝରା ଶ୍ରାବଣରେ ।
ମନ କଥା ମନେ ରଖି
ନିଝୁମ ରାତିରେ
ବୀରହରେ ଯାଏ ସରି
ଢାଳି ଲୁହ ଧାରେ ।
ମନ ଭ୍ରମରା ଯେ ଖୋଜେ
ତାରା ମାଳେ ଜହ୍ନ
ନିରୋଳାରେ ଅଭିଶପ୍ତ
ଅଧୁରା ସପନ ।

ହାତ ଗଢ଼ା ନାଆ ଭିଜେ
ଅସରା କୋହରେ
କୂଳ କି କିନାରା ନାହିଁ
ଅବୁଝା ମାୟାରେ ।
ସାଥି ବିନା ହଜେ ଦେହ
ଚଗଲା ପବନେ
ତେଣୁ ଖୋଜେ ପ୍ରିୟତମା
ନିଶୀଥେ ବିଜନେ ।
ଫେରି ଆସ ଆଗୋ ସହୀ
ନିସଙ୍ଗ ମୁହୂର୍ତ୍ତେ
ଯାଉ ଗ୍ଲାନି ମିଳୁ ଶାନ୍ତି
ଚାତକ ତୃଷାର୍ତ୍ତେ ।

ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ:୭୫୯୦୧୫, ମୋ :୯୪୩୮୧୧୪୩୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଣେ ସୁଖ ପସରା



ବି. ନିରୁପମା

ହେମନ୍ତର ଆଗମନେ
ପଡ଼ିଲାଣି ଶିଶିର ,
ଋତୁରାଜ ଭାଇ ଇଏ
ଖରା ଶୀତ ମିଶିର ।

କ୍ଷେତମାଳେ ଧାନପାଚି
କେରିକେରି ଝୁଲୁଛି ,
ଚାଷୀଭାଇ ମନଟା ତ
ଆନନ୍ଦରେ ଫୁଲୁଛି ।

ଗଜଲକ୍ଷ୍ମୀ ପୂଜା ଆଉ
ଦୀପାବଳି ପରବ ,
ବଡ଼ଓଷା ,ମାଣବସା
ପରା ଆମ ଗରବ ।

ବୋଇତ ବନ୍ଦାଣ ସହ
ଯେ ପ୍ରଥମାଅଷ୍ଟମୀ ,
ଆଣିଦିଏ ଆମ ଲାଗି
ଆନନ୍ଦର ବେଷ୍ଟନି ।

ଧିମା-ଧିମା ଖରା ସାଥେ
ଥିରିଥିରି ଶୀତଟି ,
ସାଜିଥାଏ ଆମଲାଗି
ସତେ ଯେହ୍ନେ ମିତଟି ।

ଋତୁରାଜ ଭାଇ ଯେଣୁ
ଆଣେ ସୁଖ ପସରା ,
ଯେତେ କହିଲେ ତା' ଗୁଣ
ରହିଯିବ ଅସରା ।

ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଥର ଆସିଲେ



ତନୟା ଦାସ

ଏଥର ଆସିଲେ,
ମୁଁ ବାରି ପାରିବି ତୁମ ପଦଧ୍ୱନି
ଖୋଜି ଆଣିବି
ହଜି ଯାଇଥିବା ବସନ୍ତକୁ
ବୁଣି ଦେବି ତୁମ ପଥେ
ମୋ ଭାଗର ରଙ୍ଗ,
ନେଇ ଯିବ ମୋ ଭାଗର ବର୍ଷା
ଧୋଇ ଦେବ ମୋ ହୃଦ ପ୍ରାଙ୍ଗଣେ
ତୁମ ଭାଗର ଯେତେ ତାତି ।

ଏଥର ଆସିଲେ,
ବାନ୍ଧି ଦେଇ ଯିବ ଆତ୍ମାକୁ
ଏ ଦେହକୁ ମୁକ୍ତି ଦେଇ,
ସାଇତା ସେ ଲୁହର ଠିକଣା
ଅନାୟାସେ ଦେବି ହଜାଇ ।

ଏଥର ଆସିଲେ,
ନେଇ ଯିବ ମୋ ଭାଗର ଆକାଶ
କେତେ ଦିନୁ ଆଙ୍କିଛି ତା ଅଧରେ
ସଫେଦ୍ ଜହ୍ନ ଟିଏ,
ନେଇ ଯିବ ବି ମୋ ଭାଗର ମାଟି
ସାଇତି ରଖିଛି ତା ଦେହେ
କେତେ ଝରା ଫୁଲର କାହାଣୀ ।

ଏଥର ଆସିଲେ,
ଦେଇ ଯିବ ତୁମ ଭାଗର
ପବନରୁ ଟିକିଏ
ମୋ ଦେହେ ବହୁଥିବ
ତତଲା ନିଃଶ୍ୱାସ ହୋଇ
ତୁମେ ଚାଲିଗଲା ପରେ
ପୁଣି ଥରେ,
ତୁମ ଫେରିବା ବାଟକୁ ଚାହିଁ ।

ରାୟଗଡ଼ା, ଓଡ଼ିଶା
୯୦୭୮୭୭୩୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦାହନ ମୁକୁଟ



ବାଲାଜୀ ସେଠୀ

ଚାରିପଟୁ ଚାହିଁଥିବା
ବିକଳ ଆଖିମନେ
ଖୋଜୁଛନ୍ତି ମୋ ଦେହରୁ
ଫୁଲାଏ ମାଉଁସ,
ତାଙ୍କ ଧମନୀରେ ଧାଉଁଥିବା
ଲୁଣିଆ ଲୋହିତ କଣାଯାକ
ମୋର ହିଁ ଅସ୍ତିତ୍ୱର
ଗୋଟେ ଗୋଟେ ଅଂଶ ବିଶେଷ,

କଣ୍ଟାପରି କଂକାଳରେ
ବିଶ୍ୱାସର ମେଦଟିକେ ଲେସିବାକୁ,
ଟକମକ ତତଲା
ଲମ୍ବା ଲମ୍ବା ନିଶ୍ୱାସଗୁଡାକ
ପ୍ରତିଦ୍ୱନ୍ଦ୍ୱିତାରେ ନିମଗ୍ନ
ଧସେଇ ପଶିବାକୁ
ବନ୍ଧା ପଡିଥିବା ଭାଗ୍ୟର ପ୍ରତାରଣା
ନିବୁଜ କାଚଘର ଭିତରକୁ,

ଭୋକର ଦାବାନଳ
ଦିକି ଦିକି ହେଉ ଜଳୁଛି ଅଣ୍ଟି ତଳେ
ସୁନୁସୁନିଆ ଶାଗର
ଶାଗୁଆ ଶାଗୁଆ ପତ୍ରରେ,
କୁଢ଼ କୁଢ଼ ଅଳିଆ ଗଦାରୁ
ଭବିଷ୍ୟତ ଖୋଜୁ ଖୋଜୁ
ଏଠି ସ୍ୱପ୍ନ ଦେଖିବା ମନା
ନୁଖୁରା ମୁଣ୍ଡରେ,

ସରି ସରି ଆସିଲାଣି
ଓଳିଏ କୁ ଓଳିଏ
ପାଳିକରି ଜଳୁଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଳନ୍ତା ଚୁଲିର

ସାଇତା ସମ୍ପତ୍ତି,

ଅଭାବର ଗରମ କଡେଇରେ

ଭାଜି ହେଉଛି

ଆଶା, ଆଶ୍ୱାସନା

ପାଇଥିବା ପ୍ରତିଶ୍ରୁତି,

ଘରୁ ବେଘର ହେବାର

ପୁରିଗଲାଣି ମହଲତ ? ?

ଫଟା ଗାମୁଛାରେ ପୋଛିଦେଇ

ପିନ୍ଧିବାକୁ ହେବ ପୁଣିଥରେ

"ବାଦନ ମୁକୁଟ" । ।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ ମହୋତ୍ସବ



ଯତିନ୍ଦ୍ର ସ୍ୱାଇଁ

ବନ ମହୋତ୍ସବ ସାଫଲ୍ୟ ମଣ୍ଡିତ
ସମସ୍ତଙ୍କ ହେଉ ଲକ୍ଷ୍ୟ,
କୋଟି ଜନତାଙ୍କ ଜୀବନର ରକ୍ଷା
ପାଇଁ ଲୋଡା ଏକ ବୃକ୍ଷ ।(୧)

ଧନ ଜନ ଜୀବ ସଭିଙ୍କ ଆଶ୍ରୟ
ହୋଇଛି ପରାଏ ବୃକ୍ଷ,
ବୃକ୍ଷର ବିହୁନେ ଏସାରା ସଂସାରେ
ଭ୍ରଷ୍ଟ ହୋଇଯିବ ଲକ୍ଷ୍ୟ ।(୨)

ଖାଦ୍ୟ ବସ୍ତ୍ର ଠାରୁ ଔଷଧ ପର୍ଯ୍ୟନ୍ତ
ସବୁରି ମୂଳରେ ବୃକ୍ଷ,
ମୃତ୍ତିକା କ୍ଷୟକୁ ରୋକିବା ନିମନ୍ତେ
କିଏ ହେବ ସମକକ୍ଷ ।(୩)

ବନ ବିକାଶରେ ଶିଳ୍ପର ସମୃଦ୍ଧି
ବିକାଶର ଏହା କକ୍ଷ,
ବାତ୍ୟା ନିୟନ୍ତ୍ରଣ କରିବା ନିମନ୍ତେ
ଲଗାଇବା ଆମେ ବୃକ୍ଷ ।(୪)

ବାୟୁ ମଣ୍ଡଳର ଶୋଧନ ନିମନ୍ତେ
ଆବଶ୍ୟକ ଏହି ବୃକ୍ଷ,
ଅମ୍ଳଜାନ ସୃଷ୍ଟି କରି ଜଗତରେ
ଧନ୍ୟ ହୋଇଥାଏ ବୃକ୍ଷ ।(୫)

ସା : ଗୋଡିଶ୍ୱଳ, ପୋଷ୍ଟ : ଜାମୁଡିହା
ଜିଲ୍ଲା -: ବାଲେଶ୍ୱର (୭୫୬୦୪୧)
ଦୁରଭାଷ -: ୭୬୮୨୮୬୪୪୫୧
୯୪୩୭୭୭୫୨୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଲାଦିନ ସ୍ମୃତି



ସରୋଜ କୁମାର ସାହୁ

ଆଜିବି ଅଧୁରା ପିଲାଦିନର ସେ
ନଇପଠା ବାଲିଖେଳ
କେତେ ଥଟ୍ଟାମଜ୍ଜା ମିଛର ଝଗଡା
ପୁଅଝିଅ ସାଙ୍ଗମେଳ ।
କାଗଜର ଗୁଡି ସାଥେ ନଟୁଚୋରି
କାଚଗୁଲିର ସେ ମଜା
ମୁଢିଚୂଡାର ସେ ଭାଗ ବଣ୍ଟାବଣ୍ଟି
ମାମୁଁ ଘରର ମିଠାଖଜା ।
ବୋହୂଚୋରି ଖେଳ ମିଛ ବାହାଘର
କନିଆଁର ବୋହୂବେଶ
ବରବେଶ ସାଜି ସଜ ହେଲେ କିଏ
କରଥାନ୍ତି ସବୁ ରୋଷ ।
ସଢେଇର ଖେଳ ବଣଭୋଜି ବେଳ
ବାଲିଡିଆଁ ଲୁଚକାଳି
ଦିଆସିଲି ପତା କଉଡିର ଖେଳ
ଦେହସାରା ବୋଳା ଧୂଳି ।
କୋଳି ଖାଇବାର ମଜା ବି ନିଆରା
ନିଆରା ବି କଙ୍କିଧରା
କାଗଜ ଡଙ୍ଗାକୁ କାଗଜର ଫୁଲ
ବରଷାରେ ମାଛଧରା ।
ଆମ୍ବପତ୍ର ଚକ୍ରି ତାଳପତ୍ର ଘଣ୍ଟା
ନଡିଆର ଖିଲିପାନ
ପିଜୁଳିର ଚୋରି ଫୁଲ ତୋଳାତୋଳି
ଖଳାର ଅମଳ ଧାନ ।
ମାଆର ଆକଟ କଅଁଳିଆ ଛାଟ
ଜେଜେମାର ମିଠାଗେଲ
ବାପାଙ୍କ ଲାଉ ଜେଜେଙ୍କର ଗପ
ଅପାର ବୋଳା ତେଲ ।
ଘର ହେଉ ପର ସଭିଁଙ୍କୁ ନିଜର
ଲାଗେ ଗୋଟେ ପରିବାର
ଚିହ୍ନଟିଏ ସାଜି ରହିଛି ଛାତିରେ
ଝୁରିହୁଏ ବାରମ୍ବାର ।

ଆଠଗଡ଼, କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଅପେକ୍ଷାରେ



ଆକାଶ ସାହୁ

କାହିଁକି କେଜାଣି

ଆଜି ତୁମ କଥା ବହୁତ ମନେ ପଡେ,

ତୁମେ ବି ନିଖୋଜ ଅଛ

ବହୁତ ଦିନରୁ

ଏଇ ହୃଦୟରୁ ।

ଜାଣିଛି ତୁମର ନୂଆଁ ଠିକଣା

ହେଲେ ମୁଁ ଯାଇପାରୁନି

ତୁମ ପାଖକୁ,

କିଏ ଜାଣେ ସଂପର୍କର ବାହାନାରେ

ଆଉ ଚିହ୍ନି ପାରିବ କି ନାହିଁ ।

ଚିହ୍ନି ମଧ୍ୟ ନ ଚିହ୍ନିବାର

ଅଭିନୟ କରିବ ।

ଅଭିନୟରେ ବେଶ୍ ନିପୁଣା ଯେ ତୁମେ,

ବାହାନା କରିବାର କଳାରେ ବି

ବେଶ୍ ଦକ୍ଷା ଯେ ତୁମେ ।

ସେଥିପାଇଁ ମୁଁ ଆଉ ଖୋଜୁନି ତୁମକୁ

କିନ୍ତୁ ଆଜି ବି ଅପେକ୍ଷାରତ

ହୃଦୟ ଖୋଲା ଅଛି ସବୁବେଳେ

ଇଚ୍ଛା ହେଲେ ତୁମେ ଆସିପାର ।

ସାହ୍ଲେପାଲି, ଭେଡେନ, ବରଗଡ଼

ମୋ.-୯୫୫୬୮୩୦୧୯୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂସାର



ରୋହିତ ପଟ୍ଟନାୟକ

ଆଜ ଦେଖିଲି ରେ ମଣିଷ ର ପ୍ରକୃତ ସ୍ତୁତି
ସୁଖରେ କେତେ ମଉଜ କରି ସେ ଦେହ କରିଛି ପ୍ରସ୍ତୁତି !
ରୋଗ ବୋଲି ଶତ୍ରୁ ଆସି ଦେଲା ଯେ ପାହାର ଛାଡିଲା ତା ବୃତ୍ତି
କେତେବେଳେ କଲ ବଳ କେତେ ହଇରାଣ ଭାଙ୍ଗିଲା ତା କୃତି !
ଦେଖୁ ଦେଖୁ ତାର ରାଗ ଅହଂକାର ସରିଲା ସବୁ ପ୍ରକୃତ
କଷ୍ଟ ବିସ୍ତାର ରେ ରହୁଛି ମଣିଷ ଖୋଜୁଛି ସୁଖର ଆଦର !
ରୋଗ ବ୍ୟାଧି ଘେନି ସାହାରା ଖୁଜୁଛି କରୁଛି ଟଙ୍କାର ବ୍ୟାପାର
ସମାଜ କୁ ଘେନି ଉଚ୍ଚ ପଦ ପାଇଁ ନିତି କରୁଛି ଲୋକଙ୍କୁ ପର !
ମଣିଷ ମଣିଷ କୁ ନ ଦେଇ ସମ୍ମାନ କରୁଛି ଧଡ ପକର
ସଂସାର ଭିତରେ ଘର ଅଛି ଅହଂକାର ର ଛପର !

ଭବାନୀପାଟଣା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତ୍ୟବ୍ରତ



ସତ୍ୟବ୍ରତ ସାହୁ

ମୁଁ କବି..

କିଛି ଦେଖି, କିଛି ଶିଖି, କିଛି ଅନୁଭୂତିରୁ,କିଛି

ଘଟଣା/ଦୁର୍ଘଟଣାରୁ ଶବ୍ଦ ସାଉଁଟି ଲେଖିଦିଏ କବିତା  ।

ମୋତେ ଧରାଇ ଦିଆଗଲା ଗୋଟେ ଛବି

କୁହାଗଲା କବିତା ଲେଖ ।

ସେ ଛବିରେ ଥିଲା- ନୀଳ ଆକାଶରେ ଖଣ୍ଡ ଖଣ୍ଡ ଭସା ମେଘ,

ତିନିଟି ତାଳଗଛରେ ଚିରା,ଫଟା ପତ୍ର-ବାହୁଙ୍ଗା

(ଯାହା ଝଡ଼ର ସଙ୍କେତ ଦିଏ),

ତାଳଗଛ ଉପରେ ପଡିଥିଲା କେରାଏ ଖରା..  ।

କବିତା ଲେଖିବା ଆଗରୁ ଆକାଶକୁ ପଚାରିଲି-କ'ଣ ଲେଖିବି  !

ଆକାଶ କହିଲା, ଦେଖ.. ମୁଁ କେତେ ବଡ଼ ଶରୀରରେ

ଧରିଛି ସୂର୍ଯ୍ୟ, ଚନ୍ଦ୍ର, ତାରା,ଗ୍ରହ,ନକ୍ଷତ୍ର..

ସହିଛି ଖରାର ଦାଉ.. କୋଳେଇ ନେଇଛି ମେଘକୁ..

କେବେ ଅଧୈର୍ଯ୍ୟ ହୋଇ ଛିଡି ପଡିନି ..

ତୁ ସେମିତି ଧୈର୍ଯ୍ୟ ଧର..ବିସ୍ତିର୍ଣ୍ଣ କରିଦେ ହୃଦୟ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଛକୁ ପଚାରିଲି-ତୁ କିଛି କହ.. !

ଗଛ କହିଲା, ତୁ ତ ଦେଖୁଛୁ ମୁଁ ଖରା,ବର୍ଷା, ଶୀତ ସହି

ଫୁଲ-ଫଳରେ ଭରି ଦେଉଛି ମୋ' ବପୁ..

ପତ୍ରରୁ ଦେଉଛି ଅମ୍ଳଜାନ

ମୋ' ଉପରେ ନିର୍ଭର କରେ ସାରା ଜଗତ

ତୁ ବି ଜାଣିଛୁ ମୋ' ଉପରେ ହେଉଥିବା ଅତ୍ୟାଚାର ।

ତଥାପି.. କେବେ କାର୍ପଣ୍ୟତା କରିନି ମୋ' ଭଲପାଇବାରେ

ମୋତେ ହାଣୁଥିବା ଲୋକଟିକୁ ବି ପ୍ରଦାନ କରେ ଛାଇ ।

ତୁ ଉଦାର ହୋଇଯା... ।

ହଁ, ମାଟି ଆଶ୍ରାରେ ବଞ୍ଚିଛି ମୁଁ..

ମାଟିକୁ ବି କିଛି ପଚାରି ଦେ ।

ଛବିରେ ମାଟି ନଥିଲା

ତଥାପି ମାଟିକୁ ପଚାରିଲି- ତୁ କ'ଣ କହିବୁ !

ମାଟି କହିଲା, ମୁଁ ତ ସର୍ବଂସହା..

ଜୀବନ ନଥାଇ ବି ମୁଁ ଦେଇପାରେ ଜୀବନ

ମୁଁ ବି କୋଳେଇ ଧରିଛି ନଦୀ, ସମୁଦ୍ର, ପାହାଡ଼, ଗଛ,ନଭଶ୍ଚୁମ୍ବୀ ଅଟ୍ଟାଳିକାସବୁ ।

ତୁ ବି ସେମିତି ସର୍ବଂସହା ହୋଇଯା'... ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଶକୁ ପୁଣିଥରେ ପଚାରିଲି- ଜୀବନର ବ୍ରତ କ'ଣ

ହେବା ଉଚିତ ?

ସେ କହିଲା-ଧୈର୍ଯ୍ୟ ଓ ସତ୍ୟ,

ଗଛକୁ ପଚାରିଲି ସେହି ପ୍ରଶ୍ନ

ଉତ୍ତର ମିଳିଲା-ଉଦାର ଓ ସତ୍ୟ,

ସେହି ଏକା ପ୍ରଶ୍ନର ଉତ୍ତରରେ ମାଟି କହିଲା-ଆପଣାପଣ, ସହନଶୀଳତା ଓ ସତ୍ୟ ।

ଆଉ କାହାକୁ କିଛି ପଚାରିଲିନି

ସେମାନଙ୍କ କଥାକୁ ଲେଖିଦେଲି..

ହୋଇଗଲା କବିତା ।

ଜାଣିଲି, ସତ୍ୟ ହିଁ ଜୀବନର ବ୍ରତ

ଭାବିଚିନ୍ତି କବିତାର ନାଁ ରଖିଲି 'ସତ୍ୟବ୍ରତ' ।

ଶ୍ରୀ ସତ୍ୟବ୍ରତ ସାହୁ

ପଲ୍ଲୀସାହି, କମାଳପୁର,

ଅହିୟାସ, ଯାଜପୁର-୭୫୫୦୧୬

ମୋ- ୯୩୩୮୧୬୫୬୧୯/୮୯୧୭୭୬୩୫୪୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ତିନୋଟି କବିତା



ପୁଷ୍ପାଞ୍ଜଳୀ ପଣ୍ଡା

୧.କନ୍ଥା

****

ଛିଣ୍ଡା କନ୍ଥାତଳେ ,
ଧିରେ ଧିରେ ଆଖି ଫିଟଉ ଥାଏ
ଅଫିଟା ଜୀବନ
ଦୁହିଁଙ୍କ ଉଷୁମ୍ ପରଷରେ
ମାଘ ମାସର କାଠୁଆଜାଡ଼ ରେ । ।

୨.କୁହୁଡ଼ି

*****

ଧୁଆଁଳିଆ ଲାଗୁଥିଲା ଚାରିଆଡ଼
ନିଆଁ ପୋଇବାକୁ
ଓହଳିଆସୁଥିଲା ଆଠ ଟା ହାତ
ଏ ବର୍ଷ ବଡ଼ ଶୀତ
ରାସ୍ତା କଡ଼ ଗାଉଥିଲା ଗୀତ । ।

୩.ଗେଣ୍ଡୁଫୁଲ

**********

କଁଳିଆ ଖରାରେ
ଗେଣ୍ଡୁଫୁଲ ର ଗହଳୀ ରେ
ଦାଣ୍ଡପଟ କୁଅମୂଳଫାଟିପଡୁଛି
ଶୀତୁଆ ରାତି ରେ
ଶେଫାଳୀଟା କାନ୍ଦି କାନ୍ଦି
ଧରଣୀ ବକ୍ଷରେ
ଲୋଟି ପଡୁଛି । ।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ମୋହିନୀ



ଆୟୁଷ୍ମାନ ତ୍ରିପାଠୀ

ଛଅ ଭଉଣୀ ଧରି ସପ୍ତ ରଞ୍ଜନ
ଧରା ପୃଷ୍ଠେ କରନ୍ତି ଅବରୋହଣ
ସର୍ବେ ସାଜନ୍ତି ସ୍ୱକାଳେ ନୀରକ୍ଷୟ
ଦମନ ନହୋଇ ସାଜନ୍ତି ଅଜୟ ।

ପ୍ରଚଣ୍ଡ ର ସହ ଝିପିଝିପି ଘନ
ନିର୍ମଳ ତରୁଣ ଜାଡତ୍ୱ ପ୍ରବୀଣ
ମଧୁମଳୟ ର ପୁର୍ବୁ ସେ ପ୍ରକାଶ
ଜାଡମୟ ଧରା ହୁଏ ଶୀତାଭାସ ।

ବ୍ୟାପ୍ତ କରି ସର୍ବ ବସୁନ୍ଧରା ଭୂମି
ନିର୍ଝର ଝରଇ ଅନଳର ଊର୍ମୀ
ଅନୀଳ ହୁଅଇ ଅନଳ ଯେସନ
ପୃଥିବୀ ରେ ହୁଏ ଶୀତର ଶାସନ ।

ଶ୍ୱେତ ପାଟ ସହ ବିଭୂଷିତ ଧରା
ଉଷାର ଆବେଶେ କୁହୁଡି ରେ ଭରା
ଭୂପୃଷ୍ଠ ଦିଶଇ ଅତି ମନୋହରା
ସତେ ଏ ଶୀତ ର କୁହୁକ ନିଆରା ।

କେବେ ଲାଗେ ମହୀ ଶ୍ୱେତ ମନ୍ଦାକିନୀ
ଅବା ଚନ୍ଦ୍ର ନିକି ଶୀତଳ ମୋହିନୀ
ସୁବର୍ଣ୍ଣ ଖେଳାଏ ତା କୃଷ୍ଣ ଗରଭେ
ହସ ଫୁଟିଉଠେ ସାରା ରସା ନଭେ ।

ତୁଷାର ତୃଷା ରେ ଅଧିର ବସୁଧା
ଶୀତ ଆଗମନେ ପିଏ ରୁପସୁଧା
କାକର କୁହୁଡି କାର୍ତ୍ତିକେ ପ୍ରବର
ଆସଇ ରାଜୀବ ମୃତ୍ୟୁ ର ଖବର ।

ଅଗ୍ନି ଏକମାତ୍ର ଶୀତରେ ଭରସା
ଜାଡତ୍ୱ ରେ ସେହି ଶୀତମୟ ନିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବ୍ୟାଘ୍ର ରୁପେ ଶୀତ ରସା ଆସେ ମାଡି

ଶୀତ ଶାସନ ରୁ କିଏ ମୁହଁ ମୋଡି ।

ଶୀତମୋହିନୀ ର କୁହୁକ ଆବେଶେ

ସାରା ଧରା କ୍ଷେତ୍ର ଭାସେ ନିଶାକାଶେ

ବୋଇତ ପରବ ମାଣବସା ପୁଜା

ଧାନ୍ୟ କଟା ସହ ମାନ ହୁଏ ପ୍ରଜା ।

ନୀଳକଣ୍ଠ ପୁଜା ପାଇଥାନ୍ତି ଶୀତେ

ମହାଶିବରାତ୍ରୀ ଦିଏ ପୁଣ୍ୟ ସତେ

ପ୍ରଚଣ୍ଡ ଜାଡ ରେ ତନୁ ପାଏ ଘାତ

ଶୀତ ଦିଏ ସର୍ବ ଜଡ ପ୍ରତିଘାତ ।

ସିନ୍ଧେକେଲା, ବଲାଙ୍ଗିର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ



ମହମ୍ମଦ ହନିଫ୍ ଶାହ

ଶୀତୁଆ ପବନ କୁହୁଡ଼ି କୁ ଧରି
ନଇଁ ନଇଁ ଆସେ ଶୀତ
ଘାସ ଗାଲିଚାରେ ଶିଶିର କୁ ଦେଖି
ସୁରୁଜ ଗାଉଛି ଗୀତ ।।

ଶୀତ ଶିହରଣେ ଖେଳିଯାଏ ସବୁ
ବାଡ଼ି ,ଦାଣ୍ଡ ଓ ଦୁଆର
ପିଆଜ ଧରି ମୁଁ ଦୁରେଇ ବସିଛି
ପଖାଳକୁ ଦେଖି ଡର ।।

ଅଜା ବସିଛନ୍ତି କଅଁଳ ଖରାରେ
ଚାହା କପ୍ ଟିକୁ ଧରି
ଖବର କାଗଜେ ବୁଲାନ୍ତି ଆଖିକୁ
ନକରି ଜମାରୁ ଡେରି ।।

ଧରଣୀ ରାଣୀ ହଳଦୀ ଶାଢୀରେ
ଆଃ କି ସୁନ୍ଦର ଦିଶୁଛି
ଚଷାପୁଅ ଦେଖ ଦାଆଟିକୁ ଧରି
ଭୋରୁ ବିଲକୁ ଧାଇଁଛି ।।

ସହରେ ଉଲବୁଣା ନେପାଳୀ ଝିଅ
ପସରା ମେଲି ବସିଛି
ରଙ୍ଗ ବେରଙ୍ଗ ଦାମୀ ପଶମ ଦେଖି
ଗରାଖ ଭିଡ଼ ଲାଗିଛି ।।

ହାଡ଼ ଭଙ୍ଗା ଶୀତ ଭାଙ୍ଗେ କେତେ ମନ
ଫୁଟପାଥ ନିରୀହ ର
ଚିରା କନ୍ଥାରେ ପଶି ଛାଡ଼ିଯାଏ ସେ
ସ୍ମୃତିର ପରଶ ତା'ର .... ।।

ନୂଆଗାଁ ,ଧାମନଗର, ଭଦ୍ରକ
ଦୂରାଭାଷ : ୮୦୯୩୪୦୭୭୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ତୁମେ



ଦୁଷ୍ମନ୍ତ ବେହେରା

ଆଗମନ ଅପେକ୍ଷା ରେ ଆସିଛ ଶୀତ
ସୂର୍ଯ୍ୟ କିରଣେ କାକର ଠୋପାରେ
ଦିଶୁଥିଲା ତୁମ ଦେହ ଝଲସି
କହୁଥିଲା ଲାଜୁଆ ତୁମ ମୁହଁ ।।

ମୁଁ ଯେ ତୁମକୁ ଦେଖି ଲାଜେଇ
ଯାଉଥିଲା ଜାଡି ଯାଉଥିଲା ଦେହ
ସୁନ୍ଦର ଯୌବନେ ହାତ ମାରି
କହୁଥିଲା ଶୀତୁଆ ବାଃ ପବନ ।।

ଅନୁଭୂତି ତୁମର ଜଡାଏ ସତେ
ଦେହ ଯୌବନ ମନ
ଘୋଡାଏ ତୁମକୁ ମୋ ସୁନ୍ଦରତା
ଜାଡି ଯାଉଛିରେ ମୋ ଶରୀର ।।

ଲାଜକୁଳୀ ପରି ଲୁଚି ଯାଉଥିଲି
ଦେଖି ଶୀତ ଛାଟ ତୁମକୁ
ଘର ଲୋକ ମୋତେ କହୁଥିଲେ
ଡରକୁରା ଟିଏ ଦେଖ ।।

ଶୀତୁଆ ରାତି ପାହାନ୍ତିଆ ରେ
ଫୁଟି ଅଛି ମୁଁ ଫୁଲ
ସକାଳ ଦେଖି ମୁରୁକି ହସି
ମନେ ଖେଳି ହସି ଦିଅ ହସେ ।।

ଥର ଥର ଶୀତ ଆଣେ ପୂଜାପାଠ
ମେଳା ମହୋତ୍ସବ ଆଣି
ଦୀପ ଧୂପ ପୁଣ୍ୟ ଧର୍ମ ଦର୍ଶନ
ଶୀତ ସକାଳ କୋଳେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମେଘୁଆ ପାଗରେ ଲୁଚକାଳି ଖେଳେ

ସୂର୍ଯ୍ୟ ର ସୁନେଲୀ କିରଣ

ରାତି ଧୂସରେ ଜହ୍ନ ତାରା ତୁମେ

ଛବି ଆଙ୍କି ଦିଅ ମନେ ।।

ଝଲଶୀ ରାଣୀ ଝଲଶୀ ଉଠେ

ଖେତ ଦେଖି ହସି ଦିଏ ହସ

ଚଷା ଦେଖି ହସି ଉଠେ

ତୁମ ଦେହେ ସତେ ସ୍ୱର୍ଣ୍ଣ ।।

ଆଖି ଦେଖି ଶୀତ ତୁମକୁ ଲାଜେଇ

କହେ ଦେହ ହୁଏ ସକସକ

ଶୀତ ତୁମେ ବଡ ଶୀତୁଆ ପବନ

ଶୀତ ତୁମେ ଶୀତ ଶୀତ ।।

ରାସୋଳ-ମୁଣ୍ଡିଆପଶି

ଢେଙ୍କାନାଳ

ମୋ ନଂ -୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତିବାଦ



ରୋହିତ ସେଠୀ

ଦିନୁଦିନ ବଢେ ଅନ୍ୟାୟ ଅନୀତି
ନିର୍ଯ୍ୟାତନା ଆଉ ଭ୍ରଷ୍ଟାଚାରର
ସବୁ ଜାଣିଶୁଣି ଅଣଦେଖା ଲୋକ
ପ୍ରତିବାଦର ଶୁଭେ କ୍ଷଣ ସ୍ୱର ।

ଜନତାଙ୍କୁ ନେତା ଧୋକାଦିଏ ଏଠି
ନିଜ ସ୍ୱାର୍ଥ ପୁରିଗଲେ ତାହାର
ପ୍ରତିବାଦ ସ୍ୱର ଉଠାଇବ ଯଦି
ଧମକର ଚାଲେ କ୍ରୁର ପ୍ରହାର ।

ଚମ ଧୁଡୁଧୁଡୁ ବାପା ମାଆ ଆଗେ
ସନ୍ତାନର ନୃଶଂସ ବ୍ୟବହାର
ପାଷାଣ ପରାୟେ ସବୁକିଛି ସହି
ତିଳେ ପ୍ରତିବାଦ ନାହିଁ ତାଙ୍କର ।

ନାରୀ ସହିଯାଏ କେତେ ଯେ ଯାତନା
ପ୍ରତିବାଦ କଥା ମନରୁ ଭୁଲି
ସର୍ବଂସହା ରୂପୀ,ପରିବାର ପାଇଁ
ପଛାଏନି ଦେବାକୁ ଜଳାଞ୍ଜଳି ।

ସହିବାର ସୀମା ଟପିଯାଏ ଯଦି
ପ୍ରତିବାଦର ମଶାଲ ଜାଳି
ଜାଗ୍ରତ ହୁଅ ହେ ଅମୃତ ସନ୍ତାନ
ପୋଛିଦେବାରେ ସେ ଅନ୍ୟାୟ କାଳି ।

ଫେରାଇ ଆଣିବା ସୁଖର ସିନ୍ଦୁକ
ହସ ଫୁଟାଇବା ସଭିଙ୍କ ମୁଖେ
ପ୍ରତିବାଦ ସ୍ୱର ଉତ୍ତୋଳନ କରି
ସାହସ ଶକତି ଭରିବା ମୁଖେ ।

ଆମ ସ୍ୱାଭିମାନ ଆମ ଅଧିକାର
ପ୍ରତିବାଦର ନାରା ଲଗାଇ
ସ୍ୱାଧୀନ ଭାବରେ ବଞ୍ଚିବା ସରବେ
ଅନୀତି ବିରୋଧେ କରି ଲଢ଼େଇ ।

ଶିକ୍ଷକ, ଦୁତିମେଣ୍ଡି (ମଲିକସାହି)
ଖଜୁରୀପଡ଼ା, କନ୍ଧମାଳ
ସମ୍ପର୍କ-୭୭୩୫୭୦୪୩୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭକ୍ତିର ମୂଲ୍ୟ



ରାକେଶ କୁମାର ସାହୁ

ସ୍ୱର୍ଣ୍ଣିମ ଲଙ୍କାରେ ଥାଇ ଦଶାନନ
ଭୁଞ୍ଜଇ ନାନା ବ୍ୟଞ୍ଜନ,
ଅପବିତ୍ର କାୟା ହୀନ ଚକ୍ରାନ୍ତରେ
ସ୍ଥିତ ସଦା ତା'ର ମନ ।
ଶବରୀ ମାଆଟି ଘୋର ଅରଣ୍ୟରେ
ତୋଳିଛି ପତ୍ର କୁଟୀର,
ମମତା ବଳରେ ପ୍ରଭୁ ରାମଚନ୍ଦ୍ର
ଭୁଞ୍ଜିଲେ ଉଚ୍ଛିଷ୍ଟ ତା'ର ।
ବାସ ଭବନଟି ପ୍ରାସାଦ ହେଉକି
ହେଉ ଦରଭଙ୍ଗା ଚାଳ,
ହୃଦୟରେ ଯଦି ମମତା ନଥାଏ
ବ୍ରାହ୍ମଣ-ହେଲେ-ଚଣ୍ଡାଳ ।
ହସ୍ତିନାପୁରର ରାଜମହଲରେ
ଯୁବରାଜ ଦୁର୍ଯୋଧନ,
ହେଲେ ଶ୍ରୀକୃଷ୍ଣଙ୍କୁ ତୋଷ କରିଥିଲା
ବିଦୁରର ଶାଗ-ଅନ୍ନ ।

ଜାତିରେ ବାଉରୀ ଯାଚିଲା ଶ୍ରୀଫଳ
ତା' ହସ୍ତୁ ଛଡାଇ ନେଲ,
ଧୂପ ଦୀପ ଯେତେ ପଣ୍ଡାଏ ଯାଚିଲେ
ମନା ତୁମେ କରିଥିଲ ।
ଅଭିମାନ ପଣେ ଭକତ ଶ୍ରୀଭସ୍ମ
କରିଥିଲା ପଦାଘାତ,
ଶ୍ରେଷ୍ଠ ଭକ୍ତ ବୋଲି ତାକୁ ଆଖ୍ୟା ଦେଲ
ଆହେ ଜଗତର ନାଥ ।
ଗର୍ବ ଅହଂକାର ମନେ ରଖିଥିଲେ
ଜୀବନ ହୁଅଇ ବୃଥା,
ଅହଂକାର ମନୁ କାଢି ଫିଙ୍ଗି ଦେଲେ
ହୋଇବ ଜଗତ ଜିତା ।

ପିତା-ପ୍ରହଲ୍ଲାଦ ସାହୁ ସା-କରନ୍ଦା ପୋ-ପିଙ୍ଗୁଆ
ଜିଲ୍ଲା-ଢେଙ୍କାନାଳ ଦୂରଭାଷ-୯୭୭୭୯୧୮୦୩୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନଝୁରେ ତୁମ ପାଇଁ



ଛବିରାଣୀ ପତି

ଲହଡ଼ି ଭାଙ୍ଗେ ଆଜିବି
ସବୁଜ ଏ' ଧାନଖେତ
ନଇପଠା କାଶତଣ୍ଡି ...
ଆଜିବି ଭାସିଆସେ ଥରକୁଥର
ବଉଳ ଫୁଲର ବାସ ଆଉ
ମୋ ସ୍ମୃତି ପଟଳେ ଉଙ୍କିମାରେ
ତୁମର ସେ ଦରଫୁଟା ମିଠା ହସ ।
ମେଘ ମଲ୍‌ହାର ଚାତକ ଟି ପରି
ଥାଏ , ଅଛି ଅନନ୍ତ ଅପେକ୍ଷାରେ
କର୍ମମୟ ଜୀବନ ଜଞ୍ଜାଳେ
ବିମୋହିତ ମୋର ଏହି ତନୁ ମନ
ଦେବାପାଇଁ ଟିକେ ଛାତିତଳେ ଜାକି ।
ସେ କାଳ ପଖାଳ ମୋତେ
ଏବେ ଝୁରିବାକୁ ମନା ସତେ !
ତଥାପି କାହିଁକି ମୁଁ ଯେ ଝୁରିମରେ
ସେ ଅଭୁଲା ପ୍ରେମର ମିଳନ ମହକ ।

ପୂର୍ଣ୍ଣିମା ତ ପୂର୍ଣ୍ଣିମା ....
ତୁମକୁ ବି ଖୋଜେ ନିତି
ଅମାବାସ୍ୟାର ତାରା ଗହଣରେ ।
ଏମିତିକା ପାଗଳ ଏ' ମନ !!
ଆଲିଙ୍ଗନ ଭରେ ବୃକ୍ଷରାଜି,
ଇଟା ସିମେଣ୍ଟର ଖୁମ୍ବ ପୁଣି !
ମୁଣ୍ଡତଳ ମୁରୁଳାକୁ ମଧ୍ୟ
ତୁମ ପ୍ରତିଛବି ଭାବି ।
ଖୋଜିବୁଲେ ଛତ୍ରେଛତ୍ରେ
ଅତୀତର ସ୍ମୃତି ମାଖି ଛିଡା ସେହି
ସ୍ଥାନ କାଳ ପାତ୍ରରେ
ତୁମେ ଛାଡ଼ି ଯାଇଥିବା ...
ଚୁନା ଚୁନା ସ୍ମୃତି ମାନକୁ ।
କିଛି ପାଇବାକୁ ହେଲେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିଛି ହରାଇବାକୁ ହୁଏ ସତ !

ମୁଁ ତ' ହାରିଦେଇଛି ସବୁକିଛି

କେବଳ ତୁମକୁ ପାଇବାପାଇଁ ;

ତୁମେ ଚାଲିଗଲ ଦୂରଇ

ମୋତେ ହରେଇବାର ନିଶା ନେଇ

ଭୁଲ୍ ବୁଝାବଣା ଶିକାର ହୋଇ

ମୋତେ ନିଃଶ୍ୱଙ୍କ କରିଦେଇ ।

ମଶାଣି ଯୁଇରେ ଶୋଇଥିବି !

ତୁମକୁ ଝୁରି ମୁଁ ମରୁଥିବି

ଅଫିଟା ଆଖିରେ ଖୋଜୁଥିବି

ସେ ପ୍ରୀତି କୋଳକୁ ଲୋଡୁଥିବି

ସାତ ଜନମକୁ ଚାହିଁଥିବି

ଅଶରୀରି ହୋଇ ଘୁରୁଥିବି ।

ମଧ୍ୟଶାସନ

ବିରିଡ଼ି , ଜଗତସିଂହପୁର ।।

ଫୋନ୍ -୯୩୩୭୯୬୦୦୬୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା



ହରେରାମ ପଣ୍ଡା

ଆମ ସୁଖ ପାଇଁ ଆପଣା ସୁଖକୁ
ଚାହିଁନି କେବେ ଜୀବନେ ,
ସେଇ ' ମାଆ ' ଆମ ଜନମ ଦାୟିନୀ
ପଡୁନିକି ଆଜି ମନେ ?
ଦଶମାସ ଧରି ଗର୍ଭରେ ଆମକୁ
ଯନ୍ତ୍ରଣା ସହିଛି ଯେତେ ,
ଆପଣା ସନ୍ତାନେ ସୁଖ ଦେବାପାଇଁ
ଲୁହ ନ ପିଇଛି କେତେ ।
ନିଦ୍ରା ଆହାର ଭୁଲି ସେ ଯାଇଛି
ସନ୍ତାନର ସୁଖ ପାଇଁ ,
ରୋଗରେ ପଡ଼ିଲେ ଦେବୀ ଦେବତାଙ୍କୁ
ଡାକେ ଶେଜ ପାଖେ ରହି ।
ରୋଷେଇ କରିଛି ଖୁଆଇ ଦେଇଛି
ଚଲେଇଛି ହାତ ଧରି ,
ଗୀତବୋଲି କୋଳେ ଶୁଆଇ ଦେଇଛି
ଆମ ପାଦେ ତେଲମାରି ।

କି ସୁଆଦ ଆହା ହାତରନ୍ଧା ତାର
ବଢ଼ିଚୁରା ଶାଗଭଜା ,
ଭୁଲି ହେବନାହିଁ ପରବଦିନରେ
ମଣ୍ଡା ଏଣ୍ଡୁରୀର ମଜା ।
କେମିତି ଭୁଲିବା ମାଆର ମମତା
ଥିବାଯାଏଁ ପିଣ୍ଡେ ପ୍ରାଣ ,
ଆମେ ପରା ତାର ସାହା ଓ ଭରସା
ତା ପାଇଁ ଜୀବନ ଧନ୍ୟ ।

କୁଆଁସ , ମେର୍ଦ୍ଧା କାଟିଆଛକ , ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ।
ଭ୍ରାମ୍ୟଭାଷ - ୯୪୩୮୦୬୨୧୯୫.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମକଥା



ନେମାଳ କୁମାର ବେହେରା

ଜାଣିଚି ସାହେବ୍ !

କଣ୍ଟ୍ରୋଲ୍ ଚାଉଳର ଭାତ

ତମ ପାଟିରେ ଗଳେନି ।।

କିନ୍ତୁ,

ମୁଁ ଖାଇପାରେ ବାବୁ ।

ଫଳେଇ ପାରେ ଚିକିମିକିଆ ଫସଲ

ଭିଜେଇ ପାରେ ଶୁଖିଲା ଭୂଇଁ କୁ

ମୋ ରକତି ନିଗାଡି ।।

ହେଲେ,

ମୁଁ ଅଳପ ଦାମରେ ଦାନକଲେ ସିନା

ବାବୁ ବାବୁଆଣି ମାନେ

ଛାଇରେ,ଡାଇନିଂ ଉପରେ

ବସି ଖାଇବେ ।।

ମୁଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗରିବ ଲୋକଟା ବାବୁ !

ହିଡ ମୁଣ୍ଡରେ,ଘରଣୀର ହାତ ରଂଧା

ମୁଠାଏ ବାସୀ ତୋରାଣୀ

ମୋ ପାଇଁ ଅମରୁତ ।।

ଜାଣିଚି ବାବୁ !

ମୋର ଓଳିଏ ବି ଛୁଟି ନାଇଁ ।

ମୁଁ ବିରତି ନେଲେ ପରା

ଦୁନିଆଁ ଓପାସରେ ଶୋଇବ ।

ହେଲେ ସାହେବ୍,

ଆମକୁ ସମ୍ମାନ ଲୋଡାନାଇଁ ବାବୁ

ଅସମ୍ମାନ ଅସହ୍ୟ ହେଉଚି ପରା ।

ଜାମୁଖୋଲ, କଣ୍ଟାମାଳ, ବୌଦ୍ଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଜ୍ଞାତ



ସୁଶାନ୍ତ କୁମାର ଧଳ

ହସ ତଳେ ଲୁଚିଥିବା ବିଷ
ଛଳନାର ମଧୁର ଆଶ୍ୱାସ ।
ଅଜ୍ଞାତ ଏ ମନ
ବିଶ୍ୱାସର ପଥେ
ଭାସିଗଲା କାହିଁ
କେବେ କାହା ସାଥେ ।

ଦେଉଥିଲା କେହି
ସମ୍ପର୍କର ଦ୍ୱାହି
ଭିତରେ ଭିତରେ କା'ର
କରି ସର୍ବନାଶ ।
ଭାଙ୍ଗୁଥିଲା ଅଟଳ ବିଶ୍ୱାସ
କେହି ପୁଣି ରଚୁଥିଲା
ଷଡ଼ଯନ୍ତ୍ର ଫାସ ।

ଫାସେପଡ଼ି ରକ୍ତରଂଜିତ
ଭରି ଆସୁଥିଲା ଆଖି
ଅଶ୍ରୁ ମିଶ୍ରିତ ।
ନୀରବତା ହେଲା
ଅଥର ପାହାଡ଼
କାହା ପାଇଁ କେହି
ହେଇଗଲା ଜଡ଼ ।

ଏତାଦୃଶ୍ୟ ଭାବ
କରିଲା ବିସ୍ମିତ
ସମ୍ପର୍କର ସୂର୍ଯ୍ୟ
ହେଇଗଲା ଅସ୍ତ
ସେ ତେବେ ବି ଅଜ୍ଞାତ
କ୍ଳାନ୍ତ ଅବିଶ୍ରାନ୍ତ ।

ବ୍ରାହ୍ମଣୀକୁଳ, ଦଶରଥପୁର
ଯାଜପୁର, ୭୫୫୦୦୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରୀକ୍ଷା ଆଉ ସମ୍ପର୍କ



ପ୍ରବୀର କୁମାର ସାହୁ

ବର୍ଷ ରେ ସେଇ ସମୟ,ଯେବେ
ଦୂରତା କମେ ମୋର ଆଉ ବହିର
ଏଥର ବୋଧେ ସମ୍ପୂର୍ଣ୍ଣ ଅପହଞ୍ଚ ଥିଲି
ଭୟଥିଲା ଏ ପରୀକ୍ଷା ଯେମିତି
ହଷ୍ଟେଲ ଯିବାକୁ ବାଧ୍ୟ ନ କରେ

ଦୁଇ ମାସ ବାକି,ଶୁଭାରମ୍ଭ
କାଲେ ଦୁଇ ମାସ ପଢ଼ିଲେ
ସାହିତ୍ୟରେ ଆଗେ ପାସ ହେଇ ଯିବି
କଣ ପାଇଁ ସାହିତ୍ୟ ମତେ ନିଜର ଲାଗିଲା
ଶୁଣିଥିଲି ପ୍ରେମରେ ପଡ଼ିଲେ କୁଆଡେ ସାହିତ୍ୟ ଭଲଲାଗେ

ପ୍ରେମରେ ପଡିବା ପୂର୍ବରୁ,ଭୟ ! !
ଭୟ ର ନାଁ ଗଣିତ,ମୋ ଶତ୍ରୁ
ପୂର୍ବଥର ଭଳି ଶୁନ ରେ ସନ୍ତୁଷ୍ଟ ନ କରୁ ! !
ଜୀବନ ବର୍ବାଦ ହେଇ ଯିବ ଯେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହି ତାଙ୍କୁ ବନ୍ଦ କରି ଦିଅନ୍ତା କି

ଆଉ ବାକି ବିଷୟରେ ଭରସା ନ ଥିଲେ ବି

ବୋଉ ମଙ୍ଗଳାଙ୍କ ପାଖରେ ଓଷା କରିଥିଲା

ସତରେ କଣ ମା ପାସ କରି ଦେବେ ?

ସେ କଥା ମୋ ବୋଉ ଜାଣିଥିବ

ନ ହେଲେ କାହିଁଏ କଦଳୀ ବ୍ୟର୍ଥ ହେଇ ଯିବ

ସବୁବେଳେ ବାପାଙ୍କ ଏକା ତାଗିଦ୍

ଯେମିତି ହେଉ ତତେ ପାସ କରିବାକୁ ହେବ ଯେ

କଣ ପରୀକ୍ଷା ଫଳ ମୋ ଜୀବନ ବଦଳେଇ ଦବ

ମୋ ଜୀବନ ଠାରୁ ବଡ଼ ବୋଧେ ବାପାଙ୍କ ସମ୍ମାନ

ସେଇ ପାଇଁ ଘରୁ ବାହାରିବାକୁ ମନା

ସ୍କୁଲ୍,ଖେଳ, କୋଚିଂ ସବୁ ବନ୍ଦ

ବାହାରକୁ ଯିବାକୁ ବାହାନା ର ଅଭାବ

ପାଖ ପଡିଆ ରୁ କ୍ରିକେଟ ମ୍ୟାଚ୍ ଜିତିବାର କୋଳାହଳ

ଦୁଇ ମାସ ହେଲାଣି ସୋଇପଡିଥିବା

ଖେଳାଳୀ କୁ ଜୀବନ ଦାନ କରି ଚାଲି ଯାଉଥିଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରୀକ୍ଷା ଲାଗି ମୁଁ ଏବେ ଅଛୁଆଁ, ଏକା

ବୋଉ ସହ କଥା ବି ପଦ କେବଳ ଖାଇବା ବେଳେ

କେତେ ଦିନୁ ସାନ ଭଉଣୀ ର ବିଧା ଖାଇନୀ

ଜେଜେମା ଆଉ ଗୁଣ୍ଡି ପାଇଁ ଆଉ କହୁନି

ଶେଷ ଥର କେବେ ଦେଇ ଥିଲି ଭୁଲି ଗଲିଣି

ପରୀକ୍ଷା କଣ ସତରେ ସମ୍ପର୍କ ଛିନ୍ନ କରି ଦିଏ

କେତେ ଦିନ ର ଏ ଛିନ୍ନ ସମ୍ପର୍କ ,

ସତରେ ମତେ କଣ ପାସ୍ କରି ଦେବ

ଯଦି ମୁଁ ଫେଲ ହେଇ ଯାଏ,ତେବେ

"ସେତିକି ଭାବିବା ଥାଉ,ପାଠ ପଢ",

ସେପଟୁ ବାପା ଗର୍ଜନ କଲେ,

କଣିପାଳ, ପଟ୍ଟାମୁଣ୍ଡାଇ,କେନ୍ଦ୍ରାପଡ଼ା

୯୮୭୧୦୭୮୪୫୭

sahooprabir609@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରକୃତିର ରାଣୀ ତିଖାଲି




ଛୀରସିନ୍ଧୁ ନାଏକ

ବିଶାଳ ନୀଳ ଆକାଶେ
ବିହଙ୍ଗର କ୍ରନ୍ଦନ,
ଚତୁଃପାର୍ଶ୍ୱରେ ଅମ୍ବର
କରିଅଛନ୍ତି ଉପସ୍ଥାପନ ।

ତୋ ସୌନ୍ଦର୍ଯ୍ୟରେ ଦର୍ଶକ
ମନମୁଗ୍ଧ ହୋଇ ଦେଖୁଥାଏ ରାତିଦିନ,
ବାସ୍ତବରେ ପ୍ରକୃତି ରାଣୀ
ନୟନର ତୃଷାକୁ ମେଣ୍ଟେଇ ପାରିବ କେଉଁ ଜନ ।

ରେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି
କେଉଁ ଉପମା, ଅଳଙ୍କାରରେ ଭୂଷିତ କହିଦେ ଖୋଲି,
ତୋ ଉପମା, ଅଳଙ୍କାରରେ କିଏ ହେବକି ସରି ?
ତୋ ସୌନ୍ଦର୍ଯ୍ୟ ଦେଖି ତୋ ପ୍ରେମରେ ପାଗଳ ମୁଁ ଗତକାଲି ।

ବାସ୍ତବରେ ତିଖାଲି
ପ୍ରକୃତି କବି କହିଛନ୍ତି ଖୋଲି,
ସୌନ୍ଦର୍ଯ୍ୟ ତୃପ୍ତିର ଅବସାଧନା ନାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।

ବାସ୍ତବରେ ପ୍ରକୃତି ତିଖାଲି
ତୋ ପ୍ରେମରେ ପ୍ରକୃତିପ୍ରେମିକ କ୍ଷିରସିନ୍ଧୁ,
ପଡୁଅଛି ଭାଲି
ବାସ୍ତବରେ ପ୍ରକୃତିର ରାଣୀ ହିଁ ତିଖାଲି ।

ପ୍ରକୃତି ପ୍ରେମିକ କ୍ଷିରସିନ୍ଧୁ ନାଏକ
(+୩ ଇଂରାଜୀ ଭାଷା ସାହିତ୍ୟ ପ୍ରଥମବର୍ଷ)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ,ରାୟଗଡ଼ା
(ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଆଉ ମୁଁ



ଅମୂଲ୍ୟ କୁମାର ପଣ୍ଡା

ତୁମେ ଗୋଲାପର ସଦ୍ୟ ପାଖୁଡାଟେ
ଉଦ୍ୟାନର ଶୋଭା ରାଜି
ମୁହିଁ ସେ ଉଦ୍ୟାନେ ସଜାଗ ପ୍ରହରୀ
କ୍ଲାନ୍ତ ମାଳିଟିଏ ସାଜି ।

ତୁମେ ଫୁଲଟିରେ ଲୁଚି ରହିଥିବା
ସୁନ୍ଦର ବୃନ୍ତର ଛିଟ
ମୁହିଁ ଅସ୍ତବ୍ୟସ୍ତ ଖୋଜି ବୁଲୁଥିବା
ମଧୁ ମକ୍ଷିକାର କୀଟ ।

ତୁମେ ମହମହ ବିତରିତ ପୁଷ୍ପ
ମଧୁ ମାଳତୀର ବାସ
ମୁହିଁ ଚନ୍ଦ୍ରାଲୋକ ଜ୍ୟୋତ୍ସ୍ନାରେ ବିଭୋର
ପୂର୍ଣ୍ଣିମୀ ରାତିର ରାସ ।

ତୁମେ ଝରଝର ଝରି ପଡୁଥିବା
ଝରଣାର ଶୁଦ୍ଧ ଜଳ
ମୁହିଁ ଅଙ୍କୁରିତ ପଙ୍କର ମଧ୍ୟରେ
ଟୁବି ଗାଡିଆର ଦଳ ।

ତୁମେ ହିମାଳୟେ ମୁଣ୍ଡ ଟେକିଥିବା
ଏଭେରେଷ୍ଟ ଗିରି ଶୃଙ୍ଗ
ମୁହିଁ ଅର୍ଦ୍ଧଭଗ୍ନ ନିହାଣ ମୁନର
ବାରବାଟି ମହା ଦୁର୍ଗ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ମରୁଭୂମି ଆଶାର ଆଲୋକ

ଫୁଲା ଫୁଲା ଭରା ନଈ

ମୁହିଁ ସ୍ମୃତି ପଟ ଅଲିଭା କାଗଜ

ଫର୍ଦ୍ଦ ଫର୍ଦ୍ଦ ଛିଣ୍ଡା ବହି ।

ତୁମେ ସରଗର ସୁନ୍ଦର ପରୀଟେ

ପ୍ରୀତି ମମତାର ମୋହ

ମୁହିଁ ରାତ୍ରିଚର ତୁମରି ପ୍ରେମିକ

ଛାତି ଭରା ହୃଦ କୋହ ।

ଅରଙ୍ଗାବାଦ, ବରୀ, ଯାଜପୁର

ମୋବାଇଲ - ୯୯୩୮୯୦୬୦୭୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୀମାନ୍ତ ପ୍ରହରୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ନତ ଏ ମସ୍ତକ  ତୁମ ପାଦ ତଳେ
ହେ ପ୍ରହରୀ ସୀମାନ୍ତର
କିବା ଦିନ ଅବା  କିବା ଅବା ରାତି
ତୁମେ ସଦା ଉଜାଗର ।

ଦେଶ ମାତୃକାର  ସେବାରେ ହେ ବୀର
ଲହୁ ଉହ ଦିଅ ଢାଳି
ଶତ୍ରୁପକ୍ଷ ଜୟ  ହୋଇଲେ ଅସହ୍ୟ
ପ୍ରତିଶୋଧେ ଯାଅ ଜଳି ।

ହାତରେ କମାଣ  କରିବ ଗର୍ଜନ
ବେଳୁ ବେଳ ରହି ରହି
ଥକିପଡ଼ ନାହିଁ  ହେ ବୀର ତୁହି
କେତେ ରାତି ଯାଏ ପାହି ।

ଖରା ବରଷାରେ  ଶୀତ କାକରରେ
ସୀମାନ୍ତରେ ଥାଅ ଜାଗି
ପ୍ରତିକୂଳେ ଅବା  ଅନୁକୂଳେ ସଦା
ହେ ପ୍ରହରୀ ଥାଅ ଜଗି ।

କେତେ ଯେ ସମର  ଲଢ଼ିବ ହେ ବୀର
ଏ ଦେଶ ମାତୃକା ପାଇଁ
ରୁଧିରକୁ କରି  ମଥାର ଚନ୍ଦନ
ନିଜ ଲୁହ ନିଜେ ପିଇ ।

ସଲାମ କରୁଛି  ଏ ଦେଶ ଜନତା
ତୁମରି କର ଚରଣେ
ସଭିଏଁ ଗାଇବେ  ତୁମରି ବୀରତା
ଜନମେ ଅବା ମରଣେ ।

ବିଜ୍ଞାନ ଶିକ୍ଷକ, କଲ୍ୟାଣପୁର, ପାଣିକୋଇଲି,
ଯାଜପୁର, ଭ୍ରାମ୍ୟଭାଷ : ୮୨୪୯୪୯୯୦୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ନିରଞ୍ଜନ ସାହୁ

ନାରୀ ତୁମେ ନାରାୟଣୀ ବିଶ୍ୱ ବନ୍ଦନୀୟା
ନାରୀ ତୁମେ ସର୍ବଂସହା ଚିର ମହନୀୟା ।
ତୁମେ ଜଗତ କଲ୍ୟାଣୀ ସଂସାର ପାଳିନୀ
ତୁମେ ପୁଣି ସାଜିପାର ପ୍ରଳୟକାରିଣୀ ।
କନ୍ୟା, ଭଗ୍ନୀ, ମାତା, ପତ୍ନୀ ରୂପ ତୁମେ ଧର
ଜଗତକୁ କରିପାର ଅତି ଆପଣାର ।
ତୁମବିନା ଏହି ସୃଷ୍ଟି ଅଟଇ ଅଧୁରା
ତୁମେ କରିପାର ଏହି ସଂସାରକୁ ପୁରା ।
ସନ୍ତାନ ସୃଷ୍ଟି କରିବା ଶକ୍ତି ତୁମ ପାଶେ
ଜଗତକୁ ବଶ କର ତୁମ ଦରହାସେ ।
ତୁମେ ପୁଣି ବାଣ୍ଟିଥାଅ ଖୁସିର ପସରା
ତୁମକୁ ହିଁ ଏ ଜଗତ କରଇ ଆଶରା ।
ମାତା ରୂପେ ଢାଳିଦିଅ ଆଶିଷର ବାରି
ପତ୍ନୀରୂପେ ସ୍ୱାମୀପାଇଁ ହୁଅ ହିତକାରୀ ।
ଭଗ୍ନୀରୂପେ ସ୍ନେହ, ଶ୍ରଦ୍ଧା ଭଣ୍ଡାରକୁ ଖୋଲ
କନ୍ୟାରୂପେ ସ୍ନେହେ ସର୍ବେ କରିଥାନ୍ତି ଗେଲ ।
ଆପେ ଦୁଃଖ ସହି ଆନ ଓଠେ ଦିଅ ହସ
ତୁମେ ପୁଣି ଭରିପାର କାଳକୂଟ ବିଷ ।
ମନ୍ଥରା କୈକେୟୀ ସାଜି ଘର ଭାଙ୍ଗିଦିଅ
ସାବିତ୍ରୀ ସାଜିକି ସ୍ୱାମୀ ଜୀବନ ବଞ୍ଚାଅ ।
ଅନସୂୟା ସାଜି କର ଦେବଙ୍କୁ ଅଧୀନ
ସୀତା, ଦ୍ରୌପଦୀ ସାଜିଲେ ସୃଷ୍ଟି ଧ୍ୱଂସ ଜାଣ ।
ଧର୍ମ ସଂସ୍ଥାପନ ଅର୍ଥେ ସାଜ କାତ୍ୟାୟନୀ
ଗାର୍ଗୀ, ମୈତ୍ରେୟୀ ରୂପରେ ହୁଅ ବିଦୁଷିନୀ ।
ତବ ଚରଣ କମଳେ ମଥା ଅବନତ
ଘେନାକର ବାରେ ମୋର ପ୍ରଣତି ସତତ ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
୭୫୯୦୧୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଡିସେମ୍ବର



ରିଭୁ ଆଭୂଷଣ ପଣ୍ଡା

ଥମିଯାଆନ୍ତା କି, ସେ ସମୟ
ଯେବେ କହିଥିଲ ତମ ମନକଥା
ମୃତବୁକୁ ମୋର ପୁଣି ଧଡ଼କିଥିଲା
କମିଯାଇଥିଲା ସବୁ ବ୍ୟଥା ।୧

ଯବନସୁନ୍ଦରୀ ଭାବେ ଚିତ୍ରିତ
ତୁମେ ମୋ ସପନରାଇଜେ
ଭାବିଥିଲି କରିଦେବି ତୁମକୁ
ଜୀବନସାଥୀ ସାତ ଜନମେ ।୨

ବୋଧେ ସପନ ଦେଖିବା ଅଧିକାର
ନାହିଁ ମୋ ଜୀବନେ
ସିନ୍ଦୁର ଲଗେଇ ପାରିଲାନି ଏ ହାତ
ତୁମ ମଥାରେ ।୩

ଆଉ କାହାର ହୋଇ ବି, କହିଲ ଯେବେ
"ଆସିଯିବି ମୁଁ, ଆପଣେଇ ପାରିବ ?"
ଡରେଇଦେଲା ତୁମ ସିନ୍ଦୁର
କହିପାରିଲିନି କିଛି, କିନ୍ତୁ ସଦା ମନେପଡ଼େ
ସେଇଦିନ, ସେଇ ମାସ.... ଡିସେମ୍ବର । ୪

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାବ ସ୍ରୋତସ୍ୱିନୀ



ସରୋଜିନୀ ମିଶ୍ର

ଭାବ ସ୍ରୋତସ୍ୱିନୀ
ଆଞ୍ଜୁଳାଏ ନୀର
ମୁଖ ପ୍ରଖ୍ୟାଳନେ
ଆଣିଦେଲା
ସ୍ୱର୍ଗସୁଖ
ବିବେକର ନିର୍ଦ୍ଦେଶ
ଖସାଅ ପୟର
ମିଶିଯାଅ
ଭାବର ସାଗରେ ।

ଭାବ ସାଗରରେ
ଚତୁର୍ଭ୍ଵା ମୂରତି
ଶ୍ରୀ ବିଷ୍ଣୁଙ୍କ
ଶ୍ରୀପଦ୍ମ ଚରଣେ
ହୃଦୟ ସମର୍ପି
ପ୍ରଶାନ୍ତି ନିଳୟେ
ଦୃଢ଼ କର
ସ୍ୱଆସ୍ଥାନ ।

ମାୟାର
କାଗଜ ଡଙ୍ଗାରେ
ମନରୂପୀ ନାଉରିଆ
ଭାବର ନଈରୁ
ନେଇଗଲା ଟାଣି
ଦେଖାଇ
ଲୋଭ, ମୋହ, ଭୋଗ
ଓ ଲାଳସାର
ସୁଶୋଭିତ ଛାୟା ।

ମାୟାର ମରୀଚିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଣ୍ଟକିତ ପଥ

ହେଲା ପୁଷ୍ପମୟ

ମାୟାର ପଟଳରେ

ଚକ୍ଷୁ ହେଲା ଅନ୍ଧ

ବୁଦ୍ଧିଆଣୀ ଜାଲ

ବାନ୍ଧିଦେଲା

ଭାବନାର ଉତ୍ସ ।

ଭାବଡୋରୀରେ

ବନ୍ଧା ଥିବା

ଅଯୁତ ସ୍ୱପନ

ମନ ଶିକୁଳିର

ହୋଇଲା ଆୟତ୍ତ

ବନ୍ଦୀ ହେଲା

ସ୍ୱପ୍ନ ନିଳୟରେ ।

ହୃଦୟ ମୋ

ଆକୁଳିତ

ବିବେକ ମୋ

କରଇ ପ୍ରାର୍ଥନା

ମାୟାର ବନ୍ଧନ ଖୋଲି

ଭାବ ଚାରାଟିଏ

କର ସଂସ୍ଥାପନ

ଭକ୍ତରୂପୀ ନୀର ଢ଼ାଳି

ଭାବ ଦ୍ରୁମଟିଏ

କରିବାକୁ କରିବି ପ୍ରୟାସ

ସମର୍ପିବି

ତୁମ ଶ୍ରୀପୟରେ ।

ଅଚ୍ୟୁତରାଜପୁର, ବାଣପୁର

ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାରଣ ଆମେ ନୁହେଁ ତ



ସରୋଜିନୀ ଦାସ

ଘରେ ଘରେ ଆମେ ଦୀପ ଜାଳିଲୁ
ମନରେ ଆଶା କେତେ ଯେ ଭରି
ଦୀପାବଳିର ଆଲୋକମୟରେ
କରୋନା ଯାଇପାରେ ଅପସରି

ହେଲେ ସବୁ ଆଶା ବିଫଳ ହେଲା
ଭୟରୂପି ଅନ୍ଧକାର ଦୂର ନହେଲା

କେତେଦିନ ଆଉ ଏମିତି ହେବ ?
ଏମିତି କଣ ସବୁ ଲୋପ ପାଇବ ?

ଅଧର୍ମର ପାଲା ଭାରି ପଡିଛି
ସେଥିପାଇଁ ଧର୍ମ ହାରି ଯାଉଛି

ଏସବୁର କାରଣ ଆମେ ନୁହେଁ ତ ?
ନିଜକୁ କେବେ ପଚାରିନୁ ଏକଥା ସତ

ସବୁବେଳେ ପ୍ରଭୁଙ୍କୁ ଦୋଷ ଦେଉଛୁ
ନିଜକୁ ଦୋଷୀବୋଲି କେବେ ଭାବିଛୁ ?

କେତେ ଉପଦେଶ ଆଉ ନୀତିବାଣୀ
ଘୂରିବୁଲୁଛି ଆମ ମୋବାଇଲରେ ପୁଣି

ପଢୁ ନପଢୁ ସେସବୁ ଲିଭାଇଦେଉ
କାର୍ଯ୍ୟରେ କରି କେବେ ନଦେଖାଉ

ରାଗ, ହିଂସା ଆଉ ଗର୍ବ ଅହଂକାର
ମନରୁ କେବେ ନହୁଏ ବାହାର

ଏସବୁ ଦେଖି କରୋନା ହସୁଛି
ବୋଧେ ପ୍ରଭୁଙ୍କୁ ବହୁତ ବାଧୁଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବୁଝା ସନ୍ତାନଙ୍କ କାର୍ଯ୍ୟ କଳାପ ଦେଖି

ଅସହାୟ ହୋଇଛନ୍ତି ପ୍ରଭୁ ଚକାଆଖି

ଯଦି ଆମେ ତାଙ୍କ ଭକ୍ତ ହୋଇଥିବା

ତାଙ୍କ ଖୁସି ପାଇଁ କିଛିବି କରିବା

ଶ୍ରୀମୁଖୁ ନିସୃତ ବାଣିରେ ଗୀତା ରଚିତ

ଆମେ ବୁଝୁ ନାହୁଁ ତାର ମହତ

ନୀତିବାଣୀ ଆଗେ ଆତ୍ମସାତ କରିବା

ତାପରେ ଅନ୍ୟଙ୍କୁ ଶେୟାର କରିବା

ଅଧର୍ମ କମିଲେ କରୋନା ଯିବ

ଧର୍ମର ଜୟ ନିଶ୍ଚୟ ହୋଇବ

ଶ୍ରୀରଙ୍ଗ ଅଧରେ  ହସ ଫୁଟିବ

ସବୁ ଦୁଖ ଆମର ଦୂର ହୋଇବ

କଲ୍ପକମ୍, ତାମିଲନାଡୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ମାପିଛି ପ୍ରେମକୁ



କୃଷ୍ଣ ଚନ୍ଦ୍ର ବାରିକ

କମ୍ପାସ୍ ମୂନରେ, ପ୍ରୋଟେକ୍ଟରର ଇଲାକାରେ
ମାପିଛି ତା ଚତୁଃପାର୍ଶ୍ୱର କୋଣ ଅନୁକୋଣ
ସେ ତ; ପରିମିତିର ଆକଳନର ବାହାରେ

ମେଟ୍ରିକ୍ ପଦ୍ଧତିରେ ମାପିଛି ତା ଦୂରତା ର
ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା
ମିଳୁନାହିଁ ତା ଆଦି ଅନ୍ତର ସୀମିତତା

ବାରୋମିଟର୍ ମାପି ପାରେ କୁଆଡ଼େ ପବନର ଗତି !
ହେଲେ ପ୍ରେମ ର ଅନିଶ୍ଚିତତା ଗତି ରେ
ବୋଧେ ହାର ମାନିଯାଏ ବିଜ୍ଞାନ ର ପଦ୍ଧତି

ସେ ବିନା ନାଇଟ୍ରସ୍ ଅକ୍ସାଇଡ୍ ରେ ଓଠରେ
ଫୁଟେଇ ଦେଇ ପାରେ ଅପୂର୍ବ ଖୁସିର ସୁଅ
ବିନା ବର୍ଷଣ ରେ ବି ପ୍ରବାହିତ କରିପାରେ
ଆଖି ରୁ ଲକ୍ଷ ଲକ୍ଷ କ୍ୟୁସେକ ର ଲୁହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ତୃପ୍ତି ନୁହେଁ ମାୟାଧର ମାନସିଂହ ଙ୍କ ଆବୃତ୍ତି ରେ

ସେ ତ; ଆଜି ବି କବି ମନରେ ତୃଷାର୍ତ୍ତ ଯୌବନ

ଅଭିଧାନ ରୁ ବଛା ହେଉଥିବା କିଛି ଶବ୍ଦ ଙ୍କ ଅଭିମାନ

ତା' ଗଭୀରତା ର ଗୁଞ୍ଜନ କୁ କଏଦ୍ କରିପାରିବନି

ଫାଥୋମିଟର୍  କୌ ।ଶଳ କି କାଇଦା

ସେ ସର୍ବଦା  ଅମାପିତ ,ଅସୀମିତ, ଅକ୍ଷୁର୍ଣ୍ଣ ଓ ଅସମ୍ପୂର୍ଣ୍ଣ

ଗ୍ରା/ପୋ: ରାଜିବ

ଭାୟା: କଳାପଥର

ବ୍ଲକ୍ : ବାଙ୍କୀ

ଜିଲ୍ଲା: କଟକ

ଯୋଗାଯୋଗ: +୯୧ ୭୩୭୦୧୧୦୦୭୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାହାଚ



ସୁବାସଚନ୍ଦ୍ର ମୁଦୁଲି

ସାତ ପାହାଚରୁ ବାଇଶି ପାହାଚ

ପହଣ୍ଡି କରୁଛୁ

ଯିବାକୁ ତୋ ଜନ୍ମବେଦି

ଫେରିଲା ବେଳକୁ ମନ ବଳୁ ନାହିଁ

ଘୋଷରା ଖାଉଛୁ

ଘୋଷରା ପାହାଚେ

କେମିତି ପାରୁଛୁ ସହି

ରତ୍ନସିଂହାସନ - ମହାବେଦି ଆଉ

ରଥକୁ ତୋହର

ପାହାଚ ଦେଖିଲି ନାହିଁ

ଯଦି, ଭିନ୍ନକ୍ଷମ ବୋଲି ଚାରମାଳ ବନ୍ଧା

ତେବେ, ପାହାଚ କେଉଁଥିପାଇଁ ?

ପ୍ରାକ୍ତନ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର

ମୋ - ୯୪୩୭୭୮୧୦୫୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଢେଙ୍କି ଆଜି କାନ୍ଦୁଛି



ରାଧାମୋହନ
ପୂଜାହାରୀ

ଓଡ଼ିଶାର ପ୍ରତି ଗ୍ରାମାଞ୍ଚଳ ଆଜି
ସଂସ୍କୃତି ବିହୀନ ହୋଇଛି,
ଗ୍ରାମବାସୀଙ୍କର ପ୍ରିୟ ବସ୍ତୁ ସିଏ
ସଭିଙ୍କର ମନ ମୋହିଛି ।
ପ୍ରତିଟି ଘରେ ସେ ପ୍ରିୟ ପରିଚିତ
ସଭିଙ୍କୁ ସନେହେ ବାନ୍ଧେ,
ଶୁଭୁନାହିଁ ଆଉ ଢ଼େଙ୍କିର ପାହାର
ଘରେ ଘରେ ଆଜି କାନ୍ଦେ ।

ଶୀତୁଆ ରାତିର ପାହାନ୍ତାରେ ହେଉ
ଅବା ହେଉ ଧୁ ଧୁ ଖରାବେଳ,
କର୍ଣ୍ଣେ ବାଜୁ ନାହିଁ ତା' ପାହାର ସ୍ୱର
ଆଜି ଖାଁ-ଖାଁ ଲାଗେ ଗ୍ରାମାଞ୍ଚଳ ।
ଗାଆଁ ର ପ୍ରତିଟି ମାଁ-ବୋହୂଙ୍କୁ ସେ
ଆପଣା ସନେହେ ବାନ୍ଧେ,
ଶୁଭୁନାହିଁ ଆଉ ଢ଼େଙ୍କିର ପାହାର
ଘରେ ଘରେ ଆଜି କାନ୍ଦେ ।
ଧାନର ଛାଲିକୁ ଦୁଇ ଫାଳ କରି
ଚାଉଳ ଉତ୍ପନ୍ନ କରେ,
ସେହି ଛାଲି "ଚଷୁ" ନାମରେ ନାମିତ
ପ୍ରତି ପୁରେ ପ୍ରତି ଘରେ ।
ଚଷୁରୁ ବାହାରେ "ବଗଡ଼ା" ଚାଉଳ
ତାକୁ ମାଁ ସରାଗେ ରାନ୍ଧେ,
ଶୁଭୁନାହିଁ ଆଉ ଢ଼େଙ୍କିର ପାହାର
ଘରେ ଘରେ ଆଜି କାନ୍ଦେ ।

"ଢ଼େଙ୍କିଦେ ଦୁଲୁକେଇଲୋ ସମା କୁଟେ ଧାନ"
ଭଳି ଶୁଭୁନାହିଁ ଆଉ ଗୀତ,
ତାକୁ ନେଇ କେତେ ଢଗଢମାଳି ଯେ
ଆଜି ଲୋକମୁଖେ ଗୁଞ୍ଜରିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆପୀଢ଼ି ପାଇଁ ଅଦ୍ଭୁତ ହୋଇବ
ସେ ଝୁମିବେନି ଢ଼େଙ୍କି ନାଦେ,
ଶୁଭୁନାହିଁ ଆଉ ଢ଼େଙ୍କିର ପାହାର
ଘରେ ଘରେ ଆଜି କାନ୍ଦେ ।

ଅତ୍ୟାଧୁନିକ ଏ ବିଜ୍ଞାନ ଯୁଗରେ
ତା'ର ଅସ୍ତିତ୍ୱ ଆଉ ନାହିଁ,
ଧାନପେସା କଳ କବଳେ ଜଗତ
ଲୋକେ ବା ବୁଝନ୍ତେ କାହିଁ !
ଅଜଣା ଅଲୋଡ଼ା ହୋଇବି ମନକୁ
ସନେହ ବନ୍ଧନେ ବାନ୍ଧେ,
ଶୁଭୁନାହିଁ ଆଉ ଢ଼େଙ୍କିର ପାହାର
ଘରେ ଘରେ ଆଜି କାନ୍ଦେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ'ଣ କହିବି ?



ଡଃ ମନୋରଞ୍ଜନ
ବିଷୋୟୀ

ଅନେକ କଥା
କହିବାର ଥିଲା
ହେଲେ କହିବି ତ
କ'ଣ କହିବି ?
ନ କହିଲେ
କାହିଁକି କହିବିନି ?
କହିବି କି
ନ କହିବି
ଏତେ କଥା
ଭାବୁ ଭାବୁ
କେତେବେଳେ
ଆଖିପତା ଓଦା ତ
ଆଉ କେତେବେଳେ
ତଣ୍ଟି ଶୁଖିଲା
ହୋଇଛି
ତୁମ ଚାହାଣୀ
ମୋ ଭାବନାର ସୁଅକୁ
କଂକ୍ରିଟ୍ ବନ୍ଧ ଭଳି
ଅଟକାଇ ଦେଉଛି ।
ତୁଣ୍ଡରୁ ବାହାରୁ ଥିବା
ଶବ୍ଦ ସବୁ ଓଠ ପାଖରେ
ଅଟକି ଯାଇଛି ।
ତେଣୁ ଓଠ
ଚିପି ଚିପି
ଯନ୍ତ୍ରଣାରେ ଜର୍ଜରିତ
ଦୁଃଖ ସବୁକୁ
ହଜମ କରିବାକୁ ପଡ଼ିଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଦୂରଭାଷ: ୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଜନ୍ମାଷ୍ଟମୀ



ଡମ୍ବରୁଧର ଦାଶ

(ରାଗ - ଚୋଖି)

ଦେବକୀ ଜୀବନଧନ ଯୋଶଦା ହୃଦ ରତନ
ରାଧା ଗଳା ରତ୍ନହାର ମୂରଲୀ ଧାରୀ ;
ଷୋଳଶସ୍ର ଗୋପବାଳା ତୋ ପାଇଁ ହେଲେ ବାଉଳା
ବ୍ରହ୍ମା ଇନ୍ଦ୍ର ହାରିଗଲେ ବିବାଦ କରି ।
ଦଧି ଖାଇ ଭାଙ୍ଗୁ ମାଠିଆ
ନାଟ ଲଗାଉ ତୁ ଭାରି ନାଟ କୁଟିଆ ।।

ଗୋପୀଙ୍କର ପ୍ରୀତି ଆଶେ ବାଲ୍ୟ ଲୀଳା ପରକାଶେ
କଂସ ବଧ ପାଇଁ ଜନ୍ମ ବନ୍ଦୀଶାଳାରେ ;
ନିର୍ଜନ ରାତ୍ର ମଧ୍ୟରେ ବିଜେ କଲୁ ଗୋପପୁରେ
ବିଜୁଳୀ କନ୍ୟାକୁ ଦେଇ କଂସ ହାତରେ ।
ତା' ମୃତ୍ୟୁର ଦେଲୁ ବାରତା
ଗୋପେ ଲୀଳା କଲୁ ପାଇ ସ୍ନେହ ମମତା ।।

ଖେଳା ଲୀଳା କରି କରି ଅଷ୍ଟ ମଲ୍ଲଙ୍କୁ ସଂହାରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁରକ୍ଷା ପ୍ରଦାନ କଲୁ ଗୋପ ବାସୀଙ୍କୁ ;

ଧନୁଯାତ୍ରା ଦେଖି ଗଲୁ କଂସ ମାମୁଁଙ୍କୁ ମାରିଲୁ

କାରାଗାରୁ ଉଦ୍ଧାରିଲୁ ପିତାମାତାଙ୍କୁ ।

ସୁଦାମାକୁ କରିଣ ସଖା

ଶାନ୍ତିପନି ଗୃହେ ବିଦ୍ୟା କରିଲୁ ଶିକ୍ଷା ।।

ଧର୍ମ କ୍ଷେତ୍ରେ କୁରୁ କ୍ଷେତ୍ରେ ଧର୍ମର ସ୍ଥାପନା ଅର୍ଥେ

ଧର୍ମ ପକ୍ଷେ ରହି ଅଧର୍ମକୁ ନାଶିଲୁ ;

ଅତି ଗର୍ବେ କୁରୁ ହତ ଜାଣିଲା ସାରା ଜଗତ

ଧର୍ମ ସ୍ଥାପନେ ପାଣ୍ଡବେ ବିଜୟୀ କଲୁ ।

ସଂସାରେ ଦେଲୁ ଗୀତା ଜ୍ଞାନ

ଥରେ ଶୁଣିଦେଲେ ଧନ୍ୟ ହେବ ଜୀବନ ।।

ମର୍ତ୍ତ୍ୟେ ଜନମ ହୋଇଣ ଦିନେ ପିଣ୍ଡୁ ଯାଏ ପ୍ରାଣ

ସ୍ୱୟଂ ପ୍ରମାଣିତ କଲୁ ସଂସାର ଜନେ ;

କୋକୁଆକୁ ଭିଆଇଣ ନିଜ ବଂଶକୁ ନାଶିଣ

ପୂର୍ଣ୍ଣଚ୍ଛେଦ ପକାଇଲୁ ନିଜ ଜୀବନେ ।

କଳା କଳେବର କହ୍ନେଇ

ଯୁଗେ ଯୁଗେ ଅବତର ଭକତ ପାଇଁ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ତୁମକୁ ଭଲପାଏ



ଭାଗିରଥୀ ଯାନୀ

'ମୁଁ ତୁମକୁ ଭଲପାଏ' ବୋଲି
କହିବାକୁ ଭାରି ଲାଜ ଲାଗେ ।
ଯେତେଥର କହିବି ବୋଲି ଭାବିଲେ ବି
କହି ପାରେନା ମନ ଖୋଲି
ତୁମରି ଆଗେ ।

କିନ୍ତୁ କେଜାଣି କାହିଁକି
ଓଠରୁ କଥାଟା ବାହାରୁ ବାହାରୁ
ଅଧାରେ ଅଟକି ରହିଯାଏ ।
ମୁଁ ତ' ତୁମକୁ ଭଲ ପାଏ ବୋଲି
ତମେ ବି
ମୋ' ଭଲ ପାଇବାଟାକୁ
ବୁଝି ପାରିଥିଲ ।
ଏ କଥାଟା ମୁଁ ଅନୁଭବ କରିଥିଲି ।

ତମେ ବି ମୋତେ ଭଲ ପାଉଛ ବୋଲି
ମୁଁ ନିଃସନ୍ଦେହରେ ବୁଝି ପାରିଥିଲି ।
ପ୍ରକୃତ ଭଲ ପାଇବାର ମାନେ ହେଉଛି
ଉଭୟେ ଉଭୟଙ୍କ ଭାବନାକୁ
ସହଜରେ ବୁଝିପାରିବା ।

ଏମିତି ଦିନ ନାହିଁ ଯେ....
ମୁଁ ତମ କଥା ଭାବିନି ବୋଲି ମାନେ ନାହିଁ ।
ପ୍ରତି ମୁହୂର୍ତ୍ତରେ
ବସିଲେ, ଚାଲିଲେ, ବୁଲିଲେ...
ଏମିତିକି ତମ ପ୍ରତି ଛବି
ମୋ ଆଖି ସମ୍ମୁଖରେ ଦୃଶ୍ୟମାନ
ହେଉଥିଲା ।
କେବଳ ଏ ମନଟା ସର୍ବଦା
ତୁମକୁ ହିଁ ଖୋଜୁଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେହି ପଦୁଟିଏ କଥା କହିବା ପାଇଁ

ଯାହାକି 'ମୁଁ ତୁମକୁ ଭଲପାଏ' ବୋଲି ।

କିନ୍ତୁ ସମୟାନୁକ୍ରମେ

ମୁଁ ସମ୍ପୂର୍ଣ୍ଣ ବୁଝିଯାଇଥିଲି,

ତମେ ବି ମୋତେ ବହୁତ ଭଲ ପାଉଛ ବୋଲି

।

ଆଉ ସେ ପଦୁଟିଏ କଥାକୁ

ବ୍ୟକ୍ତ କରିବାକୁ ପଡି ନଥିଲା ।

ମୁଁ ତୁମର କେତେ ଯେ

ସ୍ୱପ୍ନ ଦେଖୁଥିଲି ପ୍ରତି ମୁହୂର୍ତ୍ତରେ

ତାହା ଆଜି ବି ଅବର୍ଣ୍ଣନୀୟ ।

ସକାଳ ଏବଂ ସଞ୍ଜର

ସେ ସମୟର ପ୍ରତ୍ୟେକ ମୁହୂର୍ତ୍ତ

ଆଜି ବି ହୃଦେ କିଛିକ୍ଷଣ

ଆହ୍ଲାଦିତ ସୃଷ୍ଟି କରେ ।।

ସେ ସମୟର କେତେକ

ପ୍ରତି ଛବି ଆଜି ବି

ଏ ଆଖି ଆଙ୍କି ଦିଏ ,

ମୋର ସମ୍ମୁଖରେ

ମନଲୋଭା ତମ ଛବି ।

କଅଁଳ ମନର ଉଛୁଳା ପିରତୀ

ସମୟ ସ୍ରୋତରେ

ହୃଦୟରେ ଜାଗି

ଚତୁର୍ଦ୍ଦିଗେ ଆଜି ମନ ଉପବନେ

ମହ ମହ ହୋଇ ମହକେ ।।

ଦଳପଡା, ଖଜୁରୀ ପଡା, ଫୁଲବାଣୀ ।

ଭ୍ରାମ୍ୟଭାଷ- ୯୪୩୮୦୨୬୮୪୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଚରା ହୃଦୟ



ଏସ୍ ଶ୍ରୀମନ୍
ନାରାୟଣ ପାତ୍ର

ବିଜ୍ଞାନ କହେ ଶରୀର ମଧ୍ୟେ,
ହୃଦୟ କରେ ରକ୍ତ ସଞ୍ଚାଳନ ।
ସାହିତ୍ୟିକ ଭାଷାରେ କିନ୍ତୁ ହୃଦୟ,
ଖେଳାଏ ମସ୍ତିଷ୍କରେ ମଧ୍ୟ କମ୍ପନ ।।୧ ।

ହୃଦୟ ଦେଇ କଲି ପୀରତି,
ପ୍ରଥମ ପ୍ରେମର ନିଆରା ସ୍ମୃତି ।
ତୁ ହିଁ ବଳ ତୁ ହିଁ ମୋର ଗତି,
ତୋ ବିନା ନାହିଁ ମୁକତି ।।୨ ।।

ପ୍ରେମ ମୋର ଖାଣ୍ଟି ସୁନା,
ତୋ ପ୍ରେମ ଶେଷ ପାଉଣା ।
ମୁଁ ରହିପାରିବିନି ତୋ ବିନା,
ତୋ ହୃଦୟ ମୋର ଠିକଣା ।।୩ ।।

ତୋ ପ୍ରେମରେ ପଡ଼ିଗଲି ମୁଁ,
ଫେକ ଫଟୋ ଦେଖି ଫେସବୁକରେ ।
ବୁଝି ବିଚାରି କାମ ନକରି,
ହୃଦୟ ଦେଲି ମୁଁ ଆତୁରେ ।।୪ ।।

ଭାଙ୍ଗିଲୁ ହୃଦୟ ମୋର ତୁ,
ଦେଇ ଗୋଟେ ଶକ୍ତ ଧକ୍କା ।
ରାଜପଥ ପରି ମୋ ହୃଦୟ,
କଚ୍ଚା ହେଲା ରହିଲାନି ପକ୍କା ।।୫ ।।

ହୃଦୟ ନୁହଇ କେଉଁ ମଣିଷର,
କାଚ ପ୍ଲାଷ୍ଟିକ ଶସ୍ତା ଖେଳନା ।
ଭାଙ୍ଗି ଦେଇ ଚାଲିଗଲୁ ତୁ,
ଆହେ ବଡ଼ ଘର ଲଳନା ।।୬ ।।

ବଡ଼ଗଡ଼, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଛାତ୍ର ଜୀବନ



ଜୟନ୍ତ କୁମାର ସାହୁ

ଆଖିରେ ମେଞ୍ଚାଏ ସ୍ୱପ୍ନ
ଆଉ ମୁଖରେ ଶାନ୍ତିର ଶବ୍ଦ
ହେଲେ ହୃଦୟରେ ଅଶାନ୍ତ ଆଗ୍ନେୟର ଜ୍ୱାଳା
କେବଳ ଧରିଥାଏ ଜଣେ ଛାତ୍ର ।

ଆଉ ସମୟ କଟେ କିଛି
ଅସଜଡା ଧାଡ଼ିର ଛନ୍ଦରେ,
କେବେ ରାତି କେବେ ଦିନ
ସବୁ ଥାଏ ତା ପାଇଁ ସମାନ ।

ପ୍ରତିବିମ୍ବ ବୋଧେ ଦେଖିଲେ ବୁଝିଯିବ
ସେଇ ନିରୀହ ମୁହଁ କୁ
ଏଇ ସେହି ଦେଶର ଭବିଷ୍ୟତ
ଯିଏ ଆଜି ନିଜକୁ ସଜାଡୁ ଅଛି ।

କିଛି ବହିର ପୃଷ୍ଠା ରୁ ତ କିଛି
ଶିକ୍ଷକଙ୍କ ନିଷ୍ଠାରୁ
ଘୋଷିଚାଲେ ଜ୍ଞାନ
କାହିଁକି ନା ସେ ହିଁ ଗଢ଼ିବ କିଛି ଜୀବନ
ଭାଙ୍ଗିବ କେତେ ଅନ୍ଧବିଶ୍ୱାସ କୁସଂସ୍କାର
ଆଉ କରିବ ପରିବର୍ତ୍ତନ ।

ବହୁତ ଲୋକ ହସା
ପୁଣି ଦେଖିବାକୁ ପଡେ କେତେ ଦୁର୍ଦ୍ଦଶା
ମନ ହୁଏ ବାଟବଣା
ହେଲେ ଉଠି କରେ ଆଉ ଥରେ ପ୍ରୟାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ
ଧୂଳି ଖେଳରୁ ସାଙ୍ଗସାଥୀ ମେଳ
କେତେ ଯେ ପର୍ଯ୍ୟାୟ
ନୁହେଁ ଏତେବି ସହଜ ।

ପରୀକ୍ଷା ପରେ ପରୀକ୍ଷା
ଆଉ ସବୁ ବୟସର ଛିଟା
ସେ ଚଞ୍ଚଳ ମନ
ଏଇ ବୟସ ରେ ଥିଲା ପ୍ରକୃତ ଜୀବନ ।

କେତେ କଲମର କାଳି
କେତେ କାଗଜ ର ଧୂଳି
ଆଉ କେତେ ଗୁରୁଙ୍କ ପରିଣାମ
ଗୋଟେ ସୁଯୋଗ୍ୟ ଛାତ୍ର ର ଜୀବନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂର୍ବୀ



ଲିଟୁ ନାୟକ

ଧନୁ ପ୍ରାୟ ଲାଗେ ଭ୍ରୂଲତା ତୁମର
ଆଖି ଲାଗେ ନୀଳ ସିନ୍ଧୁ
ଗୋଲାପୀ ଓଠରେ ଲାଜ ମିଶା ହସ
କପାଳେ କୁଙ୍କୁମ ବିନ୍ଦୁ
ଡମ୍ବରୁ ପରାୟ ତୁମ କଟି ଲାଗେ
ପିନ୍ଧ ଯେବେ ଝିନ ଶାଢ଼ୀ
ହଳଦୀ ରଙ୍ଗର କୋମଳ ଶରୀର
ଲାଗେ ଗୋଲାପ ର କଢି
ଘନ କେଶରାଜି କଟିକୁ ଛୁଏଁ ସେ
ମସ୍ତକେ ଖେଳେ ଲହରୀ
ରୂପେ ନିରୁପମା ଚନ୍ଦ୍ରମା ମୁହଁଟି
କିଏ ବା ହୋଇବ ସରି  ! !
ହଳଦୀ ରଙ୍ଗର କୋମଳ ତ୍ୱଚାରେ
ହଳଦିଆ ଶାଢ଼ୀ ମାନେ
ସରଳ ଚାହାଣି ମନ ନିଏ କିଣି
ଭାବେ ତୁମ କଥା ମନେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଧୁନିକ ସମାଜ



ରାଜେନ୍ଦ୍ର ବୋଡ଼କିଆ

ଦୁର୍ନୀତି ଅତ୍ୟାଚାର ହୋଇଲା ନଗଣ୍ୟ
ଏ ତ ସମାଜ ସମସ୍ୟା
କନ୍ୟା ଜାତ ହେତୁ କଳଙ୍କ ସମାଜେ
କରୁଛନ୍ତି ଭ୍ରୂଣ ହତ୍ୟା । । ।୧ । ।

କନ୍ୟାକୁ ବୋଝ ଭାବି ପିତାମାତା
ବିବାହ କରାନ୍ତି କୈଶୋର ବେଳେ
ଝିଅ ଯେବେ ଶୀଘ୍ର ହୁଏ ଗର୍ଭବାସ
ଭୋଗିଥାଏ ନାନା କ୍ଲେଶ । । ।୨ । ।

ନାରୀକୁ ନାହିଁ ସମ୍ମାନ ନାହିଁ ସ୍ୱାଭିମାନ
ଅନ୍ୟାୟର ଗନ୍ତାଘର
ଯୌତୁକ ପାଇଁ ସରଳିଆ ନାରୀ
ସମାଜେ ଆଜି ହୁଏ ଅତ୍ୟାଚାର । ।୩ । ।

ନାରୀ ଏକା ଜନନୀ ନାରୀ ଏକା ଭଗିନୀ
ସେ ହିଁ ସୃଷ୍ଟିକର୍ତ୍ତା
ଆଜିର ମାନବ ତାକୁ ନ ବୁଝି
କହେ ନାନା କଟୁକଥା । । ।୪ । ।

ବିଦ୍ୟାଳୟ ଛାଡ଼ି ଆଜି ଯାଏ ଛାତ୍ର
ବିଦେଶେ ଦାଦନ ଖଟି
ଗରିବୀ ବ୍ୟାଧି ଗ୍ରାସେ ପରିବାରେ
ବହିରେ ବାନ୍ଧେ ଡୋରି । । ।୫ । ।

ମୁଖରେ ସୁଜନ ମନରେ କୁଜନ
ଆଜିର ଏ ରାଜନେତା
ଧନୀକୁ ଧନ ଗରିବ ଶୋଷଣ
ଭୁଲିଗଲେ ଲୋକସେବା । । ।୬ । ।

ସମାଜ ଶାସକ ଆଜି ମନଇଚ୍ଛା
ଗଢ଼ିଲେ ସମାଜ ନୀତି
ଦୋଷୀ କରେ ଆଜି ନ୍ୟାୟର ବିଚାର
ନିର୍ଦ୍ଦୋଷ କୁ ମିଳେ ଫାଶୀ । । ।୭ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଣିଷ ଦେହୁଁ ଆତ୍ମା ଛାଡିଗଲେ
ତାକୁ କୁହନ୍ତି ମଡ଼ା
ଜୀବଜନ୍ତୁ ମାରି ଘରେ ଭୁଞ୍ଜନ୍ତି
ତାହା ହୁଏ ପବିତ୍ରତା । । ।୮ । ।
ମଣିଷ ଶବକୁ ଛୁଇଁ ଦେଲେ ପାପ
ପଶୁ ଶବ ଭକ୍ଷନ୍ତି ନିତି
ରୀତି ନୀତି ପ୍ରଥା ଭୁଲିଗଲେ ସବୁ
ଗଢ଼ିଲେ ନୂଆ ସମାଜ ନୀତି । । ।୯ । ।
ମଦମାଂସ ନିଶା ହୋଇଲା ପେଶା
ବିତ୍ତଶାଳୀ ଜନଙ୍କର
ପିତାମାତା ସେବା ଭୁଲିଗଲା ପୁତ୍ର
ଭୁଲିଗଲା ନିଜ କର୍ତ୍ତବ୍ୟ । । ।୧୦ । ।
ଏ କି ଯୁଗ ହେଲା ଭାଇ ଆଜି ଦେଖ
ପୁତ୍ର କରେ ପିତୃହତ୍ୟା
ବାପପୁଅ ର ଆଜି ବିଶ୍ୱାସ ନାହିଁ
ଏ କି ହେଲା କଳିଯୁଗ । । ।୧୧ । ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ଓଡ଼ିଶା
ସ୍ନାତକ ତୃତୀୟ ବର୍ଷ ଓଡ଼ିଆ ବିଭାଗ
କଦଳୀମୁଣ୍ଡା, ଧର୍ମଗଡ଼,କଳାହାଣ୍ଡି,ଓଡ଼ିଶା
ଭ୍ରାମ୍ୟ ଭାଷ - ୮୧୧୪୩୫୩୮୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତେଲିଆ ମୁଣ୍ଡରେ ତେଲ



ଦୁଷ୍ମନ୍ତ କୁମାର ନାଏକ

ଧନ୍ୟରେ ଯୁଗ କଳି ଆସିଲୁ ତୁ ଏହି
ବଦଳିଗଲା ରିତି ନୀତି ପନ୍ଥା ଅବଲମ୍ବନ
ପ୍ରାଚୀନ କଥାକୁ ଭୁଲିଲା ମଣିଷ
ଆଧୁନିକ ନୀତି ଆପଣାଇ ଚଳାଇଲା ଜୀବନ ପଥ

ଯଉଠି ଦେଖିବ ଉଲଟା ପାଲଟା ଚାଲିଛି କାର୍ଯ୍ୟ
ସବଳକୁ ମିଳେ ସୁଯୋଗ ଆହୁରି ଦୁର୍ବଳକୁ ଛାଡ଼ି
ରାଜନୀତିରେ ଦେଖ ନେତା ପୁଅ ନେତା
ଗରିବ ପୁଅର ଯୋଗ୍ୟତା ଥାଇ କି
ନ ପାଏ ସୁଯୋଗ ଥରେ ମାତ୍ର କେବେ

ଛୋଟା ଚାଲିବାକୁ ବାଡ଼ି ମିଳୁନାହିଁ
ଭଲ ଲୋକ କୁ ମିଳୁଛି ପେଣା ପେଣା ବାଡି
ଧନ୍ୟରେ ବିଧାତା ଧନ୍ୟ ତୋର ଲିଳା
କେତେ ପନ୍ଥା ରଚିଅଛୁ ତୁହି
ଦେଖି ମୋ ଜ୍ଞାନ ଗଲା ସରି
ହାତ ଥିଲା ଲୋକକୁ ମିଳୁଛି ସହଯୋଗ ଆହୁରି
ହାତ ନଥିଲା ଲୋକ କୁ ନାହିଁ ଏହି ସୁଯୋଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧନୀକୁ ଧନ, ମାନିକୁ ମାନ ଏହି କଳିଯୁଗ ରେ

ଏ ସବୁ ପର୍ଯ୍ୟବେକ୍ଷିତ ହେଉଛି ଏହି କଳୁଷିତ ଜଗତରେ

ଲୁହ ଝରୁଥିବ, ଭେଲା ବୁଡିଥିବ

ତହିଁରେ ସାହାଯ୍ୟର ହାତ ନାହିଁ ଗରିବ କପାଳେ

ବିନା ତେଲ ମୁଣ୍ଡିଆ ତେଲ ଖୋଜୁଥିବ କଉଠୁ ପାଇବ ତେଲ

ତେଲିଆ ମୁଣ୍ଡରେ ତେଲ ସଦା ଥୁଆ ଶୁଖିଲା ମୁଣ୍ଡ କୁ ନାହିଁ

ଚାକିରି କ୍ଷେତ୍ରରେ ଦେଖ ଥରେ ଭାଇ

ଚାକିରୀଆ ପୁଅ ଚାକିରି କରିବ

ଛେଳି ଜଗିବ ଗରିବ ପୁଅ

ଥିଲା ଲୋକ କୁ ମିଳୁଛି ଅଧିକ ସାହା

ନଥିଲା ଭାଗ୍ୟରେ ନାହିଁ ଟିକେ ସାହା

ଏ ତ କାଲିଯୁଗର ପନ୍ଥା ଅଟେ ଭାଇ

ଏମିତି ଭାବରେ ଯୁଗ ବଦଳୀଳା

ଥିଲା ଲୋକକୁ ସାହାଯ୍ୟ ମିଳୁଛି

ନଥିଲା ଲୋକକୁ ନାହିଁ

ଏଣୁ କହିଦେଲି ପଦେ କଥା ମୁହି

ତେଲିଆ ମୁଣ୍ଡରେ ତେଲ ସିନା ଭାଇ

ଶୁଖିଲା ମୁଣ୍ଡକୁ କାହିଁ ।

କଦଳିମୁଣ୍ଡା,କଳାହାଣ୍ଡି,ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୟସ



ଅନସୂୟା ପଣ୍ଡା

ବୟସ  ତ ଝଡା ପତ୍ର
ଯିଏ ଗୋଡକୁ ଜାବୁଡି ଧରେ
ବିନା  ପ୍ରଶ୍ନରେ ପଛକୁ ଫେରିବାକୁ ଦିଏନି
ଫଟୋଫ୍ରେମରେ ନିଥର ପାଲଟି ଯାଏ
ବିନା ଦ୍ୱିଧାରେ ଆପଣେଇ ନିଏ ସତ୍ୟକୁ ।

ବୟସର ଆଭାସ ମୁହଁରୁ ଦେହଯାଏ
ଆଉ ଦେହରୁ ମନ ଯାଏ ବ୍ୟାପିଯାଏ,
ଗୁପ୍ତବାସନା ସବୁ ସୁପ୍ତ ପାଲଟିଯାଏ
ପଚାରେନି କି  ପରାମର୍ଶବି  ନିଏନି
ବିନା  ସ୍ୱାକ୍ଷରରେ ।

ବୟସ ହଜେଇ ଦିଏ ଅନେକ ଆବେଗକୁ
ଲୁଚାଇପାରେନା ମୁହଁର ଭାଙ୍ଗକୁ
ଫୁଟିଉଠେ କଙ୍କାଳ ଭିତରୁ
ଲିଭୁକି ନ ଲିଭୁ ମନର ରଙ୍ଗ
ତାକୁ  ଲୁଚେଇବାକୁ  ପଡେ  ସୃଜନତାରେ,
ସଂସ୍କାରରେ ।

ବୟସ ତ ମାଗୁଣିର ଶଗଡ ପରି
ସମାଜର ସମାଲୋଚନା ଉରରେ
କି ଜୋର କରି ଆପଣେଇଲେ ବି ଫେରେନି
ମଖମଲ ପୋଷାକର ଆବରଣରେ
ଅଲୋଡା ହୋଇପଡେ ସମୟର  ଦଉଡ଼ରେ ।

୫ ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ
ସମ୍ବଲପୁର, ଓଡିଶା, ୭୬୮୦୧୮,
ଭ୍ରାମ୍ୟଭାଷ: ୯୪୩୯୭୧୧୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



କୈଳାଶଚନ୍ଦ୍ର ସାହୁ

ଯିଏ ପିଲାମାନଙ୍କ ଖୁସିରେ ଖୁସି ହୁଏ
ଯିଏ ନିଜ ସନ୍ତାନ ସନ୍ତତିଙ୍କ ପାଇଁ ବଞ୍ଚେ ଓ
ସେମାନଙ୍କ ପାଇଁ ବି ମରେ,
ସେ ହେଉଛି ମାଆ ।

ମୋ ମାଆ, ତୁମ ମାଆ, ଆମ ସମସ୍ତଙ୍କର ମାଆ
ମାଆ କେବଳ ଗୋଟିଏ ମାଆ ହୋଇଥାଏ,
ତ୍ୟାଗ ଓ ବଳିଦାନର ଜୀବନ୍ତ ପ୍ରତିମୂର୍ତ୍ତି ମାଆ,
ଯାହାର ହସ ଖୁସି ଶବ୍ଦଟି ତାର ଜୀବନ ଅଭିଧାନରେ ନଥାଏ ।

ମାଆର ସମୁଦାୟ ଜୀବନ ପିଲାମାନଙ୍କ ପାଇଁ ନିହିତ ଥାଏ,
ଯାହା ମନ ରେ କୌଣସି ଭେଦଭାବ ମନରେ ନଥାଏ ।
ସମସ୍ତଙ୍କ ମଙ୍ଗଳ, ସମସ୍ତଙ୍କ ହିତ ଓ ସମସ୍ତଙ୍କ ଉନ୍ନତିରେ
ଯିଏ ନିଜ ଜୀବନ କୁ ତ୍ୟାଗ କରିଦିଏ ।

ତଥାବି ଆମେ ସେଇ ମାଆ ଙ୍କୁ ହତ୍ୟା କରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ମାଆ ଟିଏ ହେବା ପୂର୍ବରୁ

ଜନ୍ମ ହେବା ପୂର୍ବରୁ ଭୃଣ ରୂପରେ

କେବେ ବଳତ୍କାର ରୂପୀ ଦୁଷ୍କର୍ମ କରି ।

କିନ୍ତୁ କଣପାଇଁ , କାହିଁକି ଓ କେଉଁଥିପାଇଁ ?

ଆମେ ଏମିତି କରନ୍ତି

ଯୋଉ ମାଆ ପେଟ ରୁ ଜନ୍ମ ହୁଅନ୍ତି

ସେଇ ମାଆ କୁ ହତ୍ୟା କରନ୍ତି ।

ପ୍ରଥମେ ନାରୀକୁ ମାଆର ସମ୍ମାନ ମିଳୁ

ଅତି ଆଦରରେ, ସ୍ନେହରେ ଓ ସହୃଦୟରେ

ସେଇ ମାଆ ଅନେକ ରୂପରେ ପୂଜା ପାଉ

ସେଇ ମାଆ ସଦା ସର୍ବଦା ହସୁ ଥାଉ ଓ ହସାଉଥାଉ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଧ୍ୟା ଉପବନେ କୁନ୍ତଳା



ପ୍ରହ୍ଲାଦ ସାହୁ

ସନ୍ଧ୍ୟା ଗୋ ତୁମେ ଆସନା .....

ତୁମେ ଆସିଲେ, ମୋ ଛାତିରେ ଭରିଯାଏ ହଜିଲା ଦିନର ଅଭୁଲା ବେଦନା

ଯାଇଛ ପାଶୋରି, ଫୁଲରୁ ବାସଚୋରି, ଆଉ ତୁମେ ଆସି ଦିଅନା ଯାତନା ।।

ତୁମେ ଆସିଲେ, ବାହୁଡି ଯାଆନ୍ତି ନୀଡକୁ ପକ୍ଷୀ, ଜହ୍ନରୁ ଝରିପଡଇ ଜୋଛନା

ଅଧା-ଛାଇ ଆଲୁଅରେ କି ସୁନ୍ଦର ତୁମେ, ତୁମ ରୂପ ବର୍ଣ୍ଣିବାକୁ ଭାଷା ମୁଁ ପାଏନା ।।

କେମିତି ବୁଝେଇବି ତୁମକୁ, ଚୋରି ନୁହେଁ ସେତ - ଦୁଇଟି ମନର ବାସନା

କେମିତି କହିବି ତୁମକୁ, ପ୍ରେମ ନୁହେଁ ସେତ - ମୋ ପାଇଁ ଥିଲା ପ୍ରତାରଣା ।।

ସନ୍ଧ୍ୟା ଗୋ ତୁମେ ଆସନା .....

ଆଗୋ ପ୍ରଣୟୀ-ପ୍ରୀୟେ କୁନ୍ତଳା .......

କୁ – କୁନ୍ଦଦନ୍ତୀ, କମଳେଶ୍ୱରୀ, ଆଗୋ କାନ୍ତି-କୃଷ୍ଣା

ମନ୍ଦ-ମନ୍ଦ ମନ୍ଦାକିନୀ ହାସେ, ତବ ପରଶେ ମହୀ ହରସେ

ତୁମେ ମୋ ସକଳ ସୁଖର ଆଧାର, ମୋ ଜୀବନ ଜୋସ୍ନା ।।

ନ୍ତ – ତରଂଗ-ଭରା ତନୁ-ତରଂଗିନୀ, ଚୂର୍ଣ୍ଣ-ସୁକେଶୀ,

ଗହମ-ବର୍ଣ୍ଣା, ସୁନ୍ଦର ବଦନୀ,  ଆଗୋ ମଧୁର-ଭାଷୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ରୂପ-ଗୁଣେ ସଦା ବିମୋହିତ ମୋର ହିଆ ।।

ଳା – ଲାବଣ୍ୟବତୀ, ବନଲତିକା, ପ୍ରୀୟତମା-କୁନ୍ତଳା

ଜବା-ଅଧରେ, ଚୁମି ଚିବୁକରେ, ଅଂକେ-ଅଂକବାସିକୁଂ ଘେନି

ପ୍ରୀତି ପଣତେ ବାନ୍ଧିରଖ ମୋ ଜୀବନ ଭେଳା ।।

ଆଗୋ ପ୍ରଣୟୀ-ପ୍ରୀୟେ କୁନ୍ତଳା....

ଚିଫ୍ ଏଡିଟର, ଆକାଶ ଇନଷ୍ଟିଟ୍ୟୁଟ୍, ନୂଆଦିଲ୍ଲୀ

ଫୋନ୍ – ୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସର୍ବଂସହା 'ନାରୀ'



ପ୍ରଭାତ ମିଶ୍ର

ଦୁଇଟି କୁଳର ସମ୍ପର୍କ ଧାରକୁ

ବାନ୍ଧି ରଖିଥାଏ ଯିଏ,

ଦୁହିତା ନାମରେ ନାମିତ ହୋଇଛି

ସାରା ଜଗତରେ ସିଏ ।

ସହନଶୀଳତା ପ୍ରତିକ ସ୍ୱରୂପ

ଭଗିନୀ, ଜନନୀ ସିଏ,

ଜଗତ ଯାକର ବେଦନାକୁ ଘେନି

ଅନ୍ୟକୁ ଖୁସିସେ ଦିଏ ।

ଭୋକିଲା ପେଟରେ ନିଜେ କାଟି ଦିନ

ଅନ୍ୟ ମୁଖେ ଅନ୍ନ ଦିଏ,

ଘରଯାକ ମୁଖେ ହସସେ ଫୁଟାଇ

ବେଦନା ବିଷକୁ ପିଏ ।

ପାଳିଥାଏ ନାନା ବ୍ରତ, ଉପବାସ

ପୁତ୍ର, ସ୍ୱାମୀ ପାଇଁ ସିଏ,

ପରିବାର ମୁଖ ହରସ କୁ ଦେଖି

ଜଗତ ସୁଖ ସେ ପାଏ ।

କାହା ପାଇଁ ମାଆ, କାହା ପାଇଁ ବୋହୂ

କାହା ପାଇଁ ସ୍ତ୍ରୀ ସିଏ,

ଦୁଇଟି ଅକ୍ଷରେ ପରିଚିତି ତାର

ସର୍ବଂସହା 'ନାରୀ' ସିଏ ।

ଏମ.ଏ. ଦ୍ୱିତୀୟ ବର୍ଷ, ରାଜନୀତି ବିଜ୍ଞାନ ବିଭାଗ
ଛାତ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର,
ବୁର୍ଲା
ଇମେଲ – prabhat11499@gmail.com

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଶ୍ୱାସ



ପ୍ରିୟଙ୍କା ନାୟକ

ଦଶ ଦିଗପାଳଙ୍କୁ ସାକ୍ଷୀ ରଖି
ସାତ ଜନମକୁ କରିଥିଲ ତୁମେ ସୌଭାଗ୍ୟବତୀ
ବିଶ୍ୱାସର ଦ୍ୱାହି ଦେଇ ସଜାଇଦେଲ ମତେ
ହତଭାଗୀ ।

ମାଗିନଥିଲି ମୁହିଁ ସରଗର ଚାନ୍ଦ,
ରାଜ ଉଆସର ସୁଖ,
କି ହୀରା ମୋତି ମାଣିକ
ସଜାଇ ଦେଲ ଦୁଃଖକୁ ମୋର ଅତିଥି
ବୁହାଇଦେଲ ଅଶ୍ରୁର ଧାରା ଲୋତକ ।

ତମେ ନିଜ ହାତରେ
ଧୋଇଦେଲ ମଥାର ସିନ୍ଦୁରର ରକ୍ତଧାରକୁ,
କାଢ଼ିଦେଲ ହାତରୁ ଶଙ୍ଖା
ଛିଣ୍ଡେଇଦେଲ ବେକରୁ ମଙ୍ଗଳସୂତ୍ର
କଳଙ୍କର ଗାରରେ ସବୁ ନିୟମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଦଳେଇଦେଲ ମୋ ପାଇଁ,

ଜୀବନ ଆଶା, ସ୍ୱପ୍ନ ଆଲୋକର ଅଭିଲିପ୍ସାକୁ
ଅନ୍ଧାରରେ ମିଶେଇଦେଲ ସ୍ୱାର୍ଥପର ହୋଇ ।

ବିଶ୍ୱାସେ ନିଜର ସୁଖକୁ ଜଳାଞ୍ଜଳି ଦେଇ
ସମର୍ପିତ କରିଥିଲି ତୁମ ପାଶେ
ତା ପ୍ରତିବାଦେ କଳଙ୍କିତ କହି ଦିନେ
ସଜାଇଦେଲ ବେଶ୍ୟା ଏ ସମାଜେ ।

ତମେ କି ବୁଝିବ ଗୋଟେ ସ୍ତ୍ରୀ ପାଇଁ
ତାର ଚରିତ୍ର କି ସିନ୍ଦୁର କେତେ ଯେ ମହତ୍ତ୍ୱପୂର୍ଣ୍ଣ
ତମ ପାଇଁ ତ ସ୍ତ୍ରୀ ଗୋଟେ ମାଟି ଖେଳନା
କେବେ ରଖି ପାରିଲ କି ତା'ର ବିଶ୍ୱାସର ମାନ ?

ଆବଲପୁର, ତେଇଶିପୁର, ପିପିଲି, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାର୍ଥ ହିଁ ନିଜର



ମହେଶ୍ୱର ସାହୁ

ଯିଏ ପାଇଥାଏ, ତୁମ ଠାରୁ ସ୍ୱାର୍ଥ,
ସେହି ହିଁ ତୁମ ନିଜର ।
ସମ୍ପର୍କର ରଜ୍ଜୁ, ସ୍ୱାର୍ଥରେ ହିଁ ବନ୍ଧା,
ସ୍ୱାର୍ଥପର ଯେ ସଂସାର ।।
ରକ୍ତର ସମ୍ପର୍କ, ଚାହିଁଥାଏ ସ୍ୱାର୍ଥ,
ନିଜ ଅଭିଳାଷ ପାଇଁ ।
ପୁରିଗଲେ ସ୍ୱାର୍ଥ,ହୋଇଯାଏ ପର,
ହେଲେବି ଭଉଣୀ ଭାଇ ।।
ବାଲ୍ୟକାଳେ ଶିଶୁ,ଲୋଡ଼େ ପିତାମାତା,
ଲାଳନ ପାଳନ ପାଇଁ ।
ରୋଜଗାର କ୍ଷମ, ହୋଇଗଲେ ସିଏ,
ପିତାମାତାଙ୍କୁ ଭୁଲଇ ।।
ବିପଦେ ଆପଦେ, ବନ୍ଧୁ ବୋଲି ଭାବେ,
ବିପଦୁ ବର୍ତ୍ତିବା ପାଇଁ ।
ବିପଦ ଟଳିଲେ, ସ୍ୱାର୍ଥ ଯାଏ ସରି,
ଯାଏ ସେ ମୁହଁ ବୁଲାଇ ।।
ଶିକ୍ଷାର ମୁହୂର୍ତ୍ତେ, ହୁଏ ଶ୍ରେଷ୍ଠ ଶିଷ୍ୟ,
ହୃଦେ ଗୁରୁ ଭକ୍ତି ନେଇ ।
ଉତ୍ତୀର୍ଣ୍ଣ ହୋଇଣ, ଶିକ୍ଷା ସମାପ୍ତିରେ,
ଦେଖିଣ ହୁଏ ଖତେଇ ।।
ରୋଗ ଯନ୍ତ୍ରଣାରେ, ଡାକ୍ତର ଈଶ୍ୱର,
ଗୁହାରି ନେହୁରା ଯେତେ ।
ସୁସ୍ଥ ହୋଇଗଲେ, ନକରେ ସମ୍ମାନ,
କୁହଇ ପାଉଣା କେତେ ।।
କାମନା ଜ୍ୱାଳାରୁ, ବର୍ତ୍ତିବା ପାଇଁକି,
କରିଥାଏ ସିଏ ପ୍ରେମ ।
କାମନାର ସ୍ୱାର୍ଥ, ହୋଇଲେ ବିନାଶ,
ଭୁଲିଯାଏ ପ୍ରେମୀ ନାମ ।।
ଚିକ୍କଣ କଥାରେ, ସ୍ୱାର୍ଥ ହିଁ ନିହିତ,
ଭୁଲାଇ ଦିଏ ସେ ମନ ।
ମନକୁ ଭୁଲାଇ, ହାସଲ କରଇ,
ସାର୍ଥ କାମନାର ଦିନ ।।

ଗୋପୀବିନ୍ଧା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ବିଦ୍ୟାଳୟ



ଲୋପାମୁଦ୍ରା ତ୍ରିପାଠୀ

ଏଇ ଆମ ବିଦ୍ୟାଳୟ ଏଇ ଆମ ସ୍କୁଲ୍ ।
ଏଠାକୁ ଆସିକରି କରିନାହୁଁ ଭୁଲ୍ । ।୧ । ।
ଶିକ୍ଷକ ଅଟନ୍ତି ଆମ ପୂଜ୍ୟ ପୂଜନୀୟ ।
ଛାତ୍ରଛାତ୍ରୀ ବନ୍ଧୁଗଣ ଅଟନ୍ତି ସ୍ନେହଣୀୟ । ।୨ । ।
ଏଠାରେ କରୁ ଅର୍ଜନ ଆମେ ବିଦ୍ୟା ଯେତେ ।
ଦାନ କରୁ ତାଠୁ ଅଧିକ ବହୁତେ । ।୩ । ।
ଶିଖୁ ଏହିଠାରୁ ବହୁ ଭଲ କଥା ।
ଗଢ଼ିବାକୁ ଏ ଜୀବନ ଅଟଇ ସୁବିଧା । ।୪ । ।
ଅଛନ୍ତି ଅନେକ ଏ ସୁବିଧାରୁ ବଞ୍ଚିତ ।
ଲକ୍ଷ୍ୟ ଆମ ଦେବା ପାଇଁ ଏ ସୁଖ ସଞ୍ଚିତ । ।୫ । ।
ଗଢ଼ିବୁ ଏ ଜୀବନ ଅତି ଉତ୍ତମ ।
ଚଢ଼ିବୁ କଳାଘୋଡ଼ା ମଧୁବାବୁ ତମ । ।୬ । ।
ଅଟେ ଆମ ବିଦ୍ୟାଳୟ ଅତି ମନୋହର ।
ଭୁଲିନାହୁଁ ଭୁଲିବୁନୁ କେବେ ଏ ଆଦର । ।୭ । ।

ଛାତ୍ରୀ, ସପ୍ତମ ଶ୍ରେଣୀ
ରଘୁପତି ନଗର, ଦ୍ୱିତୀୟ ଗଳି, ଦିଗପହଣ୍ଡି ରାସ୍ତା, ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ହଜିଲା ଶୈଶବ



ବାସନ୍ତୀଲତା ଜେନା

ପିଲା ଦିନ ମୋର ହଜିତ ଯାଇଛି
ଆଜି ଖୋଜି ପାଉ ନାହିଁ
ଅତୀତର ସ୍ମୃତି ହୃଦେ ସାଇତା ମୋ
ମନେ ପଡେ ରହି ରହି ॥

ମା'ର ପରଶ ସ୍ନେହର ଆଶିଷ
କେତେ ଅଳି କରୁ ଥିଲି
ବାପାଙ୍କ ପାଖରୁ ଗାଳି ଖାଉ ଥିଲେ
ମାଆ ନେଉ ଥିଲେ ତୋଳି ॥

ସାରା ଖରା ବେଳ ଖେଳେ କଟୁ ଥିଲା
ଭିନ୍ନ ଭିନ୍ନ ଖେଳ ସାଥେ
ବୋହୂ ଚୋରି ଖେଳ ଖପରା ଡିଆଁ ଯେ
କେଲି ବାଡି ବାଟି ସାଥେ ॥

ଆମ୍ବୁଲ ଆଚାର ଘରୁ ନେଉ ଥିଲୁ
ମା'କୁ ଲୁଚାଇ କରି
ସାଙ୍ଗ ସାଥି ମିଶି ବାଣ୍ଟି ଖାଉ ଥିଲୁ
ମଜ୍ଜା ଲାଗୁଥିଲା ଭାରି ॥

କଞ୍ଚା ଆମ୍ବ ସାଥେ ଲୁଣ ଲଙ୍କା ଦେଇ
ଖାଉ ଥିଲୁ ମନ ଭରି
ଖଜୁରୀ ପିଜୁଳି କେତେ ଖାଉ ଥିଲୁ
ବାଡ଼ିରେ ବିଛାଇ କରି ॥

ଝିପି ଝିପି ବର୍ଷା ଭିଜିବାକୁ ମଜ୍ଜା
ଗାଁ ସାଥି ପିଲା ମେଳେ
ବାଡ଼ି ଧରି କରି ଜେଜେ ମା ଗୋଡ଼ାନ୍ତି
ଶର୍ଦ୍ଦି କାଶ ହେବ କାଳେ ॥

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସନ୍ଧ୍ୟାରେ ବସି ମୁଁ ପାଠ ପଢୁ ଥିଲି
ନିଦ ଆସୁ ଥିଲା ଘାରି
ମା କହୁ ଥିଲେ ପଢା ସାରି ଦିଅ
ଶୋଇ ଯାଅ ଖାଇ କରି ॥

ଚିନ୍ତା ତ ନ ଥିଲା ଦୁଃଖ ବି ନଥିଲା
ନ ଥିଲା ଜଞ୍ଜାଳ କିଛି
ବଡ଼ ହୋଇ ଆଜି ଜଞ୍ଜାଳେ ଫସିଛି
ଶୈଶବ ହଜି ଯାଇଛି ॥

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଣ ବାଳକେ ମନ ଦେଇ



ସେବକ ବସନ୍ତ
କୁମାର ମହାପାତ୍ର

କାକସ୍ନାନ ବକଧ୍ୟାନ ରେ ବାଳକ,
ବକଧ୍ୟାନ କାକସ୍ନାନ ।
ଧ୍ୟାନ ଦେଇ ଯେବେ ପଢ଼ିବୁ ତୁ ପାଠ,
ଅର୍ଜନ କରିବୁ ଜ୍ଞାନ ।୧ ।

ଅଳ୍ପାହାର ଶ୍ୱାନନିଦ୍ରା ରେ ବାଳକ,
ଶ୍ୱାନନିଦ୍ରା ଅଳ୍ପାହାର ।
ମନ ଦେଇ ଯେବେ ଅଭ୍ୟାସ କରିବୁ,
କୃତକାର୍ଯ୍ୟ ବାରମ୍ବାର ।୨ ।

କୃଷ୍ଣଙ୍କୁ ପାଇବୁ  କରିଲେ ତୁ କଷ୍ଟ,
କଷ୍ଟ ପାରିଲେ ତୁ କରି ।
ଏକାଗ୍ର ଚିତ୍ତରେ  ପରିଶ୍ରମ କଲେ
ଅଜ୍ଞାନତା ଯିବ ହାରି ।୨ ।

ବିଦ୍ୟା ଅଟେ ମହାଧନ ରେ ବାଳକ,
ବିଦ୍ୟା ଅଟେ ମହାଧନ ।
ବିନମ୍ର ହୋଇଣ ଆରାଧନା କଲେ,
ହୋଇବୁ ବଡ଼ ବିଦ୍ୱାନ ।୩ ।

କ୍ରୋଧ ଅଟେ ଅଗ୍ନିରୂପ ରେ ବାଳକ,
କ୍ରୋଧ ଅଟେ ଅଗ୍ନିରୂପ ।
ଶାନ୍ତ ଚିତ୍ତେ ଯଦି ରହିବୁ ସର୍ବଦା,
ସଠିକ ହେବ ଅମାପ ।୩ ।

ଅଶୀ ଠୁ ବଳି ଲେଖନୀ ରେ ବାଳକ,
ଅଶୀ ଠୁ ବଳି ଲେଖନୀ ।
ଶକ୍ତି ତା ପାରି ତୁ ଜାଣି ଚଳାଇଲେ,
ଭବିଷ୍ୟ ପାରେ ବଖାଣି ।୪ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧୀର ଜଳ କାଟେ ଶୀଳା ରେ ବାଳକ,
ଧୀର ଜଳ କାଟେ ଶୀଳା ।
ଧର୍ଯ୍ୟ ସହକାରେ ବଢ଼ିଲେ ଆଗକୁ,
ନ ହେବୁ ଜମା ବାଉଳା ।୫ ।

ଗୁରୁଙ୍କୁ ମଣିଲେ ଇଶ୍ୱର ସମ ରେ,
ଗୁରୁଙ୍କୁ ମଣି ଇଶ୍ୱର ।
ଭକ୍ତି ସହକାରେ ଆଜ୍ଞାବହ ହେଲେ,
ହଟିବ ସର୍ବ ବିକାର ।୬ ।

ଜନକ ଜନନୀ ତ୍ୟାଗକୁ ହେଜ ରେ,
ଜନକ ଜନନୀ ତ୍ୟାଗ ।
ତାଙ୍କ ଆଶା ସ୍ୱପ୍ନ ପୁରିବା ନିମନ୍ତେ,
ସର୍ବଦା ହେଉଥା ବ୍ୟଗ୍ର ।୮ ।

ଯେମନ୍ତ ବୁଣିବୁ  ସେମନ୍ତ କାଟିବୁ,
ଯେମନ୍ତ ସେମନ୍ତ ପୁଣ ।
ସୁକାର୍ଯ୍ୟ କରିଲେ ଯଶ ତୁ ପାଇବୁ
ହୋଇଯିବୁ ତୁ ନିପୁଣ ।୯ ।

ସାନ ବଡ଼େ ଭେଦ ଭାବ ନ ମଣିବୁ,
ଭେଦ ଭାବ ବଡ ସାନ ।
ସଭିଙ୍କୁ ଦେଖିବୁ ସମାନ ନୟନେ,
ନ୍ୟାୟ କରି ଆୟୋଜନ ।୧୦ ।

ନହେବୁ ଜମା ତୁ ଦୁଃଖରେ ଅଧୀର,
ସୁଖେ ଅତି ଖୁସି ସାର ।
ସମ ଦୃଷ୍ଟି ଦେଲେ ବିଭୁ ଭରସାରେ,
ଦୁଃଖ ହୋଇଯିବ ଦୂର ।୧୧ ।

ଚନ୍ଦ୍ରପୁରା, ଝାଡ଼ଖଣ୍ଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋଇଲି ରାଣୀ



ଭାଗିରଥୀ ଯାନୀ

କୋଇଲି ରାଣୀ ଲୋ କୋଇଲି ରାଣୀ,

ତୋ' ସ୍ୱର ମୋ' ମନ ନେଉଛି ଟାଣି । ।

ଆମ୍ବ ଗଛ ଡାଳେ ଆନନ୍ଦେ ବସି,

କୁହୁ କୁହୁ ସ୍ୱରେ ଗାଉ ତୁ ହସି । ।

ପତ୍ର ଗହଳରେ ତୁ ଲୁଚି ଲୁଚି,

ଗୀତ ଗାଇବାଟା ତୋହରି ରୁଚି । ।

କୋଇଲି ରାଣୀ ଲୋ କୋଇଲି ରାଣୀ,

ଆନନ୍ଦ ମୋ' ମନ ତୋ' ସ୍ୱର ଶୁଣି । ।

କଳା ପକ୍ଷୀ ମଧ୍ୟେ ତୁ ଅଟୁ ସାର,

ତୋ' ପରି ଯେ ଗୁଣ ନାହିଁ କାହାର । ।

ଡେରି ନ କରି ମୋ' ଘରକୁ ଆସ,

ମୋ' କୁନି ଝିଅଙ୍କ ପାଖରେ ବସ । ।

ଅଭିମାନ ତୋର ମନରେ ନାହିଁ,

ଏ କଥା ଭଲରେ ଜାଣିଛି ମୁହିଁ । ।

କୋଇଲି ରାଣୀ ଲୋ କୋଇଲି ରାଣୀ,

ଜୀବନରେ କେବେ ହେବନି ଋଣୀ । ।

କାହା ମନେ କଷ୍ଟ ଦେବନି କେବେ,

ଖୁସିରେ ରହନ୍ତୁ ସଂସାରେ ସର୍ବେ । ।

ସଭିଙ୍କୁ କରି ଅତି ଆପଣାର,

ଭେଦଭାବ ସବୁ କରିବ ଦୂର । ।

ଦୁହେଁ ମିଶି ହସି ହସି ଖେଳିବ,

ଦାଣ୍ଡ ଦୁଆରରେ ଘୁରି ବୁଲିବ । ।

ସାଥି ହୋଇ ତମେ ଥିବ ଏମିତି,

କରିବନି କେବେ କାହାର କ୍ଷତି । ।

କୋଇଲି ରାଣୀ ଲୋ କୋଇଲି ରାଣୀ,

ସର୍ବେ ହୋନ୍ତି ଖୁସି ତୋ' ସ୍ୱର ଶୁଣି । ।

ଫୁଲବାଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରୂଦ୍ୟାନ

ବଙ୍ଗଳା : ଫାଲ୍‌ଗୁନି ଘୋଷ
ଓଡ଼ିଆ : ପ୍ରଶାନ୍ତ କୁମାର ନାଥ


ପ୍ରଶାନ୍ତ କୁମାର ନାଥ

ଆମର ପ୍ରେମ ମୃତ୍ୟୁହୀନ ରୂପକଥା ଭଳି
ରଙ୍ଗିନ ପାଣିରେ କେଳିକରେ ।
ପ୍ରେମର ରୂପେଲି ମାଛ ସଦୃଶ୍ୟ ସୁନେଲି ପାଣିରେ ଭାସିବୁଲେ
କ୍ଲାନ୍ତି ଆସିଲେ ମଝିରେ ମଝିରେ ଶୋଇପଡ଼େ
ଅନିକେତ୍ ଜିପ୍‌ସି ଭଳି ।୧
ମଝିରେ ମଝିରେ ମୁଣ୍ଡଟେକି ଚାହେଁ
ଆକଣ୍ଠ ଘୃଣାର ବିଷବାୟୁ
ପ୍ରେମ ଯେମିତି ଧୂସର ମଳିଚିଆ, ଚଳନ୍ତ ଓଟ
ପିଠିରେ ଅନେକ ଦିନର ବୋଝକୁ ନେଇ
ଧୀରେ ଧୀରେ ପାରିହୁଏ ମରୁଭୂମି ।୨
ଆମର ମରୁକ୍ଲାନ୍ତ ପ୍ରବାହ ଓଟବସା ଯାତ୍ରୀ ଭଳି
ଉଦ୍‌ବେଗରେ ଥାଏ ଗୋଟିଏ ମରୂଦ୍ୟାନରେ, ଯେଉଁଠି କିଛିଟା
ସ୍ତିମିତ ଆବେଗ ସୀମିତ ଆଶାର ପାଣି ଅପେକ୍ଷାରେ ଫେଣାୟିତ,
ସ୍ୱପ୍ନ ଓ ଶାନ୍ତିରେ ପ୍ରେମ ଦୂରେ ଥାଏ
ଗୋଟିଏ ମରୂଦ୍ୟାନର ଭଳି ।୩

ଗୋବିନ୍ଦପୁର, ଟାଙ୍ଗି, କଟକ
ମୋ: ୯୮୮୩୨୦୯୫୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମର୍ ହିରା, ହୀରା ଖଣେକ୍ ଆଏ

ଜେନ୍ ଦିନେ ରମେଶ ଘରେ ଝୀ ଗୁଟେ ହେଲା ସେ ଦିନେ ସେ ଚାକ୍ରି ପାଏଲେ । ସେଥିର ଲାଗି ଝୀ ର ନାଁ ହିରା ଦେଇଛନ୍ । ତାକର୍ ଘରର୍ ମହାଲଖୀ ବୋଲି ଝୀକେ ଖୁବ୍ ଲାଡେ ଗଲେ ବଢେଇଛନ୍ । ହିରା ଭି ବାପ୍ କେ ଛନେ ନାଇଁ ଦେଖ୍ଲେ ନୁରି ଖୁଜି ବୁଲସି । ବଡ୍ରେ ହେଇଥି ଆର୍ ତାର୍ ମାଁ ଜଣ୍ଡିସ ରୋଗେ ମରିଗଲା । ଦେହେ ପାର୍ ଜତନ୍ ସବୁ ରମେଶ ଆର୍ ତାର୍ ବୁଢ଼ୀ ମାଁ ବୁଝନ୍ । ବୁଢ଼ୀ ମାଁ ଝୀ ଜନମ୍ ହେଲା ବୋଲି ଖୁବ୍ ଦୁକମନା ହେଉଥାଏ ଆର୍ କାଲମୁହିଁ ଟୁକେଲ ବୋଲି ଖୁବ୍ ଗେଲ ଦିଏ । ଜନମ୍ ହେଇସାର୍ଲା କେ ମାଁକେ ଖାଏଲା, ଅଶୁଭ ଆଏ ଘର ଲାଗି ଏନ୍ତା ବାରକଥା ପରାପାଟିର୍ ଲୋକ୍ ଭି କହୁଥିଲେ । କେନସି କଥାକେ ରମେଶ ବାବୁ ନାଇଁ ସୁନୁଥାଇ ସେ ସବୁ ସମିଆନେ ତାକର୍ ଝୀ କେ କହନ୍ ମୋର୍ ହିରା, "ହୀରା ଖଣେକ୍ ଆଏ" । ବୁଢ଼ୀ ଇ କଥାକେ ସୁନ୍ଲେ ସହି ନାଇଁ ପାରେ ଆର୍ ପୁଟୁର୍ ପୁଟୁର୍ ହେଇକରି କହେ ଗଜାଟୁରି, ଅଲଖମିଏନ୍, କାଲମୁହି ଘର୍ ପରିବାର୍ କେ କାଏଲା ମତେ ହେଲେ ଖେଇଦେତୁ ।



ଡିସମ୍ବର ମେହେର

ରମେଶ ହିରାକେ ପାଠ୍ ପଢାଲେ । କଲେଜ ପଢବାର୍ ସମିଆଁ ଆଏଲାକେ ବୁଢ଼ୀ ଜିଦ୍ ଧରି ବସ୍ଲା ହିରା ପାଠ୍ ନାଇଁ ପଢୁ । ଡଙ୍ଗର୍ ତଲର୍ ଗାଁ, ଜିବା ଆଏବାର୍ ବେଲେ କେତେ କଥା, ଉଗାଲ ହେଇଗଲାନା ତାର୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେହେ । ଫେର୍ ମୁଇଁ ଆର୍ ରାନ୍ଧି ନାଇଁ ପାରେ ଜଦି ହିରା ପାଠ୍ ପଢବା ବଏଲେ ତୁଇ ସାନଲି ଆନି ପକା । ରମେଶ ବାବୁ ସେକେଣ୍ଡ ମେରେଜ୍ କରବାର୍ ଇଚ୍ଛା ନାଇଁ ଥାଇ । ହିରା ପାଠ୍ ପଢବାର୍ ଲାଗି ଆର୍ ମାଁ ର ଜିଦ୍ ଲାଗି ସେ ଫେର୍ ଥରେ ବିହା ହେଲେ ।

ମାଏସି ମାଁ ଭି ହିରାକେ ପସନ୍ଦ ନାଇଁ କରୁଥାଇ ଖୁବ୍ ଖଟୋଉଥିଲା । ହିରା ସବୁ ସହି ଦେଉଥିଲା କିଛି ଭି ଜବାବ୍ ନାଇଁ ଦେଉଥାଇ । କେତେ ଦିନ ଉତାରୁ ରମେଶ ବାବୁର ଦେହେ ଖରାପ ହେଉଗଲା । କେତେ ଓଷୋକଷା, ଗୁନିଆଁ ବାଇଦ୍, ଦେ ଦେବତା, କଲେ ଭି କିଛୁ ଅସର୍ ନାଇଁ ପର୍ଲା । କେନ୍ତା ଅନଜାନ୍ ରୋଗ ଜରେ ଘିରଲେଇ ହେଇକିନା ଆଏଖ୍ ଲିମି ଦେଲା ।

ଘର୍ ଚଲବାର୍ କଠିନ୍ ହେଇଗଲା ହିରା ଛାତିରେ ସାହାଁସ୍ ଜୁଟେଇ କରି ତାକର୍ ବାରିନେ ଶାଗ୍ ଡାଲ୍ ଚାସ୍ କରି ବସ୍ଲା । କଲେଜ୍ ଆଏଲା ବେଲେ ଶାଗ୍ ଡାଲ କେ ଧରିକରି ଆସେ ଆର୍ ବଜାରେ ବିକି କରି କଲେଜ୍ ପାଠ୍ ପଢେ ଫେର୍ ବେଲବୁଡା ଘର୍ କେ ଜାଏ । ଏନ୍ତା କରି ହିରା ଘର ପରିବାର୍ ଚଲାଉଥିଲା । ଫେର୍ ଭୀ ବୁଢ଼ୀ ମାଁ ହିରା ଉପରେ ରାଗ୍ କମୁ ନାଇଁ ଥାଇ ସବୁ ବେଲେ କହେ କେନ୍ ଲଗ୍ନେ ଜନମ ହେଲା ଜେ ବାପ୍ ମାଁ କେ ଖାଏଲା, ମତେ କେଭେଁ ଖାଏବୁ । ସବୁ ହିରା ସୁନେ କିଛୁ ଉତ୍ତର ନାଇଁ ଦେଉଥାଇ ଆଖିନୁ ଲୁହୁ ଗଦେଉ ହେଉ ଜାଉଥାଏ । ବୁପ୍ରି ପଖାନ୍ ମେତାର୍ ସବୁ ସହି ଦିଏ । କଷ୍ଟେ ମଷ୍ଟେ ଅଭାବ୍ ଅସୁବିଧା ନେ ପଡିକରି +୨ ପରୀକ୍ଷା ଦେଲା ।

ଦିନେକ ତାକର୍ ଗାଁ କେ ୩-୪ ଟା କାର୍ ଲଗାତାର୍ ଆଏଲା । ଘର୍ ସାମ୍ନା ନେ ଆସିକରି ଠିଆ ହେଲାକେ ବୁଢ଼ୀ ଚମକି ଗଲା । ଇ ଗଏଲି ଡଙ୍ଗର୍ ଗାଁ ନେ ଫେର୍ ଆମର୍ ଘର୍ ପାସେ ଏତକି ନୁଆ ନୁଆ ଗାଡି । ଅଫିସର୍ ମାନେ ବାକିର୍ ଦିସୁଛନ ବୁଢ଼ୀ କାବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଇଗଲା ଆର୍ ଜେଇ କରି ପଚାରଲା କାହାକେ ନୁରୁଛ ? ଅଫିସର୍ ଗୁଟେ କହେଲେ ହିରା ଘର୍ କେନ୍ ନେ ଅଛେ ସେ ପରୀକ୍ଷା ନେ ରାଏଜେ ଏକ୍ ନମ୍ବର ହେଇଛେ କଲେକ୍ଟର ଆସିଛନ୍ ତାଖେ ଭେଟବାକେ, ହିରା ଆମର୍ ଜିଲ୍ଲାର ଗରବ୍ ଆଏବ । ବୁଢ଼ୀ ଇ କଥା ସୁନିକରି କବସି ଗଲା ଗରବ୍ ନେ ମୁଲ୍ ମୁଲ୍ ହସୁଥାଏ ଫେର୍ ଆଏଁଖ୍ ନୁ ଲୁହୁ ଭି ବାହାରୁ ଥାଏ । ସରଗ୍ କେ ଠହଁକେଇ କରି କହେଲା ରମେଶ ତୁଇ ସତ୍ କହୁଥିଲୁ ପୁତା ଆମର୍ ହିରା, "ହୀରା ଖଣେକ୍ ଆଏ " ।

ଗଣ୍ଡାବାହାଲି ନୂଆପଡ଼ା
ମୋ-୭୮୯୪୭୮୧୩୫

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମାଁର ଅସ୍ମିତା କାବ୍ୟ

ମାଁ ଗୋ ମା ସେହ୍ନମୟୀ ମମତାର ଝରନ ଝରାଇ
ମାଁ ଗୋ ମାନବିକା ତରପାଦେ କରୁଛେ ସରଣ
ଆର୍ଶିବାଦ ଦେ ମା ମତେ ସ୍ନେହଥୁ କରି ଆଲିଙ୍ଗନ
ମା ମମତାର କୋଲ  ଗରଭଧାରି ମା ପଥରସିଲ
ମାଁ ଦୟାମୟୀ ସୁକଲ୍ୟାଣୀ ମାଁ ସଭେ ତର ପୁଅ
ମାଁ ଗୋ ଜଗତଜନନୀ ସାନତି ମୁକତି ଦେହ
ମାଁ ର ମମତା ସ୍ନେହଶରଧା ଦୟା ପ୍ରେମ ଶାନ୍ତି
ମାନବିକତା ଅହିଁସା ପ୍ରେମରେ ଅଛି ମାନବ ମୁକ୍ତି

ପେଟନୁ ଜନମ ଯେବେ କଅଁଳିଦିହେ ପଦାଘାତ
ପ୍ରକୃତି କୋଳେ ଶୋଆଏ କରୁଣା ଝରାଏ ହାତ
ମାଁ ର ରକତ ଇଦିହେ ଛିରକେ ଛିର  ବହୁଛେ
ସ୍ନେହ ଗଗାଂଜଳ ଜାହାର ଦୟା ଥି ଝରୁଛେ
ମାଟିର ପୁତଲା କଅଁଳିଆ ଶିଶୁ ଅତି ଦୁର୍ବଳ
ମାଁର ଆଦର ଯତ୍ନେ ଧିରେ ଧିରେ ହୁଏ ସବଳ
ମାଁ ମାଟି ଜନମମାଏଟ ନାଇ କରି ଦେବୁ ପର



ଏମ୍ ବିଜୟ୍ କୁମାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଁ ବଲି ତତେ ଶରଧାନେ ଡାକୁଛେ ମାଁ ମଗଂଳ

ମାନ ମହତ ଇଜତ ଲାଗି ଢାପିଥାଉ ପଣତକାନି
ଗୁଣ ହୁଏ ସବୁ ହୁରଗୁନି ଜଏ ମାଁ ଜଗତର ରାନୀ
ଶିଶୁ ହୋଇ ଖୋଜେ ପ୍ରାଣଭରା ପ୍ରେମ ତୋକୁଳେ
ଅନନ୍ତପ୍ରେମ ହୃଦୟ ରକ୍ତ ଦେଇ ସୁଖପାଅ ମୁଳେ
ଗରଭଧାରି ଦୁଖ ଗରଭଧାରି ମାଁ ହି ଜାନସି
ଦରଦ କାଣା ଜାନବାକେ ବାଝେନ ମାହେଜି
ମଗଂଳ ଲାଗି ଯେବେ ମାଁସ୍ନେହଶାସନେ ଦିଏ ଦଣ୍ଡ
ଭବିଷ୍ୟତ ବିଚାର କରେନାଇ ଯିଏ ତ ସ୍ନେହଭଣ୍ଡ

ମାଁ ର ଅସ୍ମିତା କାବ୍ୟ ଲେଖବାର ଆରମଭ କବି
ମାଁ କହେଜୁଲୁମକାହାଣି ଶୁଦ୍ରର ଆଲାମ ବେତାବି
ମାଁ କହିଗଲା ଆଶୁରକତ ଝରାଇ ସପନେ ପୁଓ
ବିହୋସନେ ନାଇ ଶୁଅ ପୁତା ଅଭି ଜାଗ ଜାଓ
ମା ହାଡ଼କଂକାଳ ଧରି ଆଘେଠିଆ ରୁପଭୟକାରି
ଜିବନ ନୁହେଁସେ ମୁନସ ଯହି ଜିଉଛେ ମଲା ପରି
ମାଁର ଆଶୁଁ ବନ୍ୟା ହେଉଛେ ଭିଜୁଛେ ପଣତ
ମାନବ ଜାତିର ମାଁ  ଗୋ କହ ସକଳ ବୃତ୍ତାନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଁର ଅସ୍ମିତା ଭାଗିଂ ଯାଇଛେ ଆଶା ଭରସା

ବିଶ୍ୱାସ ହଜିଛେ ଆଖୁଁଦେଖୁଛେ ଅବେବସତା

ମାନବ ଜାତି ଏକ ସମାନ ରକତନେ ଗଢା

ସ୍ୱାଧିନ  ମଣିଷ ଫିର କାଏଜେ ଅନ୍ଧ ନିଗୁଢା

ମାଁର ଆଶୁଁ ଝରୁଛେ ହୃଦୟ କାନ୍ଦୁଛେ ସବୁଦିନ

କଥା ଓ ଗାଥା କହିବାକୁ ତୋ ସପ୍ନେ ଦରଶନ

ମଧୁର ଭାଷୀ ମରିସାରିଛି ଅମରୁତ ଭାଷା

ଜାଣି ଜାଣି ଉପଭୋଗ କରୁଛ ଦୁର୍ଦଶା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନ୍

ଇ ସପନ୍ ଇ ସପନ୍....... !
ଶୁଇଲା ବେଲେ ଆସୁଛେ
ବିଶୁଆସ୍ ବିହନ୍ ବୁନିଦଉଛେ,
ନୂଆଁ ଦୁନିଆଁଥି ମନ୍ କେ ଘାଏ
ନୂଆଁ ମହକେ ମହକେଇ ଦଉଛେ ।
କେତେବେଲେ ହଁସଉଛେ
ତ କେତେବେଲେ କନ୍ଦଉଛେ,
କେତେବେଲେ ଡରଉଛେ
ତ କେତେବେଲେ ଚମ୍'କଉଛେ ।
କୁନୁଆଁ ବାଗିର୍ ରାତି ଆସୁଛେ
ସବୁ ଦରବ୍ ଚହରଉଛେ,
ଯେନ୍ତା ଉଠି ପଡ୍'ଲେ
ଛୁଛାକେ ଏକ୍'ଲା ଛାଡ଼ି
କାଏଁ ଯେ ସଥେ ପଲେଇ ଯଉଛେ ?
ଇ ସପନ୍ ଇ ସପନ୍......... !



ବିଶ୍ୱନାଥ ଭୁଏ

କେଶାଇପାଲି, ଭଟଲି, ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୯୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଲ୍ ବିଜେ

ଧରଲେ କଲମ୍

'ଜ୍ଞାନ'ର୍ ବେଲ୍ ଉଦସି,

କଲମ୍ ଧରୁ ହେଲେ ଯବର୍

ସଂସାର୍ ଗୁଲା ଦଗ୍ ଦଗିସି,,

ଶୁଇ ଥିବାର୍ ମୁନୁଷ୍ କେ

ଉଠେଇ ଦେସି ସାହି ପୁରତୁନ୍ କଲମ୍,

ମାୟା ଜାଲର୍ ଅଚେତ୍ ମୁନୁଷ୍

ପାଏସି ମୁନୁଷ୍ ସୋର୍ ଛାଡି ଭରମ୍,,

'ଭାବ'ର୍ ସାହି ବଲେ

ଲେଖା ହେସି ବରକସ୍

କରସି 'କାଲ୍ ବିଜେ' ,

ପାରଲେ ବନେଇ ରକତେ ଗାଗରର୍ ସାହି

ଯାଏସି ଚରକି ନା' "ଜୁନହାଁ ଫରଦେ"



ସୁନିଲ୍ କୁମାର ଅଗସ୍ତି

ଟିଟିଲାଗଡ଼, ବଲାଙ୍ଗୀର

ମୋ/୭୬୮ ୪୮୬ ୯୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନେ ରାମ୍ ନିହିତ ରାମା

ବାରଆଡୁ
ତେର କଥା ସାଜିହେଇ
ସଜେଇ ହେଇ ଥିସନ୍
ବେଲ୍ ଥଉନ୍ ଥଉନ୍
ଦିନ୍ ସାରା ଖଟିଖଟି
ହତାସିଆ ଅଲାଜିଆ
ବାହା ଜାଂଗଲର୍
କସକସାଲା ଭିଡାନ୍ ଭାରାର୍
ଦରଦ୍ କେ ହୁଲଗୁଲା କରବାକେ ।



ଖଟ୍ ଧଏଲା ଉତରୁ
ଆଏଖ୍ ଜୁଡାକ ମିଲକି
ଲୁକି ନେସନ୍ ପତା ତଲେ
ହେଜ୍ଜି ବେଲେ କିଏ ଆସି
ମନର ଅରମାନ୍ ସବୁକେ
ଘାଏକେ ମେଟେଇ

ସହଦେବ ଧରୁଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଷତର୍ ସିମନା ତେହେକେଇ

ଉଡଉଥିସି ଉଡାଜାହାଜେ ।

କଡ୍ ଲେହେଟାନିନ

ଏଁଖ୍ ପତା ଖୁଲିଗଲେ

ଉଲଟି ଯଉଥୁସି ପୁରଥି

ପୋଲ୍ ଖୁଲି ଭୋଲ୍

ଖଟର୍ ଗଁଦୁଆ ବାଏଜ୍ କରି

ଫର୍କଟଇ ହଉଥିସି ଦିହିଁନୁ

ଘରର୍ ଛାଏନ୍ ଉପ୍ରୁ

ଜନ୍‌ଟା ଢୁଂଗୁଥିସି

ହୁର୍ସିଆ କର୍ବାକେ ।

ସବୁ ଫଟାଟୁଟା ଦଦ୍ରା

ଲଡଂଗ୍ ଭସ୍ ଗୁଲଗୁଲା ପସରା

ସତେଇ ପକାସି ମାଡିବସି

ବଡା ଫାରି ସୁନାର୍ ହିରନ୍

କେନକେ ଛୁ ଚମପଟ୍

ଆର୍ ମନ୍ ହଉଥୁସି ଉଠ୍ ବସ୍

ପାହି ଆସୁଥିସି ସକାଲ୍ ...

ଚରା ନୁରା ସମିଆ ନିକେ

କମର୍ କସବାକେ... ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ,ଭବନେଶ୍ୱର

ମୋ.ନଂ: ୭୬୮୨୮୬୭୬୩୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାର ଦିନେ ମଶାନ

ନିରମଲ୍ ପାନି ଦଉଛନ୍ ଟେଣିଁ
ହରବରେ ଫିକେ ନାଡ଼ି,
ଦପ୍ ଦପ୍ କରି ଧୁକ୍ ଧୁକେ ଛାତି
ଜୀବନ୍ ଗଲାନ ଛାଡ଼ି ।୧ ।

ପୁଓ, ଝିଇ, ନାତି, ଭାଇ, ବଂଧୁ ଗୁତି
କାଂଦି କାଂଦି ହେଲେ ଗଦା,
ଚାରି ଜନେ ଚାରି- ଝନ୍ ଖଟ୍ ବୁହି
ନେଲେନ ମଶାନ୍ ପଦା ।୨ ।



କୌଶିକ ସାହୁ

କାଟ୍ ଖଁଣେ ଖଁଣେ ପାଏଲା ପୁପରା
ଶୁଖା ପିଁଡକେ ଆଁଖଲେ,
ପିଁଡ୍ ଗଲା ପୁଡ଼ି ଜିବ ଗଲା ଉଡ଼ି
ଅମର୍ ହେବୁ ବଏଲେ ।୩ ।

ଅଏନ୍ ଲୁକଟେ ମରିଗଲା ବୋଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗାଆଁଟା ହଉଛେ ଝୁରି,
ମୁନୁଷର୍ ଭଲ୍-        ମଂଦ୍ ଜନା ପଡ଼େ
ଜୀବନ୍ ଗଲେତ ସରି  ।୪  ।

ଛି-ପଦ୍ ନରକେ        ସୁ-ପଦ୍ ସରଗେ
କାମ୍ ଜାନିକରି ଫଲ୍,
ଚୁରର୍ ମାଏଝୀ        ତାଏଟ୍ କନାଥି
କାଂଦି ମରେ ଦର୍ ଦର୍  ।୫  ।

ତିନ୍ ଦିନେ ତେଲ୍        ଦଶଦିନେ ଦଶା
ଏଗାର ଦିନେ ତ କାମ୍,
କାମ୍ ସରିଗଲେ        ପିଦର୍ ନ ମେଶେ
ବାଆର ଦିନେ ମଶାନ୍  ।୬  ।

ଭେଜିଁପଦର, ଘୁନସର, ବଲାଙ୍ଗିର
ମୋ.ନଂ. ୭୦୦୮୫୯୧୦୬୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀକାରୀ

( ଭାଗ ୩ )

ଛାଡ଼ ସେ କଥାକେ କେ ପତ୍ରା ତାକେ

ପଲାଲେ ଆର୍କ ଦିନେ,

କହେଲେ ତାକଁର୍ ଘର୍କେ ତ ଯିମୁ

ଦେଖି କେଭେ କାଲେ ଦିନେ ।

ସେ ଦିନ୍ ତ ପରେ ଉସ୍ତାର୍ ଘରେ

ମିଲୁଛେ ଯେ ଦେଖି ଯିମୁ,

ହେନ୍ ତା ନେଇସେ ଉସ୍ତାର ଅଛେ

ତାକଁର୍ ମଦ୍ ପିଇମୁ ।

ଆମ୍ର ଘରକେ ଆଏଲେ କୁକ୍ରା

ତାଙ୍କର ଘରେ ଉଖୁରା,

ମୋର୍ କକା ଥରେ ତାଙ୍କ୍ ଘର୍ ଯାଇ

ହେଲା ହିନସ୍ତା ପସ୍ରା ।

ଏକ୍ଲା ତ କକା ବୁଲି ଯାଇଥିଲା

ଦେଖ୍ବାର୍କେ ହେ ଘର୍,

ଏନ୍ତା ହିସାବେ ତାହାକେ ବଟାଲେ

ନିଥାଇ ସୁଓର୍ ସୁତର୍ ।



ଦେବଦତ୍ତ ସନ୍ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଦେମଦେ ଖାଲି ଆଏଲା ସେ ଚାଲି
ପିଇଥାଏ ଗନ୍ଧୁଥାଏ,
କକାକେ ତ ଦେଖି ସବୁ ଜାନିଗଲିଁ
ଭାବ୍ଲିଁ ଆର୍ ନି ଯାଏଁ ।
ମଦ୍ ଛାଡ଼ିଗଲା ଉତାରୁ କହେଲା
ମଦ୍ ଭାଟି ଘର୍ଘର୍,
ଝିଇକେ ଦେଲେ ତ ଖାଲି ସେ ଉସତ୍
ଲାଗ୍ବା ଗାଆଁ ନିଜର ।
ଛାଡ଼ ତାର୍ କଥା ମଦର୍ ସେ ଭୁଖା
ତାର୍ କଥା କାଁ କହେମି,
ଜଙ୍ଗଲ୍ ଭିତ୍ରେ ଚାଲିଁ ଧିରେଧିରେ
କହି ଦୁଃଖ୍ କାଏଁ ଦେମି ।
ଇନ ବୁଲୁଥିଲେ ଗଛ ତଲେଁତଲେଁ
ଦୁଃଖ୍ ବି ସୁଖ ନିଜର୍,
ଗଲା କଥା ଗଲା ସିଏ ନେଇ ଫିରେ
ଇ ସମିଆଟା ବତର୍ ।
କିଏ ଜାନେ କାଣା ହେବା ପରେ ଉନା
ଇର୍ତ୍ତମାନ୍ ଇ ସମିଆ,
ଦୁଃଖେ ଖାଲି ଟିକେ ମୁହେଁ ହସିଦେଲ
ଲାଗବା ଖୁସ୍ ମସିଆ ।

କେତେବେଲେ ସିନା ହସ୍ବା ଜମାନ
ନେଇଁ ଖାଇ ହଁସଲଡୁ,
ହଁସଲା ଲେଖେ ତ କଥା ଟେ କହେମି
ଅତିତ ଟିକେ ମନେ ପଡୁ ।
ମନେ ପଡ଼ିଗଲା କଥା ଆଏ ପିଲା
ଦିନର୍ ପଡୁେଛେ ସୋର୍,
କହୁଛେଁ ଶୁନ୍ବ ତାର ପରେପରେ
କହେବ ସମିଆ ମୋର୍ ।
ଦଶ୍ ଯେ ବଚ୍ଛ ମତେ ହଉଥାଏ
ପିଲା ବାଗି ଦିଶୁଥାଏଁ,
କରିଆ ଗୁଟେ ତ ଅଟେଁ ଭିଡ଼ି ହେଇ
ମୁଇଁ ଗାଧି ଯେଇଥାଏଁ ।
କେହି ନେଇ ଯନ୍ ଜନେ ଦୁଇ ଜନ
ଯାଏସନ୍ କେଭେ ଗାଧି,
ମୁଇଁ ଏକ୍ଲା ତ ଯାଇଥାଏଁ ବୁଲି
ଆସ୍ବି ଭାବି ଗାଧି ।
କଁଟା ଆରିଆରି ଚାଲିଚାଲି କରି
ଉଟ୍ରିଁ ତ ଘାଟ୍କେ,
ଦେଖ୍ଲିଁ ତ ସେନ ତିନ୍ ଗାଧୁଛନ୍
କିଏ ଫିର୍ବା ଘର୍କେ ।
(କ୍ରମଶଃ)

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜନସଂଖ୍ୟା ବିସ୍ଫୋରଣ : ମଣିଷପାଇଁ ଅଭିଶାପ



ନିଗମ କୁମାର ବେହେରା

ବୈଜ୍ଞାନିକଙ୍କ ମତରେ ଧରାପୃଷ୍ଠ ଏଯାବତ ୫ଟି ମହାବିଧ୍ୱଂସର ମୂକସାକ୍ଷୀ ଏବଂ ଏହି ମହାବିନାଶରେ ପୃଥିବୀ ନିଜ ୮୦ ପ୍ରତିଶତ ଜୀବଜୀବନକୁ ହରାଇଛି । ଏହି ପ୍ରଳୟଙ୍କାରୀ ବିନାଶ ଗୁଡିକରେ ଅନେକ ବଳଶାଳୀ ଓ ବିରାଟକାୟ ଜୀବ ପୃଥିବୀରୁ ନିଶ୍ଚିହ୍ନ ହୋଇଯାଇଛନ୍ତି । ଏସବୁ ସତ୍ତ୍ୱେ ମନୁଷ୍ୟ କ୍ରମିକ ବିକାଶକୁ ପାଥେୟ କରି ଆଜି ଧରାପୃଷ୍ଠରେ ରାଜୁତି କରୁଛି । କିନ୍ତୁ ବର୍ଦ୍ଧିତ ଜନସଂଖ୍ୟା ମାନବ ସମାଜ ଉପରେ ବୋଝ ପାଲଟିଯାଇଥିବା ବେଳେ ଦିନେ ଏହାର ବିନାଶର ପ୍ରମୁଖ କାରଣ ମଧ୍ୟ ପାଲଟିବ । ଆଜି ସମଗ୍ର ବିଶ୍ୱ କରୋନା ମହାମାରୀର କବଳରେ ଏବଂ ଏଥିରୁ ମୁକ୍ତି ପାଇବା ପାଇଁ ଟୀକାର ଆବଶ୍ୟକତା ରହିଛି କିନ୍ତୁ ବିଶାଳ ପୃଥିବୀର ବିଶାଳ ଜନସଂଖ୍ୟା ପାଇଁ ଟୀକାଦାନ ସମୟ ସାପେକ୍ଷ ଓ ଅନେକ ଗରିବ ଦେଶ ଟୀକା କ୍ରୟ କରିବା ପାଇଁ ମଧ୍ୟ ଅସମର୍ଥ ।

ଜନସଂଖ୍ୟା ବୃଦ୍ଧି ମନୁଷ୍ୟର ମୃତ୍ୟୁ ଉପରେ ବିଜୟକୁ ସୂଚିତ କରୁଥିବା ବେଳେ ଅନ୍ୟ ଦିଗରେ ଏହା ମଧ୍ୟ ସତ ଆଜିର ଦିନରେ ପ୍ରାୟ ୨୦୦ କୋଟି ଲୋକ ଉପଯୁକ୍ତ ଭୋଜନ ପାଇବା ପାଇଁ ସକ୍ଷମ ନୁହଁନ୍ତି । ଆଜି ସମଗ୍ର ବିଶ୍ୱର ଜନସଂଖ୍ୟା ୭୮୦ କୋଟିରେ ପହଞ୍ଚିଥିଲା ବେଳେ ୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରମୁଖ ଜନସଂଖ୍ୟା ବହୁଳ ଦେଶରେ ଚୀନ, ଭାରତ ଓ ଆମେରିକା ରହିଛନ୍ତି । ଆଜି ଚୀନର ଜନସଂଖ୍ୟା ୧୪୦ କୋଟି, ଭାରତର ଜନସଂଖ୍ୟା ୧୩୫ କୋଟି ଏବଂ ଆମେରିକାର ଜନସଂଖ୍ୟା ୩୨ କୋଟିରେ ପହଞ୍ଚିଛି । ୧୮୦୦ ମସିହାରେ ବିଶ୍ୱ ଜନସଂଖ୍ୟା ୧୦୦ କୋଟିରେ ସୀମିତ ରହିଥିଲା ଏବଂ ୧୦୦ କୋଟିରୁ ୨୦୦ କୋଟିରେ ପହଞ୍ଚିବା ପାଇଁ ୧୩୦ ବର୍ଷ ସମୟ ଲାଗିଥିଲା । ଏହାର ପରବର୍ତ୍ତୀ ସମୟରେ ୧୯୬୦ ମସିହାରେ ୩୦୦ କୋଟି, ୧୯୭୪ ମସିହାରେ ୪୦୦ କୋଟି, ୧୯୮୭ ମସିହାରେ ୫୦୦ କୋଟି, ୧୯୯୯ ମସିହାରେ ୬୦୦ କୋଟିରେ ପହଞ୍ଚିଥିଲା ବିଶ୍ୱ ଜନସଂଖ୍ୟା । ବିଶ୍ୱର ପ୍ରାୟ ୫୨ ପ୍ରତିଶତ ଜନସଂଖ୍ୟା ୩୦ ବର୍ଷରୁ କମ ବୟସ୍କ ହୋଇଥିବା ବେଳେ ୯୦ ପ୍ରତିଶତ ଯୁବ ବିକାଶିତ ଦେଶର ନିବାସୀ । ଅର୍ଥାତ ପୂର୍ବ ତୁଳନାରେ ଯୁବ ଜନସଂଖ୍ୟାରେ ବୃଦ୍ଧି ଘଟିଛି କିନ୍ତୁ ଏହାର ସୁବିନିଯୋଗ କରିବାରେ ଅନେକ ଦେଶ ଆଜି ଅସମର୍ଥ । ଆଜି ସମଗ୍ର ବିଶ୍ୱରେ ପ୍ରତି ସେକେଣ୍ଡ ପିଛା ୫ ଜଣ ଶିଶୁ ଜନ୍ମ ନେଉଥିବା ବେଳେ ୨ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଜାତିସଂଘର ତଥ୍ୟାନୁସାରେ ବିଶ୍ୱ ଜନସଂକଖ୍ୟା ୨୦୬୪ ମସିହାରେ ୯.୭ ଅରବ ଏବଂ ୨୧୦୦ ମସିହା ବେଳକୁ ୧୦.୯ ଅରବରେ ପହଞ୍ଚିବ ।

ଦୁନିଆର ୫ ଜନବହୁଳ ସହର ଦକ୍ଷିଣ ଏସିଆରେ ହିଁ ରହିଛି ଏବଂ ଏଥିରେ ଆମ ଦେଶର ୨ଟି ସହର ସ୍ଥାନିତ । ବାଂଲାଦେଶର ରାଜଧାନୀ ଢାକାରେ ୪୪ ହଜାର ଲୋକ ପ୍ରତି ବର୍ଗ କିମି ଅଞ୍ଚଳରେ ରହୁଥିବା ବେଳେ ପାକିସ୍ତାନର ହାଇଦ୍ରାବାଦ ସହରରେ ୪୧ ହଜାର ଲୋକ ପ୍ରତି ବର୍ଗ କିମି ଅଞ୍ଚଳରେ ରହୁଛନ୍ତି । ସେହିପରି ଭାରତର ବିଜୟୱାଡ଼ା ସହରର ଜନସଂଖ୍ୟା ପ୍ରତି ବର୍ଗ କିମି ପିଛା ୩୧ ହଜାର ଏବଂ ଭାରତର ସ୍ୱପ୍ନର ସହର ତଥା ବାଣିଜ୍ୟ ରାଜଧାନୀ ମୁମ୍ବାଇରେ ପ୍ରତି ବର୍ଗ କିମି ପିଛା ୨୬ ହଜାର ଲୋକ ନିବାସ କରୁଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆର ସହରୀ ଜନସଂଖ୍ୟା ୩୯୦ କୋଟି ହୋଇଥିବା ବେଳେ ଦୁନିଆର ୩୦ ପ୍ରତିଶତ ସହରୀ ଜନସଂଖ୍ୟା ଚୀନ ଓ ଭାରତରେ ବସବାସ କରନ୍ତି । ୧୯୭୫ ମସିହାରେ ବିଶ୍ୱରେ ୩ଟି ମେଗା ସହର ରହିଥିଲା କିନ୍ତୁ ୨୦୧୫ ମସିହା ବେଳକୁ ଏହି ସଂଖ୍ୟା ୩୫ଟି ପହଞ୍ଚିଛି । ଏକ ସର୍ଭେନୁଯାୟୀ ୨୦୫୦ ବେଳକୁ ବିଶ୍ୱର ୭୦ ପ୍ରତିଶତ ଜନସଂଖ୍ୟା ସହରରେ ବସବାସ କରିବେ ।

ସମଗ୍ର ଦୁନିଆରେ ମୁଣ୍ଡପିଛା ହାରାହାରି ମାସିକ ଆୟ ୯୯ ହଜାର ହୋଇଥିବା ବେଳେ ଦୁନିଆର ପ୍ରାୟ ୧୨୦ କୋଟି ଲୋକ ଏମିତି ମଧ୍ୟ ରହିଛନ୍ତି ଯେଉଁମାନଙ୍କ ଦୈନିକ ଆୟ ୭୭ ଟଙ୍କାରୁ ମଧ୍ୟ କମ । ସେହିପରି ୮୦ କୋଟି ଲୋକଙ୍କ ପ୍ରତିଦିନ ଆୟ ୧୩୦ ଟଙ୍କା ହୋଇଥିବା ବେଳେ ଦୁନିଆର ୬୨ ପ୍ରତିଶତ ଧନୀଙ୍କ ପାଖରେ ଦୁନିଆର ୫୦ ପ୍ରତିଶତ ଗରିବଙ୍କଠାରୁ ଅଧିକ ଧନ ରହିଛି । ପ୍ରତିଦିନ ୩୪ ହଜାର ଲୋକ ରୋଜଗାର ପାଇଁ ନିଜ ଦେଶ ତଥା ରାଜ୍ୟ ତ୍ୟାଗ କରିବାକୁ ବାଧ୍ୟ ହେଉଥିବା ବେଳେ ଜାତିସଂଘର ତଥ୍ୟାନୁସାରେ ବର୍ତ୍ତମାନ ବିଶ୍ୱରେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଶରଣାର୍ଥୀ ରହିଛନ୍ତି ।

ନାରୀ ପ୍ରଗତି ଓ ଶିକ୍ଷା ସମସ୍ତ ଦେଶର ଶାସକ ଦଳର ପ୍ରମୁଖ ନାରା ହୋଇଥିବା ବେଳେ ପ୍ରତିବର୍ଷ ସମଗ୍ର ବିଶ୍ୱରେ ୬ କୋଟି ୨୦ ଲକ୍ଷ ଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ସେହିପରି ବିକାଶିତ ଦେଶଗୁଡ଼ିକରେ ଝିଅମାନଙ୍କ ପାଠପଢ଼ା ପଞ୍ଚମ ଶ୍ରେଣୀରେ ବନ୍ଦ ହୋଇଯାଉଥିବା ବେଳେ ଗରିବୀ ଯୋଗୁଁ ଦୈନିକ ୪୭ ହଜାର ଝିଅ ୧୮ ବର୍ଷରୁ କମ ବୟସରେ ବିବାହ କରିବା ପାଇଁ ବାଧ୍ୟ ହେଉଛନ୍ତି । ଦୁନିଆର ପ୍ରାୟ ୬୬ କୋଟି ଲୋକ ମୌଳିକ ସୁବିଧା ତ ଦୂରର କଥା ସ୍ୱଚ୍ଛ ପାନୀୟ ଜଳରୁ ମଧ୍ୟ ବଞ୍ଚିତ । ବିଶ୍ୱର ପ୍ରାୟ ୨୦୦ କୋଟି ଲୋକଙ୍କ ପାଇଁ ଆଜି ବି ଶୌଚାଳୟ ସାତ ସ୍ୱପ୍ନ ହୋଇଥିବା ବେଳେ ସ୍ୱଚ୍ଛ ପାନୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳ ଅଭାବ ଯୋଗୁଁ ପ୍ରତିବର୍ଷ ୧ କୋଟି ୨୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି ।

ଭାରତ ମଧ୍ୟ ଏକ ଜନବହୁଳ ରାଷ୍ଟ୍ର ଓ ଏହା ହିଁ ଭାରତର ପ୍ରଗତିରେ ବାଧକ । ଭାରତର ବିଶାଳ ଜନସଂଖ୍ୟାର ପ୍ରମାଣ ଆମକୁ ଭାରତୀୟ ବଜାର ଓ ଭାରତୀୟ ରେଳରୁ ମିଳିଥାଏ । ଆଜି ଭାରତର ଜନସଂଖ୍ୟା ୧୩୫ କୋଟି ଛୁଇଁଥିବା ବେଳେ ଜାତିସଂଘର ତଥ୍ୟାନୁଯାୟୀ ୨୦୨୨ ମସିହା ବେଳକୁ ଭାରତର ଜନସଂଖ୍ୟା ଚୀନକୁ ଟପିଯିବ । ୧୮୦୦ ମସିହାରେ ମାତ୍ର ୧୭ କୋଟି ଥିବା ଭାରତୀୟ ଜନସଂଖ୍ୟା ୧୯୯୮ ମସିହାରେ ୧୦୦ କୋଟି ଛୁଇଁଥିଲା । ୧୭ କୋଟିରୁ ୧୦୦ କୋଟିରେ ଭାରତୀୟ ଜନସଂଖ୍ୟା ପହଞ୍ଚିବା ପାଇଁ ୧୯୮ ବର୍ଷ ସମୟ ଲାଗିଥିବା ବେଳେ ଗତ ୨୨ ବର୍ଷରେ ଭାରତର ଜନସଂଖ୍ୟାରେ ୩୫ କୋଟିର ଦ୍ରୁତ ଅଭିବୃଦ୍ଧି ଘଟିଛି । ଭାରତର ସମୁଦାୟ ଜନସଂଖ୍ୟାର ୩୫ ପ୍ରତିଶତ ହେଉଛନ୍ତି ୧୦ରୁ ୨୪ ବର୍ଷୀୟ ଯୁବକ ଅର୍ଥାତ ଭାରତ ବିଶ୍ୱର ସର୍ବବୃହତ ଯୁବଶକ୍ତିଯୁକ୍ତ ଦେଶ । ଭାରତର ୫,୫୦୦ ବାଣିଜ୍ୟ କଲେଜର ଏମବିଏ ଛାତ୍ରଛାତ୍ରୀ ମଧ୍ୟରୁ ମାତ୍ର ୭ ପ୍ରତିଶତ ହିଁ ଚାକିରୀ ପାଇବା ପାଇଁ ଯୋଗ୍ୟ; ଏହା ଭାରତର ଦୁର୍ବଳ ଶିକ୍ଷା ବ୍ୟବସ୍ଥାକୁ ଦର୍ଶାଉଛି । ଭାରତର ବର୍ଦ୍ଧିତ ଜନସଂଖ୍ୟା ଏହାର ପରିବହନ ସେବା ଉପରେ ଭାରି ପଡୁଛି, ଏଣୁ ପ୍ରତିଦିନ ବସ ଠାରୁ ଆରମ୍ଭ କରି ଟ୍ରେନ ପର୍ଯ୍ୟନ୍ତ ସବୁଥିରେ ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ଯାତ୍ରା କରିବା ପାଇଁ ବାଧ୍ୟ ହେଉଛନ୍ତି । ଭାରତର ସଡ଼କ ସଂଯୋଗ ସମଗ୍ର ବିଶ୍ୱରେ ଦ୍ୱିତୀୟ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଏହା ଭାରତୀୟଙ୍କ ପାଇଁ କମ ପଡୁଛି । ଭାରତରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ୩ କିମି ରାସ୍ତା ଉପଲବ୍ଧ ହୋଇଥିବା ବେଳେ ଆମେରିକାରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ୨୧ କିମି ରାସ୍ତା ଉପଲବ୍ଧ । ସେହିପରି ଭାରତର ବେରୋଜଗାର ହାର ବୃଦ୍ଧିର ପ୍ରମୁଖ କାରଣ ମଧ୍ୟ ଏହାର ବର୍ଦ୍ଧିତ ଜନସଂଖ୍ୟା । ଭାରତରେ ବର୍ତ୍ତମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୋଜଗାର ବୃଦ୍ଧି ଦର ମାତ୍ର ୩ ପ୍ରତିଶତ ରହିଥିବା ବେଳେ ଏହି ଦରରେ ଆମେ ଆଗକୁ ବଢିଲେ ୨୦୨୫ ମସିହା ବେଳକୁ ଦେଶରେ ମାତ୍ର ୮ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସେହିପରି ସହରରେ ଜନସଂଖ୍ୟା ଅହେତୁକ ଭାବେ ବୃଦ୍ଧି ଘଟୁଥିବା ବେଳେ ସହରର କ୍ଷେତ୍ରଫଳରେ କୌଣସି ପରିବର୍ତ୍ତନ ଘଟିନାହିଁ । ଲୋକମାନେ ଗୃହ ନିର୍ମାଣ ଓ ସହରୀକରଣ ପାଇଁ ଚାଷ ଜମିକୁ ବ୍ୟବହାର କରୁଛନ୍ତି ଫଳରେ କୃଷି ଉପଯୋଗୀ ଭୂମିର ଅଭାବ ହେଉଛି ଏବଂ ପ୍ରାକୃତିକ ସଂଶାଧନ ପାଇଁ ଖଣିଖନନ ଓ କାରଖାନା ନିର୍ମାଣ ପାଇଁ ସବୁଜିମା ନଷ୍ଟ କରିବା ଫଳରେ ପରିବେଶ ଧ୍ୱଂସ ହେବା ସହ ଜଳବାୟୁ ପରିବର୍ତ୍ତନ ଘଟୁଛି । ଏଣୁ ଅନବରତ ଭାବେ ଲୋକମାନଙ୍କ ଆବଶ୍ୟକତା ପୂରଣ କରି ପୃଥିବୀ ଆଜି ଅଣନିଶ୍ୱାସୀ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ସାମଗ୍ରିକ ଭାବେ କହିବାକୁ ଗଲେ ଜନସଂଖ୍ୟା ବୃଦ୍ଧି, ଗରିବୀ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ଧ୍ୱଂସ ଏବଂ ସାମାଜିକ ଓ ଧାର୍ମିକ ସମସ୍ୟା ବୃଦ୍ଧିର ମୂଳ କାରଣ । ସେହିପରି ଜନସଂଖ୍ୟା ବୃଦ୍ଧି ଲୋକଙ୍କ ମୌଳିକ ସୁବିଧା ଓ ପ୍ରାକୃତିକ ସଂଶାଧନ ମଧ୍ୟରେ ସନ୍ତୁଳନ ବିଗାଡୁଛି ।

ଜନସଂଖ୍ୟା ହ୍ରାସ ପାଇଁ ସରକାରକୁ ଅନେକ ନୀତି ପ୍ରଣୟନ କରିବା ସହ ବ୍ୟାପକ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିବାକୁ ହେବ । ଜନସଂଖ୍ୟା ହ୍ରାସ କଥା ମନକୁ ଆସିଲେ ପ୍ରଥମେ ଆମ ମନରେ ଚୀନର "ଏକ ଶିଶୁ" ନୀତି ଆସିଥାଏ କିନ୍ତୁ ବାସ୍ତବରେ ଚୀନର ଏହି ନୀତି ବିଫଳ ହୋଇଥିଲା । ଏଣୁ ଏହି ନୀତି ପ୍ରଣୟନର ଦୀର୍ଘ ୩୦ ବର୍ଷ ପରେ ୨୦୧୫ ମସିହାରେ ଚୀନ ସରକାର ଏହାକୁ ପ୍ରତ୍ୟାହାର କରିଥିଲେ । ଏହି ନୀତି ଲାଗୁ ହେବା ପରେ ଚୀନରେ ଲିଙ୍ଗଗତ ଅସନ୍ତୁଳନ ଦେଖିବାକୁ ମିଳିଥିଲା କାରଣ ଭାରତୀୟଙ୍କ ଭଳି ଚୀନୀଙ୍କ ମଧ୍ୟରେ ମଧ୍ୟ ପୁତ୍ରମୋହ ଅଧିକ । ଚୀନବାସୀଙ୍କ ପୁତ୍ରପ୍ରାପ୍ତି ମୋହ ଯୋଗୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚୀନରେ କନ୍ୟା ଭ୍ରୁଣ ହତ୍ୟା ଓ ଗର୍ଭପାତ ସଂଖ୍ୟା ବୃଦ୍ଧି ପାଇଲା ଏବଂ ଅନେକ କନ୍ୟା ସନ୍ତାନଙ୍କୁ ଦୁନିଆ ଆଲୋକ ଦେଖିବା ପୂର୍ବରୁ ହତ୍ୟା କରାଯାଇଥିଲା । ଲିଙ୍ଗଗତ ବ୍ୟବଧାନ ହେତୁ ଚୀନରେ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇଥିଲା ଏଣୁ ଅନେକ ସ୍ଥାନରେ ପୁଅମାନେ ବିବାହ ପାଇଁ ଝିଅଙ୍କୁ ଟଙ୍କା ଦେବା ଭଳି ପରିସ୍ଥିତି ଉପୁଜିଥିଲା । ଲିଙ୍ଗଗତ ବ୍ୟବଧାନ ଅଧିକ ଥିବା ଭାରତରେ "ଏକ ଶିଶୁ" ନୀତି ଲାଗୁ କରିଲେ ଏହି ଲିଙ୍ଗଗତ ବ୍ୟବଧାନ ଆହୁରି ବୃଦ୍ଧି ପାଇବ ଏଣୁ ଏହା ପରିବର୍ତ୍ତେ ଏକାଧିକ ଶିଶୁ ଜନ୍ମ କରୁଥିବା ପରିବାରକୁ ସମସ୍ତ ସରକାରୀ ସୁବିଧାରୁ ବାଦ ଦେବା ଭଳି ନୀତି ଯଦି ସରକାର ପ୍ରଣୟନ କରିବେ ତେବେ ତାହାର ପ୍ରଭାବ ଜନତାଙ୍କ ମଧ୍ୟରେ ପଡ଼ିବ ।

ଭାରତୀୟଙ୍କ ମନରେ ମଧ୍ୟ ପୁତ୍ରପ୍ରାପ୍ତିର ଇଚ୍ଛା ଅଧିକ ଦେଖିବାକୁ ମିଳେ । ହିନ୍ଦୁ ଶାସ୍ତ୍ରାନୁଯାୟୀ ପୁଅ ନିଜ ପିତାମାତାଙ୍କୁ ପୁତି ନାମକ ନର୍କରୁ ମୁକ୍ତି କରିବ ଓ ଗରିବ ଶ୍ରେଣୀର ଲୋକଙ୍କ ଚିନ୍ତାଧାରା ଅନୁସାରେ ପିଲା ସଂଖ୍ୟା ଯେତେ ଅଧିକ ହେବ ସେତେ ଅଧିକ ଉପାର୍ଜନ ହେବ । ସେହିପରି ମୁସଲମାନମାନେ ଏକାଧିକ ବିବାହ କରି ଭାରତର ଜନସଂଖ୍ୟା ବୃଦ୍ଧିରେ ପ୍ରମୁଖ ଅଂଶୀଦାର ହେଉଛନ୍ତି । ଆଜିର ଏକବିଂଶ ଶତାବ୍ଦୀରେ ପୁଅଝିଅରେ ଫରକ ଓ ଏକାଧିକ ବିବାହ ଘୃଣ୍ୟ ମାନସିକତାକୁ ଦର୍ଶାଉଛି । ସରକାର ବ୍ୟାପକ ଜନସଚେତନତା ମାଧ୍ୟମରେ ଲୋକମାନଙ୍କ ଏହି ଭ୍ରାନ୍ତଧାରଣାକୁ ଦୂର କରିବାକୁ ହେବ ।

ଜନସଂଖ୍ୟା ହ୍ରାସ ପାଇଁ ବନ୍ଧ୍ୟାକରଣ ମଧ୍ୟ ଏକ ପ୍ରମୁଖ ଅସ୍ତ୍ର । ୧୯୭୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭାରତରେ ଜରୁରୀ ସ୍ଥିତି ଘୋଷଣା କରିଥିଲେ ଏବଂ ତାଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ଆଦେଶରେ ୧୦ ଲକ୍ଷ ପୁରୁଷଙ୍କ ବନ୍ଧ୍ୟାକରଣ କରାଯାଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ବନ୍ଧ୍ୟାକରଣ ଯୋଗୁଁ ଲୋକଙ୍କ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିଲା କାରଣ ପ୍ରଜନନ ଓ ବଂଶବୃଦ୍ଧି ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର । କିନ୍ତୁ ଗୋଟିଏ କିମ୍ବା ଦୁଇଟି ଶିଶୁ ପରେ ଲୋକମାନେ ସ୍ୱତପ୍ରବୃତ୍ତ ଭାବେ ଆଗକୁ ଆସି ବନ୍ଧ୍ୟାକରଣ କରିବା ଉଚିତ ଫଳରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ଜନସଂଖ୍ୟା ବୃଦ୍ଧିରେ ରୋକ ଲାଗିପାରିବ । ଆଜି ସରକାରଙ୍କ ଦ୍ୱାରା ଦେଶର ସମସ୍ତ ସରକାରୀ ଡ଼ାକ୍ତରଖାନାରେ ଉଭୟ ପୁରୁଷ ଓ ମହିଳାଙ୍କ ମାଗଣା ବନ୍ଧ୍ୟାକରଣ କାର୍ଯ୍ୟ ସମ୍ପାଦନ କରାଯାଉଥିବା ବେଳେ ପ୍ରଜନନ ରୋକିବା ପାଇଁ ମାଗଣାରେ ନିରୋଧ ବଣ୍ଟନ କରାଯାଉଛି ।

ଏହା ବ୍ୟତୀତ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଦ୍ୱାରା ମଧ୍ୟ ଆମେ ଜନସଂଖ୍ୟା ନିୟନ୍ତ୍ରମରେ ସଫଳ ହୋଇପାରିବା । ଶିକ୍ଷାହାର ବୃଦ୍ଧି ହେଲେ ପ୍ରଜନନହାର ମଧ୍ୟ ହ୍ରାସ ପାଇଥାଏ; ଉଦାହରଣ ସ୍ୱରୂପ କେରଳରେ ଶିକ୍ଷାହାର ୧୦୦ ପ୍ରତିଶତ ଏଣୁ ସେଠାକାର ପ୍ରଜନନ ହାର ମଧ୍ୟ କମ । କିନ୍ତୁ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ବିହାରରେ ଶିକ୍ଷାହାର ନିମ୍ନ ହେତୁ ପ୍ରଜନନ ହାର ସର୍ବୋଚ୍ଚ ସ୍ତରରେ । ସମଗ୍ର ଉତ୍ତର ଭାରତରେ ପ୍ରଜନନ ହାର ସର୍ବାଧିକ ହୋଇଥିବା ବେଳେ ଦକ୍ଷିଣ ଭାରତରେ ଏହା ସର୍ବନିମ୍ନ । ଏଣୁ ଯେଉଁ ରାଜନୈତିକ ଦଳ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଉଥିବ ତାକୁ ଜନତା ଭୋଟ ଦେବା ଉଚିତ କାରଣ ଶିକ୍ଷା ହିଁ ପ୍ରଗତି ଓ ଜନସଂଖ୍ୟା ନିୟନ୍ତ୍ରଣର ମୂଳ ଆଧାର । କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଦିଲ୍ଲୀ ଓ ତ୍ରିପୁରା ସରକାର ନିଜ ବଜେଟର ସିଂହଭାଗ ଶିକ୍ଷାକ୍ଷେତ୍ରରେ ବିନିଯୋଗ କରୁଥିବା ବେଳେ ପ୍ରତିବର୍ଷ କେନ୍ଦ୍ର ବଜେଟରେ ଶିକ୍ଷାକ୍ଷେତ୍ରରେ ନିବେଶ ହ୍ରାସ ପାଇବାରେ ଲାଗିଛି । ୨୦୧୩ ମସିହାରେ କଂଗ୍ରେସ ସରକାର ଅମଳରେ ଶିକ୍ଷା ବଜେଟ ସମଗ୍ର ବଜେଟର ୪.୫୭ ପ୍ରତିଶତ ରହିଥିଲା କିନ୍ତୁ ୨୦୧୭ ମସିହାରେ ବିଜେପି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାରରେ ଅଧୀନରେ ଏହା ହ୍ରାସ ପାଇ ୩.୬୫ ପ୍ରତିଶତରେ ପହଞ୍ଚିଛି । ପ୍ରତିମୂର୍ତ୍ତି ନିର୍ମାଣ ଓ ବିଜ୍ଞାପନରେ କୋଟି କୋଟି ଖର୍ଚ୍ଚ କରିବା ପରିବର୍ତ୍ତେ କେନ୍ଦ୍ର ସରକାରକୁ ଶିକ୍ଷାକ୍ଷେତ୍ରକୁ ଅଗ୍ରାଧିକାର ଦେବା ଉଚିତ । କେନ୍ଦ୍ର ସରକାର ଶିକ୍ଷା ବ୍ୟତୀତ ଖାଦ୍ୟ ସୁରକ୍ଷା, ଜନସ୍ୱାସ୍ଥ୍ୟ, ସୁଗମ ଗମନାଗମନ ପାଇଁ ଭାରି ନିବେଶ କରିବାକୁ ହେବ ଏବଂ ରୋଜଗାର ପାଇଁ ଅଧିକରୁ ଅଧିକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାକୁ ହେବ । ଫଳରେ ଯୁବ ସମାଜର ଜୀବନଯାପନ ଉତ୍କୃଷ୍ଟ ହେବା ସହ ଯୁବଶକ୍ତି ଦେଶ ପ୍ରତି ବୋଝ ହେବା ପରିବର୍ତ୍ତେ ଦେଶର ପ୍ରଗତିରେ ସହଭାଗୀ ହୋଇପାରିବେ ।

ରାମନାଗୁଡ଼ା, ରାୟଗଡ଼ା

୭୦୭୭୯୫୦୩୫୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରକୃତ ପରିଚୟ

ମୁଁ, ମୁଁ ନୁହେଁ, ତୁମେ, ତୁମେ ନୁହଁ !
ସମୟର କରାଳ ଲହରୀରେ ପାଗଳ,
ତୁମେ ଯାହା ଭାବ ସଂସାର ତାହା ନୁହେଁ !
ମୁଁ, ମୁଁ ନୁହେଁ, ତୁମେ, ତୁମେ ନୁହଁ !
ନିଜକୁ ନିଜେ ପଚାରି ବୁଝି,
ଥରେ ଭାବି ଦେଖ ଆମେ କିଏ ?!!

ବାସ୍ତବତାର ସତ୍ୟତା ଉନ୍ମୋଚନ କରିବାରେ ଅସାମର୍ଥ୍ୟ ମଣିଷ ସବୁବେଳେ ଅନ୍ୟଠାରେ ନିଜକୁ ସମର୍ପିତ କରି ଅନାୟାସ ପ୍ରତାରିତ ହୋଇ ଚାଲିଥିବା ସମୟ ସ୍ରୋତର ଏକ ଗୁପ୍ତ ରହସ୍ୟ ଯାହା ସୃଷ୍ଟି ଆରମ୍ଭରୁ ଅଦ୍ୟାବଧି ପ୍ରଚଳିତ ମଣିଷ ସମାଜର ଗୋଟିଏ ଅଲୌକିକ କଳଙ୍କ ! ଆଦି କାଳରୁ ଦୁର୍ବଳଙ୍କୁ ଠକି, ପ୍ରତାରିତ କରି, ପ୍ରଭୁତ୍ୱ ଦେଖାଇ ଆୟାସରେ ଜୀବନ କାଟିବା ସହିତ ପର ପିଢ଼ିଙ୍କ ପାଇଁ ସଂରକ୍ଷିତ କରିବା ଚେଷ୍ଟା ଚତୁରଙ୍କ ଏକ ଅମାନବୀୟ ଚରିତ୍ର ଯାହା ସାଧାରଣରେ ସବୁ ମଣିଷ ବୁଝିନଥାନ୍ତି ! ଅନେକ ସମୟରେ ଚତୁରଙ୍କ ମିଥ୍ୟାଚାରିତା ସାମାଜିକ ଦୁର୍ବଳଶ୍ରେଣୀକୁ ପ୍ରତାରିତ କରିବାରେ ସମର୍ଥ ହେଉଥିବାବେଳେ ଆଜି ସମୟର କରାଳତା ଅତୀବ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବା ଲକ୍ଷ କରାଯାଉଅଛି ! ବାସ୍ତବତାକୁ ନଜରଅନ୍ଦାଜ୍ କରି ସବୁବେଳେ ଅବାସ୍ତବ



ପଙ୍କଜ କୁମାର ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଥ୍ୟା ପଛରେ ପ୍ରଧାବିତ ଅଜ୍ଞାନ ଶିକ୍ଷିତଙ୍କ ସଂଖ୍ୟା ଆକଳନ ବହିର୍ଭୁତ ! ଆଜିର ଏହି ଅତ୍ୟାଧୁନିକ ମଣିଷ ସମାଜରେ ପାଶ୍ଚାତ୍ୟର ପ୍ରଭାବ ଏବଂ ଚତୁର ବ୍ୟାପାରୀଙ୍କ ହାତମୁଠାରେ ପରିଚାଳିତ ଗଣତନ୍ତ୍ର ଲୋକାଭିମୁଖୀ ହେବା ପରିବର୍ତ୍ତେ ସ୍ୱେଚ୍ଛାଚାରିତା ଆଡ଼କୁ କ୍ଷିପ୍ର ପ୍ରଧାବିତ ହେଉଥିବା ସାଧାରଣ ଲୋକଙ୍କ ଆକଳନ ବହିର୍ଭୁତ ! ତେଣୁ ପ୍ରାୟତଃ ସମସ୍ତ ମଣିଷ ସାମାଜିକ ସ୍ରୋତରେ ନିଜକୁ ଜଡିତ କରି ସମାଜରେ କେବଳ ନିଜର ମିଥ୍ୟା ପ୍ରତିଷ୍ଠା ସୃଷ୍ଟି କରିବାରେ ନିମଗ୍ନ ! ପ୍ରାୟତଃ କହିବାକୁ ଗଲେ ବର୍ତମାନର ପ୍ରଚଳିତ ସମସ୍ତ ପ୍ରଥା, ପରମ୍ପରା ଗୁଡିକ କେବଳ ଦୁର୍ବଳଙ୍କୁ ପ୍ରତାରିତ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ଅତୀବ ସହଯୋଗୀ ହେଉଥିବା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୁତ ବିଷୟ !

ଭାରତୀୟ ପରମ୍ପରା, ସଂସ୍କୃତିକୁ ମାନବୀୟତାର ମେରୁଦଣ୍ଡ ଭାବେ ବିଶ୍ୱ ଦରବାରରେ ଉତ୍ତୋଳନ କରିବା ଲକ୍ଷ୍ୟ ରଖିଥିବା କେତେକ ଜ୍ଞାନୀ, ଗୁଣୀ ଦାର୍ଶନିକଙ୍କ ମତବାଦ ଗୁଡିକ ବିପରୀତେ ପାଶ୍ଚାତ୍ୟର ଅମାନବୀୟ କାର୍ଯ୍ୟକଳାପ ଗୁଡିକୁ ଆମଦେଶରେ ପ୍ରଚଳନ କରି ଉନ୍ନତ୍ତିର ମିଥ୍ୟା ନାରା ଦେଇ ସାଧାରଣ ଲୋକଙ୍କ ଜୀବନ ବିପନ୍ନତା ଆଡ଼କୁ ଟାଣିନେବାରେ ବ୍ୟସ୍ତ ଚତୁର ବ୍ୟାପାରୀଙ୍କ ରହସ୍ୟ ଅନୁଭବ ନକରି ସେମାନଙ୍କ ପ୍ରରୋଚନାରେ ପଡି ମଣିଷ ସମାଜ ନିମ୍ନଗାମୀ ହେଉଥିବା ଏକ ଗୁରୁତର ବିଷୟ ! ତଥାପି ସମସ୍ତେ ନିଜସ୍ୱ ସ୍ୱାର୍ଥକୁ ପ୍ରାଧାନ୍ୟତା ଦେଇ କିଛି ନୂତନତାର ସନ୍ଧାନରେ ଲିପ୍ତ ହୋଇ ଦିଗହରା ହେଉଥିବା ସେମାନଙ୍କ ନିଜସ୍ୱ ଆକଳନ ବହିର୍ଭୁତ ହେଉଥିବା ପଛର ରହସ୍ୟ କଣ ବି·ର କରି ଦେଖିଲେ ଜଣାଯିବ ଯେ............

ମଣିଷ ନିଜ ଜୀବନକାଳ ମଧ୍ୟରେ ଯାହା ଅର୍ଥ ଉପାର୍ଜନ କରେ ସେଇଥିରେ ସେ କେବେହେଲେ ସନ୍ତୁଷ୍ଟ ହୋଇନଥାଏ ! ଅର୍ଥାତ ଆର୍ଥିକ ଉନ୍ନତ୍ତିର ସୀମା ନଥାଏ ! ସାଧାରଣ ଲୋକଙ୍କୁ ଏକ ଅପ୍ରାକୃତିକ ମାଧ୍ୟମ ଟଙ୍କା ଏବଂ କୌଣସି ଯୋଗ୍ୟତାର ପ୍ରମାଣପତ୍ର ମଧ୍ୟରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୀମିତ ରଖି ସମସ୍ତ ପ୍ରାକୃତିକ ପରିଚିତି ଲୁଣ୍ଠନ କରିନେବାରେ ବ୍ୟସ୍ତ ଚତୁର ବ୍ୟାପାରୀଙ୍କ ଲକ୍ଷ ଆକଳନ କରି ପାରୁନଥିବା ଅଜ୍ଞାନ ଶିକ୍ଷିତଙ୍କ ଅହଂଭାବ ସମାଜକୁ ଅତୀବ ନୀଚ ସ୍ତରକୁ ଟାଣି ନେଇ ଚାଲିଥିବା ଅସ୍ୱୀକାର କରିହେବନାହିଁ ! ମଣିଷ ଜୀବନର ବାସ୍ତବତା, ରହସ୍ୟ ତଥା ଆନନ୍ଦମୟ ଜୀବନ ଶୈଳୀକୁ ସର୍ବଦା ସଂକୁଚିତ କରି ରଖି ସେମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଅଲୌକିକ ଭାବେ ଲୁଟି ଚାଲିଥିବା ଚତୁରଙ୍କ ରହସ୍ୟ ଉନ୍ମୋଚନ କରାନଗଲେ ମଣିଷ ସମାଜର ବାସ୍ତବ ଉନ୍ନତି ଅସମ୍ଭବ ! ତେଣୁ ବାସ୍ତବ, ଅବାସ୍ତବ, ଏବଂ ପ୍ରାକୃତିକ ଅପ୍ରାକୃତିକ ମଧ୍ୟରେ ଥିବା ପ୍ରଭେଦ ନଜାଣିଲେ ସବୁବେଳେ ମଣିଷ ଏମିତି ପ୍ରତାରିତ ହେଉଥିବା ସୁନିଶ୍ଚିତ ! ଅର୍ଥାତ ସେହି ରହସ୍ୟ ଉନ୍ମୋଚନ କରିବାର ପ୍ରକୃତ ମାର୍ଗ ସାଧାରଣ ଲୋକଙ୍କ ଭାବ ବହିର୍ଭୁତ ରହିଥିବା ପଛରେ ବ୍ୟବସ୍ଥାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ ! କିନ୍ତୁ ଆଜିର ବ୍ୟବସ୍ଥା ସାଧାରଣ ମଣିଷଙ୍କୁ କେବଳ ଅବାଟରେ ନେଇ ସେମାନଙ୍କୁ ଦୁର୍ବଳ କରିବା ଛଡା କୌଣସି ସୁଖ ପ୍ରଦାନ କରିବାରେ ବିଫଳ ରହୁଥିବା ଅତ୍ୟନ୍ତ ପରିତାପର ବିଷୟ ହୋଇପଡିଛି ! ହେଲେ କିଛି ମୁଷ୍ଟିମେୟ ଚତୁରଙ୍କ କବଳରୁ ନିଜେ ଏବଂ ଆମ ଭବିଷ୍ୟ ପିଢିଙ୍କ ସାମ୍ପ୍ରତିକ ଉନ୍ନତିର ଦିଶା ଦେଖାଉଥିବା ମଣିଷମାନଙ୍କ ଚାତୁରୀର ଶିକାର ନହୋଇ ନିଜସ୍ୱ ଭାବଧାରକୁ ପରିଷ୍କାର କରି ପ୍ରକୃତିର ବାସ୍ତବତା ଆଡ଼କୁ ମୁହାଁଇଲେ ହୁଏତ କିଛି ପରିବର୍ତ୍ତନ ହେବାର ସମ୍ଭାବନା ଅଛି ଯାହା କେତେଦୂର ସମ୍ଭବ ବି.ର ଯୋଗ୍ୟ !

ମଣିଷ ନିଜର ପ୍ରକୃତ ପରିଚୟ ନପାଇ କେବଳ ନିଜର ମିଥ୍ୟା ପରିଚୟ ସୃଷ୍ଟି କରି ସମାଜରେ ଯେଉଁ ପ୍ରତିଷ୍ଠା ଲାଭ କରିବା ଉଦ୍ଦେଶ୍ୟରେ ଅସୀମ ଅସାମାଜିକ, ଅମାନବୀୟ କାର୍ଯ୍ୟ କରିଚାଲେ ସେସବୁ ସମ୍ପୂର୍ଣ୍ଣ ଭାବେ ମୂଲ୍ୟହୀନ ! କାରଣ ପ୍ରକୃତି ମଣିଷକୁ ଜନ୍ମଦେଇ ତାକୁ ଯେଉଁ ବାଟରେ ପରିଚାଳିତ କରିବା ଲକ୍ଷ୍ୟ ରଖିଥାଏ ପ୍ରାୟତଃ ସମସ୍ତ ମଣିଷ ତାହାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିପରୀତେ ଜୀବନ ଅତିକ୍ରମ କରୁଥିବା ଆଜି ସମୟର ଏକ ବିଡମ୍ବନା ! ମଣିଷ ଯେତେବେଳ ପର୍ଯ୍ୟନ୍ତ ନିଜର ପ୍ରକୃତ ପରିଚୟ ପାଇନାହିଁ ସେ ପର୍ଯ୍ୟନ୍ତ କେତେଯେ ଧନ, ମାନ, ଯଶ, କୀର୍ତ୍ତି, ଏବଂ ପ୍ରମାଣ ପତ୍ର ଏକଠା କରିପାରିଲେ ମଧ୍ୟ ସେସବୁ ଅହେତୁକ ଆନନ୍ଦ ପ୍ରଦାନ କରିପାରିବାରେ ସମର୍ଥ ହେଲେ ମଧ୍ୟ ବାସ୍ତବତାକୁ ଆଖିଠାର ସଦୃଶ୍ୟ ଉପଯୁକ୍ତ ଆନନ୍ଦ ଦେବ ନାହିଁ ! ଅଧିକନ୍ତୁ ଅତ୍ୟାଧୁନିକ ମଣିଷ ପ୍ରାକୃତିକ ଆନନ୍ଦ କଣ, ଜ୍ଞାନ ବହିର୍ଭୁତ ଥିବାବେଳେ ଏହି ଅପ୍ରାକୃତିକ ଛଳନାତ୍ମକ ଆନନ୍ଦକୁ ସର୍ବେସର୍ବା ବୋଲି ବିଚାର କରୁଥିବା ଅତ୍ୟନ୍ତ ପରିତାପର ବିଷୟ ! ତେଣୁ ସଂସାରର ସମସ୍ତ ବିଷୟକୁ ଭଲଭାବେ ବୁଝି ନିଜ ଜୀବନଚର୍ଯ୍ୟାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରି ଆନନ୍ଦମୟ ଦୁର୍ଲଭ ମଣିଷ ଜୀବନକୁ ବାସ୍ତବିକ ଉପଭୋଗ କରିବାରେ ନିଜର ପ୍ରକୃତ ପରିଚୟ ଖୋଜି ବାହାର କରିପାରିଲେ ହିଁ ସମ୍ଭବ ହେବ ଯାହା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୁତ ବିଷୟ ହୋଇପଡିଛି ଆଜିର ଏହି ମାରାଥନ ଦୌଡ଼ରେ ! କିନ୍ତୁ ନିଜସ୍ୱ ବାସ୍ତବ ପରିଚିତି ଆକଳନ କରିବାରେ ଅସାମର୍ଥ୍ୟ ମଣିଷ କେତେଯେ ଦୌଡ଼ିଲେ ମଧ୍ୟ ଏହି ମାରାଥନ ଦୌଡ଼ରେ କୃତକାର୍ଯ୍ୟ ହେବା ସମ୍ଭବ ହେବନାହିଁ ବୋଲି କେହି ବୁଝିନାହାନ୍ତି ! ତେଣୁ ପ୍ରଥମେ ନିଜର ବାସ୍ତବ ପରିଚୟ ଅନୁସନ୍ଧାନ କଲେ ଦୁନିଆର ସତ୍ୟ ଉନ୍ମୋଚନ କରି ବାସ୍ତବତାକୁ ଅନୁଭବ କରିବା ସମ୍ଭବ ହୋଇପାରିବ ଯାହା କେହି କରିବାରେ ଆଗ୍ରହୀ ନୁହନ୍ତି ! ସେମାନଙ୍କୁ ତାହାର ମାର୍ଗ ଦିଶୁନାହିଁ କାରଣ ସାମାଜିକ ପରିସ୍ଥିତି ହେତୁ ! କିନ୍ତୁ ସେହିସବୁ ବିଷୟରେ ମନୋନିବେଶ କଲେ ଯେ ତାହା ସମ୍ଭବ ହେବ ସେଇଥିରେ ତିଳେ ହେଲେ ଦ୍ୱିଧା ନାହିଁ !

ଆଲେଖ୍ୟଟିର ଶୀର୍ଷକଟି ପ୍ରାଧାନ୍ୟତା ଦିଏ ଯେ ମଣିଷ ଯେତେବେଳ ପର୍ଯ୍ୟନ୍ତ ନିଜର ପ୍ରକୃତ ପରିଚୟ ଅର୍ଥାତ - ବର୍ତମାନ ଉପସ୍ଥିତ ସମୟ ପୂର୍ବରୁ ମୁ କେଉଁଠାରେ ଥିଲି, ବର୍ତମାନ ଏଠାକୁ କାହିଁକି ଆସିଲି ଏବଂ କେମିତି ଆସିଲି, ପୁଣି ମୁଁ ଯେତେବେଳେ ଏଠାରୁ ଚାଲିଯିବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

(ମୃତ୍ୟୁ ପରେ), କେଉଁଠାକୁ ଯିବି, କାହିଁକି ସେଠାକୁ ଯିବି, ଏବଂ କେମିତି ଯିବି ? ? ଏହି ଛ'ଟି ପ୍ରଶ୍ନର ଉତ୍ତର ନପାଇଛି କେବଳ ଦର୍ପଣ ସମ୍ମୁଖରେ ଛିଡାହୋଇ ନିଜର ଉପସ୍ଥିତିକୁ ମୁଁ, ମୁଁ ବୋଲି ଭାବୁଥିବା ଏକ ଅଲୌକିକ ବିଷୟ ମଧ୍ୟରେ ସୀମିତ ରହିବା ଛଡା ପ୍ରକୃତ ଜ୍ଞାନ ପାଇବା ଅସମ୍ଭବ ! ଅର୍ଥାତ ନିଜର ବାସ୍ତବ ପରିଚୟବିହୀନ ମଣିଷ ନିଜକୁ ନିଜେ ଚିହ୍ନି ନପାରି କେବଳ ମିଥ୍ୟା କୁହେଳିକାର ମରୀଚିକା ମଧ୍ୟରେ ନିଜକୁ ଜଳିପୋଡି ଦୁର୍ଲଭ ମଣିଷ ଜୀବନକୁ ନଷ୍ଟ କରିବା ଛଡା ଆଉ କିଛି ହୋଇନପାରେ ! ଅତଏବ ସେହି ଅଜ୍ଞାନୀ ମଣିଷ କେବଳ ଦିନରାତି ଅନ୍ୟର ପ୍ରରୋଚନାରେ ପଡି ବାସ୍ତବତାକୁ ଉପଭୋଗ ନକରିପାରି ଦେହ ତ୍ୟାଗ କରିବା ଶ୍ରେୟ ହୋଇପଡୁଛି ! ବିଷୟଟିରେ ଉଲ୍ଲେଖିତ ସମସ୍ତ ବିଷୟ ତଥ୍ୟ ଜଡିତ ହୋଇଥିବା ବେଳେ ସେସବୁ ଜାଣିବା ବାସ୍ତବ ସମ୍ଭବ ! କିନ୍ତୁ ପ୍ରଚୁର ଜିଜ୍ଞାସା ସହିତ ଆନ୍ତରିକ ମାନ୍ୟତା ଥିବା ମଣିଷ ପକ୍ଷରେ ସମ୍ଭବ ଯାହା ଅହଂକାରିଙ୍କ ପାଇଁ ଏକ କୌତୁକ ଭଳି ହୋଇପାରେ ! ପୁନର୍ବାର ଜଣେ ମଣିଷ ନିଜର ବାସ୍ତବ ପରିଚୟ ପାଇବା ପରେ ପୃଥିବୀର କୌଣସି ଶକ୍ତି ତାକୁ ପ୍ରତାରିତ କରିପାରିବ ନାହିଁ କାରଣ, ସେତିକି ବେଳକୁ ସେ ତାହାର ଅନ୍ତର୍ଜ୍ଞାନ ସୃଷ୍ଟି କରିବାରେ ସମର୍ଥ ହୋଇ ସାରିଥିବ ଯାହା ସମସ୍ତ ଭଲ, ମନ୍ଦର ତୁଳନାତ୍ମକ ବିଚାର ସୃଷ୍ଟି କରିବାରେ ଯଥେଷ୍ଟ ସହାୟକ ହୋଇଥାଏ ! ତେଣୁ ନିଜର ବାସ୍ତବ ପରିଚୟ ପାଇବା ପୂର୍ବରୁ 'ମୁଁ' ବୋଲି ଅହଂଭାବ ପ୍ରଦର୍ଶନ କରିବା ଏକ ହାସ୍ୟାସ୍ପଦ ପରିଚୟ ଛଡା ଆଉ କିଛି ହୋଇନପାରେ !

ଆପଣଙ୍କ ସଂଶୟ ମୋଚନରେ ଆମର ସହଭାଗୀତା ରହିବ ନିଶ୍ଚୟ ।

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୬୨୪୯୧୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ସେହି ଶେଷ ପୀଢ଼ି

୧_ ହଁ, ଆମେ ସେହି ଶେଷ ପିଢ଼ି, ଯିଏ ନଡ଼ା ଛପର ତିଆରି ଝାଟିମାଟି ଘରେ ବଢ଼ିଛୁ ।

୨_ ଆମେ ସେହି ଶେଷ ପିଢ଼ି, ଯିଏ ଗାଁ ଦାଣ୍ଡରେ ବୋହୁଚୋରି, କିତିକିତି, ନଟୁ, ହାତୁ, ଦାଣ୍ଡିଆ, କବାଡି, ଅଖା ଡିଆଁ, ଜିଲାପି ଖିଆ, ଦାହିକି ମାଙ୍କଡ, କଉଡି, ପଥର ଟେକା ଭଳି ଅନେକ ଖେଳ ଖେଳିଛୁ ।

୩_ଆମେ ସେହି ଶେଷ ପିଢ଼ି, ଯିଏ ଅଜା, ଆଇ, ଜେଜେମା, ଜେଜେବାପାଙ୍କ ଠାରୁ ପରିରାଇଜ ରାଜକୁମାରୀ, ବୁଢ଼ୀ ଅସୁରୁଣୀ, ଭୁତ-ପ୍ରେତର କାହାଣୀ ଶୁଣିଛୁ ।

୪_ ଆମେ ସେହି ଶେଷ ପିଢ଼ି, ଯିଏ ଏକ ପଇସି, ଦୁଇ ପଇସି, ତିନି ପଇସି, ପାଞ୍ଚ ପଇସି ଓ ପିତ୍ତଳର କୋଡ଼ିଏ ପଇସି ବ୍ୟବହାର କରିଛୁ ।

୫_ଆମେ ସେହି ଶେଷ ପିଢ଼ି, ଯିଏ ଗିନା କିମ୍ବା ଥାଳିଆରେ ଜେଜେମା, ଜେଜେବାପାଙ୍କଠାରୁ ଚା ଟିକିଏ ମାଗିକି ପିଇଛୁ ।

୬_ଆମେ ସେହି ଶେଷ ପିଢ଼ି, ଯିଏ କିରୋସିନି ବୋତଲରେ ଏବଂ ଲଣ୍ଠନରେ ସୋଲ ଠିପି ଲଗାଇ ମାସ-ମାସ ସମ୍ଭାଳିଛୁ ।



ପ୍ରହ୍ଲାଦ ସାହୁ

୭_ଆମେ ସେହି ଶେଷ ପିଢ଼ି, ଯିଏ ଗାଁ ଦାଣ୍ଡରେ ସାଇକେଲର ପୁରୁଣା ଟାୟାର ଓ ରିମକୁ ଗଡାଇ ପ୍ରତିଯୋଗିତା କରିଛୁ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୮_ଆମେ ସେହି ଶେଷ ପିଢ଼ି, ଯିଏ ଖାଲି ତେଲ ଟିଣକୁ ପିଟି ପିଟି ବାଜା ବଜାଇଛୁ, ବାଉଁସ ନଳରେ ପେଁକାଳି ବଜେଇ ଏବଂ ମାଟିର ମାଇକରେ ଗୀତ ଗାଇ ମିଛ-ମିଛକା ଥିଏଟର କରିଛୁ ।

୯_ ଆମେ ସେହି ଶେଷ ପିଢ଼ି, ଯିଏ ନିଜର ମନ କଥା ଦୂର ସମ୍ପର୍କ ଲୋକଙ୍କୁ କହିବା ପାଇଁ ପୋଷ୍ଟ କାର୍ଡ, ଇଂଲଣ୍ଡଲେଟର ଓ ଲଫାପାରେ ଏବଂ ଟେଲିଗ୍ରାମରେ ଅନେକ ଚିଠି ଲେଖିଛୁ । ଆମେ ସେହି ଶେଷ ପିଢ଼ି, ଯିଏ ଦେଶ-ବିଦେଶରୁ ମନି ଅଡରରେ ଟଙ୍କା ପ୍ରେରଣ ଓ ଗ୍ରହଣ କରିଛୁ ।

୧୦_ ହଁ ଆମେ ସେହି ଶେଷ ପିଢ଼ି, ଯିଏ କାଠ କୋଇଲା ପାଉଁଶରେ ଲୁହା ଆଇରନ/ ଆଲୁମିନିୟମ ବେଲାରେ ଆଇରନ ଦେଇ ଲୁଗା ପିନ୍ଧିଛୁ ।

୧୧_ ହଁ ଆମେ ସେହି ଶେଷ ପିଢ଼ି, ଯିଏ ସୋରିଷ, ନଡିଆ, ରାଶି ତେଲ ମୁଣ୍ଡରେ ଲଗେଇ ଗାଧୋଇ ପଖାଳ ଖାଇ ସ୍କୁଲ ଯାଉଥିଲୁ ।

୧୨_ ଆମେ ସେହି ଶେଷ ପିଢ଼ି, ଯିଏ କାଳି ଦୁଆତ ସାଙ୍ଗରେ ଧରି ସ୍କୁଲ ଯାଉଥିଲୁ ଏବଂ ଫାଉଣ୍ଟେନ୍ କଲମରେ କାଳି ପୁରାଇ ହାତ ଓ ପେଣ୍ଟ-ସାର୍ଟ କଳା କରୁଥିଲୁ ।

୧୩_ ଆମେ ସେହି ଶେଷ ପିଢ଼ି, ଯିଏ ପରୀକ୍ଷା ଦିନରେ ୨/୩ ଟି କଲମ ନେଇ ସ୍କୁଲକୁ ଯାଉଥିଲୁ ।

୧୪_ ଆମେ ସେହି ଶେଷ ପିଢ଼ି, ଯିଏ ପରୀକ୍ଷା ଦିନରେ ରାସ୍ତାରେ ଗୁରୁଜନ ଓ ବଡ଼ ମୁରବୀଙ୍କୁ ଦେଖି ନିଶ୍ଚିତ ମୁଣ୍ଡିଆ ମାରି ଯାଉଥିଲୁ ।

୧୫_ ଆମେ ସେହି ଶେଷ ପିଢ଼ି, ଯିଏ ଶିକ୍ଷକଙ୍କ ଠାରୁ ମାଡ ଖାଉଥିଲୁ ଆଉ ସେ କଥା ଘରେ ଆସି କହିଲେ ଘରେ ପୁଣି ବାପା ମା'ଙ୍କ ଠାରୁ ମାଡ ଖାଉଥିଲୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୬_ ଆମେ ସେହି ଶେଷ ପିଢ଼ି, ଯିଏ ସ୍କୁଲ ନ ଗଲେ କିମ୍ବା ପାଠ ନ କଲେ; ବାପ/ ମା ସ୍କୁଲରେ ଛାଡ଼ିବା ବେଳେ ସାରଙ୍କୁ କହୁଥିଲେ ଆଖି ଦିଟା ଛାଡ଼ି ଆଉ ସବୁ ପିଟି- ପିଟି ଫଟାଇ ଦେବାକୁ ।

୧୭_ ଆମେ ସେହି ଶେଷ ପିଢ଼ି, ଯିଏ ସ୍କୁଲରେ ଖେଳଛୁଟି ହେଲେ ସ୍କୁଲ ପଛପଟ ବଣ-ବୁଦାରୁ ବଇଁଚକୋଳି, ଭୁଇଁ-ବରକୋଳି, କଇଥ, କସିଆମ୍ବ, କଂଚା ତେନ୍ତୁଳି ପେନ୍ଟ ପକେଟରେ ରଖି ଆନନ୍ଦରେ ଖାଉଥିଲୁ ।

୧୮_ ଆମେ ସେହି ଶେଷ ପିଢ଼ି, ଯିଏ ଖେଳଛୁଟିରେ ବୁଟ, ବାଦାମ, ଖଟାମିଠା ଚୁଚୁମା, କମଳା ଚୁଚୁମା , ଖାଡି ଚୁଚୁମା କିଣି ଖାଉଥିଲୁ ।

୧୯_ ଆମେ ସେହି ଶେଷ ପିଢ଼ି, ଯିଏ ଶ୍ରେଣୀରେ ଭଲ ପାଠପଢୁଥିବା ଗରିବ ପିଲାଙ୍କୁ କେତେକ ଗୁଣବାନ୍ ଶିକ୍ଷକମାନେ ବିନା ପାଇସାରେ ଗଣିତ, ପରିମିତି, ଇଂରାଜୀ ଆଦି କଷ୍ଟ ବିଷୟକୁ ବୁଝାଉଥିଲେ ।

୨୦_ ଆମେ ସେହି ଶେଷ ପିଢ଼ି, ଯିଏ ସ୍ଲେଟ୍ ଏବଂ ଖଡି ବ୍ୟବହାର କରି ଗଣିତ ଅଭ୍ୟାସ କରୁଥିଲୁ ଏବଂ ସ୍କୁଲରେ କଳାପଟା ଓ ଚକ୍ ମାଧ୍ୟମରେ ଶିକ୍ଷକଂକ ଠାରୁ ପଢୁଥିଲୁ ।

୨୧_ ହଁ ଆମେ ସେହି ଶେଷ ପିଢ଼ି, ଯିଏ ଦୁଷ୍ଟାମୀ କରୁଥିବା ବେଳେ ବୟୋଜ୍ୟେଷ୍ଠ ଲୋକଙ୍କୁ ଦେଖିଲେ ଦୌଡ଼ି ପଡାଇ ଯାଇ ଗାଁ ମୁଣ୍ଡ ବରଗଛ ଉହାଡରେ ଲୁଚି ଯାଉଥିଲୁ ।

୨୨_ ଆମେ ସେହି ଶେଷ ପିଢ଼ି, ଯିଏ ସାଇକଲଟିଏ ପାଇଲେ ଫ୍ରେମ ବିତରେ ଗୋଡ଼ ପୁରାଇ ହାଫ୍ ପେଡାଲ୍ ମାରି ଚଲାଉଥିଲୁ ଓ ସ୍ୱର୍ଗରେ ଉଡିଲା ଭଳି ଭାବୁଥିଲୁ ।

୨୩_ ଆମେ ସେହି ଶେଷ ପିଢ଼ି, ଯେଉଁମାନଙ୍କୁ ଖାଇବାପାଇଁ ଜଳଖିଆ ହିସାବରେ ମୁଢ଼ି କିମ୍ବା ଚୁଡା ମିଳୁଥିଲା । ଯଦି କେବେ ଛତୁଆ କିମ୍ବା ଖଇ, ଉଖୁଡା ମିଳିଗଲା ତେବେ ଆନନ୍ଦରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫାଟି ପଡୁଥିଲୁ ।

୨୪_ ଆମେ ସେହି ଶେଷ ପିଢ଼ି, ଯିଏ ସାହି ପଡିଶାର ଭୋଜିଭାତ ହେଲେ ଖାଇବାକୁ ଯିବାକୁ ବ୍ୟସ୍ତ ହୋଇ ପଡୁଥିଲୁ ।

୨୫_ ଆମେ ସେହି ଶେଷ ପିଢ଼ି, ଯିଏ ଶୀତ ଦିନରେ ହାଣ୍ଡି ପିଠା, ହାଣ୍ଡି କାଞ୍ଜି, କଖାରୁ ଫୁଲ ବରା, ପୋଡା ସାରୁ, ଓଲ ଚଟଣୀ ଆଦି ଖାଇ ବହୁତ ଖୁସି ହେଉଥିଲୁ । ଯଦି କେବେ ମାଛ କିମ୍ବା ମାଂସ ତରକାରୀ ହେଉଥିଲା ଅଧିକ ଦୁଇଥର ଭାତ ମାଗି ଖାଉଥିଲୁ ।

୨୬_ ଆମେ ସେହି ଶେଷ ପିଢ଼ି, ଯିଏ ଦୀପାବଳୀରେ ଫୁଟି ନଥିବା ବାଣ ସବୁକୁ ଆଉଥରେ ନିଆଁ ଲଗାଇ ଖୁସିରେ ନାଚୁଥିଲୁ ।

୨୭_ ଆମେ ସେହି ଶେଷ ପିଢ଼ି, ଯିଏ କମଳାଲେମ୍ବୁ, ଏବଂ ତେନ୍ତୁଳି ଗଛରୁ କଞ୍ଚା ତେନ୍ତୁଳି ତୋଳି ଲୁଣ, ଲଙ୍କା ମିସେଇ ଆନନ୍ଦରେ ସାଙ୍ଗମାନଙ୍କ ସହିତ ମିଳିମିସି ମଜାରେ ଖାଉଥିଲୁ ।

୨୮_ ଆମେ ସେହି ଶେଷ ପିଢ଼ି, ଯିଏ ବର୍ଷାଦିନେ ସାରୁ ପତ୍ର ୨ଟାରେ କଙ୍କି ଧରି ତା' ଲାଙ୍ଗୁଡରେ ସୁତାବାନ୍ଧି ଉଡାଉଥିଲୁ ।

୨୯_ ଆମେ ସେହି ଶେଷ ପିଢ଼ି, ଯିଏ ବର୍ଷାଦିନେ ନାଲି ଟୁକୁଟୁକୁ ସାଧବ ବୋହୁକୁ ଧରି ଖାଲି ଦିଆସିଲି ଖୋଳରେ ପୁରାଇ ରଖୁଥିଲୁ ।

୩୦_ ଆମେ ସେହି ଶେଷ ପିଢ଼ି, ଯିଏ କଲରା ପତ୍ର ପକୁଡ଼ି ଓ ଆମ୍ବ ତୋଟାରେ ଝଡି ପଡିଥିବା କଷି ଆମ୍ବକୁ ଲଂକା ଲୁଣ ଦେଇ ମଜାରେ ଖାଇଛୁ ।

୩୧_ ହଁ ଆମେ ସେହି ଶେଷ ପିଢ଼ି, ଯିଏ ଜରି,କାଗଜ, ନଡିଆକତାର ଫୁଟବଲ୍ ବନେଇ ଖେଳିଛୁ । ବରଗଛର ଡାଳକୁ ବେଟ୍, ଷ୍ଟମ୍ପ ବନେଇ କ୍ରିକେଟ୍ ଖେଳିଛୁ ।

୩୨_ ଆମେ ସେହି ଶେଷ ପିଢ଼ି, ଯିଏ ମାଆ ହାତରନ୍ଧା ତାଟିଆବସା, ପତ୍ରପୋଡା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେସରଭରା କଲରା, ନିମ୍ବପିତା, ପିତାଗମା ସାଗ, ଧନିଆପତ୍ର ଚଟଣି ଖାଇଛୁ ।

୩୩_ ଆମେ ସେହି ଶେଷ ପିଢ଼ି, ଯିଏ କାଠପାଉଁସରେ ପୋଡା ସୁଖୁଆ, ଆଳୁ ଏବଂ ଆମ୍ବୁଲର ଚଟକାରିରେ ପଖାଳ କଂସା କେତେବେଳେ ଖାଲିହେଇଯାଏ ଆମକୁ ଜଣାପଡେନା ।

୩୪_ ଆମେ ସେହି ଶେଷ ପିଢ଼ି, ଯିଏ ବୈଶାଖ ମାସ ପାଟୁଆ ସଂକରାନ୍ତିରେ ପାଟୁଆଙ୍କ ନାଚ, ଉଡା, ଅଗ୍ନିପରୀକ୍ଷା, କଂଟାଫୁଡା ର ବେସ୍ ମଜା ନେଇଛୁ ।

୩୫_ ଆମେ ସେହି ଶେଷ ପିଢ଼ି, ଯିଏ ମହାଶିବରାତ୍ରୀରେ ମହାଦୀପ ଉଠିବାଯାଏ ଜାଗରଯାତ୍ରାକୁବି ବେଶ୍ ଉପଭୋଗ କରିଛୁ ।

୩୬_ ଆମେ ସେହି ଶେଷ ପିଢ଼ି, ଯିଏ ରଜପର୍ବରେ ଗାଁ ଦାଣ୍ଡରେ ଦିନତମାମ କବାଡି, ଦାଣ୍ଡିଆ, କ୍ରିକେଟ ଢୁଲବାଜା ସହିତ ଖେଳି ଖେଳି ସମୟ କାଟିଛୁ ।

୩୭_ ଆମେ ସେହି ଶେଷ ପିଢ଼ି, ଯିଏ ରଜପର୍ବରେ ଦୋଳି ଲଗେଇ ସମସ୍ତଙ୍କୁ ଝୁଲେଇଛୁ ଏବଂ ରାତିଯାକ ତାସ, ପସା, ଲୁଡୁ ଖେଳି ସମୟ ଅତିବାହିତ କରିଛୁ ।

୩୮_ ଆମେ ସେହି ଶେଷ ପିଢ଼ି, ଯିଏ ଝଡି-ତୋଫାନ ସମୟରେ ପଖିଆ ମୁଣ୍ଡେଇ ଦଳଭରା ପୋଖରୀରୁ ଉପରକୁ ଉଠୁଥିବା କଉ, ମାଗୁର, ଚେଙ୍ଗ, ଗଡିସ ମାଛ ଧରିଛୁ ।

୩୯_ଆମେ ସେହି ଶେଷ ପିଢ଼ି, ଯିଏ ଡିବିରୀ, ଲେମ୍ପ ଓ ଲଣ୍ଠନର ମିଞ୍ଜିମିଞ୍ଜି ଜଳୁଥିବା ଆଲୁଅରେ ପାଠ ପଢ଼ିଛୁ ଏବଂ ଲଣ୍ଠନର କାଚ ଭାଂଗିଗଲେ ରସୁଣ ଅଠା ଲଗାଇ ଯୋଡିଛୁ ।

୪୦_ ଆମେ ସେହି ଶେଷ ପିଢ଼ି, ଯିଏ ଫ୍ୟାନ୍, କୁଲର,ଏ.ସି. ଓ ରୁମ-ହିଟର ବିନା ତାଳ ପତ୍ର ବରଡା ବିଞ୍ଚଣାରେ ପବନ ଖାଇ ବାରଣ୍ଡାରେ ଶୋଇ ଦିନ କାଟିଛୁ ।

୪୧_ ଆମେ ସେହି ଶେଷ ପିଢ଼ି, ଯିଏ ସ୍କୁଲରେ ପି.ଟି. ପିରିୟଡରେ ଡୁଡୁ, କବାଡି, ଭଲିବଲ୍, ଫୁଟବଲ୍ ଆଦି ଅନେକ ଖେଳ ଖେଳିଛୁ । ଆଜିକାଲି କ୍ରୀକେଟକୁ ଅଧିକ ପ୍ରାଧାନ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଆଯାଉଛି ।

୪୨_ ଆମେ ସେହି ଶେଷ ପିଢ଼ି, ଯିଏ ଗ୍ରୀଷ୍ମ ଋତୁ ବାର୍ଷିକ ପରୀକ୍ଷା ସମୟରେ ଆମ୍ବତୋଟାରେ, ନଈକୂଳେ ବା ପୋଖରୀ ତୁଠରେ ନିରୋଳାରେ ବସି ପାଠ ପଢୁଥିଲୁ । ଆଜିକାଲି ପିଲାମାନେ ଏ.ସି. ରୁମ ଏବଂ ଡିଜିଟାଲ ବୋଡ୍ ମାଧ୍ୟମରେ ପଢିଲାପରେବି ରେଜଲ୍ଟ ଜିରୁ ।

୪୩_ ଆମେ ସେହି ଶେଷ ପିଢ଼ି, ଯିଏ ନଡିଆ ରସି ଓ ବାଲଟିରେ କୂଅରୁ ପାଣି ବାହାର କରି ପିଇଛୁ । ଆଜିର ସମାଜ "ଆରୋ" ପାଣି ପିଇବା ପରେ ବି କାଲସିୟମ କମିଯାଉଛି, ଯାହାଫଳରେ ବିଭିନ୍ନ ବେମାରରେ ଶିକାର ହେଉଛି ।

୪୪_ ଆମେ ସେହି ଶେଷ ପିଢ଼ି, ଯିଏ ଘଣାରେ ଶୋରିସ ପେଡି ଶୋରିସ ତେଲ ଖାଇଛୁ ଏବଂ ପିଡିଆକୁ ଖାଦ୍ ଭାବେ କ୍ଷେତରେ ବ୍ୟବହାର କରିଛୁ । କିନ୍ତୁ ଆଜି ଲୋକମାନେ ବିଶୋଧିତ ତେଲ ବ୍ୟବହାର କରି ବି ବେମାର ପଡୁଛନ୍ତି ।

୪୫_ ଆମେ ସେହି ଶେଷ ପିଢ଼ି, ଯିଏ ପଖାଳ ଭାତ ଓ ତରକାରିରେ ରଗଡା ଲୁଣ ମିଳେଇ ଖାଇଛୁ, କିନ୍ତୁ ଆଜି ଆୟୋଡିନ ଯୁକ୍ତ ଲୁଣ ଲୋକମାନେ ଖାଇବା ପରେବି ଗଳକଂଟକ ରୋଗରେ ପୀଡିତ ।

୪୬_ ଆମେ ସେହି ଶେଷ ପିଢ଼ି, ଯିଏ କାର୍ତ୍ତିକ ପୂର୍ଣ୍ଣିମାରେ ବଡିଭୋରୁ ନଦୀରେ ଡଂଗା ଭସଉଥିଲୁ । ଓଡିଶାର ପରମ୍ପରାକୁ ଭୁଲିନଥିଲୁ ।

୪୭_ ଆମେ ସେହି ଶେଷ ପିଢ଼ି, ଯିଏ ମାଘମାସ ଶୀତରେବି ସକାଳୁ ନଈରେ ଗାଧୋଇ ଥରିଥରି ଆସିଛୁ । ଆଜି ଆଉ ନଦୀରେ ସ୍ୱଚ୍ଛପାଣି ନାହିଁ କି ଲୋକଂକର ସମୟ ନାହିଁ ନଦୀକୁ ଯିବାପାଇଁ ।

୪୮_ ଆମେ ସେହି ଶେଷ ପିଢ଼ି, ଯିଏ କରଞ୍ଜ, ନିମ୍ବ, ବେଗୁନିଆ ଦାନ୍ତକାଠିରେ ଜଳାହୁଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋବର ଘସି ପାଉଁସକୁ ଦନ୍ତମଞ୍ଜନ ଭାବେ ବ୍ୟବହାର କରିଛୁ ।

୪୯_ ଆମେ ସେହି ଶେଷ ପିଢ଼ି, ଯିଏ ଗୁଡ ମିଠେଇ, ଗୁଡଖଜା, ଚୁଡା-ଦହି ଖାଇ ମକର ସଂକରାନ୍ତିକୁ ବେଶ୍ ଆମୋଦ ପ୍ରମୋଦ ସହିତ ବିତେଇଛୁ । ଆଜି ଗୁଡ ଦେଖିଲାବେଳକୁ "ସୁଗାର" ବେମାର ହେଇଯାଉଛି ।

୫୦_ ଆମେ ସେହି ଶେଷ ପିଢ଼ି, ଯିଏ ଚାଳଛପର ଝାଟିମାଟି ଘରେ ଗାଁ ଧାଇମାର ସେବା-ଶୁଶୃଷାରେ ଜନ୍ମ ହେଇଛୁ । ଆଜି ସବୁକିଛି ମେଡିକାଲରେ ଡାକ୍ତରୀ ଚିକିତ୍ସା ପରେ ବି ସନ୍ତାନର ଅବସ୍ଥା ଠିକ୍ ନୁହେଁ ।

୫୧_ ହଁ ଆମେ ସେହି ଶେଷ ପିଢ଼ି, ଯିଏ ଲାଇଫବଏ, ୧୦୧, ସନଲାଇଟ୍, ୫୦୫, ଭଳି ଲମ୍ବା ଲମ୍ବା ସାବୁନରେ ଓ ରିଠା କୋଳିରେ ଲୁଗା ସଫା କରିଛୁ ଏବଂ ଦେହରେ ବି ଲଗେଇଛୁ । କିନ୍ତୁ ଆଜି ଭଳିଭଳି ବିଦେଶୀ ସାବୁନ, ଡିଟରଜେନ୍ଟ, କ୍ରିମ୍ ବ୍ୟବହାର କରି ଲୋକମାନେ ନାନା ପ୍ରକାରର ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି ।

ହଁ..............., ଆମେ ସେହି ଶେଷ ପିଢ଼ି.................. !

"ସତରେ କେତେ ଭଲଥିଲା ସେହି ଦିନସବୁ --- ! କେତେ ଖୁସି ଲାଗେ ସେହି ପିଲାଦିନର କଥା ଭାବି ଭାବି ! କେତେ ଭଲ ଥିଲା ଆମ ପିଢ଼ି ଆଉ ଆମମାନଙ୍କ ପରିବାର ଏବଂ ପରିବେଶ ! ଏମିତି ବି ଇଚ୍ଛା ହୁଏ ପୁଣିଥରେ ସେହି ଦିନମାନ ଫେରିଆସନ୍ତା କି ! ଆଜିର ଏହି ଅଶାନ୍ତ ଦୁନିଆରେ ଶାନ୍ତି ଫେରାଇ ଆଣନ୍ତା କି ! ଏମିତି ଆହୁରି କେତେ କଣ --- !"

ଚିଫ୍ ଏଡିଟର, ଆକାଶ ଇନଷ୍ଟିଟ୍ୟୁଟ୍, ନୂଆଦିଲ୍ଲୀ

ଫୋନ୍ – ୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇଣ୍ଟରନେଟ୍ : ଶତାବ୍ଦୀର ଶ୍ରେଷ୍ଠ ଉଦ୍ଭାବନ

ଇଂଟରନେଟ୍ – ଗତ ଶତାବ୍ଦୀର ଅଦ୍ଭୁତ ଶ୍ରେଷ୍ଠ ଉଦ୍ଭାବନ । ଆଜି ଏହା ରୁଟି ପୋଷାକ ଘର ପରି ଏକ ନିତ୍ୟ ଅତ୍ୟାବଶକୀୟ ବସ୍ତୁ ଭିତରେ ଗଣା ହେଉଛି । ସୁରକ୍ଷାପାଇଁ ଜାମ୍ମୁ କାଶ୍ମୀର ସୀମାରେ କିଛିଦିନ ଲାଗି ଇଂଟରନେଟ ସେବା ଉପରେ ସରକାରୀ ପ୍ରତିବନ୍ଧ ଲାଗିବାରୁ କେତେ ହୋ ହଲ୍ଲା ହେଲା । କିଛି ବୁଦ୍ଧିଜୀବୀ ଏହି ନିଷ୍ପତ୍ତିକୁ ଅମାନବିୟ ବୋଲି କହି ଆମରଣ ଅନସନର ଧମକି ଦେଲେ । ଅଳ୍ପ କିଛିଦିନ ଅନ୍ତରରେ ଇଂଟରନେଟ ସେବାକୁ ଚାଲୁ କରିବାକୁ ପ୍ରଶାସନ ବାଧ୍ୟ ହେଲା । ଆଜିକାଲି ଯୁଗରେ ଇଂଟରନେଟ ସ୍ପିଡ୍ ଟିକେ ଡାଉନ୍ ହୋଇଗଲେ ଲୋକେ ଅଣନିଶ୍ୱାସି ହୋଇ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି । ଗାଁ ଗଣ୍ଡାରେ ଯେ କୌଣସି ଛୁଆଙ୍କୁ ପଚାରିଲେ କହୁଛନ୍ତି ଆମର ଅନ୍ଲାଇନ୍ କ୍ଲାସ୍ ଚାଲିଛି । ପ୍ରାଥମିକ ବିଦ୍ୟାଳୟରୁ ମହାବିଦ୍ୟାଳୟ ଯାଏ ସବୁ କ୍ଲାସ୍ ଅନ୍ଲାଇନ୍ ଚାଲୁଥିବାରୁ କିଛି ଇ-ଲର୍ଣ୍ଣିଂକୁ ଭବିଷ୍ୟତ ପିଢିପାଇଁ ଉଦ୍ଦିଷ୍ଟ ବୋଲି କହିବାକୁ ଆରମ୍ଭ କଲେଣି । ସତରେ ଇଂଟରନେଟ୍ ସବୁ ପ୍ରକାର ଜ୍ଞାନର ଉତ୍ସ । ଗୁଗୁଲ ଗୁରୁ ଆଗରେ ସବୁ ଜ୍ଞାନଗୁରୁ ନିକୃଷ୍ଟ । ଗୁଗୁଲ ସର୍ଚ୍ଚ ଇଂଜିନ୍ ହେଲା ଗୁରୁମାନଙ୍କର ଗୁରୁ, ମାନେ ମହାନ ଗୁରୁ ଯିଏ କି ଦେବଗୁରୁ ବୃହଷ୍ପତିଙ୍କ ଠାରୁ ବି ବଡଗୁରୁ ।



ଇଂ ବିଦ୍ୟାଧର ପଣ୍ଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଇଂଟରନେଟ୍ ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକାର ସୁରକ୍ଷା ବିଭାଗ ( DOD - Department of Defence, USA)ରେ ବ୍ୟବହୃତ ହେବାପାଇଁ ଉଦ୍ଭାବନ କରାଯାଇଥିଲା । ମୁଖ୍ୟତଃ ସୁରକ୍ଷା ବିଭାଗର ଅଧିକାରୀମାନେ ଏହା ମାଧ୍ୟମରେ ସମସ୍ତ ଗୁପ୍ତ ନିର୍ଦ୍ଦେଶାବଳିର ସହଜ ପରିଚାଳନା ପାଇଁ ବ୍ୟବହାର କରୁଥିଲେ । ବିଶେଷକରି ପରମାଣୁ ଅସ୍ତ୍ରଶସ୍ତ୍ର ସଂରକ୍ଷଣ ଏବଂ ଯୁଦ୍ଧ ଆଦିର ତଥ୍ୟ ସମୁହକୁ ଏହି ଇଂଟରନେଟ୍ ମାଧ୍ୟମରେ ପ୍ରେରଣ କରାଯାଉଥିଲା । ଏଥିରେ ପ୍ରଘଟ ହେବାର ସମ୍ଭାବନା ଆଦୌ ନଥିଲା । ଏହାପରେ ଅଧିକ ଅନୁସନ୍ଧାନ କରାଯାଇ ଇଂଟରନେଟ୍ ପ୍ରୋଟୋକଲ୍ (Internet Protocol (IP) and Advanced Research Projects Agency Network-ARPANET) ଆଦି ବାହାର କରାଯାଇ ବ୍ୟବହାର କରାଗଲା । ଧିରେଧିରେ ପ୍ରଥମେ ଆମେରିକାର କିଛି ବଡବଡ ଘରୋଇ କମ୍ପାନୀରେ ଏହି ଇଂଟରନେଟ୍ ବ୍ୟବହାର କରାଗଲା ଏବଂ ତାପରେ ପରେ ପ୍ରାୟ କଳକାରଖାନା ମାନେ ଏହାକୁ ନିଜପାଇଁ ବ୍ୟବହାର କରିବାକୁ ଇଚ୍ଛା କଲେ । ଇଂଟରନେଟ୍ ୧୯୯୦ ମସିହା ଯାଏ ଏମିତି ସୀମିତ ପରିସୀମା ଭିତରେ ବ୍ୟବହାର କରାଯାଉଥିଲା । କିନ୍ତୁ ୧୯୯୦ ପରେ ବିଶ୍ୱ ବ୍ୟାପି ୱେବ୍ (WWW - World Wide Web)ର ଉଦ୍ଭାବନ ପରେ ଦିନକୁ ଦିନ ଅଗଣିତ ସଂସ୍ଥା ଓ ଲୋକ ଏହାର ବ୍ୟବହାର କରିବାକୁ ଲାଗିଲେ ।

ଏହି ଇଂଟରନେଟ୍ ବିଷୟରେ ଅନେକଙ୍କର କିମ୍ଭୁତକିମାକାର ଧାରଣା ମାନ ରହିଛି । ଏହା ଆଜି ଯେତେବେଳେ ସର୍ବସାଧାରଣରେ ବହୁଳ ବ୍ୟବହାର ହେବାର ଦେଖାଯାଉଛି, ସମସ୍ତେ ଏହା ବିଷୟରେ ସଠିକ୍ ଧାରଣ ରଖିବା ଅନିବାର୍ଯ୍ୟ । ଏହା ଭାବ କିମ୍ବା ସନ୍ଦେଶ ଆଦାନ ପ୍ରଦାନ କରିବା ପାଇଁ ଆନ୍ତର୍ଜାତୀୟ ସରଳ ସହଜ ପଦ୍ଧତି । ପୃଥିବୀର ଯେ କୌଣସି କୋଣରୁ ଅନ୍ୟ କୋଣକୁ କିଛି ତଥ୍ୟ ବିନିମୟ କରିବାର ସବୁଠାରୁ ସହଜ ପ୍ରଣାଳି ହେଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଂଟରନେଟ୍ । ଏବେ ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ପରିବା ଯାଏ ଏବଂ ଜୋତାଠାରୁ ନେଇ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ପର୍ଯ୍ୟନ୍ତ ସବୁକିଛି ଇଂଟରନେଟରେ କିଣାବିକା ଚାଲିଛି । ଯାବତୀୟ ସୂଚନାମାନ ଇଂଟରନେଟରେ ଆମକୁ ସହଜରେ ଉପଲବ୍ଧ । ଏହା ସମ୍ଭବ ହେବାର ଏକମାତ୍ର କାରଣ ହେଲା କୋଟିକୋଟି କମ୍ପ୍ୟୁଟର୍ କୌଣସି ନା କୌଣସି ମାଧ୍ୟମରେ ପରସ୍ପର ସହିତ ଯୋଡି ହୋଇ ରହିଛନ୍ତି । ଏହା ତାର, ଉପଗ୍ରହ, ସୁକ୍ଷ୍ମ ତରଙ୍ଗ କିମ୍ବା ଫାଇବର୍ ଅପ୍ଟିକାଲ୍ କେବୁଲ୍ ପରି କୌଣସି ଏକ ମାଧ୍ୟମ ଦ୍ୱାରା ଯୋଡିହୋଇ ଏକ ନେଟ୍ୱର୍କର ଅଂଶବିଶେଷ ହୋଇଛନ୍ତି । ତେଣୁ ପ୍ରତ୍ୟେହ ଏଥିରେ ନାନା ପ୍ରକାର ପରିବର୍ତ୍ତନ ଆଦି ଆପେ ଆପେ ଜାଣିବାର ସୁଯୋଗ ରହିଛି । ଆଜିର ବିଶ୍ୱ ଏକ ପ୍ରକାର ସମ୍ପୂର୍ଣ୍ଣ ରୂପେ ଇଂଟରନେଟ୍ ଉପରେ ନିର୍ଭରଶୀଳ । ଇଂଟରନେଟ୍ ସ୍ପିଡ୍ ମାତ୍ର ଦୁଇଘଂଟା କମିଗଲେ ବ୍ୟାଙ୍କ ପରିଶର ବାହାରକୁ ଗରାଖଙ୍କର ଧାଡି ଲାଗିଯାଉଛି । ଏସବୁ କମ୍ପ୍ୟୁଟରକୁ କମ୍ପ୍ୟୁଟର ଖାଲି ତାର ଯୋଡିଦେଲେ ଚଳିବନି, ଏହାକୁ ଚଲେଇବା ପାଇଁ ଭିନ୍ନ ଭିନ୍ନ ସଫ୍ଟୱେୟାର ବି ଦରକାର । ସର୍ବପ୍ରଥମେ ଇଂଟରନେଟ୍ ବ୍ରାଉଜିଂ ସଫ୍ଟୱେୟାର୍ । ଏହା ନାନା କିସମର ଅଛି । ଯଥା ଇଂଟନେଟ୍ ଏକ୍ସପ୍ଲୋରର୍, ନେଟ୍ ସ୍କେପ୍ ନାଭିଗେଟର୍, ଗୁଗଲ କ୍ରୋମ୍ ଇତ୍ୟାଦି ।

ବିଶ୍ୱସାରା ଉପରୋକ୍ତ ବ୍ରାଉଜର୍ ଗୁଡିକ ମାଧ୍ୟମରେ ଗୋଟିଏ କମ୍ପ୍ୟୁଟରରୁ ଅନ୍ୟ କମ୍ପ୍ୟୁଟରକୁ କ୍ଷଣକରେ ଡାଟା ବିନିମୟ କରାଯାଇପାରେ । ଏହାର କୌଣସି ଜଣେ ମାଲିକ ନାହିଁ । ତେଣୁ ଏହାକୁ କେହି ବନ୍ଦ କରିବାକୁ ସକ୍ଷମ ନୁହେଁ । ଆଜିକାଲି ଦୂରଧ୍ୱନୀର ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି । କାରଣ ଇଂଟରନେଟର ବ୍ୟବହାର ବଢିବାରେ ଲାଗିଛି । ସାତ ସମୁଦ୍ରପାରି ଝିଅଟିଏ ସବୁ ରାତିରେ ନିଜ ମାଆକୁ ଶୁଭରାତ୍ରୀ ଜଣେଇ ହାତ ହଲେଇ ଭିଡିଓ ଚାଟିଂରେ ବାଏ ବାଏ କରି ଶୋଉଛି । ଭାରତର ଅନୁନ୍ନତ ଅଂଚଳର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜେଜମା ଆମେରିକାର ଥିବା ନାତି ନାତୁଣୀର ଗୁଲୁଗୁଲିଆ କଥା ଶୁଣି ଆନନ୍ଦରେ ବିଭୋର ହୋଇପାରୁଛି । ଏସବୁର ମୂଳରେ ସେହି ଇଂଟରନେଟ୍ । ଏହା ଆମର ଦୈନିକ ଜୀବନକୁ ଏବେ ଅତିମାତ୍ରାରେ ପ୍ରଭାବିତ କରିଛି । ବିଶ୍ୱରେ ଯେ କୌଣସି ପ୍ରକାରର କମ୍ପୁଟର ହେଉ ବିଚ୍ଛି କଥା ନାହିଁ, ଗୋଟିଏରୁ ଅନ୍ୟକୁ ତଥ୍ୟ ବିନିମୟ ସହଜରେ ସମ୍ଭବ ହୋଇପାରୁଛି । ଏହା ସ୍ଥିର କିମ୍ବା ଗତିଶୀଳ ଚଳଚିତ୍ର ବି ହୋଇପାରେ । ବେଳେବେଳେ ଏହା ବିଶ୍ୱାସ ନହେଲେ ବି ସତ୍ୟ ହୋଇଥାଏ । ଦିନକୁ ଦିନ ଉଦ୍ଭାବନ ଏମିତି ହେଉଛି କି ଯାହା ଆମର କଳ୍ପନା ବାହାରେ, ତାହା ବି ସମ୍ଭବ ହେବାପରି ଲାଗୁଛି ।

ସମ୍ବାଦ ବିନିମୟର ଏକ ନିର୍ଦ୍ଦିଷ୍ଟ ପ୍ରଣାଳି ଅଛି । ବହୁତ ବଡ ସମ୍ବାଦକୁ ଛୋଟ ଛୋଟ ଡାଟା ଚଙ୍କରେ ପରିଣତ କରି ପ୍ୟାକେଟ ପରେ ପ୍ୟାକେଟ ପଠାଇବା କାମ ହେଲା ମୋଡେମ୍‌ର । ଯେମିତି ମାଇକ୍ ଶବ୍ଦ ତରଙ୍ଗକୁ କୋଡିଂ କରି ପରେ ଡିକୋଡିଂ କଲେ ଅପର ପାଶ୍ୱର୍ରେ ଥିବା ବ୍ୟକ୍ତି ଶୁଣିପାରେ ସେହିପରି ଆମର ଲିଖିତ ଶବ୍ଦ ସମୁହକୁ ମୋଡେମ କୋଡିଂ କରି ପ୍ରେରକ ପାଖରୁ ପଠାଇଦିଏ ଏବଂ ପ୍ରାପ୍ତି ପାଖରେ ସେହି ମୋଡେମ ଡିକୋଡିଂ କାମ କରି ସେହି ସନ୍ଦେଶଗୁଡିକୁ ମୂଳ ଅବସ୍ଥାକୁ ଫେରାଇଆଣେ । ଏମିତି ପ୍ରତ୍ୟେହ କୋଟି କୋଟି କମ୍ପୁଟରରୁ କୋଟି କୋଟି କମ୍ପୁଟରକୁ ଭିନ୍ନ ଭିନ୍ନ ପ୍ରକାରର ସନ୍ଦେଶ ପ୍ରେରଣ ଏବଂ ଗ୍ରହଣ କରାଯାଉଛି । ସେ ବ୍ୟାଙ୍କ କୁହନ୍ତୁ କି ଏୟାରପୋର୍ଟ କଥା ହେଉ ସବୁ ଏଇ ଇଂଟରନେଟ୍ ଉପରେ ନିର୍ଭର । ଗୋଟିଏ ମିନିଟ ଇଂଟରନେଟ ବନ୍ଦ ମାନେ ଲକ୍ଷ ଲକ୍ଷ କୋଟି କ୍ଷତି । ଇଂଟରନେଟର ସମସ୍ତ ବ୍ୟବହାର ଆମର କଳ୍ପନା ଜଳ୍ପନା ବାହାରେ । କିଏ ଏହା ମାଧ୍ୟମରେ ଆଇଏସ୍ ପାଇଁ ପ୍ରସ୍ତୁତ ହେଉଛି ତ କିଏ ଆଇଏସଆଇଏସ୍ ର ତଥ୍ୟ ସଂଗ୍ରହ କରି ସେଥିରେ ଯୋଗଦେଇ ସନ୍ତ୍ରାସବାଦୀ ହୋଇଯାଉଛି । କିଏ ଗରିବ ଲୋକମାନଙ୍କର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେବା ପାଇ ଏହାକୁ ବ୍ୟବହାର କରୁଛି ତ କିଏ ବୋମା ତିଆରି ପଦ୍ଧତି ଶିକ୍ଷାକରି ଡକାୟତି କରୁଛି । ତେଣୁ ଯେପରି ଗୋଟେ ଛୁରୀ ଚୋରହାତରେ ପଡିଲେ ସେ ଭଲଲୋକର ଜୀବନପାଇଁ କାଳ ହେଉଛି ଏବଂ ସେହି ଛୁରୀ ଜଣେ ବୈଦ୍ୟହାତରେ ଥିଲେ ସିଏ ଅସ୍ତ୍ରୋପଚାର କରି ଲୋକର ଜୀବନ ରକ୍ଷା କରୁଛି, ସେହିପରି ଇଂଟରନେଟ୍ ଏକ ବିଶାଳ ଜ୍ଞାନ ଗନ୍ତାଘର ବ୍ୟବସ୍ଥା । ଏହାକୁ ବ୍ୟବହାର କଲା ଲୋକମାନଙ୍କ ଉପରେ ନିର୍ଭର କରେ କିଏ ଏହାକୁ କିପରି ଭାବରେ ଉପଯୋଗ କରୁଛି ! କିନ୍ତୁ ଏହା ଆମର ଦୈନ୍ୟଦିନ ଜୀବନସାଥୀ ହୋଇସାରିଛି ବୋଲି ସମସ୍ତେ ଏବେ ଏକମତ ହେବାକୁ ବାଧ୍ୟ ।

ଇଂଟରନେଟ୍‌କୁ ବ୍ୟବହାର କରିବା ପାଇଁ ଆମକୁ କେତୋଟି ଜିନିଷର ଆକ୍ଷରିକ ଶବ୍ଦାର୍ଥ ଜାଣିଲେ ସହଜ ହେବ । ଏଥିରେ ଅନେକ ପ୍ରକାର ସଫ୍ଟଓୟାର ବ୍ୟବହାର କରାଯାଏ । ଗୋଟିଏ ହେଲା ୟୁଆରଏଲ୍ (URL - Universal Resource Locator) ଅର୍ଥାତ୍ ବିଶ୍ୱସ୍ତରୀୟ ସମ୍ପଦ ସୂଚିକା । ଏହାଦ୍ୱାରା ଆମେ ବିଭିନ୍ନ ଇଂଟରନେଟ୍ ଠିକଣା ମାନ ସର୍ଚ୍ଚ ଇଂଜିନରେ ଭରାଯାଏ । ଏହାର ଆରମ୍ଭ ଏଚ୍‌ଟିଟିପିରୁ ହୁଏ ଏବଂ ଶେଷ ଡଟ୍ କମ୍ , ଡଟ୍ ଓଆରଜି କିମ୍ବା ଡଟ୍ ଇଡିୟୁ ବା ଡଟ୍ ଇନ୍ (.com, .org, .edu ଏବଂ .in)ରେ ହୋଇଥାଏ । ଆମେ ପୂର୍ବରୁ କହିଛେ ଏହାର କେହି ମାଲିକ ନାହାନ୍ତି କି ଏଥିପାଇଁ କାହାକୁ କିଛି ଦେବାନେବା କରିବାକୁ ପଡେନାହିଁ । କିନ୍ତୁ ମୋଡେମଟି କ୍ରିୟାଶୀଳ କରିବାକୁ ହେଲେ ଆମେ ଏହାକୁ କୌଣସି ଏକ ଦୂର ସଂଚାରସେବା ଯଥା ବିଏସ୍‌ଏନ୍‌ଏଲ୍, ଏୟାରଟେଲ୍ କିମ୍ବା ଜିଓ (Jio, BSNL, Airtel etc)ପରି ସଂସ୍ଥାର ନେଟୱର୍କ ସହ ସଂଯୋଗ ଦରକାର, ଏଇଠି ପଇସା କଥା ଆସେ । ଏସବୁ ସଂସ୍ଥାକୁ ଆଇଏସପି (ISP - Internet Service Provider) କୁହାଯାଏ । ସବୁ ଜିନିଷର ଆକ୍ଷରିକ ଓଡିଆ କରିବା କଷ୍ଟ । ସେମିତି ଏକ ବ୍ୟବହୃତ ଶବ୍ଦ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିପିପି (PPP- Point to Point Communication Protocol) । ଏମିତି ଅନେକ ଶବ୍ଦ ନିତ୍ୟ ବ୍ୟବହାର୍ଯ୍ୟ ଏବଂ ସେଗୁଡିକ ସାଥିରେ ପରିଚିତ ହେବା ଆବଶ୍ୟକ । ଏମିତି ଏକ ଶବ୍ଦ ଆଇଆରସି (IRC - Internet relay chat), ଏଫ୍‌ଟିପି (FTP - File Transfer Protocol) ଏବଂ ଅନ୍ୟଟି ହେଲା (HTTP - Hypertext transfer Protocol) । ଯାହାହେଉ ଆଜିର ଦିନରେ ଇଂଟରନେଟ୍ ବିନା ଜୀବନ ଅସମ୍ଭବ । ତେଣୁ ଯଥାର୍ଥରେ କୁହାଯାଇପାରେ ଯେ ବିଗତ ଶତାବ୍ଦୀର ସମସ୍ତ ଉଦ୍ଭାବନ ଭିତରେ ଇଂଟରନେଟ୍ ହେଲା ସବୁଠାରୁ ଶ୍ରେଷ୍ଠ ଏବଂ ଅଦ୍ଭୁତ ଉଦ୍ଭାବନ ।

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଭଜନ ସଂଗୀତ (Bidyadhara Panda Music in YouTube !) ପ୍ରତିଷ୍ଠାତା
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ /bdpanda1@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସରକାରୀତା ବନାମ ମାନବିକତା

ଆଜି ସମାଜରେ ଯଦି କୌଣସି ଅସୁବିଧା ହେଉଛି ଏହି ମାନବ ସମାଜ ସଙ୍ଗେ ସଙ୍ଗେ ସରକାର ବା ପ୍ରଶାସନକୁ ଆଙ୍ଗୁଠି ଉଠାଉଛି । କିଏ କହୁଛି ଏହି ସରକାର ଯୋଗୁ ଆଜି ଏହା ହେଲା ବା ତାହା ହେଲା । ଏହା କହି ସରକାର, ପ୍ରଶାସନ ବା ନିର୍ଦ୍ଧିଷ୍ଟ ରାଜନୈତିକ ଦଳକୁ ଦୋଷ ଦେଉଛି, କେବେ କେହି ଚିନ୍ତା କରିଛ ଯଦି ଏହି ସମାଜ ଆମ ପରିବାର ହୁଏ ସେହି ପରିବାରର ଆମେ ଜଣେ ଜଣେ ସଦସ୍ୟ । ପରିବାର ଭିତରୁ ଯଦି କୌଣସି ସଦସ୍ୟ ଭୁଲ କାମ କରେ ସଙ୍ଗେ ସଙ୍ଗେ ତାର ବାପାମା ବା ଅଭିଭାବକକୁ ଦୋଷ ଦିଆଯାଏ, ହେଲେ ତାର ଅଭିଭାବକ କଣ ସେହି ବ୍ୟକ୍ତିଜଣକୁ ସମାଜରେ ଚଳିବାର ନୀତି ନିୟମ ଶିକ୍ଷା ଦେଇନଥାନ୍ତି ? ? ହଁ ଦେଇଥାନ୍ତି ! ! ସେହିପରି ଆମ ସରକାର ବା ପ୍ରଶାସନ ଆମ ରାଜ୍ୟ ହେଉ ବା ଦେଶ ହେଉ ବହୁତ ଜାଗାରେ ବହୁତ ବଡ଼ ଅନୁଷ୍ଠାନ ଆମରି ପାଇଁ ଖୋଲିଛନ୍ତି, କିଭଳି ଆମେ ଭଲ ମଣିଷ ହେବା ସମାଜର ମଙ୍ଗଳ ପାଇ କିଛି କାମ କରିବା ।



ସତ୍ୟସମ୍ପଦ ସ୍ୱାଇଁ

ଉଦାହରଣ ୧-ଛୋଟ ବେଳେ ସ୍କୁଲରେ ପଢିବା ବେଳେ ଶିକ୍ଷକ ଆମକୁ ବହୁତ କିଛି ଶିକ୍ଷା ଦିଅନ୍ତି ଯେପରି କି ପ୍ରଦୂଷଣ ବିଷୟରେ (ବାୟୁ, ପାଣି, ମୃତ୍ତିକା) ନକରିବା ପାଇଁ । ହଁ ଯେତେ ଦିନ ଆମେ ସ୍କୁଲରେ ପାଠ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଢେ ସେତେ ଦିନ ଯାଏଁ ଏ ବିଷୟ ମନେ ରୁହେ ବା ଏହାକୁ କାର୍ଯ୍ୟରେ ଲଗେଇ ଥାଉ, କିନ୍ତୁ ବଡ଼ ହେଲେ, ସ୍କୁଲ ବେଳର କଥା ଭୁଲିଯାଉ । ନିଜେ ପ୍ରଦୂଷଣ କରୁ କିନ୍ତୁ ଦୋଷ ଦେଉ ସରକାରକୁ ।

ଆରେ ଭାଇ ସରକାର ତ ଅନୁଷ୍ଠାନ କରି ଆମକୁ ପ୍ରଦୂଷଣର ଶିକ୍ଷା ଦେଲ ହେଲେ ତମେ ନିଜେ ହିଁ ଶିକ୍ଷା ପାଇ ଶେଷରେ ସେହି ଭୁଲ କଲ । ଏବଂ ସରକାରକୁ ଦୋଷ ଦେଲ ।

୨. ବଳାତ୍କାର ନ କରିବାର ଶିକ୍ଷା ଛୋଟ ବେଳେ ପାଇଲେ କିନ୍ତୁ ବଡ଼ ହେଲା ବେଳେ ବଳାତ୍କାର କଲେ ଶେଷରେ କହିଲେ ସରକାର ଦାୟୀ...

୩. ଏବେ ଯେଉଁ କରୋନା ଆତଙ୍କ ସୃଷ୍ଟି ହେଇଚି, କେବଳ ଯଦି ଆମେ ନିଜେ ସତର୍କ ରହିବା ତେବେ ଯାଇ ବଞ୍ଚି ପରିବା କିନ୍ତୁ କିଛି ଲୋକ ସରକାରକୁ ଦୋଷ ଦେଉଛି...

ଏମିତି ବହୁତ ଉଦାହରଣ, ସରକାର ବା ପ୍ରଶାସନକୁ ଦୋଷ ଦେଇ କିଛି ଲାଭ ହେବନି ନିଜର ମାନବିକତାର ଚିନ୍ତାଧାରକୁ ପରିବର୍ତ୍ତନ କରାନ୍ତୁ ନିଜେ ବଦଳିଲେ ସବୁ ବଦଳିବ ।

ଏମ୍. ଫାର୍ମାସି
୮୪୫୫୮୭୭୭୬୪
ଜଗତସିଂହପୁର
କ୍ୱାଲିଟି ଏବଂ ଅଡ଼ିଟ୍ ଡିପାର୍ଟମେଣ୍ଟ, ସିପ୍ଲା ଲିମିଟେଡ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜାନୁଆରୀ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଜାନୁଆରୀ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : January 2021

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣନଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବ ନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ୍ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।










ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan